ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୯/୨୦୨୫ (୧୪ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, March 29/2025 Page 14 ₹ 7.00
୫୧ଶ ଭାଗ ୧୨୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 123 ମୂଲ୍ୟ₹୭/-



## ରେକର୍ଡ କଲେ ଗୁରିନ୍ଦରବୀର

ଇଣ୍ଡିଆନ ଗ୍ରାଁ. ପ୍ରି ପୁରୁଷ ୧୦୦ ମିଟର ଦୌଡ଼ରେ ପଞ୍ଜାବର ଗୁରିନ୍ଦରବୀର ସିଂ ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି

୧୨

୦୨

## ପ୍ରେମରେ ପଡ଼ିଛନ୍ତି ଅନନ୍ୟା

ଆଦିତ୍ୟ ରୟ କପୁରଙ୍କ ସହ ବ୍ରେକ୍‌ଅପ୍ ପରେ ବଲିଉଡ ନାୟିକା ଅନନ୍ୟା ପାଣ୍ଡେ ମଡେଲ ୱାର୍କର ବ୍ଲାନ୍‌କୋଙ୍କ ପ୍ରେମରେ ପଡ଼ିଛନ୍ତି।






# ମ୍ୟାନ୍‌ମାରରେ ଶକ୍ତିଶାଳୀ ଭୂକମ୍ପ: ୧୬୪ ମୃତ

- ତାସ୍‌ଘର ଭଳି ଭୁଶୁଡ଼ିଲା ଉଚ୍ଚ ଅଟ୍ଟାଳିକା
- ଶତାଧିକ ନିଖୋଜ, ବଢ଼ିପାରେ ମୃତ୍ୟୁସଂଖ୍ୟା
- ଥାଇଲାଣ୍ଡ, ଚାଇନା ଓ ମେଘାଳୟରେ ଝଟକା

**ନେପିଦାଓ/ବ୍ୟାଙ୍କକ୍,୨୮।୩**

ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ମ୍ୟାନ୍‌ମାରରେ ଶୁକ୍ରବାର ମଧ୍ୟାହ୍ନରେ ଏକ ଶକ୍ତିଶାଳୀ ଭୂକମ୍ପ ହୋଇଛି। ୭.୭ ତୀବ୍ରତା ବିଶିଷ୍ଟ ଏହି ଭୂମିକମ୍ପର ଝଟକା ଥାଇଲାଣ୍ଡ, ଚାଇନା, ଭାରତ ଓ ଲାଓସ୍ ସମେତ ଆଉ କେତେକ ପଡ଼ୋଶୀ ଦେଶରେ ଅନୁଭୂତ ହୋଇଛି। ଏହାର ପ୍ରଭାବରେ କେଉଁଠି ମାଟି ଫାଟି ଆଁ କରିଛି ତ ଆଉ କେଉଁ ସ୍ଥାନରେ ନଭଶ୍ଚୁମ୍ବୀ ଅଟ୍ଟାଳିକା ତାସ୍‌ଘର ଭଳି ଧରାଶାୟୀ ହୋଇଯାଇଛି। ଆତଙ୍କିତ ଲୋକେ ପ୍ରାଣ ବିକଳରେ ଖୋଲାସ୍ଥାନକୁ ଆଶ୍ରୟ ପାଇଁ ଧାଇଁଛନ୍ତି। ମ୍ୟାନ୍‌ମାରରେ ଅନ୍ୟୂନ ୧୪୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୭୩୨ ଆହତ ହୋଇଥିବା ସାମରିକ ସରକାର ମୁଖ୍ୟ ମିନ୍ ଅଉଙ୍ଗ୍ ହଲାଇଙ୍ଗ୍ ସୂଚନା ଦେଇଛନ୍ତି। ସେହିପରି ଥାଇଲାଣ୍ଡରେ ୨୦ରୁ ଅଧିକ ପ୍ରାଣ ହରାଇଥିବା ଜଣାପଡ଼ିଛି। ଭଗ୍ନାବଶେଷ ତଳେ ବହୁ ଲୋକ ଚାପିହୋଇ ରହିଥିବାରୁ ଆଗକୁ ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ମ୍ୟାନ୍‌ମାରର ମଣ୍ଡଲୟ ସହରଠାରୁ ୧୭.୨ କି.ମି. ଦୂରରେ ଏହାର କେନ୍ଦ୍ରସ୍ଥଳ ବୋଲି ୟୁନାଇଟେଡ୍ ଷ୍ଟେଟ୍ ଜିଓଗ୍ରାଫିକାଲ ସର୍ଭେ (ୟୁଏସ୍‌ଜିଏସ୍) ପକ୍ଷରୁ ସୂଚନା ଦିଆଯାଇଛି।

ସେନା ଶାସନାଧୀନ ମ୍ୟାନ୍‌ମାରକୁ ଶୁକ୍ରବାର ଥରାଇଦେଇଛି ଏକ ଶକ୍ତିଶାଳୀ ଭୂକମ୍ପ। ଏଥିଯୋଗୁ ରାଜଧାନୀ ନେପିଦାଓରେ ଅନେକ କୋଠା ଭୁଶୁଡ଼ିପଡ଼ିଛି। ସୁଉଚ୍ଚ ଅଟ୍ଟାଳିକାଗୁଡ଼ିକ ଧସିଯିବା ପରେ ସେଠାରେ ବହୁ ଲୋକ ଫସିରହିଛନ୍ତି। ଭୂକମ୍ପର ଉପ୍ତତ୍ତିସ୍ଥଳ ଦେଶର ଦ୍ୱିତୀୟ ବୃହତ୍ ସହର ମଣ୍ଡଲୟ ବୋଲି ଆମେରିକୀୟ ସଂସ୍ଥା ୟୁଏସ୍‌ଜିଏ ଚିହ୍ନଟ କରିଛି। ବିଶେଷକରି ନେପିଡାଓ, ମଣ୍ଡଲୟ ଓ ସାଗାଇଙ୍ଗ୍ ସମେତ ୬ଟି ଅଞ୍ଚଳ ଅଧିକ କ୍ଷତିଗ୍ରସ୍ତ ହୋଇଛି। ୫ ସହରରେ କୋଠା ଓ ବ୍ରିଜ୍ ଭୁଶୁଡ଼ିଛି। ୟାଙ୍ଗୁନ୍-ମଣ୍ଡଲୟ ଏକ୍ସପ୍ରେସ୍‌ୱେରେ ଥିବା ଏକ ରେଲୱେ ବ୍ରିଜ୍ ଓ ଅନ୍ୟ ଏକ ପୋଲ ସର୍ବାଧିକ କ୍ଷତିଗ୍ରସ୍ତ ହୋଇଛି। ସାମରିକ ସରକାର ମ୍ୟାନ୍‌ମାରରେ ଏମର୍ଜେନ୍ସି ଘୋଷଣା କରିଛି। ଉଦ୍ଧାର କାର୍ଯ୍ୟରେ ସେନା ନିୟୋଜିତ ହୋଇଛି। ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଲୋକଙ୍କୁ ସହାୟତା ଯୋଗାଇବା ବଡ଼ ଚ୍ୟାଲେଞ୍ଜ ପାଲଟିଥିବା ରେଡ୍ କ୍ରସ୍ ପକ୍ଷରୁ ସୂଚନା ଦିଆଯାଇଛି।

ସେହିପରି ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଚତୁଚାକ୍ ବଜାରରେ ଏକ ବହୁତଳ ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ିପଡ଼ିବାରୁ ୩ ଜଣଙ୍କ ମୃତ୍ୟୁ ଘଟିଛି। ଉଦ୍ଧାରକାରୀ ଦଳ ସେଠାରୁ ୭ ଜଣଙ୍କୁ ବାହାର କରିବାରେ ସକ୍ଷମ ହୋଇଛନ୍ତି। ଅନ୍ୟ ୯୦ ଜଣ ନିଖୋଜ ହୋଇଯାଇଥିବା ପ୍ରତିରକ୍ଷା ମନ୍ତ୍ରୀ ଫୁମ୍‌ଥାମ୍ ୱେଚାୟାଚାଇ କହିଛନ୍ତି। ଏହି କୋଠା ଭୁଶୁଡ଼ିବା ବେଳର ଭିଡିଓ ସୋସିଆଲ ମିଡିଆରେ ବହୁଳ ପ୍ରସାରିତ ହୋଇଛି। କୋଠାଟି ଧରାଶାୟୀ ହୋଇପଡ଼ିଥିବାବେଳେ ସେଠାରୁ ପ୍ରବଳ ଧୂଳିର ଆସ୍ତରଣ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଥିବା ଏବଂ ଆତଙ୍କିତ ଲୋକେ ଜୀବନ ବଞ୍ଚାଇବା ପାଇଁ ଧାଉଁଥିବା ଉକ୍ତ ଭିଡିଓରେ ଦୃଶ୍ୟମାନ ହୋଇଛି। ଅନ୍ୟ କେତେକ ସ୍ଥାନରେ ଆଉ ୧୭ ଜଣଙ୍କ ମୃତ୍ୟୁ ଘଟିଛି। ଭୂକମ୍ପ ପରବର୍ତ୍ତୀ ଏକାଧିକ ଝଟକା ଅନୁଭୂତ ହେବାରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ପରାମର୍ଶ ଦିଆଯାଇଛି। କେନ୍ଦ୍ରୀୟ ବ୍ୟାଙ୍କକ୍‌ରେ ସାଇରନ୍ ବାଜୁଥିବାବେଳେ ସଂକୀର୍ଣ୍ଣ ରାସ୍ତାରେ ଧାବମାନ ଯାନବାହନଗୁଡ଼ିକ ଟ୍ରାଫିକ୍ ଜାମ୍ ଭଳି ସମସ୍ୟା ଉପୁଜାଇଛି। ସିଟି ହଲ୍‌କୁ ବିପର୍ଯ୍ୟୟ ଅଞ୍ଚଳ ଘୋଷଣା କରାଯାଇଛି। ଲୋକେ ନିଜ ଆତ୍ମୀୟଙ୍କୁ ଫୋନ୍ କରି ସେମାନଙ୍କ ହାଲ୍‌ଚାଲ୍ ବୁଝୁଛନ୍ତି। ଭାଟିକାନ୍ ସିଟିରେ କ୍ୟାଥୋଲିକ୍ ଧର୍ମଗୁରୁ ପୋପ୍ ଫ୍ରାନ୍ସିସ୍ ମୃତକମାନଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଛନ୍ତି।

ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମ୍ୟାନ୍‌ମାର ଓ ଥାଇଲାଣ୍ଡ ଭୂକମ୍ପକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିବା ସହ ୨ ଦେଶକୁ ଯଥାସମ୍ଭବ ସହାୟତା ପ୍ରଦାନର ପ୍ରତିଶ୍ରୁତି ଦେଇଛନ୍ତି। ଦୁଇ ପଡ଼ୋଶୀ ଦେଶରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଭାରତୀୟମାନଙ୍କୁ ସହାୟତା ଯୋଗାଇଦେବା ପାଇଁ ଉଦ୍ୟମ ଚାଲିଛି। ସୀମାନ୍ତ ଚାଇନାର ୟୁନାନ୍ ପ୍ରଦେଶରେ ଅପରାହ୍ନ ୨ଟା ୨୦ ମିନିଟ୍‌ରେ ଭୂକମ୍ପ ଝଟକା ଅନୁଭୂତ ହୋଇଛି। ସେହିପରି ମେଘାଳୟର କେତେକ ସ୍ଥାନରେ ୪.୦ ତୀବ୍ରତାର ଝଟକା ଅନୁଭୂତ ହୋଇଛି। ତେବେ ଏଥିରେ କେହି ମୃତାହତ ହୋଇ ନ ଥିବା ଜଣାପଡ଼ିଛି।



ଥାଇଲାଣ୍ଡ ରାଜଧାନୀ ବ୍ୟାଙ୍କକ୍‌ର ଚତୁଚାକ୍ ବଜାରରେ ଏକ ବହୁତଳ ବିଶିଷ୍ଟ ନିର୍ମାଣାଧୀନ କୋଠା ଭୁଶୁଡ଼ିପଡ଼ିବାର ଦୃଶ୍ୟ।

## ସୁନା ୯୨ ହଜାର ଟପିଲା

**ନୂଆଦିଲ୍ଲୀ,୨୮।୩**

ସୁନା ଦର ଶୁକ୍ରବାର ୧୦ ଗ୍ରାମ୍ ପ୍ରତି ୧,୧୦୦ ଟଙ୍କା ବୃଦ୍ଧି ପାଇ ଜାତୀୟ ରାଜଧାନୀରେ ୯୨,୧୫୦ ଟଙ୍କାରେ ପହଞ୍ଚିଛି। ବିଦେଶୀ ବଜାରରେ ସୁନା ଦର ବଢ଼ିଥିବାରୁ ଘରୋଇ ବଜାରରେ ମହଙ୍ଗା ହୋଇଥିବା ଅଲ୍ ଇଣ୍ଡିଆ ସରାଫା ଆସୋସିଏଶନ କହିଛି। ଗୁରୁବାର ୯୯.୯ ପ୍ରତିଶତ ଶୁଦ୍ଧ ସୁନା ଦାମ୍ ୧୦ ଗ୍ରାମ ପ୍ରତି ଦର ୯୧,୦୫୦ ଟଙ୍କା ରହିଥିବାବେଳେ ଶୁକ୍ରବାର ୯୨,୧୫୦ ଟଙ୍କା ହୋଇଛି। ଗତବର୍ଷ ଏପ୍ରିଲ ୧ରେ ୧୦ ଗ୍ରାମ ସୁନା ଦର ୬୮,୪୨୦ ଟଙ୍କା ଥିବାବେଳେ ବର୍ଷକ ମଧ୍ୟରେ ତାହା ୨୩,୭୩୦ ଟଙ୍କା ବା ୩୫ ପ୍ରତିଶତ ବୃଦ୍ଧି ପାଇଛି। ସେହିପରି ୯୯.୫ ପ୍ରତିଶତ ଶୁଦ୍ଧ ☞ପୃଷ୍ଠା-୪

## ୪୩ ଡିଗ୍ରୀ ସହ ଝାରସୁଗୁଡ଼ା ରାଜ୍ୟର ଉତ୍ତପ୍ତ ସହର

**ଭୁବନେଶ୍ୱର,୨୭।୩ (ଅନୁରାଧା ମହାରଣା)**

ରାଜ୍ୟରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବାବେଳେ ଶୁକ୍ରବାର ୪୩ ଡିଗ୍ରୀ ସହ ଝାରସୁଗୁଡା ସବୁଠୁ ଉତ୍ତପ୍ତ ସହର ପାଲଟିଛି। ସେହିପରି ରାଜ୍ୟର ୧୮ ସହରରେ ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଛି। ଅନ୍ୟପଟେ ଚଳିତବର୍ଷ ପ୍ରଥମଥର ରାଜଧାନୀରେ ପାରଦ ୪୦ ଡିଗ୍ରୀ ଟପିଛି। ଭୁବନେଶ୍ୱର ସହ ଜଗତ୍‌ସିଂହପୁରରେ ମଧ୍ୟ ତାପମାତ୍ରା ୪୦.୨ ଡିଗ୍ରୀ ରହିଥିଲା। ହୀରାକୁଦରେ ୪୧.୬, ସମ୍ବଲପୁର, ବୌଦ୍ଧ, ବଲାଙ୍ଗୀର ଓ ଟିଟିଲାଗଡ଼ରେ ୪୧.୨ ଡିଗ୍ରୀ, ସୁନ୍ଦରଗଡ଼ରେ ୪୧.୧, ଅନୁଗୋଳ ଓ ଢେଙ୍କାନାଳରେ ୪୦.୯, ତାଳଚେରରେ ୪୦.୮, ସୋନପୁର, ଭବାନୀପାଟଣା ୪୦.୫, ବାରିପଦା, ରାଉରକେଲା ଓ ଚାନ୍ଦବାଲିରେ ତାପମାତ୍ରା ୪୦.୪ ଡିଗ୍ରୀ ରେକର୍ଡ କରାଯାଇଛି। ଶନିବାର ଆହୁରି ୨ରୁ ୩ଡିଗ୍ରୀ ଅଧିକ ତାତି ଅନୁଭୂତ ହୋଇପାରେ। ଆସନ୍ତା ୩ଦିନ ହିଟ୍‌ୱେଭ ରାଜ୍ୟବାସୀଙ୍କୁ କଲବଲ କରିପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଶନିବାର ପାଇଁ ଝାରସୁଗୁଡ଼ା, ସମ୍ବଲପୁର, ସୋନପୁର, ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି ଆଦି ଜିଲ୍ଲାକୁ ୟେଲୋ ୱାର୍ନିଂ ଜାରି ହୋଇଛି। ୩୦ ତାରିଖ ରବିବାର ପାଇଁ ଏସବୁ ଜିଲା ସହ ବରଗଡ଼ ଓ ସୁନ୍ଦରଗଡ଼ ଜିଲ୍ଲାକୁ ମଧ୍ୟ ୟେଲୋ ୱାର୍ନିଂ ରହିଛି। ତେବେ ଏପ୍ରିଲ୨ରୁ ୪ ତାରିଖ ଯାଏ ବିଭିନ୍ନ ଜିଲାରେ କାଳବୈଶାଖୀର ସମ୍ଭାବନା ରହିଛି। କୋରାପୁଟ, ମାଲକାନଗିରି, ରାୟଗଡ଼ା ସୁନ୍ଦରଗଡ଼, ଝାରସୁଗୁଡ଼ା ଓ ବରଗଡ଼ର ଗୋଟିଏ ଦୁଇଟି ସ୍ଥାନରେ ବର୍ଷା ହେବାକୁ ଥିବାବେଳେ ଅନ୍ୟାନ୍ୟ ଜିଲାଗୁଡ଼ିକରେ ପାଗ ପ୍ରାୟତଃ ଶୁଖିଲା ରହିବ ବୋଲି ସୂଚନା ଦିଆଯାଇଛି।

## ପ୍ରଦୀପ ଜେନା ଓଇଆର୍‌ସି ଅଧ୍ୟକ୍ଷ



**ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)**

ପୂର୍ବତନ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଓଇଆର୍‌ସି) ଅଧ୍ୟକ୍ଷ ଭାବେ ନିଯୁକ୍ତି ପାଇଛନ୍ତି। ଶୁକ୍ରବାର ରାଜ୍ୟ ସରକାର ତାଙ୍କୁ ଏହି ନୂଆ ଦାୟିତ୍ୱ ଦେଇଛନ୍ତି। ରାଜ୍ୟ ଶକ୍ତି ବିଭାଗ ପକ୍ଷରୁ ଏନେଇ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପୂର୍ବତନ ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର ଏହି ପଦରୁ ଯିବା ପରେ ଏହା ☞ପୃଷ୍ଠା-୪

## ଓଏସ୍‌ଏସ୍‌ଟିଇଟି ପରୀକ୍ଷାଫଳ ପ୍ରକାଶ

**କଟକ,୨୮।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଟିଚର୍ସ ଏଲିଜିବିଲିଟି ଟେଷ୍ଟ (ଓଏସ୍‌ଏସ୍‌ଟିଇଟି) ପରୀକ୍ଷାଫଳ ଶୁକ୍ରବାର ପ୍ରକାଶ ପାଇଛି। ବୋର୍ଡର ୱେବ୍‌ସାଇଟ୍ www.bseodisha.ac.inରେ ପରୀକ୍ଷାଫଳ ଉପଲବ୍ଧ ହୋଇଛି। କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ସେମାନଙ୍କର ଡିଜିଟାଇଜ୍‌ଡ୍ ସାର୍ଟିଫିକେଟ ବୋର୍ଡର ଉପରୋକ୍ତ ୱେବ୍‌ସାଇଟ୍‌ରୁ ଶୁକ୍ରବାରଠାରୁ ଆସନ୍ତା ମେ' ୨୮ ତାରିଖ ପର୍ଯ୍ୟନ୍ତ ଡାଉନ୍‌ଲୋଡ୍ କରିପାରିବେ। ଅକୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀମାନେ ସେମାନଙ୍କ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ଏମ୍‌ଏଲ୍‌ଏଙ୍କୁ ଅଣଦେଖା

# ଅନ୍‌ଲାଇନ ବେଟିଂରେ କୋଟିପତି

**କେନ୍ଦୁଝର/ଯୋଡ଼ା, ୨୮।୩ (ନରେଶ ଚନ୍ଦ୍ର ପଟ୍ଟନାୟକ/ମାନସ ମହାନ୍ତି)**

କେତେବେଳେ କାହା ଭାଗ୍ୟ ବଦଳିବ କେହି କହିପାରିବେ ନାହିଁ। ମଣିଷ ଅବସର ସମୟରେ ଗେମ ଖେଳିଥାଏ। ଅନେକ ସମୟରେ ଗେମ୍ ଖେଳି କୋଟିପତି ହେବାର ଖବର ଶୁଣିବାକୁ ମିଳେ। ଏବେ ଚାଲିଛି ଆଇପିଏଲ୍ କ୍ରିକେଟ। କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଚମକପୁର ପଞ୍ଚାୟତ ରେଭେନ୍‌ଶାପୁର ଗ୍ରାମର ଗୁରୁଚରଣ ଜାମୁଦା ଅନ୍‌ଲାଇନ ବେଟିଂ କରି କୋଟିପତି ହୋଇଛନ୍ତି। ସେ ୩ କୋଟି ଟଙ୍କା ସହ ଗୋଟିଏ ମହିନ୍ଦ୍ରା ଥର୍ କାର୍ ଜିତିଥିବା କହିଛନ୍ତି।

**୩ କୋଟି, ଗାଡ଼ି ଜିତିଲେ ଦିନ ମଜୁରିଆ**

ଗୁରୁଚରଣ କୁହନ୍ତି, ସେ ଶ୍ରମିକ ଭାବେ କାର୍ଯ୍ୟ କରନ୍ତି। ଦୀର୍ଘ ବର୍ଷ ହେଲା ଅନ୍‌ଲାଇନ ଗେମ୍ ଖେଳିବା ସହ ବେଟିଂ ଭାଗନେଇ ଆନନ୍ଦ ଅନୁଭବ କରିଥାନ୍ତି। ଗତ ୨୫ ତାରିଖରେ ଗୁଜରାଟ ଏବଂ ପଞ୍ଜାବ ମଧ୍ୟରେ କ୍ରିକେଟ ମ୍ୟାଚ ଥିଲା। ସେଥିରେ ସେ ୟୁଟ୍ୟୁବ ଦେଖି ଖେଳାଳିଙ୍କୁ ନେଇ ଏକ ଟିମ୍ ଚୟନ କରିଥିଲେ। ଏହି ଟିମ୍ ୱିନିଂ ଜୋନ୍‌ରେ ଥିବା ସେ ରାତ୍ରି ପର୍ଯ୍ୟନ୍ତ ଦେଖିଥିଲେ। ମାତ୍ର ଏତେ ଟଙ୍କା ଜିତିପାରିବେ ବୋଲି କେବେ ସ୍ୱପ୍ନରେ ସୁଦ୍ଧା ଭାବି ନ ଥିଲେ। ମୋବାଇଲ ୱାଲେଟ୍‌ରେ ୩ କୋଟି ଟଙ୍କା ଜିତିଥିବା ମଙ୍ଗଳବାର ରାତିରେ ଦେଖିବାକୁ ପାଇଥିଲେ। ତେବେ ବିଶ୍ୱାସ ନ ହେବାରୁ ବଡ଼ଭାଇଙ୍କୁ ନିଦରୁ ଉଠାଇ ମୋବାଇଲ ଦେଖାଇଥିଲେ। ପରେ ବୁଧବାର ସକାଳେ ଉକ୍ତ ☞ପୃଷ୍ଠା-୪



ପରିବାର ସଦସ୍ୟଙ୍କ ସହ ଗୁରୁଚରଣ।







# ଭୂକମ୍ପ ପରେ ଧ୍ୱଂସର ଚିତ୍ର

## ଥରିଗଲା ଦକ୍ଷିଣପୂର୍ବ ଏସିଆ

ନାପିଦାଉ/ବ୍ୟାଙ୍କକ୍/ ନୂଆଦିଲ୍ଲୀ,୨୮।୩

ମ୍ୟାନ୍‌ମାରରେ ଶୁକ୍ରବାର ୭.୭ ତୀବ୍ରତା ବିଶିଷ୍ଟ ଭୂକମ୍ପ ହୋଇଛି, ଯାହାର ପ୍ରଭାବ ଦେଶ ଭିତରେ ସୀମିତ ନ ରହି ଦକ୍ଷିଣପୂର୍ବ ଏସିଆକୁ ଥରାଇ ଦେଇଛି। କେବଳ ମ୍ୟାନ୍‌ମାରରେ ୧୪୪ରୁ ଊର୍ଦ୍ଧ୍ୱ ପ୍ରାଣ ହରାଇଥିବାବେଳେ ଅନ୍ୟ ୭୩୨ ଜଣ ଆହତ ହୋଇ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ୧,୦୦୦ ଶଯ୍ୟା ବିଶିଷ୍ଟ ଏକ ହସ୍ପିଟାଲରେ ଚିକିତ୍ସାଧୀନ ଆହତମାନଙ୍କୁ ଭେଟିବା ପରେ ସାମରିକ ସରକାର ମୁଖ୍ୟ ମିନ୍ ଅଉଙ୍ଗ୍ ହଲାଇଙ୍ଗ୍ ମୃତ୍ୟୁସଂଖ୍ୟା ବଢ଼ିବା ନେଇ ଏକ ଟେଲିଭିଜନ୍ ବାର୍ତ୍ତାରେ ଆଶଙ୍କା ପ୍ରକାଶ କରିଛନ୍ତି।

୨୦୨୦ରେ ମ୍ୟାନ୍‌ମାରର ଅଙ୍ଗ୍ ସାନ୍ ସ୍ୟୁଚୀଙ୍କ ନିର୍ବାଚିତ ସରକାରକୁ ଗାଦିଚ୍ୟୁତ କରି ସେନା କ୍ଷମତା ଦଖଲ କରିଥିଲା। ସେବେଠୁ ଦେଶରେ ଗୃହଯୁଦ୍ଧ ସ୍ଥିତି ଲାଗିରହିଛି। ମ୍ୟାନ୍‌ମାରର ଆର୍ଥିକ ସ୍ଥିତି ଠିକ୍ ନ ଥିବାବେଳେ ଭୂକମ୍ପ ଏହାକୁ ଆହୁରି ସଙ୍ଗିନ କରିଦେଇଛି। ଭୂମିକମ୍ପରେ ଦେଶର ଅନେକ ବଡ଼ ବଡ଼ କୋଠା, ବ୍ରିଜ୍, ରାସ୍ତା ଭାଙ୍ଗିଯାଇଛି। ଫଳରେ ପୂର୍ବରୁ ଲାଗିରହିଥିବା ମାନବୀୟ ସଙ୍କଟ ଆହୁରି ବଢ଼ିଯାଇଛି। ମ୍ୟାନ୍‌ମାର ସରକାର କହିଛନ୍ତି, ସର୍ବାଧିକ କ୍ଷତିଗ୍ରସ୍ତ ଅଞ୍ଚଳରେ ରକ୍ତର ଅଭାବ ଦେଖାଦେଇଛି। ତେଣୁ ସୁସ୍ଥ ଲୋକେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ସେ ପରାମର୍ଶ ଦେଇଛନ୍ତି।

ଥାଇଲାଣ୍ଡରେ ଭୂକମ୍ପ ଯୋଗୁ ଅନେକ କୋଠା ଧସିଯାଇଛି। ରାସ୍ତାଗୁଡ଼ିକ ଫାଟି ଆଁ କରିଥିବାରୁ ଯାତାୟାତରେ ବାଧା ସୃଷ୍ଟି ହୋଇଛି। କେତେକ ସ୍ଥାନରେ ମେଟ୍ରୋ ଓ ରେଳ ସେବାକୁ ବାତିଲ କରାଯାଇଛି। ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ପାଏଟୋଙ୍ଗଟର୍ନ ସିନାୱାତ୍ରା ଜରୁରୀ ବୈଠକ ଡାକିବା ପରେ ବ୍ୟାଙ୍କକ୍‌ରେ ଏମର୍ଜେନ୍ସି ଘୋଷଣା କରିଛନ୍ତି।





## ରେସ୍କ୍ୟୁ, ରିଲିଫ୍ ବଡ଼ ଚ୍ୟାଲେଞ୍ଜ

### ଅନ୍ତର୍ଜାତୀୟ ସହାୟତା ଲୋଡ଼ିଲେ ସାମରିକ ସରକାର

ମ୍ୟାନ୍‌ମାରରେ ଭୂକମ୍ପ ପରବର୍ତ୍ତୀ ଉଦ୍ଧାର କାର୍ଯ୍ୟ ଏବଂ ବିପନ୍ନଙ୍କୁ ଅତ୍ୟାବଶ୍ୟକ ରିଲିଫ୍ ସହାୟତା ଯୋଗାଇବା ବଡ଼ ଚ୍ୟାଲେଞ୍ଜ ପାଲଟିଛି। ଏହାକୁ ଦୃଷ୍ଟିରେ ରଖି ଆମ୍‌ନେଷ୍ଟି ଇଣ୍ଟରନ୍ୟାଶନାଲ ଏବଂ ହ୍ୟୁମାନ୍ ରାଇଟ୍ସ ୱାଚ୍ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ତୁରନ୍ତ ମାନବୀୟ ସହାୟତା ଯୋଗାଇଦେବା ପାଇଁ ମ୍ୟାନ୍‌ମାରର ସାମରିକ ସରକାରଙ୍କୁ ଅନୁରୋଧ କରାଯାଇଛି। ସେନା ସରକାର ୬ ଅଞ୍ଚଳରେ ଏମର୍ଜେନ୍ସି ଘୋଷଣା କରିବା ସହ ଅନ୍ତର୍ଜାତୀୟ ସହାୟତା ଲୋଡ଼ିଛନ୍ତି। ଉଜୁଡ଼ା ଭିଟିଭୂମି ଓ ଧ୍ୱଂସଚିତ୍ରକୁ ଦେଖି ରେଡ୍ କ୍ରସ୍ ମଧ୍ୟ ଚିନ୍ତାବ୍ୟକ୍ତ କରିଛି। ରେଡ୍ କ୍ରସ୍‌ର ଅନ୍ତର୍ଜାତୀୟ ମହାସଂଘ ପ୍ରୋଗ୍ରାମ୍ କୋ-ଅର୍ଡିନେଟର ମାରିଏ ମାନ୍‌ରିକ୍ ଜେନେଭାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରିବାବେଳେ ୟାଙ୍ଗୋନ୍‌ର ଏକ ଭିଡିଓ ଲିଙ୍କ୍ ଜାରି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ (ଡବ୍ଲ୍ୟୁଏଚ୍‌ଓ) ଯୁଦ୍ଧକାଳୀନ ଭିତ୍ତିରେ ମେଡିକାଲ ସହାୟତା ପଠାଇବା ପାଇଁ ପ୍ରସ୍ତୁତି ଆରମ୍ଭ କରିଛି। ଦୁବାଇ ଦେଇ ଔଷଧୀୟ ସାମଗ୍ରୀ ପ୍ରେରଣ ଉଦ୍ୟମ ଚାଲିଥିବା ଡବ୍ଲ୍ୟୁଏଚ୍‌ଓ କହିଛି। ସେହିପରି ୟୁରୋପୀୟ ସଂଘ ମୁଖ୍ୟ ଉର୍ସୁଲା ଭନ୍ ଡେର୍ କହିଛନ୍ତି, ୨୭ ସଦସ୍ୟ ବିଶିଷ୍ଟ ଏହି ବ୍ଲକ୍ ଭୂକମ୍ପ ପ୍ରଭାବିତଙ୍କୁ ସବୁ ପ୍ରକାର ସହଯୋଗ କରିବା ପାଇଁ ପ୍ରସ୍ତୁତ ରହିଛି। ଫ୍ରାନ୍ସ ମଧ୍ୟ ସହଯୋଗର ହାତ ବଢ଼ାଇଛି।




## କୁନାଲ କାମ୍‌ରାଙ୍କୁ ଆଗୁଆ ଜାମିନ ଦେଲେ ମାଡ୍ରାସ୍ ହାଇକୋର୍ଟ

ଚେନ୍ନାଇ,୨୮।୩(ପି.ଟି.)



ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କୁ ଥଟ୍ଟା କରି ବିବାଦର ସମ୍ମୁଖୀନ ହୋଇଥିବା ଷ୍ଟାଣ୍ଡିଂ କମେଡିଆନ୍ କୁନାଲ କାମ୍‌ରାଙ୍କୁ ମାଡ୍ରାସ ହାଇକୋର୍ଟ ଶୁକ୍ରବାର ଆଗୁଆ ଅନ୍ତରୀଣ ଜାମିନ ମଞ୍ଜୁର କରିଛନ୍ତି। ଏଥିପାଇଁ ତାଙ୍କୁ ତାମିଲନାଡୁ ଭିଲୁପୁରମ୍ ଜିଲା ପାନୁରସ୍ଥିତ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବଣ୍ଡ ଦାଖଲ କରିବାକୁ ହାଇକୋର୍ଟ ସର୍ତ୍ତ ରଖିଛନ୍ତି। ଏଥିସହିତ ବିଚାରପତି ସୁନ୍ଦର ମୋହନ ଦ୍ୱିତୀୟ ପକ୍ଷ ଖାର୍ ପୋଲିସକୁ ନୋଟିସ ଜାରି କରିବା ସହ ମାମଲାର ପରବର୍ତ୍ତୀ ଶୁଣାଣି ଏପ୍ରିଲ ୭କୁ ଧାର୍ଯ୍ୟ କରିଛନ୍ତି। ୨୦୨୧ରୁ କାମ୍‌ରା ମୁମ୍ବାଇରୁ ଯାଇ ତାମିଲନାଡୁରେ ରହୁଛନ୍ତି। ମୁମ୍ବାଇ ପୋଲିସ ତାଙ୍କୁ ଗିରଫ କରିବା ଆଶଙ୍କା ଥିବାରୁ ସେ ଆଗୁଆ ଜାମିନ ପାଇଁ ହାଇକୋର୍ଟରେ ଆବେଦନ କରିଥିଲେ। ଶିନ୍ଦେଙ୍କ ବିରୋଧରେ ଅପମାନଜନକ ମନ୍ତବ୍ୟ ପାଇଁ ମୁମ୍ବାଇ ପୋଲିସ କାମ୍‌ରାଙ୍କୁ ୨ ଥର ସମନ କରିବା ସତ୍ତ୍ୱେ ସେ ହାଜର ହୋଇ ନାହାନ୍ତି।

## ଜଷ୍ଟିସ୍ ବର୍ମାଙ୍କ ନାଁରେ ଏତଲା ଦାଏର ଆବେଦନ ଖାରଜ

ନୂଆଦିଲ୍ଲୀ,୨୮।୩(ପି.ଟି.)

ଦିଲ୍ଲୀ ହାଇକୋର୍ଟ ବିଚାରପତି ଯଶୱନ୍ତ ବର୍ମାଙ୍କ ସରକାରୀ ବାସଭବନରୁ ବିପୁଳ ପରିମାଣର ପୋଡ଼ା ନୋଟ୍ ବିଡ଼ା ମିଳିବା ଘଟଣାରେ ଏତଲା ଦାଏର ପାଇଁ ଦିଲ୍ଲୀ ପୋଲିସକୁ ଅନୁମତି ଦେବା ନିମନ୍ତେ ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)କୁ ସୁପ୍ରିମକୋର୍ଟ ଶୁକ୍ରବାର ଖାରଜ କରିଦେଇଛନ୍ତି। ଜଷ୍ଟିସ୍ ଅଭୟ ଏସ୍. ଓକା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି, ଉକ୍ତ ମାମଲାର ଇନ୍-ହାଉସ୍ ତଦନ୍ତ ଆଗେଇଚାଲିଛି। ତଦନ୍ତ ଶେଷ ହେବା ପରେ ପ୍ରଧାନ ବିଚାରପତିଙ୍କ ନିକଟରେ ଅନେକ ବିକଳ୍ପ ରହିଛି। ତେଣୁ ଏତଲା ଦାଏର ପାଇଁ ଆବେଦନ ବିଚାର କରିବା ସମୟ ଆସିନାହିଁ କହି ଖଣ୍ଡପୀଠ ଆଇନଜୀବୀ ମାଥ୍ୟୁ ଜେ, ନେଦୁମ୍ପରା ଓ ଅନ୍ୟ ୩ ଜଣ ଦାଏର କରିଥିବା ପିଆଇଏଲ୍‌କୁ ଶୁଣାଣି ପାଇଁ ମନା କରିଦେଇଛନ୍ତି। ଇନ୍‌ହାଉସ୍ ତଦନ୍ତରେ କିଛି ତ୍ରୁଟି ଥିବା ଜଣାପଡ଼ିଲେ, ସିଜେଆଇ ଏତଲା ଦାଏର ପାଇଁ ନିର୍ଦ୍ଦେଶ ଦେଇପାରିବେ କିମ୍ବା ରିପୋର୍ଟକୁ ଅନୁଧ୍ୟାନ କରିବା ପରେ ପାର୍ଲାମେଣ୍ଟକୁ ପଠାଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।

### ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି ନେଇ ବିଜ୍ଞପ୍ତି ଜାରି



ଜଷ୍ଟିସ୍ ଯଶୱନ୍ତ ବର୍ମା

ଦିଲ୍ଲୀ ହାଇକୋର୍ଟ ବିଚାରପତି ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରାଯାଇଥିବା ନେଇ କେନ୍ଦ୍ର ସରକାର ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଭାରତୀୟ ସମ୍ବିଧାନର ଅନୁଚ୍ଛେଦ ୨୨୨ର ଧାରା ୧ରେ ଦିଆଯାଇଥିବା କ୍ଷମତା ବଳରେ ରାଷ୍ଟ୍ରପତି ପ୍ରଧାନ ବିଚାରପତିଙ୍କ ସହ ପରାମର୍ଶ ପରେ ଜଷ୍ଟିସ୍ ଯଶୱନ୍ତ ବର୍ମାଙ୍କୁ ଆଲ୍ଲାହାବାଦ ହାଇକୋର୍ଟକୁ ବଦଳି କରିବା ସହ ତାଙ୍କୁ ସେଠାରେ କାର୍ଯ୍ୟଭାର ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ବିଜ୍ଞପ୍ତିରେ କୁହାଯାଇଛି। ଗତ ୧୪ ତାରିଖରେ ଜଷ୍ଟିସ୍ ବର୍ମାଙ୍କ ସରକାରୀ ବାସଭବନ ଷ୍ଟୋର୍‌ରୁମ୍‌ରୁ ବିପୁଳ ପରିମାଣର ପୋଡ଼ା ଟଙ୍କା ମିଳିବା ପରେ ତାଙ୍କୁ ଆଲ୍ଲାହାବାଦ ହାଇକୋର୍ଟଙ୍କୁ ବଦଳି ପାଇଁ ସୁପ୍ରିମକୋର୍ଟ କଲେଜିୟମ୍ ସୁପାରିସ କରିଥିଲା।

## ଅନଶନ ଭାଙ୍ଗିଲେ କୃଷକ ନେତା ଡାଲେୱାଲ



ଜଗଜିତ ସିଂ ଡାଲେୱାଲ

ନୂଆଦିଲ୍ଲୀ,୨୮।୩ (ପି.ଟି.)

କୃଷକମାନଙ୍କ ବିଭିନ୍ନ ଦାବି ନେଇ ୧୨୩ ଦିନ ହେଲା ଅନଶନରେ ବସିଥିବା କୃଷକ ନେତା ଜଗଜିତ ସିଂ ଡାଲେୱାଲ ଶୁକ୍ରବାର ସକାଳେ ପାଣି ପିଇ ଅନଶନ ଭାଙ୍ଗିଛନ୍ତି। ଏନେଇ ପଞ୍ଜାବ ସରକାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଇତିମଧ୍ୟରେ ଖନୌରୀ ଏବଂ ଶମ୍ଭୁ ସୀମାରେ ଆନ୍ଦୋଳନରତ ଚାଷୀମାନଙ୍କୁ ହଟାଇ ରାସ୍ତା ଓ ରାଜପଥକୁ ଅବରୋଧ ମୁକ୍ତ କରାଯାଇଛି।

## ନେପାଳରେ ରାଜତନ୍ତ୍ର ସପକ୍ଷବାଦୀଙ୍କ ହିଂସାତ୍ମକ ବିକ୍ଷୋଭ

### ପୋଲିସ ସହ ସଂଘର୍ଷ
### ଗାଡ଼ି, ଘର ଜାଳିଦେଲେ

କାଠମାଣ୍ଡୁ,୨୮।୩

ନେପାଳ ରାଜଧାନୀ କାଠମାଣ୍ଡୁରେ ଶୁକ୍ରବାର ରାଜତନ୍ତ୍ର ସପକ୍ଷବାଦୀଙ୍କ ବିକ୍ଷୋଭ ହିଂସାତ୍ମକ ରୂପ ନେଇଛି। ସେମାନେ କେତେକ ଘର ଜାଳିବା ସହ ସୁରକ୍ଷା ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କରିଥିଲେ। ସେମାନଙ୍କୁ ଘଉଡ଼ାଇବାକୁ ଯାଇ ପୋଲିସ ଲୁହବୁହା ବାଷ୍ପ ପ୍ରୟୋଗ କରିବା ସହ ପାଣିମାଡ଼ କରିଛି। ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟବର୍ତ୍ତୀ ଟିଙ୍କୁନେ ଅଞ୍ଚଳରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଯିବାରୁ ପୋଲିସ ଫାଙ୍କା ଗୁଳିଚାଳନା କରିଥିଲା।

ନେପାଳରେ ପୁନର୍ବାର ରାଜତନ୍ତ୍ର ଫେରାଇ ଆଣିବା ଦାବିରେ ଅନେକ ହଜାର ବିକ୍ଷୋଭକାରୀ ରାଜରାସ୍ତାକୁ ଓହ୍ଲାଇଥିଲେ। ସେମାନେ 'ରାଜ ଆଉ, ଦେଶ ବଚାଉ' (ଦେଶର ସୁରକ୍ଷା ପାଇଁ ରାଜା ଆସନ୍ତୁ), ଦୁର୍ନୀତିଗ୍ରସ୍ତ ସରକାର ମୁର୍ଦ୍ଦାବାଦ ଏବଂ ରାଜତନ୍ତ୍ର ଫେରିବା ଆମର ଦାବି ଆଦି ସ୍ଲୋଗାନ ଦେଇଥିଲେ। ବିକ୍ଷୋଭକାରୀ ଧରିଥିବା ନେପାଳୀ ଜାତୀୟ ପତାକାରେ ପୂର୍ବତନ ରାଜା ଜ୍ଞାନେନ୍ଦ୍ର ଶାହାଙ୍କ ଫଟୋ ରହିଥିଲା।



ପୋଲିସକୁ ଟେକାମାଡ଼ କରୁଛନ୍ତି ବିକ୍ଷୋଭକାରୀ।

ଟିଙ୍କୁନେଠାରେ ସେମାନେ କେତେକ ଘରେ ଓ ଗାଡ଼ିରେ ନିଆଁ ଲଗାଇଦେବା ସହ ଟେକାମାଡ଼ କରିଥିଲେ। ବ୍ୟାରିକେଡ୍ ଭାଙ୍ଗିବାକୁ ଉଦ୍ୟମ କଲାବେଳେ ପୋଲିସ ସହ ବିକ୍ଷୋଭକାରୀଙ୍କ ସଂଘର୍ଷ ଘଟିଥିଲା। ଉତ୍ତେଜନା ଲାଗିରହିଥିବାରୁ ଟିଙ୍କୁନେ, ସିନାମଙ୍ଗଲ ଏବଂ କୋଟେଶ୍ୱର ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଛି। ବିକ୍ଷୋଭରେ ରାଜତନ୍ତ୍ର ସପକ୍ଷବାଦୀ ରାଷ୍ଟ୍ରୀୟ ପ୍ରଜାତନ୍ତ୍ର ପାର୍ଟି ଓ ଅନ୍ୟମାନେ ସାମିଲ ହୋଇଛନ୍ତି। କଟକଣା ନ ମାନି ନ୍ୟୁ ବେନେଶ୍ୱର ଆଡ଼କୁ ଅଗ୍ରସର ହେଉଥିବା ଅନେକ ବିକ୍ଷୋଭକାରୀଙ୍କୁ ପୋଲିସ ଅଟକ ରଖିଛି।

ନେପାଳର ରାଜନୈତିକ ଦଳଗୁଡ଼ିକ ୨୦୦୮ରେ ଏକ ସଂସଦୀୟ ଘୋଷଣାନାମା ଜରିଆରେ ନେପାଳରୁ ୨୪୦ ବର୍ଷର ରାଜତନ୍ତ୍ର ଶାସନର ଉଚ୍ଛେଦ କରାଇଥିଲେ। ପୂର୍ବର ହିନ୍ଦୁ ରାଜ୍ୟ ଧର୍ମନିରପେକ୍ଷ ସଂଘୀୟ ଗଣତାନ୍ତ୍ରିକ ସାଧାରଣତନ୍ତ୍ରରେ ପରିଣତ ହୋଇଥିଲା। ଗତ ଫେବୃଆରୀ ୧୯ ଗଣତନ୍ତ୍ର ଦିବସ ଅବସରରେ ପୂର୍ବତନ ରାଜା ଏକ ଭିଡିଓ ବାର୍ତ୍ତା ଜରିଆରେ ସମର୍ଥନ ପାଇଁ ଅପିଲ କରିବା ପରେ ରାଜତନ୍ତ୍ରବାଦୀମାନେ ରାଜତନ୍ତ୍ର ଶାସନ ଫେରିବା ଦାବି କରିଆସୁଛନ୍ତି। ଗତ ୯ ତାରିଖରେ ଜ୍ଞାନେନ୍ଦ୍ର ତ୍ରିଭୁବନ ଅନ୍ତର୍ଜାତୀୟ ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କ ସମର୍ଥନରେ ରାଜତନ୍ତ୍ର ସପକ୍ଷବାଦୀ କର୍ମୀମାନେ ରାଲିର ଆୟୋଜନ କରିଥିଲେ। କେତେଜଣ ସମର୍ଥକ ଜ୍ଞାନେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ଫଟୋ ପ୍ରଦର୍ଶନ କରିଥିଲେ। ଅନ୍ୟପକ୍ଷରେ ସୋସିଆଲିଷ୍ଟ ଫ୍ରଣ୍ଟ ନେତୃତ୍ୱରେ ବହୁସଂଖ୍ୟାରେ ରାଜତନ୍ତ୍ର ବିରୋଧୀ ସମର୍ଥକ ଏକାଠି ହୋଇ ଲୋକତନ୍ତ୍ର ବ୍ୟବସ୍ଥା ଜିନ୍ଦାବାଦ, ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ରାଜତନ୍ତ୍ର ମୁର୍ଦ୍ଦାବାଦ ସ୍ଲୋଗାନ ଦେଇଥିଲେ।

## ପ୍ରେମରେ ପଡ଼ିଛନ୍ତି ଅନନ୍ୟା



**ମୁମ୍ବାଇ:** ପୁଣିଥରେ ପ୍ରେମରେ ପଡ଼ିଛନ୍ତି ବଲିଉଡର ଚୁଲବୁଲି ନାୟିକା ଅନନ୍ୟା ପାଣ୍ଡେ। ଅଭିନେତା ଆଦିତ୍ୟ ରୟ କପୁରଙ୍କ ସହ ବ୍ରେକ୍‌ଅପ୍ ଏବେ ସେ ଜଣେ ମଡେଲଙ୍କୁ ହୃଦୟ ଦେଇଛନ୍ତି। ସେ ହେଲେ ୱାର୍କର ବ୍ଲାନ୍‌କୋ।

ମୁକେଶ ଅମ୍ବାନୀଙ୍କ ପୁଅ ଅନନ୍ତଙ୍କ ବିବାହ ସମୟରୁ ଅନନ୍ୟାଙ୍କ ପ୍ରେମ ସମ୍ପର୍କ ଚର୍ଚ୍ଚାରେ ରହିଆସୁଛି। ଏବେ କିନ୍ତୁ ସବୁକିଛି ଖୁଲମଖୁଲ୍ଲା ଚାଲିଛି।

ୱାର୍କର ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ କିଛି ପୋଷ୍ଟ କଲା ମାତ୍ରେ ଅନନ୍ୟା କମେଣ୍ଟ ଦେଉଛନ୍ତି। ସେ ୱାଇଲ୍ଡ ଲାଇଫ୍ ଫଟୋଗ୍ରାଫିର କିଛି ଫଟୋ ଶେୟାର କରିବା ପରେ ଅନନ୍ୟାଙ୍କ ସହ ଭଉଣୀ ମଧ୍ୟ ପ୍ରତିକ୍ରିୟା ରଖିଥିଲେ। ୱାର୍କର ଆମେରିକାରେ ମଡେଲ ଭାବେ କାମ କରୁଥିଲେ। ଏବେ ସେ ଗୁଜରାଟର ବନତାରାରେ କାମ କରୁଛନ୍ତି। ତେବେ ଏହି ସମ୍ପର୍କ ଆଗକୁ କେଉଁ ମୋଡ଼ ନେଉଛି ତାହା ସମୟ କହିବ।

# ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର: ମୁଖ୍ୟମନ୍ତ୍ରୀ

## 'ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୩' କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୮।୩(ସୁନିତ୍ ମିଶ୍ର)




ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ହିଁ ବିକାଶର ମୂଳମନ୍ତ୍ର। ବିଜ୍ଞାନର ଉପଯୋଗ ସାଧାରଣ ଜନତାଙ୍କ ସୁବିଧା ସୁଯୋଗକୁ ଆଖି ଆଗରେ ରଖି ସ୍ଥାୟୀ ପରିବର୍ତ୍ତନ ଆଣିବାରେ ନିୟୋଜିତ ହେବା ଉଚିତ। ଏଥିପାଇଁ ତୃଣମୂଳସ୍ତରରେ ଗବେଷଣା ହେବା ସହ ବିଜ୍ଞାନ ଓ କାରିଗରି କ୍ଷେତ୍ରରେ ବ୍ୟାପକ ଉନ୍ନତି ଆଣି ଅର୍ଥନୈତିକ ଏବଂ ପ୍ରଗତିର ଶୀର୍ଷ ସ୍ଥାନରେ ଆମ ରାଜ୍ୟକୁ ପହଞ୍ଚାଇବା ମୂଳ ଉଦ୍ଦେଶ୍ୟ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଶୁକ୍ରବାର ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଓଡ଼ିଶା ବିଜ୍ଞାନ ଏକାଡେମୀ ପକ୍ଷରୁ ଆୟୋଜିତ 'ବୈଜ୍ଞାନିକ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ ଉତ୍ସବ-୨୦୨୩' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମକୁ ଅନ୍ତର୍ଜାତୀୟ ସ୍ତରରେ ଆଗକୁ ବଢ଼ିବାକୁ ହେଲେ ବୈଜ୍ଞାନିକ ଆବିଷ୍କାର ଓ ଉଦ୍ଭାବନକୁ ବ୍ୟବହାରକରି ମାନବ ସମାଜର ବିକାଶ ପାଇଁ ଦୀର୍ଘସ୍ଥାୟୀ ଯୋଜନା କରିବାକୁ ପଡ଼ିବ। ବିଜ୍ଞାନ ଏବଂ କାରିଗରିର ଉନ୍ନତି ସହ ଆମକୁ କୃଷି, ସ୍ୱାସ୍ଥ୍ୟ, ଶକ୍ତି, ଶିକ୍ଷା ଓ ପରିବେଶ ବିଷୟରେ ଉନ୍ନତ ଜ୍ଞାନକୌଶଳ ତଥା ଯନ୍ତ୍ରପାତି ଉଦ୍ଭାବନ ଉପରେ ମନୋନିବେଶକରି ବିକାଶର ଗତିକୁ ଆହୁରି କ୍ରିୟାଶୀଳ କରିବାକୁ ପଡ଼ିବ। ଏଥିପାଇଁ ବୈଜ୍ଞାନିକଙ୍କ ପ୍ରଚେଷ୍ଟା ହିଁ ଆମକୁ ସଫଳ କରାଇବ। ଭାରତୀୟ ବିଜ୍ଞାନ ବର୍ତ୍ତମାନ ଖୁବ୍ ଉଚ୍ଚରେ ଅଛି। ମହାକାଶ ବିଜ୍ଞାନରେ ଚନ୍ଦ୍ରୟାନ, ଆଦିତ୍ୟ, ମଙ୍ଗଳୟାନ, ଗଗନୟାନ ଭଳି ଅନେକ ସଫଳ ପରୀକ୍ଷଣ ଆମକୁ ବିଶ୍ୱରେ ଏକ ବୈଜ୍ଞାନିକ ବିକାଶଶୀଳ ଦେଶ ଭାବେ ପ୍ରତିଷ୍ଠିତ କରିପାରିଛି। ଆମର ଜ୍ୟୋତର୍ବିଦ୍ୟା, ଗଣିତ ଓ ଔଷଧ ଶାସ୍ତ୍ର ସାରା ପୃଥିବୀରେ ଅଗ୍ରଣୀ। ଏବେର ଯୁଗର ସବୁଠାରୁ ଲୋକପ୍ରିୟ ସାଇନ୍ସ ସେକ୍ଟର ହେଉଛି ଆଇଟି ସେକ୍ଟର ଏବଂ ବିଶ୍ୱର ପ୍ରାୟ ସମସ୍ତ ଆଇଟି ସେକ୍ଟରରେ ଭାରତୀୟମାନେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ବୈଜ୍ଞାନିକଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଆମର ଆଗାମୀ ପିଢ଼ି ବିଜ୍ଞାନରେ ବୈପ୍ଳବିକ ପରିବର୍ତ୍ତନ ଆଣି ବିଜ୍ଞାନକୁ ସାଧାରଣ ଜନତାଙ୍କ ସେବାରେ ଲଗାଇବେ ଓ ବିଜ୍ଞାନକୁ ଆହୁରି ଲୋକପ୍ରିୟ କରିବାରେ ସହାୟକ ହେବେ। କାର୍ଯ୍ୟକ୍ରମରେ ଯୋଗଦେଇ ବିଜ୍ଞାନ ଓ କାରିଗରି, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ଦିନକୁ ଦିନ ବିଜ୍ଞାନ ପ୍ରତି ଲୋକମାନଙ୍କ ଆଗ୍ରହ ବଢ଼ି ଚାଲିଛି। କାରଣ ବର୍ତ୍ତମାନ ଆମମାନଙ୍କ ଜୀବନଶୈଳୀ, ବିଜ୍ଞାନ ଉପରେ ଅନେକ ମାତ୍ରାରେ ନିର୍ଭରଶୀଳ ହୋଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରଫେସର ରାଜକିଶୋର ପରମଗୁରୁ, ଡ. ଶୁଭ୍ରାଂଶୁ ଶେଖର ମହାପାତ୍ର, ପ୍ରଫେସର କୃଷ୍ଣଚନ୍ଦ୍ର ମହାନ୍ତି ପ୍ରମୁଖଙ୍କୁ ସାମନ୍ତ ଚନ୍ଦ୍ରଶେଖର ପୁରସ୍କାର ଓ ଯୁବ ବୈଜ୍ଞାନିକ ପୁରସ୍କାରରେ ପୁରସ୍କୃତ କରିବା ସହ ଡ. ସରିତ ଶେଖର ପଟ୍ଟନାୟକ, ଡ. ଅପ୍ରମିତା ଚାନ୍ଦ, ଡ. ରାଜେଶ କୁମାର ପୃଷ୍ଟି ଓ ଡ. ସଞ୍ଜୟ କୁମାର ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

## ଆକାଶ ମାର୍ଗରୁ ଶୁଭିଲା ପ୍ରଚଣ୍ଡ ଶବ୍ଦ

**ଭଦ୍ରକ/ବାସୁଦେବପୁର, ୨୮।୩(ସନାତନ ରାଉତ/ନାରାୟଣ ପ୍ରସାଦ ବାରିକ୍):** ଭଦ୍ରକ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶୁକ୍ରବାର ଆକାଶମାର୍ଗରୁ ପ୍ରଚଣ୍ଡ ଶବ୍ଦ ଶୁଣିବାକୁ ମିଳିଛି। ଏହି ଶବ୍ଦ ଶୁଭିବା ସହ ଆକାଶରେ ୨ଟି ଧଳା ଗାର ଦେଖାଯାଇଥିଲା। ଏହାକୁ ନେଇ ଲୋକଙ୍କ ଭିତରେ କିଛି ସମୟ ପାଇଁ ଭୟର ବାତାବରଣ ସୃଷ୍ଟି ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୦ଟା ୪୫ ଓ ଅପରାହ୍ନ ପ୍ରାୟ ୩ଟା ୧୫ ମିନିଟ୍‌ରେ ଏଭଳି ଶବ୍ଦ ଶୁଣିବାକୁ ମିଳିଥିଲା। ଭଦ୍ରକ, ଭଣ୍ଡାରିପୋଖରୀ ଓ ବାସୁଦେବପୁର ଅଞ୍ଚଳକୁ ଏହି ଶବ୍ଦ ଶୁଣାଯିବା ସହ ଆକାଶରେ ଦୁଇଟି ଧଳା ଗାର ପରି ଆସ୍ତରଣ ସୃଷ୍ଟି ହୋଇଥିଲା। ପୂର୍ବରୁ ମଧ ଏକାଧିକବାର ଏପରି ଶବ୍ଦ ଶୁଣିବାକୁ ମିଳିଥିଲା। କିଛିଦିନ ଅନ୍ତରରେ ବାରମ୍ବାର ଏପରି ପ୍ରଚଣ୍ଡ ଶବ୍ଦ ଆକାଶମାର୍ଗରୁ ଶୁଣାଯାଉଥିଲେ ମଧ କେଉଁଠୁ ଏ ଶବ୍ଦ ଆସୁଛି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରୁନାହିଁ।




# ଆଜି ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ

## ଓଡ଼ିଶାରେ ଦୃଶ୍ୟମାନ ହେବନାହିଁ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଚଳିତ ବର୍ଷର ପ୍ରଥମ ଆଂଶିକ ସୂର୍ଯ୍ୟୋପରାଗ ଶନିବାର ସଂଗଠିତ ହେବ। ଉତ୍ତର ଆମେରିକା, ଗ୍ରୀନ୍‌ଲ୍ୟାଣ୍ଡ, ଆଇସ୍‌ଲ୍ୟାଣ୍ଡ, ଉତ୍ତର ଆଟ୍‌ଲାଣ୍ଟିକ ମହାସାଗର, ୟୁରୋପ ଏବଂ ଉତ୍ତର-ପଶ୍ଚିମ ରୁଷିଆରେ ଏହା ଦୃଶ୍ୟମାନ ହେବ। ତେବେ ବର୍ଷର ପ୍ରଥମ ସୂର୍ଯ୍ୟୋପରାଗ ଭାରତ କିମ୍ବା ଓଡ଼ିଶାରେ ଦୃଶ୍ୟମାନ ହେବନାହିଁ। ଏହା ଭାରତୀୟ ସମୟ ଦିନ ୨ଟା ୨୦ରୁ ଆରମ୍ଭ ହୋଇ ୪ଟା ୧୭ ମିନିଟରେ ସର୍ବାଧିକ ପରାଗ ୯୦% ହେବ। ସେହିପରି ଅପରାହ୍ନ ୪ଟା ୧୪ ମିନିଟରେ ପରାଗ ଶେଷ ହେବ ବୋଲି ଜ୍ୟୋତିର୍ବିଜ୍ଞାନୀ ଡ. ଶୁଭେନ୍ଦୁ ପଟ୍ଟନାୟକ ସୂଚନା ଦେଇଛନ୍ତି। ପରାଗ ସମୟରେ ପୃଥିବୀ, ଚନ୍ଦ୍ର ଓ ସୂର୍ଯ୍ୟର ଅବସ୍ଥିତି ଅନୁସାରେ ଆଂଶିକ, ପୂର୍ଣ୍ଣ ଏବଂ ବଳୟ ସୂର୍ଯ୍ୟୋପରାଗ ଘଟିଥାଏ। ପ୍ରତ୍ୟେକ ପୂର୍ଣ୍ଣ ସୂର୍ଯ୍ୟୋପରାଗ ପୂର୍ବରୁ ଓ ପରେ ଆଂଶିକ ପରାଗ ଦେଖାଯାଏ। ବେଳେବେଳେ ପୂର୍ଣ୍ଣ ଓ ବଳୟ ପରାଗ ମିଶିକରି ଦେଖାଯାଏ। ସୂର୍ଯ୍ୟ ଚାରିପଟେ ପୃଥିବୀ ଓ ପୃଥିବୀ ଚାରିପଟେ ଚନ୍ଦ୍ର ଏକ ନିର୍ଦ୍ଦିଷ୍ଟ କକ୍ଷ ପଥରେ ବୁଲୁଛନ୍ତି। ବେଳେବେଳେ ଏକ ସରଳ ରେଖାରେ ତିନୋଟି ପିଣ୍ଡ ରହିଲେ ହିଁ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣ ଘଟିଥାଏ। ସୂର୍ଯ୍ୟୋପରାଗ ସମୟରେ ପୃଥିବୀ ଓ ସୂର୍ଯ୍ୟ ମଝିରେ ଚନ୍ଦ୍ର ରହିଥାଏ ଓ ଚନ୍ଦ୍ରର ଛାଇ ପଡୁଥିବା ଅଞ୍ଚଳର ଲୋକମାନେ କିଛି ସମୟ ପାଇଁ ସୂର୍ଯ୍ୟକୁ ଦେଖିପାରନ୍ତି ନାହିଁ। ସୂର୍ଯ୍ୟୋପରାଗ କେବଳ ଅମାବାସ୍ୟା ଦିନ ହିଁ ଘଟିବା ସମ୍ଭବ ହୋଇଥାଏ। ଅନ୍ୟପକ୍ଷରେ ଆସନ୍ତା ସେପ୍ଟେମ୍ବର ୭-୮ ତାରିଖରେ ସମଗ୍ର ଭାରତ ସହ ଏସିଆ, ୟୁରୋପ, ଆଣ୍ଟାର୍କଟିକା, ପଶ୍ଚିମ ପ୍ରଶାନ୍ତ ମହାସାଗର, ଅଷ୍ଟ୍ରେଲିଆ ଏବଂ ଭାରତ ମହାସାଗରର କିଛି ଅଞ୍ଚଳରେ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ଦୃଶ୍ୟମାନ ହେବ।

# କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୨% ବଢ଼ିଲା

ନୂଆଦିଲ୍ଲୀ,୨୮।୩

କେନ୍ଦ୍ର ସରକାର ଶୁକ୍ରବାର କେନ୍ଦ୍ରୀୟ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା (ଡିଏ) ଏବଂ ପେନ୍‌ସନଭୋଗୀଙ୍କ ମହଙ୍ଗା ସହାୟତା (ଡିଆର୍) ୨ ପ୍ରତିଶତ ବଢ଼ାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ କେନ୍ଦ୍ର କ୍ୟାବିନେଟ ବୈଠକ ବସି ମହଙ୍ଗା ଭତ୍ତା ଓ ମହଙ୍ଗା ସହାୟତାର ଅତିରିକ୍ତ କିସ୍ତିକୁ ମଞ୍ଜୁର କରାଯାଇଛି। ଗତ ଜାନୁଆରୀ ୧ରୁ ଏହା ପିଛିଲା ଭାବେ ଲାଗୁ ହେବ। ଏହି ସଂଶୋଧନ ଫଳରେ କର୍ମଚାରୀମାନଙ୍କ ମୂଳ ଦରମା ଏବଂ ପେନ୍‌ସନ ଉପରେ ଡିଏ ଏବଂ ଡିଆର୍ ବର୍ତ୍ତମାନର ୫୩ ପ୍ରତିଶତରୁ ବଢ଼ି ୫୫ ପ୍ରତିଶତ ହୋଇଛି। ମୁଦ୍ରାସ୍ଫୀତି ବଢ଼ିଥିବାରୁ ସରକାରୀ କର୍ମଚାରୀ ଏବଂ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ଆର୍ଥିକ ସହାୟତା ସ୍ୱରୂପ ଡିଏ ଏବଂ ଡିଆର୍ ବଢ଼ାଇବାକୁ ନିଷ୍ପତ୍ତି ହୋଇଥିଲା। ଏହାଦ୍ୱାରା ୪୮.୬୬ ଲକ୍ଷ କେନ୍ଦ୍ରୀୟ ସରକାରୀ କର୍ମଚାରୀ ଏବଂ ୬୬.୫୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ ଏବଂ ଏ ବାବଦରେ ସରକାରଙ୍କୁ ବର୍ଷକୁ ୬,୬୧୪.୦୪ କୋଟି ଟଙ୍କା ବ୍ୟୟଭାର ବହନ କରିବାକୁ ପଡ଼ିବ।



INDIA'S FIRST 5 YEAR WARRANTY* *Conditions apply

Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. Finance scheme is at the sole discretion of the financier, subject to its respective T&Cs. Available at select dealerships. Offer amount and combination of offer may vary for model/variant and states and it is applicable on select models only. Ex showroom price of Pleasure+ LX in Bhubaneswar. For more details, please visit your nearest authorised Hero outlet. ^^Terms and Conditions apply.

TOLL FREE 1800 266 0018

**Authorized Dealers: Bhubaneswar:** Rohan Hero - 9289922474, Bharat Hero - 9289922180, DD Hero - 0674-2747448 / 9439650824, Arundhati Hero - 9289923183, **Cuttack:** JMG Hero - 9289922178, Sunny Hero - 9289922697, Essen Hero - 9289923078, **Angul:** Parbati Hero - 9289922902, **Balasore:** Neelam Hero - 9289922519, **Baripada:** Aditya Hero - 7799766370, **Bhadrak:** Sanjib Hero - 9289922608, **Chandikhol:** S. K. Hero - 9289922900, **Jajpur Road:** Soumik Hero - 9289922611, **Jaleswar:** Sai Hero - 9289922844, **Jatni:** Vishal Hero - 9289922984, **Keonjhar:** Supreme Hero - 9289922182, **Nayagarh:** Bhagabati Hero - 9289922687, **Puri:** Sanjib Hero - 9289923107, **Behrampur:** Lakshmi Motors, **Dharma Nagar** - 9289922184, Lakshmi Automotives, **Gajapati Nagar** - 9289923187, **Jeypore:** Supreme Hero - 9289922183, **Phulbani:** Narayani Hero - 9289922991, **Raygada:** Ajit Hero - 9289922819, **Bargarh:** Aakash Hero - 9289922181, **Bhawanipatna:** Arundhati Hero - 9289922837, **Bolangir:** Arundhati Hero - 9289923033, **Jharsuguda:** Vijaylaxmi Hero - 9289922595, **Rourkela:** Dua Hero - 9289922179, **Sambalpur:** Sri Shyam Hero - 9289922484, **Sonepur:** Jai Jawan Hero - 9289922800, **Sundergarh:** Robotech Hero - 9289923063, **Dhenkanal:** Som Hero - 9289922614, **Talcher:** Tarini Hero - 9289922736, **Jagatsinghpur:** Sunny Autobikes - 9289233592, **Authorized HeroSure Dealers: Bhubaneshwar:** Arundhati Motobikes - 7682841658, **Rourkela:** Dua Motors - 6372753989, **Jeypore:** Supreme Sales - 8144822656, **Associate Dealers: Rahama:** Sarala Automobiles - 9937018532, **Nimapara:** Basudev Automobiles -9861020724, **Pipili:** Shri Ram Motors - 9437110789, **Khamakhyanagar:** Reliance Automobiles - 9938435743, **Chendipada:** Tara Motors - 8018339414, **Balugaon:** Mahamayee Motors - 9437004624, **Khurdha:**Dinesh Trading Co. - 9778097876, **Sakhigopal:** Sai Motors - 9439765820, **Begunia:** Rashmi Automobiles - 9178316145, **Laxmipur:** Tarini Motors - 7205862853, **Rajgangpur:** Kedia & Kedia - 9437152881, **Brajrajnagar:** Bina Motors - 9861078290, **Belpahar:** Varsha Motors - 9437058417, **Deogarh:** Jindal Motors - 9437056659, **Bamra:** Choudhury Motors - 9938274720, **Baliapal:** Baba Motors - 8093603116, **Soro:** Twinkle Motors - 9861594852, **Kendrapara:** Baishnabi Motors - 9437089454/9853471301, **Barbil:** Wheels Motors - 9776931870, **Pattamundai:** Mishra Auto - 9853843713, **Basta:** Shivam Motors - 7735958754, **Rairangpur:** Maa Sakambari Motors - 7008581719, **Khuakia:** Binayak Automobiles - 9090444379, **Jajpur Town:** Ayush Automobiles - 9556189870, **Mayurbhanj:** JK Motors - 9040909925, **Semiliguda:** K P Enterprises - 9437233464, **Parlakhemundi:** Preetam Enterprises - 9438685535, **Nabarangpur:** Arun Sales & Service - 9437174795, **Bhanjanagar:** Rebati Motors - 9438279794/9937015509, **Narsinghpur:** Ambika Motocorp - 9861811411, **Gunpur:** M/s Sai Sharan Automobiles - 9437234012, **Malkangiri:** Kanishka Automobiles - 9437181980, **Kotpad:** Shai Automobiles - 7205593156, **Umerkote:** Bharat Sales - 9937455659/9777765563, **Junagarh:** Shree Bimala Motors - 9668287479, **Rajakhariar:** Jagdamba Auto Combines - 9937002262, **Boudh:** Bansal Auto - 9437062948, **Nuapada:** Maruti Auto - 9178014999, **Padampur:** Debesh Motors - 9437253970, **Barpalli:** Durga Motors - 9861265979, **Titlagarh:** Sneha Motors - 9853925879, **Mayurbhanj:** Mahaveer Motors - 7326872255/9853290346, **Baliguda:** Sai Automobiles - 9827843657, **Patrapur:** Ronak Motors - 9030985084, **Balipatna:** M/S Jagannath Motors - 7064309702, **Kalimela:** Laxminiyati Motors - 9861002055, **Chandpur:** Apsara - 9861418161, **Subdega:** JDJ Automobiles - 8018714096, **Bissam cuttack:** Patnaik Motors - 7008615208, **Basudevpur:** Bidyalalita Automobile - 9827487072, **Telkoi:** Panchamukhi Motors - 9717004926, **Tikabali:** M/S Maa Rudrakali Automobiles - 7846961367, **Kamrda:** Siddhivinayak Motors - 7208675074, **Jagdalpur:** Kiran Sales - 9827654949, **Kesinga:** Annapurna Automobile - 7978787287, **M.Rampur:** Aruna Automobiles - 8114331356.

VML.5792.2024

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଆଦିବାସୀ ପ୍ରଦର୍ଶନୀ ପଡ଼ିଆ, ସକାଳ ୮ଟା।, ସାଧାରଣ ସଭା, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା।
- ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଦିବସରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ପାଖ ଛକ, ସମୟ: ସକାଳ ୮ଟା ୩୦।
- ୟୁଥ୍ ରେଡକ୍ରସ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଆଡ୍‌ମିନିଷ୍ଟ୍ରେଟିଭ୍ ବ୍ଲକ, ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ସକାଳ ୯ଟା।
- ଉତ୍କଳ ସମ୍ମିଳନୀ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାଏକଙ୍କ ବଳିଦାନ ଦିବସ ଅବସରରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: କଳିଙ୍ଗ ଡାକ୍ତରଖାନା ଛକ, ସମୟ: ସକାଳ ୯ଟା।
- ବିଶ୍ୱ ଡାଉନ୍‌ସିଣ୍ଡ୍ରୋମ୍ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ସକାଳ ୯ଟା।
- ନିଖିଳ ଓଡ଼ିଶା ପାଇକ ମହାସଂଘ ପକ୍ଷରୁ ପାଇକ ବିଦ୍ରୋହ ଦିବସ ପାଳନ, ସ୍ଥାନ: ବକ୍ସି ଜଗବନ୍ଧୁଙ୍କ ପ୍ରତିମୂର୍ତ୍ତି ନିକଟ, ରାଜ୍ୟ ସଂଗ୍ରହାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଗବେଷଣା କେନ୍ଦ୍ର ପକ୍ଷରୁ 'ସମୟ ସାଗର ତୀରେ: ଓଡ଼ିଶାର ସାମୁଦ୍ରିକ ଐତିହ୍ୟ ଓ ନୀଳ ଅର୍ଥନୀତିର ଭବିଷ୍ୟତ' ଶୀର୍ଷକ କର୍ମଶାଳା, ସ୍ଥାନ: ଆଇଏମ୍‌ଏମ୍‌ଟି ଏସ୍‌ଏସ୍ ଭଟ୍‌ନାଗର ହଲ୍, ଆଚାର୍ଯ୍ୟ ବିହାର, ସମୟ: ପୂର୍ବାହ୍ନ ୧୦ଟା।
- ଅଲ୍ ଓଡ଼ିଶା ପେଣ୍ଟିଂ ଆର୍ଟିଷ୍ଟ ୱାର୍କର୍ସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା ଏବଂ ଦାବିପତ୍ର ପ୍ରଦାନ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଅଲ୍ ଇଣ୍ଡିଆ ଡେମୋକ୍ରାଟିକ୍ ୟୁଥ୍ ଅର୍ଗାନାଇଜେଶନ (ଏଆଇଡିୱାଇଓ) ପକ୍ଷରୁ ରାଜ୍ୟସ୍ତରୀୟ ଯୁବ ସମାବେଶ, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ 'ସାହିତ୍ୟ ମାସିକୀ', ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ ଗୃହ, ସମୟ: ସନ୍ଧ୍ୟା ୬ଟା।
- ପଦାମୃତ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ୩ୟ ଉର୍ଜା, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।

## ପୁରୀ

- ଗୁରୁକୁଳ ଉତ୍ସବ, ସ୍ଥାନ: ରାମହରି ଦାସ ଓଡ଼ିଶୀ ଗୁରୁକୁଳ, ବଡ଼ହାଟ, ବୀରଗୋବିନ୍ଦପୁର, ସାକ୍ଷୀଗୋପାଳ, ସମୟ: ସନ୍ଧ୍ୟା ୬ଟା ୩୦।

## ଖୋର୍ଦ୍ଧା

- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ:ବାଲୁଙ୍କେଶ୍ୱର ଦେବଙ୍କ ପୀଠ, ଗୋବିନ୍ଦପୁର, ବେଗୁନିଆ,ସମୟ: ସକାଳ ୭ଟା।
- ଶ୍ରୀରାମଚରିତ ନବାହ୍ନ ପାରାୟଣ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ,ସମୟ: ସକାଳ ୭ଟା।
- ପ୍ରବଚନ, ଜ୍ଞାନଯଜ୍ଞ ଓ ଆଧ୍ୟାତ୍ମିକ ସମାରୋହ, ସ୍ଥାନ: ବେଗୁନିଆ ଦୁର୍ଗାମଣ୍ଡପ, ସମୟ: ସନ୍ଧ୍ୟା ୭ଟା ୩୦।

## ବାଲେଶ୍ୱର

- ବାଲେଶ୍ୱର ବାର ଆସୋସିଏଶନ ନିର୍ବାଚନ, ସ୍ଥାନ: କଚେରୀ ପରିସର, ବାଲେଶ୍ୱର, ସମୟ: ସକାଳ ୭ଟା ୩୦।
- ସାହିତ୍ୟ ସେମିନାର, ସ୍ଥାନ: ସିମୁଳିଆ କଲେଜ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା
- ୨୩ତମ ବିବେକ ଉତ୍ସବ ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ଈଶ୍ୱରବର୍ତ୍ତୀ ମନ୍ଦିର ପ୍ରାଙ୍ଗଣ, ବସ୍ତା, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଭଦ୍ରକ ଓକିଲ ସଂଘ ନିର୍ବାଚନ, ସ୍ଥାନ: ପୁରୁଣା କୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୭ଟା ୩୦।
- ବାରୁଣୀ ଯଜ୍ଞର ୪ର୍ଥ ଦିବସ, ସ୍ଥାନ: ମାଳିଅରୁଆ କୁଣ୍ଡିକାଳୀ ପୀଠ, ଭଦ୍ରକ, ସମୟ: ସକାଳ ୯ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା, ସ୍ଥାନ: ଆକୁଳିକଣା, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ନିର୍ବାଚନ, ସ୍ଥାନ: ଚାନ୍ଦବାଲି କୋର୍ଟ ପରିସର, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ଅପରାହ୍ନ ୪ଟା ୩୦।

## କେନ୍ଦୁଝର

- ବିରିଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ, ସ୍ଥାନ: ବିରିଡ଼ିହା, ଆନନ୍ଦପୁର, ସମୟ: ସକାଳ ୭ଟା ୩୦।
- ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ୧୯ତମ ଜିଲା ସମାବେଶ, ସ୍ଥାନ: କେନ୍ଦୁଝର ରୋଟାରୀ ଭବନ, ସମୟ: ପୂର୍ବାହ୍ନ ୧୦ ଟା ୩୦।
- ବଡ଼ବିଲ ଆଇନ୍‌ଜୀବୀ ସଂଘ ନିର୍ବାଚନ, ସ୍ଥାନ: କୋର୍ଟ ପରିସର, ବଡ଼ବିଲ, ସମୟ: ସକାଳ ୭ ଟା ୩୦ ରୁ ଅପରାହ୍ନ ୪ ଟା।

## ମୟୂରଭଞ୍ଜ

- ୯ କୁଣ୍ଡିୟ ଗାୟତ୍ରୀ ମହାଯଜ୍ଞର ନବକୁଣ୍ଡୀୟ ଯଜ୍ଞ,ସ୍ଥାନ: ଗାୟତ୍ରୀ ଆଶ୍ରମ, ଶ୍ରୀରାମକୁଞ୍ଜ, ବୈଶିଙ୍ଗା, ବେତନଟୀ,ସମୟ:ସକାଳ ୯ଟା ।
- ସଂସ୍କୃତ ବିଭାଗର ସେମିନାର, ସ୍ଥାନ:ଚିତ୍ରଡ଼ା ମହାବିଦ୍ୟାଳୟ,ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।
- ମା' ଶୀତୁଳା ଦେବୀଙ୍କ ସାର୍ବଜନୀନ ପୂଜା, ସ୍ଥାନ: ନୂଆସାହି, ବଡ଼ସାହି, ସମୟ: ଅପରାହ୍ନ ୨ଟା ଘଟ ଉତ୍ତୋଳନ ଓ ସନ୍ଧ୍ୟା ୭ଟା ପାଲା ପରିବେଷଣ।
- ସବ୍‌ଡିଭିଜନସ୍ତରୀୟ ଛଉନୃତ୍ୟ ପ୍ରତିଯୋଗିତା, ସ୍ଥାନ: ନିରୁଆପଦା, ମୋରଡ଼ା,ସମୟ: ଅପରାହ୍ନ ୫ଟା।

## ବ୍ରହ୍ମପୁର

- ଲକ୍ଷ୍ମଣ ନାୟକଙ୍କ ଶହୀଦ ଦିବସ ସମାରୋହ, ସ୍ଥାନ: ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ, ସମୟ: ସନ୍ଧ୍ୟା ୬ଟା ।

## ଗଞ୍ଜାମ

- ଶନିଦେବଙ୍କ ମନ୍ଦିରରେ ଶନି ଅମାବାସ୍ୟ ଉତ୍ସବ ପାଳନ, ସ୍ଥାନ: ସୁନାମ୍ବସାହି ଆସିକା, ସମୟ: ସକାଳ ୮ଟା।
- ଶ୍ରୀ ଅରବିନ୍ଦ ଦିବ୍ୟଚେତନା ଆଶ୍ରମ, ଶ୍ରୀ ଅରବିନ୍ଦ ପାଠଚକ୍ର ଓ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ, ସ୍ଥାନ: ରେଡ୍ଡି ଦାମୋଦରପଲୀ ଆସିକା, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ଆର୍ଟ ଅଫ୍ ଲିଭିଂ ଆନୁକୂଲ୍ୟରେ ୩ ଦିନିଆ ଶାରୀରିକ ସୁସ୍ଥତା କର୍ମଶାଳା, ସ୍ଥାନ: ବନ୍ଦର ଚିକିତ୍ସାଳୟ,ବଡ଼ପଡ଼ିଆ, ପାରାଦୀପ, ସମୟ: ସକାଳ ୮ଟା।

## କେନ୍ଦ୍ରାପଡ଼ା

- ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ତିଲଙ୍ଗ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।
- ବାରୁଣୀ ମେଳା, ସ୍ଥାନ: ଉତ୍ତେରେଶ୍ୱର ମହାଦେବ ପୀଠ, ଚିତ୍ରୋତ୍ପଳା ନଦୀ ପଠା, ପାଟକୁରା, ଗରଦପୁର, ଇନ୍ଦୁପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୬ଟା।
- ଶ୍ରୀ ସଙ୍କଟମୋଚନ ହନୁମାନ ଦେବଙ୍କ ନବକଳେବର ଓ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସଂସାରଫଳ, ରାଜନଗର, ସମୟ: ସକାଳ ୬ଟା।

## ଯାଜପୁର

- ବ୍ୟାସ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ୧୭ତମ ସୌମିକ ହିରୋ ବ୍ୟାସନଗର ପ୍ରିମିୟର ଲିଗ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ଏନସି ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା।

## ନୟାଗଡ଼

- ବୈଷ୍ଣୋଦେବୀଙ୍କ ପୀଠରେ ଶକ୍ତି ଓ ଉପାସନାର ମହାପର୍ବ ନବରାତ୍ରୀର କଳସ ଯାତ୍ରା ଓ ଯଜ୍ଞ ଆରମ୍ଭ, ସ୍ଥାନ: ଓନଗାଁ ବ୍ଲକର ଜାମୁକୋଣ ପାହାଡ, ସମୟ:ସକାଳ ୮ଟା।
- ଦଶଦୋଳ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ନୟାଗଡ ବ୍ଲକର ଇଟାମାଟି, ସମୟ:ଅପରାହ୍ନ ୪ଟା।
- ଦଶଦୋଳ ଯାତ୍ରାର ଷଷ୍ଠ ଦିବସ, ସ୍ଥାନ: ରଣପୁର ବ୍ଲକର ଚାନ୍ଦପୁର ଦଶଦୋଳ ପଡିଆ, ସମୟ:ଅପରାହ୍ନ ୪ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ, ନବାହ୍ନ ପାରାୟଣର ଅୟମ୍ଭାରମ୍ଭ, ସ୍ଥାନ:ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ପୂର୍ବାହ୍ନ ୯ଟା।
- ୨ୟ ଅଯୋଦ୍ଧାରେ ଶ୍ରୀରାମ ଜନ୍ମୋତ୍ସବ ଓ ନବାହ୍ନ ପାରାୟଣ ଅବସରରେ ପ୍ରବଚନରେ ନାମ ମହାତ୍ମ୍ୟ, ଶିବ ପାର୍ବତୀ ବିବାହ ଓ ସତ୍‌ସଙ୍ଗର ମହାତ୍ମ୍ୟ, ସ୍ଥାନ:ଭାପୁର ବ୍ଲକର ଫତେଗଡ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ:ଓଡ଼ଗାଁ ରାଧାକାନ୍ତ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ:ସକାଳ ୮ଟା।
- ଅନ୍ତୋଦୟ ଗୃହ ଯୋଜନାର ଶୁଭାରମ୍ଭ, ସ୍ଥାନ:ଗଣିଆ ବ୍ଲକ କାର୍ଯ୍ୟାଳୟ, ସମୟ:ଅପରାହ୍ନ ୩ଟା।
- ମହିଳା ସଶକ୍ତୀକରଣରେ ମହିଳାଙ୍କ ଭୂମିକା ଉପରେ ସହଯୋଗ ଉଦ୍ଦେଶ୍ୟରେ ଜିଲାସ୍ତରୀୟ ସମାବେଶ , ସ୍ଥାନ:ନୟାଗଡ ଜିଲା ପରିଷଦ ସମ୍ମିଳନୀ କକ୍ଷ ସୃଜନ, ସମୟ:ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ସହିଦ ଲକ୍ଷ୍ମଣ ନାୟକଙ୍କ ଶ୍ରାଦ୍ଧ ଦିବସ ପାଳନ, ସ୍ଥାନ: ରାୟଗଡ଼ା ଶାସ୍ତ୍ରୀ ନଗରସ୍ଥିତ ସହିଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି, ସମୟ: ସକାଳ ୮ ଟା।
- ଗୁଣପୁର ଓକିଲ ସଂଘ ନିର୍ବାଚନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସକାଳ ୮ଟା।
- ରାୟଗଡା ଜିଲା ଉଗାଦି ଉତ୍ସବ କମିଟି ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା, ସ୍ଥାନ: ତେଜସ୍ୱ ହୋଟେଲ ପାଖ ପଡିଆ, ରାୟଗଡା, ସମୟ: ପୂର୍ବାହ୍ନ ୧୧ ଟା।
- ସର୍ବ ମଙ୍ଗଳାଙ୍କ ଚଇତ୍ର ଘଟଯାତ୍ରା ଉପଲକ୍ଷେ ମା' ଗ୍ରାମଦେବୀଙ୍କ ଆବାହନ ପୂଜା, ସ୍ଥାନ: ଗୁଣପୁର ଡେରା ସାହି ମନ୍ଦିର, ସମୟ: ସନ୍ଧ୍ୟା ୫ ଟା।

## ନବରଙ୍ଗପୁର

- ଓକିଲ ସଂଘ ନିର୍ବାଚନ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ ୮ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ତିରୋଧାନ ଦିବସ, ସ୍ଥାନ: ଲକ୍ଷ୍ମଣ ନାୟକ ବିଦ୍ୟାଳୟ, ନବରଙ୍ଗପୁର, ସମୟ: ସକାଳ ୮ଟା ୩୦।
- ନବରଙ୍ଗପୁର ସୀମାନ୍ତ ସାହିତ୍ୟ ପରିବାର ପକ୍ଷରୁ ମହାବିଦ୍ୟାଳୟସ୍ତରୀୟ ସାହିତ୍ୟ ତଥା ସଂସ୍କୃତି ଭିତ୍ତିକ ପ୍ରତିଯୋଗିତା, ସ୍ଥାନ: ନବରଙ୍ଗପୁରସ୍ଥିତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ, ଡାବୁଗାଁ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସେମିଳିଗୁଡା ଓକିଲ ସଂଘ ନିର୍ବାଚନ, ସ୍ଥାନ: କୋର୍ଟ ପରିସର, ସେମିଳିଗୁଡା, ସମୟ:ସକାଳ ୭ଟା ୩୦।
- ଓକିଲ ସଂଘ ନିର୍ବାଚନ, ସ୍ଥାନ: ଜିଲା ଓକିଲ ସଂଘ କାର୍ଯ୍ୟାଳୟ, ଜୟପୁର, ସମୟ: ସକାଳ ୭ଟା ୩୦।
- କୋରାପୁଟ ଓକିଲ ସଂଘର ନିର୍ବାଚନ, ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, କୋରାପୁଟ, ସମୟ: ସକାଳ ୮ଟା।
- ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ସ୍ଥାନ: ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତି, ପୁରୁଣା ହସପିଟାଲ, ଜୟପୁର, ସମୟ: ସକାଳ ୮ଟା ୩୦।
- ଗ୍ରୀଷ୍ମ ପ୍ରବାହ ନେଇ ମୁଖ୍ୟ ଶାସନ ସଚିବଙ୍କ ଭରଚୁଆଲ ମୋଡ଼ରେ ସମୀକ୍ଷା ବୈଠକ, ସ୍ଥାନ: ଓସ୍‌ୱାନ ହଲ, କୋରାପୁଟ, ସମୟ: ଅପରାହ୍ନ ୫ଟା।
- ନୀଳମଣି ଜିଙ୍କ ପ୍ରବଚନ କାର୍ଯ୍ୟକ୍ରମର ଶେଷ ଦିନ, ସ୍ଥାନ: ଆରଟିଓ କାର୍ଯ୍ୟାଳୟ ନିକଟ ପଡିଆ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

## ମାଲକାନଗିରି

- ମାଥିଲି ବ୍ଲକ ମେକା ପଞ୍ଚାୟତ ଆଶ୍ରମ ବିଦ୍ୟାଳୟ ବାର୍ଷିକ ଉତ୍ସବ
- ସ୍ଥାନ– ସ୍କୁଲ ପରିସର, ସମୟ– ପୂର୍ବାହ୍ନ ୧୧ଟା ।
- ବନଗୁରୁ କଲୋନୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ– ଚିତ୍ରକୋଣ୍ଡା, ସମୟ– ଅପରାହ୍ନ ୧.୩୦ ମିନିଟ
- ଚିତ୍ରକୋଣ୍ଡା ଡିଆଇଟିର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ସ୍ଥାନ– ଚିତ୍ରକୋଣ୍ଡା, ସମୟ– ଅପରାହ୍ନ ୪ଟା ।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୬ଟା ।
- ଜିଲା ଓକିଲ ସଂଘ ନିର୍ବାଚନ ପାଇଁ ଭୋଟ ଗ୍ରହଣ, ସମୟ : ସକାଳ ୭ଟା, ସ୍ଥାନ ଜିଲା ଓକିଲ ସଂଘ ସଭାକକ୍ଷ ।
- ସିଦ୍ଧେଶ୍ୱରୀ ଧର୍ମ ସଂସଦର ବୈଠକ, ସ୍ଥାନ:ମୁଦିପଡା ସ୍ଥିତ ଜୀବନ କ୍ଲବ, ସମୟ : ପୂର୍ବାହ୍ନ ୧୦ଟା ।
- ସମ୍ବଲ ଆୟୋଜନରେ ରକ୍ତଦାନ ଶିବିର, ସ୍ଥାନ : ଜିଲା ରକ୍ତ ଭଣ୍ଡାର, ସମୟ : ପୂର୍ବାହ୍ନ ୧୦ଟା ।
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ବୈଠକ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ପୂର୍ବାହ୍ନ ୧୦ଟା ।

## ବଲାଙ୍ଗୀର

- ମହାରାଜା ଆରଏନ୍ ସିଂଦେଓ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ୍, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା ।

## ରାଉରକେଲା

- ଚୈତ୍ର ନବରାତ୍ର ଆରମ୍ଭ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୬ଟା।
- ଡା.ଏସ୍. ଏସ୍. ଦାସ ମେମୋରିଆଲ ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର, ସ୍ଥାନ: ଟୁକୁଡ଼ା ପଞ୍ଚାୟତ, ସମୟ: ସକାଳ ୯ଟା।
- ସାଇ ସରଗମ ପକ୍ଷରୁ ମ୍ୟୁଜିକାଲ ନାଇଟ୍, ସ୍ଥାନ: ସେକ୍ଟର–୨୦ ରାଉରକେଲା କ୍ଲବ, ସମୟ: ପୂର୍ବାହ୍ନ ୧୦ଟା।
- ପାନୀୟ ଜଳ ସମସ୍ୟା ନେଇ ୱାଟକୋ ଅଧିକାରୀଙ୍କୁ ସାକ୍ଷାତ, ସ୍ଥାନ: ଉଦିତନଗର କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ପ୍ରଥମ ମୁକ୍ତ ଜାତୀୟ ଯୋଗାସନ ସ୍ପୋର୍ଟ ଚାମ୍ପିୟନଶିପ୍, ସ୍ଥାନ: ଦାଣ୍ଡିଆପାଲୀ ଜେପି କନଭେନଶନ ସେଣ୍ଟର, ସମୟ: ଅପରାହ୍ନ ୨ଟା।
- ରାଉରକେଲା ଦିବସ ପାଇଁ ଓଡ଼ିଆ ମେଲୋଡି ନାଇଟ୍, ସ୍ଥାନ: ସେକ୍ଟର–୧୩ ମେଳଣ ପଡ଼ିଆ ଛକ, ସମୟ: ସନ୍ଧ୍ୟା ୬ଟା।
- ବସନ୍ତ ମହୋତ୍ସବ, ସ୍ଥାନ: ମ୍ୟୁଜିକ ସର୍କଲ, ଛେଣ୍ଡ, ସମୟ: ସନ୍ଧ୍ୟା ୬ଟା ୩୦।

## ସୁନ୍ଦରଗଡ଼

- ନବଜୀବନ ଅନୁଷ୍ଠାନର ବସନ୍ତ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟାର ନାଟକ କଳାମଲ୍ଲୀ, ସ୍ଥାନ: ସଂସ୍କୃତି ଭବନ, ସୁନ୍ଦରଗଡ, ସମୟ: ସନ୍ଧ୍ୟା ୬ଟା ୩୦।

## ବରଗଡ଼

- ଜାଗୃତି ହାଇସ୍କୁଲର ରୌପ୍ୟ ଜୟନ୍ତୀ, ସ୍ଥାନ: ଦୁଲମପୁର, ଅତାବିରା,ସମୟ:ସକାଳ ୯ଟା।
- ସମଲେଶରୀଙ୍କ ବାସନ୍ତୀକ ପୂଜନୋତ୍ସବରେ କଳସଯାତ୍ରା,ସ୍ଥାନ:ବର ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ: ପୂର୍ବାହ୍ନ ୯ଟା ୫୫ମିନିଟ।
- ବାସନ୍ତୀକ ନବ ଦିନାତ୍ମକ ପୂଜା ମହୋତ୍ସବ, ସ୍ଥାନ:ଶ୍ୟାମାକାଳୀ ମନ୍ଦିର, ବରଗଡ଼,ସମୟ: ପୂର୍ବାହ୍ନ ୧୧ଟା ୩୦।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ପାଇଁ କଳସଯାତ୍ରା, କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ସରକଣ୍ଡା ସାପ୍ତାହିକ ବଜାର, ବରଗଡ଼, ସମୟ : ଅପରାହ୍ନ ୪ଟା।
- ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ପାଇଁ କଳସଯାତ୍ରା,କବି ଗଙ୍ଗାଧର ମେହେରଙ୍କ ପ୍ରତିମୂର୍ତ୍ତି ସ୍ଥାପନ, ସ୍ଥାନ: ଦୁର୍ଗା ମନ୍ଦିର ପରିସର, ସୋହେଲା, ସମୟ: ଅପରାହ୍ନ ୪ଟା ୩୩।
- କବି ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧୋତ୍ସବ, ସ୍ଥାନ: ଗଙ୍ଗାଧର କଲ୍ୟାଣ ମଣ୍ଡପ, ବରପାଲି, ସମୟ: ସନ୍ଧ୍ୟା ୬ଟା ୩୦।

## କଳାହାଣ୍ଡି

- ଜନସମ୍ପର୍କ ଶିବିର, ସ୍ଥାନ: ସିଆର୍‌ପିଏଫ୍ କ୍ୟାମ୍ପ, ଗୁଣ୍ଡୁପୁର, ଥୁଆମୂଳ ରାମପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଲାଞ୍ଜିଗଡ଼ ବ୍ଲକ ମସ୍କାପଦର ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ଦେବଗଡ଼

- ରକ୍ତଦାନ ଶିବିର, ସ୍ଥାନ: ଆଦର୍ଶ ଥାନ ଦେବଗଡ଼, ସମୟ: ସକାଳ ୭ଟା।
- ଚୁହିଲାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଚୁହିଲାମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରିଆମାଳ ବ୍ଲକ, ସମୟ: ଅପରାହ୍ନ ୫ଟା।
- ବାସନ୍ତିକ ନବରାତ୍ର ପୂଜାରେ କଳସ ଯାତ୍ରା, ଅଙ୍କୁରା ରୋପଣ, ସ୍ଥାନ: ପ୍ରଧାନପାଟ ଜଳପ୍ରପାତରୁ ଶନି ମନ୍ଦିର, ସମୟ: ଅପରାହ୍ନ ୫ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ପୁରୁଣାଗଡ଼ ମଞ୍ଚମୁଖୀ ହନୁମାନ ମନ୍ଦିର, ଦେବଗଡ଼ ସହର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ସୁବର୍ଣ୍ଣପୁର ଜିଲା ଓକିଲ ସଂଘ ନିର୍ବାଚନ, ସ୍ଥାନ:ଓକିଲ ସଂଘ କାର୍ଯ୍ୟାଳୟ ପରିସର, ସମୟ:ସକାଳ ୭ଟା ୩୦।
- ବୀରମହାରାଜପୁର ଉପଖଣ୍ଡ ଓକିଲ ସଂଘ ନିର୍ବାଚନ,ସ୍ଥାନ: ଓକିଲ ସଂଘ କାର୍ଯ୍ୟାଳୟ, ସମୟ: ସକାଳ ୭ଟା ୩୦।
- ଡୁଙ୍ଗୁରିପାଲି ଓକିଲ ସଂଘ ନିର୍ବାଚନ, ସ୍ଥାନ:ବସଷ୍ଟାଣ୍ଡ ନିକଟସ୍ଥ ପୁରୁଣା ଡାକବଙ୍ଗଳା, ସମୟ:ସକାଳ ୮ଟା।
- ବୀରମହାରାଜପୁରରେ ଚାରି ଶମ୍ଭୁ ଭେଟ, ସ୍ଥାନ: ଟ୍ୟାକ୍ସି ଷ୍ଟାଣ୍ଡ, ସମୟ:ସକାଳ ୯ଟା।
- ଶିଶୁ ବିକାଶ ଉତ୍ସବ–୨୦୨୫, ସ୍ଥାନ: ବିନିକା ଶିଶୁ ବିକାଶ ବିଦ୍ୟା ମନ୍ଦିର ପରିସର, ସମୟ:ସନ୍ଧ୍ୟା ୬ଟା।

## ନୂଆପଡ଼ା

- ମାରାଗୁଡ଼ା ଲୋକ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ନୂଆପଡ଼ା ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ସନ୍ଧ୍ୟା ୬ଟା।
- ଷୋହଳପ୍ରହର ନାମଯଜ୍ଞ ନାମଧାରଣ ଓ ଆଳତି, ସ୍ଥାନ: ନୂଆପଡ଼ା ସଦର ବ୍ଲକ କୋଦୋମେରୀ ପଞ୍ଚାୟତ କେରମେଲି ଗାଁ, ସମୟ: ପ୍ରାତଃ ୫ଟା।
- ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଖଡିଆଳସ୍ଥିତ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ଷୋହଳପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା ୩୬।
- ଷୋହଳପ୍ରହର ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ସିହିନାମୁଣ୍ଡା ଗାଁ, ସମୟ: ମଧ୍ୟାହ୍ନ ୧୨ଟା ।
- ଉଦନ୍ତି ମହୋତ୍ସବ ଦ୍ୱିତୀୟ ରଜନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳପଡିଆ, ସମୟ: ଅପରାହ୍ନ ୫ଟା ୩୦ ।

## ଝାରସୁଗୁଡ଼ା

- ୨୪ପ୍ରହର ନାମ ସଂକୀର୍ତ୍ତନ, ସ୍ଥାନ: ଡୁମେରଢିପ ନାମ ମଣ୍ଡପ, ସମୟ: ସକାଳ ୭ଟା।
- ଓକିଲ ସଂଘର ନିର୍ବାଚନ, ସ୍ଥାନ: ପୁରୁଣା ମିଟିଂ ହଲ, ବେହେରାମାଲ, ସମୟ: ସକାଳ ୭ଟା।
- ରାମାୟଣ ପାଠ, ସ୍ଥାନ: କୁମର କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲାସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ: ଓଏସ୍‌ଏପି ଖେଳ ପଡ଼ିଆ, ସମୟ: ଅପରାହ୍ନ ୪ଟା।

## ତ୍ରୁଟି ସଂଶୋଧନ

ଧରିତ୍ରୀର ୨୮ ତାରିଖ (ଶୁକ୍ରବାର)ରେ ପ୍ରକାଶିତ 'ଦାରିଦ୍ର୍ୟ ହାର: ମାଲକାନଗିରିରେ ସର୍ବାଧିକ, ପୁରୀରେ ସର୍ବନିମ୍ନ' ଶୀର୍ଷକ ବିଧାନସଭା ସଂକ୍ରାନ୍ତ ଖବରରେ ଭୁଲ୍‌ବଶତଃ ବିଜେଡି ସଦସ୍ୟ ସନାତନ ମହାକୁଡ଼ ପରିବର୍ତ୍ତେ ଭାଜପା ସଦସ୍ୟ ଲେଖାଯାଇଛି। ଏହା ଏକ ଅନିଚ୍ଛାକୃତ ତ୍ରୁଟି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଢିଙ୍କିରେ କୁଟଇ ଗୋଲମରିଚ ମୁଁ**
**ପାଆରେ ମାପଇ ଘିଅ**
**ମୋତେ କହୁଥାଉ ମୂଲିଆ ଝିଅ**
**ତୁ କେଉଁ ଜମିଦାର ପୁଅ ?**

ଜଣେ ଅନ୍ୟ ଜଣଙ୍କ ଆଗରେ ମିଛ ବଡ଼ଲୋକିଆ ପଣ ଦେଖାଇ ବାହାଦୁରି ନେବାରେ ଲାଭ କିଛି ମିଳି ନ ଥାଏ। ଏପରିସ୍ଥଳେ ଉଭୟ ପୁଅ ଝିଅଙ୍କ ମଧ୍ୟରେ ନିଜ ନିଜ ମର୍ଯ୍ୟାଦାକୁ ନେଇ ଆକ୍ଷେପ ଓ ପ୍ରତିଆକ୍ଷେପ କରୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଢୋଲ ଖାଏ ମାଡ଼**
**ହାଡ଼ି ଖାଏ କଉଡ଼ି।**

ହାଡ଼ି ଢୋଲ ବଜାଏ ଏବଂ ସେ ଏହାର ପାଉଣା ପାଏ। ଅର୍ଥାତ୍ କଷ୍ଟ ସହିବା ଲୋକର ଫଳପ୍ରାପ୍ତିର ଦାବି ନ ଥାଏ, ଅଥଚ କଷ୍ଟ ଦେବା ଲୋକ ହିଁ ଏହି ଫଳ ଭୋଗକରେ। ପରୋକ୍ଷରେ ଜଣକର କଷ୍ଟାର୍ଜିତ ଫଳ ଆଉ ଜଣେ ଭୋଗକରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ୍ ପବ୍ଲିଶର୍ସ



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ପ୍ରଦୀପ ଜେନା ....

ଖାଲି ପଡ଼ିଥିଲା। ସୁରେଶ ମହାପାତ୍ରଙ୍କୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ମୁଖ୍ୟ ପରାମର୍ଶଦାତା ଭାବେ ନିଯୁକ୍ତ କରିବା ପରେ ସେ ଓଇଆର୍‌ସି ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇଥିଲେ। ୧୯୮୯ ବ୍ୟାଚ୍ ଆଇଏଏସ୍ ଅଫିସର ପ୍ରଦୀପ ଜେନା ୨୦୨୩ ଫେବୃଆରୀ ୨୬ରେ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତି ପାଇଥିଲେ। ୨୦୨୪ ଜୁନ୍ ୩୦ରେ ସେ ଏହି ପଦରୁ ଅବସର ଗ୍ରହଣ କରିଥିଲେ। ମୁଖ୍ୟ ଶାସନ ସଚିବ ପଦରେ ରହିବା ପୂର୍ବରୁ ପ୍ରଦୀପ ରାଜ୍ୟ ସରକାରଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗର ଦାୟିତ୍ୱରେ ମଧ୍ୟ ରହିଛନ୍ତି।

### ଓଏସ୍‌ଏସ୍‌ଟିଇଟି ...

ଓଏମ୍‌ଆର୍ ଶିଟ୍ ନକଲ ମଧ୍ୟ ସେହି ୱେବ୍‌ସାଇଟ୍‌ରୁ ଡାଉନ୍‌ଲୋଡ୍ କରିପାରିବେ। ଓଏମ୍‌ଆର୍ ଶିଟ୍‌ଗୁଡ଼ିକ ବୋର୍ଡ ୱେବ୍‌ସାଇଟ୍‌ରେ ମେ' ୭ ତାରିଖ ପର୍ଯ୍ୟନ୍ତ ଉପଲବ୍ଧ ରହିବ। ସୂଚନାଯୋଗ୍ୟ, ଓଏସ୍‌ଏସ୍‌ଟିଇଟି ପରୀକ୍ଷା ୨୦୨୫ ଜାନୁଆରୀ ୧୭ ତାରିଖରେ ଅନୁଷ୍ଠିତ ହୋଇଥିଲା। ମୋଟ ୫୦,୫୮୮ ଜଣ ପ୍ରାର୍ଥୀ ପରୀକ୍ଷା ଦେବା ନିମନ୍ତେ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୪୮,୦୦୨ ଜଣ ପରୀକ୍ଷା ଦେଇଥିଲେ।

### ଅନ୍‌ଲାଇନ ବେଟିଂରେ ...

ମୋବାଇଲ ଆପ୍‌ର ମ୍ୟାନେଜରଙ୍କ ଫୋନ୍ ଆସିଥିଲା। ସେ ଉକ୍ତ ଟଙ୍କା ଓ ମହିନ୍ଦ୍ରା କାର୍ ଗାଡ଼ି ଜିତିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କାନପୁର ବୃହତ୍ ନଦୀବନ୍ଧ ଯୋଜନାରେ ଗୁରୁଚରଣ ଜଣେ ବିସ୍ଥାପିତ। ଏହି ଟଙ୍କା ପାଇବା ପରେ ସେ ଓ ତାଙ୍କ ପରିବାର ଖୁସିରେ ଆତ୍ମବିଭୋର ହୋଇଯାଇଛନ୍ତି।

### ସୁନା ୯୨ ହଜାର ...

ସୁନା ଦର ଶୁକ୍ରବାର ୧,୧୦୦ ଟଙ୍କା ବଢ଼ି ୯୧,୭୦୦ ଟଙ୍କା ହୋଇଛି, ଯାହାକି ସର୍ବକାଳୀନ ରେକର୍ଡ। ଦିନକ ପୂର୍ବରୁ ଏହି ସୁନା ଦର ୯୦,୬୦୦ ଟଙ୍କା ରହିଥିଲା। ବୈଶ୍ୱିକ ସ୍ତରରେ ବାଣିଜ୍ୟ ଯୁଦ୍ଧ ଆଶଙ୍କା ଏବଂ ଆର୍ଥିକ ବିକାଶ ଉପରେ ଏହାର ପ୍ରଭାବକୁ ନେଇ ସୁନା ଦର ବଢ଼ିଚାଲିଥିବା କୁହାଯାଉଛି। ସେହିପରି ରୁପା ଦର ମଧ୍ୟ ୧,୩୦୦ ଟଙ୍କା ବୃଦ୍ଧି ପାଇ କିଲୋଗ୍ରାମ ପ୍ରତି ଦର ୧,୦୩,୦୦୦ ଟଙ୍କା ହୋଇଛି। ଗୁରୁବାର ରୁପା ଦର ୧,୦୧,୭୦୦ ଟଙ୍କା ରହିଥିଲା। ଗତ ୧୯ ତାରିଖରେ ରୁପା ଦର ସର୍ବାଧିକ ୧,୦୩,୫୦୦ ଟଙ୍କାରେ ପହଞ୍ଚିଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** କର୍ମକ୍ଷେତ୍ରରେ ସ୍ଥଗିତ କାମ ଓ ବିବାଦର ସମାଧାନ ପାଇଁ ବ୍ୟଗ୍ରତା ବୃଦ୍ଧି ପାଇବ। ବ୍ୟବସାୟ, ବାଣିଜ୍ୟ, ପରିବହନ, ଆନୁଷ୍ଠାନିକ କାମ ସାଧନ ପାଇଁ କୌଣସି ଅସୁବିଧା ହେବନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ସତର୍କତାର ସହିତ କିଛି କହିବା କିମ୍ବା କରିବା ଭଲ ହେବ। ନିଜ ବ୍ୟବହାର୍ଯ୍ୟ ଜିନିଷ ପରକୁ ଦେଇ ଅପଦସ୍ଥ ହୋଇପାରନ୍ତି।

**ବୃଷ** ଅନଧିକାର ଚର୍ଚ୍ଚାପୂର୍ବକ କାହାକୁ କିଛି ଉପଦେଶ ଦେଲେ ସେହି ବ୍ୟକ୍ତି ତାହାକୁ ଭୁଲ୍ ବୁଝିପାରେ। କର୍ମକ୍ଷେତ୍ରକୁ ଯିବା ରାସ୍ତାରେ ଅଜଣା ବ୍ୟକ୍ତି ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। କୌଣସି ନୂଆ କାମର ପ୍ରସ୍ତାବକୁ ଅନ୍ୟମାନେ ଦୃଢ଼ ସମର୍ଥନ ଜଣାଇବେ। ପ୍ରଶାସନ, ସାହିତ୍ୟ ଓ ସାମ୍ବାଦିକତା, ରାଜନୀତି ଓ ସଂଗଠନ ପାଇଁ ଭଲ।

**ମିଥୁନ** ଆଜି ଯାହା କରିବା ପାଇଁ ମନସ୍ଥ କରିଛନ୍ତି ସେଥିରେ କୌଣସି ଅସୁବିଧା ହେବନାହିଁ। ଦରକାରୀ କାମରେ ଦୂରସ୍ଥାନକୁ ପଠାଇଥିବା ବନ୍ଧୁଙ୍କ ଫେରିବା ବାଟକୁ ଚାହିଁ ବ୍ୟସ୍ତ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ପ୍ରତିଦ୍ୱନ୍ଦ୍ୱିତା ବୃଦ୍ଧି ଅଶାନ୍ତିର କାରଣ ହେବ। ପରିବାରର ଦୈନନ୍ଦିନର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇବ।

**କର୍କଟ** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିଥିବାରୁ ସାମୟିକ ଆଶ୍ୱସ୍ତି ଲାଭ କରିବେ। ନିଜର ଅବହେଳା ଓ ଅଳସୁଆମି ହେତୁ କାମଗୁଡ଼ିକ ଧିମେଇ ଯାଇପାରେ। ଅର୍ଥର ଅଭାବ ନଥିଲେ ମଧ୍ୟ ହାତ ଖୋଲାକରି ଖର୍ଚ୍ଚ କରିପାରିବେ ନାହିଁ। ବାଣିଜ୍ୟ, ବ୍ୟବସାୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବନାହିଁ।

**ସିଂହ** ରାଜନୈତିକ କ୍ଷେତ୍ରରେ ଆଲୋଚନା ମୁତାବକ କାମ ମଧ୍ୟ ଆରମ୍ଭ କରି ଦେଇ ପାରନ୍ତି। ନିରପେକ୍ଷତା ଅବଲମ୍ବନ ନ କଲେ ଘରେ ହେଉ କିମ୍ବା କର୍ମକ୍ଷେତ୍ରରେ ହେଉ ସମାଲୋଚିତ ହେବାକୁ ପଡିବ। ଦେହ ଭଲ ରହିବ, ମାତ୍ର ଦୁର୍ବଳତାଜନିତ କ୍ଳାନ୍ତିବୋଧ କରିବେ। ପରିବାରରେ ପରସ୍ପରକୁ ଦୋଷ ଦେଇ ଅଶାନ୍ତ ପରିସ୍ଥିତି ସୃଷ୍ଟି କରିପାରନ୍ତି।

**କନ୍ୟା** ଚେଷ୍ଟା କରୁଥିବା କାମ ସମ୍ପନ୍ନ ନ ହେବାରୁ ସାମୟିକ ବିରକ୍ତି ହୋଇପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟାର ମୁକାବିଲା କରିବା ସକାଶେ ପ୍ରଚଳିତ ପରିସ୍ଥିତିକୁ ସାମ୍ନା କରିବାକୁ ପଡ଼ିବ। ପାରିବାରିକ ଅସନ୍ତୁଳନ କାରଣରୁ ଟେନସନ୍ କିଛି ମାତ୍ରାରେ ଲାଗିରହିବ। ସକାଳୁ ସକାଳୁ ସହକର୍ମୀଙ୍କ ସହ ଆଲୋଚନା ମନକୁ ଖୁସି କରାଇପାରେ।

**ତୁଳା** ସମ୍ପର୍କୀୟ କେତେକ ବ୍ୟକ୍ତି ଆଗରେ ନ ହେଲେ ମଧ୍ୟ ପଛରେ ବିଭିନ୍ନ ବିରୋଧ କଥା କହିପାରନ୍ତି। ପରିବାର ଭିତରେ ସ୍ୱାର୍ଥକୁ ପ୍ରାଧାନ୍ୟ ଦେଇ ପାରସ୍ପରିକ ସହାନୁଭୂତି ପାଇବାକୁ ମିଳିବ ନାହିଁ। ବ୍ୟବସାୟରେ ଲାଭ କମ୍ ମିଳିଲେ ମଧ୍ୟ ଆଗାମୀ କ୍ଷେତ୍ର ପ୍ରସ୍ତୁତ ହୋଇ ରହିବ। ଇଚ୍ଛା ନ ଥିଲେ ମଧ୍ୟ ଦୂରସ୍ଥାନକୁ ଯିବା ପାଇଁ ବାଧ୍ୟ ହେବାକୁ ପଡ଼ିପାରେ।

**ବିଛା** କୌଣସି ଗୁରୁତ୍ୱପୂର୍ଣ୍ଣ କାମ ସକାଶେ ବନ୍ଧୁଙ୍କ ସହଯୋଗ ଆଶା କରିବେ। ପରୋକ୍ଷ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ଅପମାନଜନକ ସ୍ଥିତିରୁ ଖସି ଯାଇପାରନ୍ତି। ଉଚ୍ଚ ପଦାଧିକାରୀ ସହଯୋଗର ପ୍ରତିଶ୍ରୁତି ଦେବେ। ଶିଳ୍ପ, ବାଣିଜ୍ୟ, ପରିବହନ, ରାଜନୀତି, କଳା ସାହିତ୍ୟ, ସାମ୍ବାଦିକତା ଓ ପ୍ରଶାସନ ତଥା ପ୍ରକାଶନ କ୍ଷେତ୍ରରୁ ଶୁଭଫଳ ମିଳିବ।

**ଧନୁ** ନିକଟ ସମ୍ପର୍କୀୟଙ୍କ ସାହାଯ୍ୟ ପ୍ରାପ୍ତି ସକାଶେ ମନ ଭୁଲାଣିଆ କଥାର ଆଶ୍ରୟ ନେଇପାରନ୍ତି। ଆନୁଷ୍ଠାନିକ କାର୍ଯ୍ୟ ସମ୍ପନ୍ନ କରିବା ପାଇଁ ବନ୍ଧୁଙ୍କ ସହ ଆଲୋଚନା ଫଳପ୍ରଦ ହେବ। ଅପ୍ରିୟ ସତକଥା କହି ବନ୍ଧୁଗହଣରେ ଅପମାନିତ ହେବାକୁ ପଡ଼ିପାରେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଆହୂତ ହୋଇପାରନ୍ତି।

**ମକର** ଚେଷ୍ଟା ଅବ୍ୟାହତ ରଖିଲେ ସମସ୍ୟା ସମାଧାନ ସହ ଆଶା ପୂରଣ ହେବ। କର୍ମକ୍ଷେତ୍ରରେ ଅବହେଳାରୁ ସୁଯୋଗ ହାତଛଡ଼ା ହୋଇପାରେ। ଆଜି ଆକସ୍ମିକ ଭାବରେ ପରିବାରରେ ସ୍ତ୍ରୀଙ୍କ ସହ ମତ ପାର୍ଥକ୍ୟ ଦେଖା ଦେବାର ଆଶଙ୍କା ରହିଛି। ବ୍ୟବସାୟ ଓ ବାଣିଜ୍ୟ ପାଇଁ ପ୍ରତିବନ୍ଧକର ସାମ୍ନା କରିବାକୁ ପଡ଼ିବାର ସୂଚନାକୁ ଏଡି ହେବ ନାହିଁ।

**କୁମ୍ଭ** କୌଣସି କାମ ସହଜ ଓ ସୁବିଧାରେ ହୋଇ ନ ପାରିବା କାରଣରୁ ମନ ସଦାସର୍ବଦା ବିଷାଦଗ୍ରସ୍ତ ରହିବ। ପରିବାରର ସାଧାରଣ କଥାକୁ ବଡ଼ ଆକାରରେ ଚିନ୍ତା କରି ବେଶି ବ୍ୟସ୍ତ ହେବେ। ଫେରିବା ରାସ୍ତାରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବୃଦ୍ଧି ପାଇବ। କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍ସିରେ ପ୍ରଶଂସିତ ହେବେ।

**ମୀନ** କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ପରୋକ୍ଷ ଶତ୍ରୁତା ମନୋଭାବରୁ ମିଥ୍ୟାଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଦୀର୍ଘ ଦିନ ହେଲା ଚାଲିଥିବା ମକଦ୍ଦମାର ଫଇସଲା ସମ୍ଭାବନା ରହିଛି। ସାମାଜିକ ସ୍ତରରେ ବୁଝାମଣା ଓ ଆପୋସ ମିଳାମିଶାରୁ ପାରିବାରିକ ସମସ୍ୟାର ସମାଧାନ ଘଟିବ।

ଆଜି ମାର୍ଚ୍ଚ ୨୯ ତାରିଖ, ଆର୍ଥ ଆୱାର ଦିବସ, ଶହୀଦ ଲକ୍ଷ୍ମଣ ନାୟକଙ୍କ ଫାଶୀ ଦିବସ, ଚୈତ୍ର ଅମାବାସ୍ୟା ଯୁକ୍ତ ପ୍ରତିପଦା ଶନିବାର। ବାସନ୍ତିକ ନବରାତ୍ର ଆରମ୍ଭ, ଅଦ୍ୟ ମୀନ ରାଶିକୁ ଶନି ଚଳନ, ରାଶିନକ୍ଷତ୍ର– ଉତ୍ତରଭାଦ୍ର/ମୀନ, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ ଏବଂ ପ୍ରତିପଦାର ପାର୍ବଣ ଶ୍ରାଦ୍ଧ, ଦିବା ଘ.୧୦।୨୦ ଗତେ, ଘ.୦୧।୦୪ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ.୦୮।୪୯ ଗତେ ଘ.୧୦।୨୦ ମଧ୍ୟେ ରାହୁକାଳ।

# ୪ ପ୍ରସ୍ତାବକୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ

**ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟିର ଦଶମ ବୈଠକ**

■ ସୁପାରିସ ପାଇଁ ୧୪ ପ୍ରସ୍ତାବ ଉପରେ ଆଲୋଚନା
■ ବିକାଶମୂଳକ କାର୍ଯ୍ୟରେ ଜଙ୍ଗଲ ବିଭାଗ ଅନ୍ତରାୟ ହେବ ନାହିଁ: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର,୨୮।୩(ବନ୍ଦନା ସେଠୀ)


ବୈଠକରେ ଗଣେଶ ରାମ ସିଂଖୁଣ୍ଟିଆଙ୍କ ସହ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ରାଜ୍ୟ ବନ୍ୟପ୍ରାଣୀ ବୋର୍ଡର ସ୍ଥାୟୀ କମିଟିର ଦଶମ ବୈଠକ ଶୁକ୍ରବାର ଖାରବେଳ ଭବନସ୍ଥିତ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗୀୟ ମନ୍ତ୍ରୀ ତଥା ରାଜ୍ୟ ବନ୍ୟପ୍ରାଣୀ ବୋର୍ଡ ସ୍ଥାୟୀ କମିଟିର ଅଧ୍ୟକ୍ଷ ଗଣେଶ ରାମ ସିଂଖୁଣ୍ଟିଆ ଅଧ୍ୟକ୍ଷତା କରି ଜନକଲ୍ୟାଣ ଓ ବିକାଶମୂଳକ ପଦକ୍ଷେପ ନେବା ପାଇଁ ଜଙ୍ଗଲ ବିଭାଗ କେବେ ହେଲେ ଅନ୍ତରାୟ ହେବ ନାହିଁ ବୋଲି କହିଥିଲେ। ଏହି ଅବସରରେ ୨୦୨୩ ଡିସେମ୍ବର ୨୮ରେ ଅନୁଷ୍ଠିତ ନବମ ବୈଠକରେ ଉପସ୍ଥାପିତ ୪ ପ୍ରସ୍ତାବକୁ ଜାତୀୟ ବନ୍ୟପ୍ରାଣୀ ବୋର୍ଡ ପକ୍ଷରୁ ଅନୁମୋଦନ ମିଳିଥିବା ସୂଚନା ଦିଆଯାଇଛି। ମୟୂରଭଞ୍ଜ ଜିଲାରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର ବଫର ଜୋନ୍‌ରେ ଭାରତ ସରକାରଙ୍କ ୪-ଜି ସାଚୁରେଶନ ପ୍ରକଳ୍ପ ଅଧୀନରେ ବିଏସ୍‌ଏନ୍‌ଏଲ ଦ୍ୱାରା ୩୪ଟି ମୋବାଇଲ ଟାୱାର ସ୍ଥାପନ ଲାଗି ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ସୁପାରିଶ କରାଯାଇଥିଲା। ଇତି ମଧ୍ୟରେ ଏନ୍‌ଟିସିଏ ଦଳ ସ୍ଥାନ ପରିଦର୍ଶନ କରିଥିବାବେଳେ ୧୨ଟି ଟାୱାରକୁ ମଞ୍ଜୁରି ମିଳିଛି। ସେହିପରି ହଦଗଡ଼ ଅଭୟାରଣ୍ୟର ଏକ ଗାଁରେ ୪-ଜି ସାଚୁରେଶନ ପ୍ରକଳ୍ପ ଅଧୀନରେ ବିଏସ୍‌ଏନ୍‌ଏଲ ଦ୍ୱାରା ମୋବାଇଲ ଟାୱାର ସ୍ଥାପନ, କେନ୍ଦ୍ରାପଡ଼ା ଜିଲାର ତାଳଚୁଆରେ Ro-Pax ଜେଟି ଓ ଆନୁଷଙ୍ଗିକ ଭିତ୍ତିଭୂମିର ବିକାଶ ଏବଂ କର୍ଲାପାଟ ଅଭୟାରଣ୍ୟ ଦେଇ RoW ମଧ୍ୟରେ ଅପ୍ଟିକାଲ ଫାଇବର କେବୁଲ ବିଛାଇବା ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ଅପରପକ୍ଷେ ବୈଠକରେ ଅନ୍ୟ ୧୪ ପ୍ରସ୍ତାବ କେନ୍ଦୁଝର ଜିଲା ହରିଚନ୍ଦନପୁର ତହସିଲ ଅଧୀନସ୍ଥ ରେବଣା(ଖ)ରୁ ତାଳପଡ଼ା ଅପ୍ଟିକାଲ ଫାଇବର କେବୁଲ ବିଛାଇବା ଓ ତାଳପଡ଼ାରେ ମୋବାଇଲ ଟାୱାର ସ୍ଥାପନ ପାଇଁ ୪-ଜି ସାଚୁରେଶନ ପ୍ରକଳ୍ପ ଅଧୀନରେ ଜଙ୍ଗଲ/ଅଣଜଙ୍ଗଲ ଜମିର କିସମ ପରିବର୍ତ୍ତନ ପ୍ରସ୍ତାବ, ହଦଗଡ଼ ଅଭୟାରଣ୍ୟ ଏବଂ କୁଲଡିହା ଅଭୟାରଣ୍ୟ ଅଧୀନ କେନ୍ଦୁଝର ଜିଲାର ଶାଳପଡ଼ାସ୍ଥିତ ଆନନ୍ଦପୁର ବ୍ୟାରେଜ ପ୍ରକଳ୍ପକୁ ସମନ୍ୱିତ କରିବା ସମ୍ବନ୍ଧୀୟ ପରିବେଶ ମଞ୍ଜୁରୀ, ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ମଧ୍ୟରେ ୟୁଏସ୍‌ଓଏଫ୍, ଚନ୍ଦକା ଡମପଡ଼ା ଅଭୟାରଣ୍ୟସ୍ଥିତ ଚନ୍ଦକା ବିଜିଏସଏସ୍‌ଠାରୁ ସାପିଜେନ ବାୟୋଟେକ୍‌କୁ ୩୩ କେଭି ଭୂତଳ ଫିଡର ନିର୍ମାଣ ବାବଦରେ ବନ୍ୟପ୍ରାଣୀ ବୋର୍ଡର ଅନୁମୋଦନ ଆଦି ଉପରେ ଆଲୋଚନା କରାଯାଇଥିଲା। ଏସବୁ ପ୍ରସ୍ତାବ ଜାତୀୟ ବନ୍ୟପ୍ରାଣୀ ବୋର୍ଡକୁ ସୁପାରିଶ କରାଯିବ ବୋଲି ବୈଠକରେ ସ୍ଥିର ହୋଇଥିଲା। ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସତ୍ୟବ୍ରତ ସାହୁ, ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପ୍ରକଳ୍ପ) ଡ. ଅଜିତ କୁମାର ପଟ୍ଟନାୟକ, ପୂର୍ବତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଆଦିତ୍ୟ ଚରଣ ପଣ୍ଡା, ପ୍ରଧାନ ମୁଖ୍ୟ ବନସଂରକ୍ଷକ ଓ ବନବାହିନୀ ମୁଖ୍ୟ ସୁରେଶ ପନ୍ତ, ପ୍ରଧାନ ମୁଖ୍ୟ ବନସଂରକ୍ଷକ (ବନ୍ୟପ୍ରାଣୀ) ପ୍ରେମ କୁମାର ଝା ପ୍ରମୁଖ ଉପସ୍ଥିତ ଥିଲେ।

## କଂଗ୍ରେସର ବିକ୍ଷୋଭ ବେଳେ ହିଂସା ଘଟଣା

# ୩ ମାମଲା ରୁଜୁକଲା ପୋଲିସ

ଭୁବନେଶ୍ୱର,୨୮।୩ (ସତ୍ୟଜିତ୍ ରାଉତ)

ମହିଳାଙ୍କ ସୁରକ୍ଷା ଓ ନ୍ୟାୟ ଦାବି ପ୍ରସଙ୍ଗରେ କଂଗ୍ରେସ ପକ୍ଷରୁ ଦୁଇଦିନ ଧରି ବିଧାନସଭା ଘେରାଉ ଓ ବିକ୍ଷୋଭ ସମୟରେ ସଙ୍ଗଠିତ ହିଂସା ଘଟଣାରେ କମିଶନରେଟ୍ ପୋଲିସ ୩ ଆପରାଧିକ ମାମଲା ରୁଜୁ କରିଛି। କ୍ୟାପିଟାଲ ଥାନା ପକ୍ଷରୁ ଏସବୁ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ବୁଧବାର ବିଧାନସଭାର ପୂର୍ବ ଗେଟ୍ ସମ୍ମୁଖରେ କଂଗ୍ରେସ କର୍ମୀମାନେ ହୋହଲ୍ଲା କରିବା ସହ ଭିତରକୁ ପଶିବାକୁ ଉଦ୍ୟମ କରିବା ସହ ବିଶୃଙ୍ଖଳା ଆଚରଣ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ବିଏନ୍‌ଏସ୍ ଦଫା ୧୮୯(୨), ୨୨୧, ୨୯୬, ୧୩୨, ୧୯୦ ଏବଂ ଓଡିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୨୮/୨୦୨୫) ରୁଜୁ ହୋଇଛି। ଅନ୍ୟ ଦୁଇଟି ମାମଲା ଶୁକ୍ରବାର ଗାନ୍ଧୀମାର୍ଗରେ ବିକ୍ଷୋଭବେଳେ ଘଟିଥିବା ହିଂସାକାଣ୍ଡକୁ ନେଇ ରୁଜୁ ହୋଇଛି। ବିକ୍ଷୋଭ ସମୟରେ ଗାନ୍ଧୀମାର୍ଗ କଡ଼ରେ ପାର୍କିଂ ହୋଇଥିବା ପୋଲିସ ଗାଡ଼ିରେ ନିଆଁ ଲଗାଇବା ଘଟଣାରେ ବିଏନ୍‌ଏସ୍ ଦଫା ୩୨୭ରେ ମାମଲା (ନଂ.୧୨୯/୨୦୨୫) ରୁଜୁ ହୋଇଥିବା ବେଳେ ବିକ୍ଷୋଭ ବେଳେ ଆଇନକୁ ହାତକୁ ନେଇ ପୋଲିସ ଉପରେ ଆକ୍ରମଣ ଆଦି ଘଟଣାରେ ବିଏନ୍‌ଏସ୍ ଦଫା ୧୮୯(୨), ୧୯୧(୨), ୧୨୬(୨), ୧୩୨, ୧୨୧(୧), ୩୨୪(୪), ୨୯୬, ୩୫୧(୨), ୧୯୦ ଏବଂ ଓଡିଶା ଅର୍ବାନ୍ ପୋଲିସ୍ ଆକ୍ଟର ଦଫା ୯୬ରେ ମାମଲା (ନଂ.୧୩୦/୨୦୨୫) ରୁଜୁ ହୋଇଛି। ଏସବୁ ଘଟଣାରେ ପୋଲିସ ଅଧିକ ତଦନ୍ତ କରୁଛି। ଉଲ୍ଲେଖଯୋଗ୍ୟ, ବିକ୍ଷୋଭ ଘଟଣାରେ ସମ୍ପୃକ୍ତ ଅସାମାଜିକ କଂଗ୍ରେସ କର୍ମୀଙ୍କୁ ଜେଲରେ ପୂରାଇବାକୁ ଡିଜିପି ଗଣମାଧ୍ୟମରେ କହିଥିଲେ।

# ୨ରୁ ଯୁକ୍ତ ୨ ଖାତାଦେଖା, ମେ ୧୫ ସୁଦ୍ଧା ପରୀକ୍ଷାଫଳ

ଭୁବନେଶ୍ୱର,୨୮।୩(ସୁଚିସ୍ମିତା ସାହୁ)

ଆସନ୍ତା ମେ’ ୧୫ ସୁଦ୍ଧା ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷା-୨୦୨୫ ଫଳ ପ୍ରକାଶ ପାଇବ। ଏନେଇ ଶୁକ୍ରବାର ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୨ରୁ ୧୪ ତାରିଖ ଯାଏ ହେବ। ସେହିପରି ଏପ୍ରିଲ ୧୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଚାଲିବ। ଏଥିଲାଗି ୭୮ଟି ଅଫ୍‌ଲାଇନ, ୭୦ଟି ଅନ୍‌ଲାଇନ କେନ୍ଦ୍ର ହୋଇଛି। ୧୬ହଜାର ଅଧ୍ୟାପକ ପରୀକ୍ଷା ଖାତା ଦେଖିବେ। ସୁବିଧା ଦୃଷ୍ଟିରୁ ନିଜ ଜିଲାରେ ହୋଇଥିବା ମୂଲ୍ୟାଙ୍କନ କେନ୍ଦ୍ରରେ ଖାତା ଦେଖିବା ପାଇଁ ଅଧ୍ୟାପକଙ୍କୁ ନିୟୋଜିତ କରାଯାଇଛି। ଅଧ୍ୟାପକମାନେ ୩୫, ୪୦ ଏବଂ ୫୦ ମାର୍କର ବିଷୟଗୁଡିକର ୩୦ ଖାତା ୫ ଘଣ୍ଟାରେ ଦେଖିବେ। ଏଥିସହ ୭୦ ଓ ୮୦ ମାର୍କ ଥିବା ବିଷୟଗୁଡିକର ୨୦ଟି ଖାତା ୫ ଘଣ୍ଟାରେ ଦେଖିବା ନେଇ ସୂଚନା ଦିଆଯାଇଛି। ସମସ୍ତ ଖାତା ଦେଖା ଏପ୍ରିଲ ସୁଦ୍ଧା ଶେଷ ହେବା ପରେ ମେ ୧୫ ସୁଦ୍ଧା ଠିକ୍ ସମୟରେ ପରୀକ୍ଷାଫଳ ବାହାରିବ। ସୂଚନାଯୋଗ୍ୟ, ଚଳିତବର୍ଷ ରାଜ୍ୟରେ ୩ ଲକ୍ଷ ୯୩ ହଜାର ୬୧୮ଜଣ ଛାତ୍ରୀଛାତ୍ର ଯୁକ୍ତ୨ ପରୀକ୍ଷା ଦେଇଛନ୍ତି।

# ଗଞ୍ଜାମ ଜିଲାକୁ ସ୍କଚ୍ ଆୱାର୍ଡ

## ଗର୍ଭବତୀଙ୍କ ସୁରକ୍ଷା କାର୍ଯ୍ୟକ୍ରମ ସଫଳ


18th March 2025

**Mr Dibya Jyoti Parida**
**Collector & District Magistrate**
District Administration, Ganjam
Office of the Collector and District Magistrate
Ganjam, Odisha - 761020
Ganjam

**Dear Mr Parida,**

I congratulate you on successfully completing your participation in all the evaluation stages of 'SKOCH Award - India's Honest Independent Honour'. SKOCH Award is known for its rigorous and independent outcome based assessment process.

I am delighted to inform you that pursuant to the above, you have been shortlisted to be conferred the prestigious SKOCH Award 2025 for your following nomination(s):

1. **Nirihyana**

My heartiest congratulations to you and your team for this remarkable feat.

To mark this momentous milestone, an award ceremony is being organised for our national award winners as a part of our 100th SKOCH Summit on **March 29, 2025, at Jacaranda Hall, First Floor, India Habitat Centre, Lodhi Road, New Delhi between 1600-2000 Hrs** followed by dinner curated by Mr Sameer Kochhar in Honour of the Awardees.

It is with great pleasure that I extend to you this invitation to attend and personally accept the award. The SKOCH Award stands as the highest independent honor bestowed upon most states and organizations, often at the most senior echelons.

Should you wish, you are welcome to be accompanied by one additional team member. We kindly request your gracious confirmation and the name of the accompanying individual by March 21, 2025.

Please CLICK HERE to register for the 100th SKOCH Summit & SKOCH Award 2025.

I once again congratulate you and your team and look forward to seeing you.

Thanking you,

Yours sincerely,

**Deepak Dalal**
**Managing Director**
**SKOCH Group**
**9911146912**

SKOCH CONSULTANCY SERVICES PVT LTD

ଜିଲାପାଳଙ୍କ ନିକଟକୁ ଆସିଥିବା ଚିଠି।

ଛତ୍ରପୁର,୨୮।୩ (ସନ୍ତୋଷ ପାଢ଼ୀ/ଦିଲୀପ ସାମଲ)

ଗଞ୍ଜାମ ଜିଲା ଅଭିନବ ନିରୀକ୍ଷଣ ଯୋଜନାରେ ଗର୍ଭବତୀଙ୍କ ସୁରକ୍ଷା ଓ ଠିକ୍ ସମୟରେ ସ୍ୱାସ୍ଥ୍ୟସେବା ଯୋଗାଇଥିବାରୁ ଜାତୀୟ ସ୍କଚ ଆୱାର୍ଡ-୨୦୨୫ ପାଇବାକୁ ମନୋନୀତ ହୋଇଛି। ଗଞ୍ଜାମ ଜିଲାପାଳ ଦିବ୍ୟଜ୍ୟୋତି ପରିଡା ଶନିବାର ନୂଆଦିଲ୍ଲୀସ୍ଥିତ ଇଣ୍ଡିଆ ହାବିଟାଟ ସେଣ୍ଟରରେ ହେବାକୁ ଥିବା ୧୦୦ତମ ସ୍କଚ ସମ୍ମିଳନୀରେ ଏହି ପୁରସ୍କାର ଗ୍ରହଣ କରିବେ। ଜିଲାପାଳ ଏଥିପାଇଁ ଗଞ୍ଜାମ ଜିଲା ସ୍ୱାସ୍ଥ୍ୟ ଟିମକୁ ଶ୍ରେୟ ଦେଇଛନ୍ତି। ସୂଚନାଯୋଗ୍ୟ, ଗଞ୍ଜାମ ଜିଲାପାଳ ଗର୍ଭବତୀଙ୍କୁ ଠିକ୍ ସ୍ୱାସ୍ଥ୍ୟ ସେବା, ଟ୍ରାକିଂ, ମାଗଣାରେ ଉଭୟ ସରକାରୀ ଓ ଘରୋଇ ମେଡିକାଲରେ ଅଲଟ୍ରାସାଉଣ୍ଡ ସୁବିଧା, ସୁରକ୍ଷିତ ପ୍ରସବ ଆଦି ପାଇଁ ନିରୀକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏହା ସଫଳ ହୋଇଛି।

## ନୟାଗଡ଼ ଡିଏଫ୍‌ଓଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗର ଭିଜିଲାନ୍ସ ତଦନ୍ତ ଆବେଦନ

# ରାଜ୍ୟ ସରକାରଙ୍କୁ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ,୨୮।୩(କାର୍ତ୍ତିକ ସାହୁ)

ନୟାଗଡ଼ ଜିଲା ବନ ବିଭାଗର ଜଣେ ଡିଏଫ୍‌ଓଙ୍କ ବିରୋଧରେ ଦୁର୍ନୀତି, ବେନିୟମ କାର୍ଯ୍ୟ, ଆର୍ଥିକ ଅନିୟମିତତା ଆଦି ଅଭିଯୋଗର ଭିଜିଲାନ୍ସ ତଦନ୍ତ କରାଇବା ନେଇ ରୁଜୁ ମାମଲାର ଶୁଣାଣି ହାଇକୋର୍ଟରେ ଶୁକ୍ରବାର ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଓ ବିଚାରପତି ଅରିନ୍ଦମ ସିହ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି କରି ଜଣେ ସରକାରୀ କର୍ମଚାରୀଙ୍କ ବିରୋଧରେ ଆସିଥିବା ଦୁର୍ନୀତି ଅଭିଯୋଗକୁ ରାଜ୍ୟ ସରକାର ଯାଞ୍ଚ କରି ଲିଖିତ କାରଣ ସହିତ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସଂକ୍ରାନ୍ତରେ ଆସନ୍ତା ଦୁଇ ସପ୍ତାହ ମଧ୍ୟରେ ସତ୍ୟପାଠ ମାଧ୍ୟମରେ ଜଣାଇବାକୁ ଆଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୯ରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁସାରେ, ଭାରତୀୟ ବିକାଶ ପରିଷଦ ପକ୍ଷରୁ ଏହି ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଡିଏଫ୍‌ଓ ବିଭିନ୍ନ ଦୁର୍ନୀତି, ବେନିୟମ କାର୍ଯ୍ୟ, ଆର୍ଥିକ ଅନିୟମିତତା ଆଦି କାର୍ଯ୍ୟର ଭିଜିଲାନ୍ସ ତଦନ୍ତ ପାଇଁ ପ୍ରାର୍ଥନା କରାଯାଇଥିଲା। ଏଥିରେ ବନ ବିଭାଗର ପ୍ରମୁଖ ଶାସନ ସଚିବ, ଜଙ୍ଗଲ ଓ ପରିବେଶ ବିଭାଗର ଚିଫ୍ କଞ୍ଜରଭେଟର, ଭିଜିଲାନ୍ସ ନିର୍ଦ୍ଦେଶକ ଏବଂ ନୟାଗଡ଼ ଜିଲାପାଳଙ୍କୁ ପକ୍ଷଭୁକ୍ତ କରାଯାଇଛି।

# ଶୂନ୍ୟକାଳରେ ଉଠିଲା ବିଧାୟକଙ୍କ ଦରମା ବୃଦ୍ଧି ଦାବି

■ ଶାସକ-ବିରୋଧୀ ଏକାକାର
■ ବାଚସ୍ପତିଙ୍କଠାରେ ଦୃଢ଼ ଦାବି

ଭୁବନେଶ୍ୱର,୨୮।୩ (ରବିନାରାୟଣ ଜେନା)

ଦୁଇଦିନ ତଳେ ବିଧାନସଭା ଘଣ୍ଟ, ଘଣ୍ଟିରେ ଫାଟି ପଡୁଥିବାବେଳେ ଏବେ ବିଧାୟକଙ୍କ ଦରମା ଓ ପେନ୍‌ସନ ବୃଦ୍ଧି ଦାବିରେ ଏକାକାର ହୋଇଛି। ବିରୋଧୀ ସଦସ୍ୟ ଏନେଇ ପ୍ରସ୍ତାବ ଆଣୁଥିବାବେଳେ ଶାସକଦଳ ସଦସ୍ୟମାନେ ଜଣ ଜଣକରି ଉତ୍ସୁକତାର ସହ ସମର୍ଥନ କରୁଥିବା ଶୁକ୍ରବାର ଦେଖିବାକୁ ମିଳିଛି। ଖୁବ୍‌ଶୀଘ୍ର ସରକାର ଏହା ଉପରେ ନିଷ୍ପତ୍ତି ଶୁଣାନ୍ତୁ ବୋଲି ସଦସ୍ୟମାନେ ଆଶା ବାନ୍ଧିଛନ୍ତି। ଏନେଇ ବାଚସ୍ପତି ସରକାରଙ୍କୁ ତ୍ୱରିତ୍ ନିର୍ଦ୍ଦେଶ ଦେବାକୁ ସଦସ୍ୟମାନେ ଦାବି କରିଛନ୍ତି।

ଶୁକ୍ରବାର ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ବର୍ତ୍ତମାନ ପରିସ୍ଥିତିରେ ବଜାର ଦରଦାମ୍ ହୁ ହୁ ହୋଇ ବୃଦ୍ଧି ହୋଇଛି। ୨୦୧୭ରେ ବିଧାୟକମାନଙ୍କର ଦରମା ଓ ପୂର୍ବତନ ବିଧାୟକମାନଙ୍କର ପେନ୍‌ସନ ବୃଦ୍ଧି ଲାଗି ଗୃହରେ ଦାବି ହୋଇଥିଲା। ସେବେଠାରୁ ଆଉ ବଢ଼ିନାହିଁ। ପୂର୍ବତନ ବିଧାୟକମାନେ ବହୁ ଦୁଃଖରେ ଅଛନ୍ତି। ବିଧାନସଭାକୁ ଆସି ଲବିରେ ଆମକୁ ଅନୁରୋଧ କରୁଛନ୍ତି। ସେମାନେ ଯେତେ ପରିମାଣର ପେନ୍‌ସନ ବର୍ତ୍ତମାନ ପାଉଛନ୍ତି ତାହା ଯଥେଷ୍ଟ ନୁହେଁ। ଔଷଧ ଖର୍ଚ୍ଚ ହେଉ କି ବଜାର ଦର, ଯାହା ଅଛି ତାହା ପେନ୍‌ସନକୁ ଦେଖିଲେ ପର୍ଯ୍ୟାପ୍ତ ହେଉନି। ଏଥିପାଇଁ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଗୋଟେ କମିଟି ଗଠନ ହୋଇଥିଲା। କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ସେହି ରିପୋର୍ଟକୁ କାର୍ଯ୍ୟକାରୀ କରିବାକୁ ବାଚସ୍ପତି ସରକାରଙ୍କୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ପ୍ରମିଳା ଦାବି କରିଥିଲେ। ସେ କହିଥିଲେ, ସଂସଦରେ ସଦସ୍ୟମାନଙ୍କର ଦରମା ବୃଦ୍ଧି ନିଷ୍ପତ୍ତି ନିଆଯାଇଛି। ତେଣୁ ବିଧାୟକଙ୍କ ଦରମା ଓ ପେନ୍‌ସନ ବୃଦ୍ଧି କରାଯାଉ ବୋଲି ପ୍ରମିଳା କହିଥିଲେ।

ସେହିଭଳି ବିଜେଡି ସଦସ୍ୟ ପ୍ରତାପ ଦେବ କହିଥିଲେ, ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯେତେବେଳେ ବିରୋଧୀ ଦଳ ମୁଖ୍ୟ ସଚେତକ ଥିଲେ ସେ ଏହି ପ୍ରସଙ୍ଗ ଉଠାଇ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସଂସଦରେ ୩ ବର୍ଷରେ ଥରେ ମୁଦ୍ରାସ୍ଫୀତି ଅନୁପାତରେ ସାଂସଦମାନଙ୍କର ଦରମା ବୃଦ୍ଧି ନେଇ ନିଷ୍ପତ୍ତି ହୋଇଛି। ବିଧାୟକମାନଙ୍କର ଦରମା ନେଇ ଏକ ବେସ୍ ପ୍ରାଇସ୍ ରଖାଯାଉ ବୋଲି ସେ ଦାବି କରିଥିଲେ।

ଭାଜପା ସଦସ୍ୟ ପୂର୍ଣ୍ଣଚନ୍ଦ୍ର ସେଠୀ କହିଥିଲେ, ମୁଁ ପୂର୍ବତନ ବିଧାୟକ ଭାବେ ଭୁକ୍ତଭୋଗୀ। କେତେ ଅସୁବିଧା ହେଉଛି ମୁଁ ନିଜେ ଅନୁଭବ କରିଛି। ସରକାରୀ କର୍ମଚାରୀଙ୍କ ପାଇଁ ବେତନ କମିଶନ ଅଛି, କିନ୍ତୁ ବିଧାୟକଙ୍କ ପାଇଁ କେହି ନାହିଁ। କେବଳ ଆମର ମଢ଼େଇ କମିଟି ସାହା ଭରସା। କୌଣସି ଗାଁକୁ ବିଧାୟକଟେ ଗଲେ ୧୦ରୁ ୩୦ ହଜାର ନ ଦେଲେ ହେଉନି। ତେଣୁ ମୁଁ ଦାବି କରୁଛି ବାଚସ୍ପତି ସଦସ୍ୟ ଭାସ୍କର ମଢ଼େଇଙ୍କ କମିଟିର ସୁପାରିସକୁ ଗ୍ରହଣ କରି ସରକାରଙ୍କୁ ଜୁନ୍ ମାସରୁ ପିଛିଲା ଭାବେ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ପୂର୍ଣ୍ଣଚନ୍ଦ୍ରଙ୍କ ପ୍ରସ୍ତାବକୁ ସମର୍ଥନ ଜଣାଇ ସଦସ୍ୟ ପଦ୍ମଲୋଚନ ପଣ୍ଡା କହିଛନ୍ତି, ପୂର୍ବତନ ବିଧାୟକଙ୍କ ଅବସ୍ଥା ଦେଖିଲେ ଖରାପ ଲାଗୁଛି। ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ କ୍ଷେତ୍ରରେ ଆମ ରାଜ୍ୟ ୨୭ ନମ୍ବରରେ ରହିଛି। ତେଣୁ ତୁରନ୍ତ ବିଧାୟକଙ୍କ ଦରମା ଓ ପୂର୍ବତନ ବିଧାୟକଙ୍କ ପେନ୍‌ସନ ବୃଦ୍ଧି କରାଯାଉ। ଦରମା ବୃଦ୍ଧି ନେଇ କମିଟି ଅଧ୍ୟକ୍ଷ ଭାସ୍କର ମଢ଼େଇ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସେ କହିଛନ୍ତି, ପୂର୍ବତନ ବିଧାୟକଙ୍କ ଅବସ୍ଥା ଅତି ଶୋଚନୀୟ। ଚଳିବାକୁ ଭାରି କଷ୍ଟ ହେଉଛି। କେତେକ ପୂର୍ବତନ ବିଧାୟକଙ୍କ ଘର ଖଣ୍ଡେ ନାହିଁ। ୧୨ ମାସର ୧୩ ପର୍ବରେ ବିଧାୟକ ସାମିଲ ହେଉଛନ୍ତି। ବିଧାୟକଙ୍କୁ ସବୁ ଦେବାକୁ ପଡୁଛି। ଗୋଟିଏ କାର୍ଯ୍ୟକ୍ରମରେ ସାମିଲ ହେବାକୁ ହେଲେ ୨୦ ହଜାର ଖର୍ଚ୍ଚ ହେଉଛି। ବିଧାୟକଙ୍କ ଅବସ୍ଥା ଶୋଚନୀୟ। ଆମ ରାଜ୍ୟରେ ବିଧାୟକଙ୍କ ଦରମା ଓ ଭତ୍ତା ଅନ୍ୟ ରାଜ୍ୟଠାରୁ କମ୍। କମିଟି ରିପୋର୍ଟକୁ କାର୍ଯ୍ୟକାରୀ କରାଯାଉ।

ତେବେ ପୂର୍ବରୁ ଏହି ପ୍ରସଙ୍ଗ ଉଠାଇ ସଦସ୍ୟମାନେ ଗୃହରେ ଉଦ୍‌ବେଗ ପ୍ରକାଶ କରିଥିଲେ। ସେମାନଙ୍କ ଦାବିକୁ ଗ୍ରହଣ କରି ଏ ପ୍ରସଙ୍ଗରେ ବିଚାର ପାଇଁ ଉପଦେଷ୍ଟା କମିଟି ଗଠନ କରାଯାଇଥିଲା। ବିଧାୟକ ଭାସ୍କର ମଢ଼େଇଙ୍କ ଅଧ୍ୟକ୍ଷତାରେ ଉପଦେଷ୍ଟା କମିଟି ଗଠନ ହୋଇଥିଲା। ଏହି କମିଟି ଦରମା ଓ ପେନ୍‌ସନ ବୃଦ୍ଧି ନେଇ ସରକାରଙ୍କୁ ରିପୋର୍ଟ ପ୍ରଦାନ କରିଛି। ଏହି ଉପଦେଷ୍ଟା କମିଟିରେ ସଦସ୍ୟ ଭାବେ କଂଗ୍ରେସ ବିଧାୟକଦଳ ନେତା ରାମଚନ୍ଦ୍ର କାଡାମ, ବିରୋଧୀ ଦଳ ମୁଖ୍ୟସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ ଦେବ, ସଦସ୍ୟ ତାରାପ୍ରସାଦ ବାହିନୀପତି, ଲକ୍ଷ୍ମଣ ମୁଣ୍ଡା, ପ୍ରକାଶ ସୋରେନ, ନୀହାର ମହାନନ୍ଦ, ପୂର୍ଣ୍ଣଚନ୍ଦ୍ର ସେଠୀ ରହିଛନ୍ତି।

# ଅଗର୍ଦ୍ଧାରେ ୫୦ରୁ ଊର୍ଦ୍ଧ୍ୱ ଜଣ୍ଡିସ୍ ଆକ୍ରାନ୍ତ

ଆନନ୍ଦପୁର,୨୮।୩ (ସୁଶାନ୍ତ କୁମାର ସାହୁ)

## ଝଡ଼ାଫୁଙ୍କା ଭରସାରେ ଗ୍ରାମବାସୀ


ଅଗର୍ଦ୍ଧା ଗ୍ରାମବାସୀ।

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅଗର୍ଦ୍ଧା ଗାଁରେ ୫୦ରୁ ଊର୍ଦ୍ଧ୍ୱ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ଦୀର୍ଘ ୧ମାସ ହେବ ଗାଁରେ ଆତଙ୍କ ଖେଳିଯାଇଥିବା ବେଳେ କୌଣସି ମେଡିକାଲ ଟିମ୍ ମଧ୍ୟ ଗାଁରେ ପହଞ୍ଚିନାହିଁ। ଲୋକେ ମେଡିକାଲ ନ ଯାଇ ଝଡ଼ାଫୁଙ୍କାରେ ବିଶ୍ୱାସକରି ଗାଁରେ ରହିଥିବା କୁହାଯାଉଛି। ଫଳରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ଗାଁରେ ଛୋଟ ପିଲାଙ୍କଠାରୁ ଆରମ୍ଭକରି ମଧ୍ୟବୟସ୍କ ଓ ବୃଦ୍ଧାବୃଦ୍ଧ ଜଣ୍ଡିସ୍‌ରେ ଆକ୍ରାନ୍ତ ହୋଇଛନ୍ତି। ପ୍ରଥମେ ପେଟ ଦରଜ, ପରେ ଜ୍ୱର, ଆଖି ଓ ଗୋଡ଼ହାତ ସବୁ ହଳଦିଆ ପଡ଼ିଯାଉଛି। ଲକ୍ଷଣ ଦେଖାଦେଲେ କେତେଜଣ ସ୍ଥାନୀୟ ଡାକ୍ତରଖାନା ଯାଇ ପରୀକ୍ଷା କରାଉଛନ୍ତି। ଅନେକେ ସ୍ଥାନୀୟ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସିତ ହେଉଛନ୍ତି। ମାତ୍ର ବହୁମାତ୍ରାରେ ଲୋକ ଡାକ୍ତରଖାନା ନ ଯାଇ ଝଡ଼ାଫୁଙ୍କାକରି ଜଣ୍ଡିସ୍ ରୋଗର ଚିକିତ୍ସା କରୁଥିବା କହୁଛନ୍ତି। ପ୍ରାୟ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଗାଁରେ ଏହି ରୋଗକୁ ନେଇ ଭୟର ବାତାବରଣ ଖେଳିଯାଇଛି। ମାତ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆଜି ପର୍ଯ୍ୟନ୍ତ ଗାଁରେ କୌଣସି ଡାକ୍ତରୀ ଦଳ ପହଞ୍ଚିପାରି ନ ଥିବା ଗ୍ରାମର ପ୍ରଶାନ୍ତ ଜେନା, ଚଞ୍ଚଳା ଜେନା ଅଭିଯୋଗ କରିଛନ୍ତି। ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ ଗଣମାଧ୍ୟମ ଜରିଆରେ ଗାଁକୁ ମେଡିକାଲ ଟିମ୍ ପଠାଇବା ପାଇଁ ଦାବି କରିଛନ୍ତି। ଏ ନେଇ ସ୍ଥାନୀୟ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ରାଜେନ୍ଦ୍ର ମୁର୍ମୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ବେଳେ ସେ ତୁରନ୍ତ ଗାଁକୁ ଏକ ଟିମ୍ ପଠାଇ ରୋଗର କାରଣ ଯାଞ୍ଚକରିବା ସହ ଓ ରୋଗୀଙ୍କ ଚିକିତ୍ସା ପାଇଁ ବ୍ୟବସ୍ଥା କରିବା ପ୍ରତିଶ୍ରୁତି ଦେଇଛନ୍ତି।

# ୨୦ ପିଲାରେ ସ୍କୁଲ ଖୋଲିବ: ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର,୨୮।୩ (ରବିନାରାୟଣ ଜେନା)

ରାଜ୍ୟରେ ସିଡ୍ୟୁଲ୍ଡ ଏରିଆ (ସଂରକ୍ଷିତ ଅଞ୍ଚଳ)ରେ ୨୦ ଛାତ୍ରୀଛାତ୍ର ଥାଇ ବନ୍ଦ ରହିଥିବା ସ୍କୁଲ ଖୋଲିପାରିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଶୁକ୍ରବାର ପ୍ରଶ୍ନକାଳରେ ମୂଳପ୍ରଶ୍ନକର୍ତ୍ତା ନିହାର ରଞ୍ଜନ ମହାନନ୍ଦଙ୍କ ପ୍ରଶ୍ନର ଉତ୍ତର ଦେଇ ମନ୍ତ୍ରୀ କହିଛନ୍ତି, ମିଶ୍ରଣ ପରେ ବନ୍ଦ ହୋଇଥିବା ସ୍କୁଲ ଖୋଲିବା ପାଇଁ ନୀତିଗତ ବ୍ୟବସ୍ଥା ରହିଛି। ଗତ ସରକାର ବିଦ୍ୟାଳୟ ବନ୍ଦ କରିବା ଲାଗି ଠିକ୍ ଭାବେ ବିଚାର ନ କରି ଛାତ୍ରୀଛାତ୍ର ସଂଖ୍ୟା କମ୍ ଥିବା ସ୍ଥାନରେ ସମୁଦାୟ ୫୬୩୨ ସ୍କୁଲକୁ ମିଶ୍ରଣ କରିଛନ୍ତି। ୧୦୦ ମିଟର ବ୍ୟବଧାନରେ ଥିବା ୨୧୫୨ଟି ସ୍କୁଲକୁ ମିଶ୍ରଣ କରାଯାଇଛି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ପାଠପଢ଼ିବାରେ ସମସ୍ୟାରେ ପଡୁଛନ୍ତି। ବିଜେଡି ସଦସ୍ୟ ଗଣେଶ୍ୱର ବେହେରା ପ୍ରଶ୍ନ କରିଥିଲେ, ନିର୍ବାଚନବେଳେ ଭାଜପା ସବୁ ବନ୍ଦ ସ୍କୁଲ ଖୋଲିବାକୁ ଘୋଷଣା କରିଥିଲା। ହେଲେ ଏ ଯାଏ ହେଲାନି। ଉତ୍ତର ରଖି ମନ୍ତ୍ରୀ କହିଛନ୍ତି, ସଂରକ୍ଷିତ ଅଞ୍ଚଳରେ ୨୦ ଓ ଅଣସଂରକ୍ଷିତ ଅଞ୍ଚଳରେ ୪୦ପିଲା ଥିଲେ, ସ୍କୁଲ ଖୋଲିବାକୁ ବିଚାର କରାଯିବ। ଏହି ସମୟରେ ଭାଜପା ସଦସ୍ୟ ମନୋରଞ୍ଜନ ଦ୍ୟାନସାମନ୍ତରାୟ କହିଥିଲେ, ଗୋଡିପଦର ଓ ବଳରାମପୁର ପଞ୍ଚାୟତରେ ସ୍କୁଲ ନ ଥିବାରୁ ସୀମାନ୍ତ ଆନ୍ଧ୍ରପ୍ରଦେଶକୁ ପଢ଼ିବାକୁ ପିଲା ଯାଉଛନ୍ତି। ବ୍ଲକ ଗ୍ରାଣ୍ଟ ଓ ଏଡେଡ୍ ସ୍କୁଲରେ ଶିକ୍ଷକ ବିନାହାନ୍ତି। ମନ୍ତ୍ରୀ କହିଛନ୍ତି, ସ୍କୁଲ ମ୍ୟାନେଜ୍‌ମେଣ୍ଟ ଶିକ୍ଷକ ନିଯୁକ୍ତି କରୁଥିଲେ। କେବଳ ଗ୍ରାଣ୍ଟ ଇନ୍ ଏଡ୍ ଦେଉଥିଲେ ସରକାର। ଏବେ ଯେଉଁଠି ଶିକ୍ଷକ ନାହାନ୍ତି, ଅତିଥି ଶିକ୍ଷକ ଜରିଆରେ ପଢ଼ାଯାଉଛି। ଭାଜପା ସରକାର ଏଯାଏ ୧୮ ହଜାରରୁ ଅଧିକ ଶିକ୍ଷକ ନିଯୁକ୍ତି ଦେଇ ସାରିଲେଣି। ଆଗକୁ ଆହୁରି ୧୦ ହଜାର ଶିକ୍ଷକ ନିଯୁକ୍ତ ହେବେ। ପିଅନ ଓ କିରାଣିଙ୍କ ଆବଶ୍ୟକତା ଦେଖି ନିଯୁକ୍ତି ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।


DADLS - 107

ଓଡ଼ିଶା ସରକାର



ମହାନ ସ୍ୱାଧୀନତା ସଂଗ୍ରାମୀ
ଶହୀଦ ଲକ୍ଷ୍ମଣ ନାଏକଙ୍କ ରାଜ୍ୟସ୍ତରୀୟ ଶ୍ରାଦ୍ଧ ଦିବସ
୨୯ ମାର୍ଚ୍ଚ, ୨୦୨୫

ସକାଳ ୮ ଘଟିକା - ଭୁବନେଶ୍ୱରସ୍ଥିତ ଆଦିବାସୀ ପ୍ରଦର୍ଶନୀ ପଡ଼ିଆଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।
ସକାଳ ଘ.୮.୩୦ ମିନିଟ୍ - ଭୁବନେଶ୍ୱରସ୍ଥିତ କଳିଙ୍ଗ ହସ୍ପିଟାଲ୍ ଠାରେ ଶହୀଦ ଲକ୍ଷ୍ମଣ ନାଏକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

ମୁଖ୍ୟ ଅତିଥି - ଶ୍ରୀଯୁକ୍ତ ନିତ୍ୟାନନ୍ଦ ଗଣ୍ଡ, ମନ୍ତ୍ରୀ, ବିଦ୍ୟାଳୟ ଓ ଗଣଶିକ୍ଷା, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଓଡ଼ିଶା

ସମ୍ମାନନୀୟ ଅତିଥି-ଶ୍ରୀଯୁକ୍ତ ବଳଭଦ୍ର ମାଝୀ, ସାଂସଦ, ନବରଙ୍ଗପୁର
ଏବଂ
ଅବିଭକ୍ତ କୋରାପୁଟ ଜିଲ୍ଲାର ବିଧାୟକଗଣ

ବିଶିଷ୍ଟ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଲୋକସଂଗୀତ ପରିବେଷଣ

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0463/2425

# ଏମ୍‌ଏଲ୍‌ଏଙ୍କୁ ଅଣଦେଖା



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ଭାରତୀୟ ଜନତା ପାର୍ଟି (ଭାଜପା) ଉଭୟ କେନ୍ଦ୍ର ଓ ଦିଲ୍ଲୀରେ କ୍ଷମତାରେ ଥିବାରୁ ଅମଲାତାନ୍ତ୍ରିକ ପ୍ରକ୍ରିୟା ସରଳରେ ଏବଂ ପ୍ରଭାବୀ ଭାବେ କାର୍ଯ୍ୟ କରିବ ବୋଲି ମନେକରାଯାଉଥିଲା। କିନ୍ତୁ ଏବେ ଏଭଳି ହେଉନାହିଁ। ନିକଟରେ ଦିଲ୍ଲୀ ବିଧାନସଭା ବାଚସ୍ପତି ବିଜେନ୍ଦ୍ର ଗୁପ୍ତା ମୁଖ୍ୟ ଶାସନ ସଚିବ ଦେବେନ୍ଦ୍ରଙ୍କୁ ଏକ ଚିଠି ଲେଖି ଦର୍ଶାଇଛନ୍ତି, ସରକାରୀ କର୍ମଚାରୀମାନେ ଜାଣିଶୁଣି ଏମ୍‌ଏଲ୍‌ଏଙ୍କ ଚିଠି କିମ୍ବା ଅନ୍ୟ ଯୋଗାଯୋଗ ମାଧ୍ୟମକୁ ଅଣଦେଖା କରୁଛନ୍ତି। କଲ୍‌ର ଉତ୍ତର ଦେଉନାହାନ୍ତି, ଚିଠିକୁ ଗ୍ରହଣ କରୁନାହାନ୍ତି କିମ୍ବା ମେସେଜଗୁଡ଼ିକୁ ପଢୁନାହାନ୍ତି। ଗତ ଦଶନ୍ଧିରୁ ଏଯାବତ ଦିଲ୍ଲୀ ପ୍ରଶାସନ ଦିଲ୍ଲୀ ସରକାର ନା ଲ୍ୟୁଟ୍‌ନାଣ୍ଟ ଗଭର୍ନର (ଏଲ୍‌ଜି)ଙ୍କ ନିର୍ଦ୍ଦେଶ ମାନିବ ତାହାକୁ ନେଇ ପ୍ରଶ୍ନ ଉଠିବା ସହ ଏଭଳି ସ୍ଥିତି ଲଗାତର ରହିଆସିଛି। ଏହା ଯୋଗୁ ବହୁ ସମୟରେ ପ୍ରଶାସନିକ କାର୍ଯ୍ୟ, ଆଇନଗତ ଲଢ଼େଇରେ ବିଳମ୍ବ ଘଟୁଛି, ଏପରିକି ନୀତି ଅଟକିଯାଉଛି। ମେ ୨୦୨୩ରେ କେନ୍ଦ୍ର ସରକାର ଗଭର୍ନମେଣ୍ଟ ଅଫ୍ ନ୍ୟାଶନାଲ କ୍ୟାପିଟାଲ ଟେରିଟୋରି ଅଫ୍ ଦିଲ୍ଲୀ (ଜିଏନ୍‌ସିଟିଡି) ଆଇନ, ୧୯୯୧କୁ ସଂଶୋଧନକରି ଅମଲାତାନ୍ତ୍ରିକ ନିଯୁକ୍ତି ଓ ବଦଳି କ୍ଷେତ୍ରରେ ଏଲ୍‌ଜିଙ୍କ କ୍ଷମତା ବୃଦ୍ଧି କରିଥିଲା। ଦିଲ୍ଲୀ ପ୍ରଶାସନ ଉପରେ କେନ୍ଦ୍ର ତାହାର ନିୟନ୍ତ୍ରଣକୁ ଦୃଢ଼ କରୁଛି ବୋଲି ଏହି ପଦକ୍ଷେପରୁ ଜଣାପଡ଼ିଥିଲା। ଏବେ ମଧ୍ୟ ପରିବର୍ତ୍ତିତ ନୂଆ କ୍ଷମତା ଗତିଶୀଳତାରେ ଅମଲାତନ୍ତ୍ରକୁ କାମ କରିବାରେ ସମସ୍ୟା ହେଉଛି। ନିର୍ଦ୍ଦେଶ ପାଇଁ ଏଲ୍‌ଜିଙ୍କୁ ଚାହିଁ ରହିବାର ଅଭ୍ୟାସ ବଳବତ୍ତର ଥିବା ଭଳି ଜଣାପଡୁଛି। ଏହା ସହ ଏମ୍‌ଏଲ୍‌ଏଙ୍କ କଥା ଅଧିକ ଶୁଣିବା ଭଳି ନୂତନ ଦୃଷ୍ଟିକୋଣ ଆପଣାଇବା କଷ୍ଟକର ମନେହେଉଛି। କର୍ମଚାରୀମାନେ ଏମ୍‌ଏଲ୍‌ଏଙ୍କୁ ଅଣଦେଖା କରୁଥିବାବେଳେ ସେମାନେ ମଧ୍ୟ ଏମ୍‌ଏଲ୍‌ଏଙ୍କ ପ୍ରତିନିଧିମାନଙ୍କ କଥା ଆଦୌ ଶୁଣୁନାହାନ୍ତି। ଅମଲାତନ୍ତ୍ର ମଧ୍ୟରେ ଏକ ବିଶ୍ୱାସ ଓ ବିଚାରଗତ ପରିବର୍ତ୍ତନ ଦରକାର, ଯାହା ନିର୍ବାଚିତ ପ୍ରତିନିଧିଙ୍କ ଦାୟିତ୍ୱକୁ ଗ୍ରହଣ କରିବା ସହ ତାହାକୁ ସମ୍ମାନ ଦେବା ଆବଶ୍ୟକ।

### ଡିଜିପି ନିଯୁକ୍ତି ଅପେକ୍ଷାରେ

କେରଳର ପରବର୍ତ୍ତୀ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ନିଯୁକ୍ତି ପାଇଁ ଦୌଡ଼ ତୀବ୍ର ହୋଇଥିବାରୁ ନିଷ୍ପତ୍ତିନେବା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ଶାନ୍ତି ଦର୍ବେଶ ସାହେବ ଜୁନ୍‌ରେ ଅବସର ନେବାକୁ ଥିବାରୁ ଜଣେ ଯୋଗ୍ୟ ପ୍ରାର୍ଥୀ ପାଇବା ପାଇଁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କର ଏକ ତାଲିକାକୁ ଅନୁଧ୍ୟାନ କରାଯାଉଛି। ତାଲିକାରେ ସବୁଠୁ ବରିଷ୍ଠ ଅଧିକାରୀ ଭାବେ ଅଛନ୍ତି ବିଏସ୍‌ଏଫ୍ ମୁଖ୍ୟ ଦାୟିତ୍ୱରୁ ଫେରିଥିବା ୧୯୯୦ ବ୍ୟାଚ୍ ଅଧିକାରୀ ନୀତିନ ଅଗ୍ରୱାଲା । ତାଙ୍କ ପଛକୁ ଅଛନ୍ତି ୧୯୯୧ ବ୍ୟାଚ୍‌ର ତଥା ଏବେ ଇଣ୍ଟେଲିଜେନ୍ସ ବ୍ୟୁରୋରେ କାର୍ଯ୍ୟରତ ରାବଡା ଏ. ଚନ୍ଦ୍ରଶେଖର। ଯୁବପିଢ଼ିର ଅଧିକାରୀମାନେ ମଧ୍ୟ ପଛରେ ରହିନାହାନ୍ତି। କେରଳର ଭିଜିଲାନ୍ସ ଆଣ୍ଡ ଆଣ୍ଟି କରପ୍‌ସନ ବ୍ୟୁରୋ ମୁଖ୍ୟ ରହିଛନ୍ତି ଯୋଗେଶ ଗୁପ୍ତା (୧୯୯୩ ବ୍ୟାଚ୍) ଏବଂ ରାଜ୍ୟ ଆଇନଶୃଙ୍ଖଳା ମୁଖ୍ୟ ମନୋଜ ଆବ୍ରାହମ (୧୯୯୪ ବ୍ୟାଚ୍) ତାଙ୍କ ପ୍ରଯୁକ୍ତିଗତ ନୀତି ପାଇଁ ଜଣାଶୁଣା। ଏହା ସହ ଏସ୍. ସୁରେଶ ଏବଂ ଏମ୍.ଆର୍.ଅଜିତ କୁମାର (ଉଭୟ ୧୯୯୫ ବ୍ୟାଚ୍) ଦୌଡ଼ରେ ରହିଛନ୍ତି। କିନ୍ତୁ ଅଜିତ କୁମାରଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଥିବାରୁ ସେ ବାଦ୍ ପଡ଼ିପାରନ୍ତି। ଯୋଗ୍ୟତା ଗୁରୁତ୍ୱପୂର୍ଣ୍ଣ ହୋଇଥିଲେ ମଧ୍ୟ ବହୁ ସମୟରେ ରାଜନୈତିକ ବିଷୟଗୁଡ଼ିକ ତା'ଠାରୁ ଅଧିକ ଗୁରୁତ୍ୱ ବହନକରେ। ରାଜ୍ୟ ସରକାର ଦେଇଥିବା ଏକ ଶର୍ଟଲିଷ୍ଟରୁ ୟୁପିଏସ୍‌ସି ତିନୋଟି ନାମ ଚୟନ କରିବ। ଏହାପରେ ସରକାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ କେରଳର ଡିଜିପି ନିଯୁକ୍ତି ଇତିହାସକୁ ଦେଖିଲେ ଏହି ଚୟନ ପ୍ରକ୍ରିୟାରେ ଯଦି ରାଜନୈତିକ ହସ୍ତକ୍ଷେପ ଓ ଶାସକ ଦଳ ସହ ବ୍ୟକ୍ତିଗତ ସମ୍ପର୍କର ଭୂମିକା ରହେ ତେବେ ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ଚୂଡ଼ାନ୍ତ ନିଷ୍ପତ୍ତି ଜୁନ୍‌ରେ ନିଆଯିବ ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଉଛି ।

### ସେଣ୍ଟ୍ରାଲ ଡେପୁଟେଶନ ଚାପ

ସମୟ ଥିଲା ଆଇଏଏସ୍ ଓ ଆଇପିଏସ୍ ଅଧିକାରୀଙ୍କ ପାଇଁ ସେଣ୍ଟ୍ରାଲ ଡେପୁଟେଶନ ବା କେନ୍ଦ୍ରୀୟ ପ୍ରତିନିଯୁକ୍ତି ଥିଲା ଏକ ସ୍ୱପ୍ନର ନିଯୁକ୍ତି। ଏଥିରେ ଦିଲ୍ଲୀ କ୍ଷମତା ପରିସରରେ ପ୍ରଭାବଶାଳୀ ଚାକିରିରେ ରହିବା ଏବଂ ଜାତୀୟ ନୀତି ନିର୍ଦ୍ଧାରଣରେ ସୁଯୋଗ ମିଳୁଥିଲା। କିନ୍ତୁ ଏବେ ମହାରାଷ୍ଟ୍ର ଏବଂ ଉତ୍ତରପ୍ରଦେଶ ଭଳି ବଡ଼ ରାଜ୍ୟ ସେମାନଙ୍କର ସବୁଠୁ ଭଲ ଅଧିକାରୀଙ୍କୁ ରାଜ୍ୟରେ ରଖିଦେବା ଦେଖିବାକୁ ମିଳୁଛି। ଅନ୍ୟପଟେ ଓଡ଼ିଶା ଏବଂ ଏଜିଏମ୍‌ୟୁ କ୍ୟାଡର ସେମାନଙ୍କ ଅଧିକାରୀଙ୍କୁ କେନ୍ଦ୍ରକୁ ପଠାଇ ଖୁସି ହେଉଛନ୍ତି। ଦେଖିବାକୁ ଗଲେ ରାଜ୍ୟ ଭଲ ଅଧିକାରୀ ଆବଶ୍ୟକ କରେ। ହେଲେ ଭିତ୍ତିଭୂମି କାର୍ଯ୍ୟଠାରୁ ଆରମ୍ଭ କରି କଲ୍ୟାଣକର ଯୋଜନା ପର୍ଯ୍ୟନ୍ତ ଶାସନରେ ଆହ୍ୱାନ ବଢୁଥିବାବେଳେ ଦିଲ୍ଲୀକୁ ଭଲ ବାବୁଙ୍କୁ ପଠାଇ ନିଜର କ୍ଷତି କରୁଥିବା ଭଳି ମନେ ହେଉଛି। ଦିନ ଥିଲା କେନ୍ଦ୍ରୀୟ ପ୍ରତିନିଯୁକ୍ତି ଖ୍ୟାତି ଓ ପ୍ରଭାବର ବିଷୟ ଥିଲା, କିନ୍ତୁ ଏବେ ରାଜ୍ୟଗୁଡ଼ିକ ସମାନ ପ୍ରକାର କ୍ଷମତାର ଦାୟିତ୍ୱ ପ୍ରଦାନ କରୁଛନ୍ତି, ସେବାନିବୃତ୍ତ ପରେ ବି ନିଯୁକ୍ତି ଦେଉଛନ୍ତି ଏବଂ ସେମାନେ ଶୀର୍ଷ ରାଜନେତାଙ୍କ ନିକଟରେ ପହଞ୍ଚିପାରୁଛନ୍ତି। ଏଣୁ ଅନେକେ ବିଶ୍ୱାସ କରୁଛନ୍ତି, ଦିଲ୍ଲୀର କ୍ଷମତା ଯୁଦ୍ଧ ମଧ୍ୟରେ କାମ କରିବା ବଦଳରେ ନିଜ ରାଜ୍ୟରେ ରହି କିଙ୍ଗ୍‌ମେକର ହେବା ଭଲ। ରାଜନୈତିକ ଦିଗକୁ ଦେଖିଲେ ଅନେକ ରାଜ୍ୟ ସେମାନଙ୍କ ଅଧିକାରୀଙ୍କୁ ନେଇ କେନ୍ଦ୍ର ଉପରେ ଭରସା ରଖନ୍ତି ନାହିଁ। ଥରେ ରାଜ୍ୟ ଛାଡ଼ିଲେ, ସେମାନେ ଦିଲ୍ଲୀର ବିଶ୍ୱସ୍ତ ହୋଇଯାଇପାରନ୍ତି ବୋଲି ରାଜ୍ୟଗୁଡ଼ିକର ଭୟ ରହିଛି। ରାଜ୍ୟଗୁଡ଼ିକ ଅଧିକ ଅଧିକାରୀଙ୍କୁ ପଠାଇବାକୁ ପରୋକ୍ଷରେ କେନ୍ଦ୍ର ଚାପ ପକାଉଥିବାରୁ,ସେମାନେ ମନା କରିଦେଉଛନ୍ତି।

Email: dilipcherian@gmail.com

# ପତଙ୍ଗ ଭାରତ



ରଞ୍ଜନ କୁମାର ଦାସ

ଦେଶ ବା ରାଜ୍ୟ ଚଳେଇବା ଛୋଟିଆ କଥା ନୁହେଁ। ସରକାରୀ କଳକୁ ଚଳେଇବା ମଧ୍ୟ କୋଉ ଯୁଦ୍ଧଠାରୁ କମ୍ ନୁହେଁ। ପ୍ରତ୍ୟହ ନୂଆ ନୂଆ ଚ୍ୟାଲେଞ୍ଜ, ସମସ୍ୟା। ତାକୁ ସମାଧାନ କରିବାକୁ ଲୋଡ଼ା ଅର୍ଥବଳ ଓ ମାନବ ସମ୍ବଳ, ନୂଆ ବିଚାରଧାରା ନୂଆ ନୂଆ ଯୋଜନା। ଭାରତ ଭଳି ଦେଶରେ ସରକାର କେବଳ ଟିକସ ଅର୍ଥର ସୀମିତ ସମ୍ବଳ ଭିତରେ ସ୍ୱଳ୍ପ ସଂଖ୍ୟକ ସରକାରୀ କର୍ମଚାରୀଙ୍କୁ ନେଇ କେତେ କଷ୍ଟରେ ଯେ କାମ କରନ୍ତି ତାହା ବାହାରେ ବସିଥିବା ଲୋକଟି କେବେ କଳନା କରିପାରିବନାହିଁ। ବାହାରେ ବସିଥିବା ସାଧାରଣ ନାଗରିକଟିଏ ଭାବେ ସରକାର ଓ ପ୍ରଶାସନରେ ଏତେ ଲୋକ ହାଉଯାଉ। ଏତେ ଏତେ ପଇସା ନେଉଛନ୍ତି ଦରମା ବାବଦରେ। ତା' ପୁଣି ଆମ ଟିକସରୁ। କିନ୍ତୁ ଆମ କାମଟି ହୋଇପାରୁନାହିଁ। ହେଲେ କଥା କୋଉଠି ଅଟକିଛି କେହି ବୁଝିପାରନ୍ତିନାହିଁ। ସୀମିତ ଅର୍ଥ ଯୋଗୁ ଅନେକ ସମୟରେ ସରକାରଙ୍କ ଭିତ୍ତିଭୂମିର ବିକାଶ ସ୍ୱପ୍ନ ପୂରଣହୋଇପାରେ ନାହିଁ। ଜନକଲ୍ୟାଣ କାର୍ଯ୍ୟକ୍ରମ ପାଇଁ ଟଙ୍କା ଅଣ୍ଟେନାହିଁ। ଯତ୍କିଞ୍ଚିତ ଅର୍ଥ ମଧ୍ୟ ବିଭିନ୍ନ ଉତ୍ସରୁ ମିଳେ ତାକୁ ସୁଚାରୁରୂପେ ଖର୍ଚ୍ଚକରିବା ପାଇଁ ଆବଶ୍ୟକ ସରକାରୀ କର୍ମଚାରୀ ନ ଥାନ୍ତି। ଯେତିକି ବି କର୍ମଚାରୀ ଥାଆନ୍ତି , ସେମାନେ ନାନା ଅବସ୍ଥା ଭିତରେ ବନ୍ଧା। ନାଲିଫିତାର କାଇଦା କଟକଣା ଭିତରେ ଅନେକ କଥା ଅଟକିଯାଏ। ତେଣୁ ଶାସନ ବ୍ୟବସ୍ଥା ଭଗବାନ୍‌ଙ୍କ ଭରସାରେ ଚାଲେ, କହିଲେ ଅତ୍ୟୁକ୍ତି ହେବ ନାହିଁ।

ଅଧିକ ବ୍ୟାଖ୍ୟା ପାଇଁ ଗୋଟେ ଛୋଟ ପରିସଂଖ୍ୟାନରୁ ଆରମ୍ଭ କରିବା। ଭାରତରେ ୧୪୦ କୋଟି ଲୋକଙ୍କ ପାଇଁ ସମଗ୍ର ଲୋକସଂଖ୍ୟାର ୧.୨ ଶତାଂଶ ସରକାରୀ କର୍ମଚାରୀ ଅଛନ୍ତି ଯେତେବେଳେ କି ସାରା ପୃଥିବୀରେ ଲୋକସଂଖ୍ୟାର ହାରାହାରି ୩ ଶତାଂଶ ସରକାରୀ କର୍ମଚାରୀ ଥାଆନ୍ତି। ଚାଇନାରେ ମୋଟ ଲୋକସଂଖ୍ୟାର ୨.୮ଶତାଂଶ, ଇଂଲଣ୍ଡରେ ୭ ଶତାଂଶ ଓ ଆମେରିକାରେ ଲୋକସଂଖ୍ୟାର ୭.୧ ଶତାଂଶ ସରକାରୀ କର୍ମଚାରୀ ଲୋକଙ୍କ ପାଇଁ କାମକରନ୍ତି। ଏପରିକି ଶ୍ରୀଲଙ୍କା ଓ ମାଲେସିଆ ଭଳି ଅପେକ୍ଷାକୃତ ଦୁର୍ବଳ ଅର୍ଥନୀତିରେ ମଧ୍ୟ ୪.୫ଶତାଂଶ ଲୋକ ସରକାରୀ କର୍ମଚାରୀଭାବେ କାମକରନ୍ତି। ସମାନ କାମଟିଏ କରିବାକୁ ଭାରତରେ ଯେତିକି କର୍ମଚାରୀ ନିୟୋଜିତ ଆମେରିକା ଓ ଇଂଲଣ୍ଡରେ ସେହି କାମଟି କରିବାକୁ ୫/୬ ଗୁଣା ଅଧିକ ଲୋକ ଅଛନ୍ତି। ତେବେ ସେଠି କାମଟି ଶୀଘ୍ର ହେବନି କେମିତି



ଓ ଭଲରେ ହେବନି କାହିଁକି? ତେଣୁ ଭାରତ ଭଳି ଦେଶରେ ସରକାରୀ କର୍ମଚାରୀମାନଙ୍କ ଉପରେ କାମର ଭାର ନିଶ୍ଚୟ ଅଧିକ ଥାଏ। ହୁଏତ ଏଇଟା ମଧ୍ୟ ଗୋଟେ କାରଣ ହୋଇପାରେ ଯୋଉଥିପାଇଁ ଭାରତୀୟ କର୍ମଚାରୀମାନେ କାମ ପ୍ରତି ବିମୁଖ ଏବଂ ଯଦିବା ଅଧିକ ସମୟ କାମକରନ୍ତି ତା' ବିନିମୟରେ ସରକାରଙ୍କଠାରୁ କିଛି ପାଉ ନ ଥିବାରୁ ଲୋକଙ୍କଠାରୁ ଅଧିକ କିଛି ଆଶା କରିବସନ୍ତି।

ଦେଶ କଥା ଛାଡ଼ ଯଦି ରାଜ୍ୟଗୁଡ଼ିକର ସ୍ଥିତି ଦେଖିବା ସେଥିରେ ରାଜ୍ୟରୁ ରାଜ୍ୟ ମଧ୍ୟରେ ଅନେକ ତାରତମ୍ୟ। ତାମିଲନାଡୁ ଭଳି ରାଜ୍ୟରେପ୍ରତି ହଜାରେ ଲୋକଙ୍କ ପିଛା ୧୪.୪ଜଣ ସରକାରୀ କର୍ମଚାରୀ ଥିଲାବେଳେ ବିହାର ଭଳି ରାଜ୍ୟରେ ଏହା ଅତି ନଗଣ୍ୟ ସ୍ତରରେ ଅର୍ଥାତ୍ ୨.୭। ବିହାରରେ ମୁଣ୍ଡ ପିଛା ସରକାରୀ କର୍ମଚାରୀଙ୍କ ହାର ସର୍ବନିମ୍ନ ହୋଇଥିଲା ବେଳେ ପଶ୍ଚିମବଙ୍ଗ ୫.୯, ଛତିଶଗଡ଼ରେ ୬, ଝାଡ଼ଖଣ୍ଡ ୭, ମଧ୍ୟପ୍ରଦେଶ ୮, ଗୁଜରାଟ ୧୦, ଓଡ଼ିଶା ୧୦.୫, ଆନ୍ଧ୍ର ୧୧, ରାଜସ୍ଥାନ ୧୧.୫, ଆସାମ ୧୨, ହରିୟାଣା ୧୨.୨, ମହାରାଷ୍ଟ୍ର ୧୨.୩, କେରଳ ୧୨.୪, ଜମ୍ମୁ କଶ୍ମୀର ଓ କର୍ଣ୍ଣାଟକ ୧୨.୫, ପଞ୍ଜାବ ୧୨.୭ ଏବଂ ତାମିଲନାଡୁରେ ୧୪.୪। ଏହି ପରିସଂଖ୍ୟାନକୁ ଲକ୍ଷ୍ୟକଲେ ହୁଏତ ଆପଣ ସେ ରାଜ୍ୟର ଅର୍ଥନୈତିକ ଓ ସାମାଜିକ ବିକାଶ ସହ ଏହାର ଏକ ଅଘୋଷିତ ସମ୍ପର୍କକୁ ଆବିଷ୍କାର କରିପାରିବେ। ଯେଉଁ ରାଜ୍ୟଗୁଡିକ ଯେତେ ସମ୍ପନ୍ନ, ସମୃଦ୍ଧ ଓ ବିକଶିତ ହୋଇଥିବା ଦେଖାଯାଇଛି ସେଠି ସେତେ ଅଧିକ କର୍ମଚାରୀ ଥିବେ ଓ ଶାସନ ବ୍ୟବସ୍ଥା ସେତେ ସୁଦୃଢ଼ ଥିବ। ହୁଏତ ଅଧିକ ସଂଖ୍ୟକ କର୍ମଚାରୀଙ୍କ ଉପସ୍ଥିତି ସେ ରାଜ୍ୟର ଆଇନଶୃଙ୍ଖଳା ରକ୍ଷା, ଶିକ୍ଷା, ସ୍ୱାସ୍ଥ୍ୟସେବା, ଶିଳ୍ପ ବିକାଶ, ଜନକଲ୍ୟାଣକାରୀ କାର୍ଯ୍ୟକ୍ରମର ସଫଳ କ୍ରିୟାନ୍ୱୟନକୁ ସକାରାତ୍ମକଭାବେ ପ୍ରଭାବିତ କରିବା ପାଇଁ ଦାୟୀ! ଅପରପକ୍ଷରେ ଯେଉଁ ରାଜ୍ୟଗୁଡିକର ସରକାରୀ କର୍ମଚାରୀମାନଙ୍କ ସଂଖ୍ୟା କମ୍ ସେଠି ଯୋଜନା କ୍ରିୟାନ୍ୱୟନର ଧାରା ସେତିକି ଶିଥିଳ, ଅର୍ଥନୈତିକ ବିକାଶର ଧାରା ସେତିକି ମନ୍ଥର!

ଆମ ଦେଶକୁ ଫେରିବା। ଆମ ଦେଶରେ ଲୋକ ପିଛା ଯେଉଁ ୧.୨ ଶତାଂଶ ସରକାରୀ କର୍ମଚାରୀ ମଧ୍ୟ ଅଛନ୍ତି ସେମାନଙ୍କ ଭିତରେ ବେଶି ସଂଖ୍ୟକ ସହାୟକ ଶ୍ରେଣୀୟ କର୍ମଚାରୀ ଅଛନ୍ତି ଯଥା ଅର୍ଡରଲି ପିଅନ, ଡ୍ରାଇଭର, ବ୍ୟକ୍ତିଗତ ସହାୟକ, ସୁରକ୍ଷା କର୍ମୀ, ରିସେପ୍‌ସନିଷ୍ଟ, ରୋଷେୟା, ମାଳୀ। ଏମାନେ ଲୋକଙ୍କୁ ସିଧାସଳଖ କୌଣସି ସେବା ପ୍ରଦାନ କରନ୍ତିନାହିଁ ବରଂ ବରିଷ୍ଠ ଅଧିକାରୀଙ୍କ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ବିଳାସ ପାଇଁ ନିୟୋଜିତ ଥାଆନ୍ତି। ପ୍ରକୃତରେ ଜନସାଧାରଣଙ୍କୁ ସେବା ପ୍ରଦାନ ପାଇଁ ଯେଉଁମାନେ ଉଦ୍ଦିଷ୍ଟ ଯଥା ଡାକ୍ତର, ଇଞ୍ଜିନିୟର, ନର୍ସ, ଶିକ୍ଷକ, ପୋଲିସ, ପୌର କର୍ମଚାରୀ, ରାଜସ୍ୱ କୃଷି ଓ ପରିବହନ ବିଭାଗର କର୍ମଚାରୀ, ସେମାନଙ୍କ ସଂଖ୍ୟାକମ୍। ଅର୍ଥାତ୍ ଯେଉଁମାନେ ପ୍ରକୃତ ସେବା ଯୋଗାଇବା କଥା ସେମାନେ ନାହାନ୍ତି। ମାତ୍ର ଯେଉଁମାନେ ଅଛନ୍ତି ସେମାନେ କେବଳ ଟହଲିଆ! ତା'ଭିତରୁ ଅନେକ କେବଳ ବସିବସି ଦରମା ନିଅନ୍ତି! ଏ କ୍ଷେତ୍ରରେ ବିକାଶ କାହା କାନ୍ଧରେ ଲଦିହୋଇ ଆଗକୁ ବଢ଼ିବ? ଦେଶ ଛୋଟେଇ ଛୋଟେଇ ଚାଲିବ ହିଁ ଚାଲିବ!

ଛୋଟେଇ ଛୋଟେଇ ଏମିତି ଚାଲୁଥିବା ଏକ ଦେଶ ପିଠିରେ ସ୍କନ୍ଧ ବାଧତି ଇତିର କାରଣ ହେଲା ଏଇ ଅନାବଶ୍ୟକ କର୍ମଚାରୀଙ୍କ ଦରମା ବୋଝ। ବିଶବ୍ୟାପୀ ସରକାରୀ କର୍ମଚାରୀଙ୍କ ଦରମା ବାବଦରେ ଯାହା ଖର୍ଚ୍ଚ ହୁଏ ତା' ତୁଳନା ଭାରତରେ ଖର୍ଚ୍ଚ ବେଶ୍ ଅଧିକ। କର୍ମଚାରୀଙ୍କ ଦରମା ତାଙ୍କ ଉତ୍ପାଦିକ ଶକ୍ତି ତୁଳନାରେ ଅଧିକ ହେଲେ ଅର୍ଥନୀତି ଉପରେ ତାହା ବୋଝ ପାଲଟିଯାଏ। ୟୁରୋପରେ ମୁଣ୍ଡ ପିଛା ଜାତୀୟ ଉତ୍ପାଦନର୧.୩ ସରକାରୀ କର୍ମଚାରୀଙ୍କ ଦରମାରେ ଖର୍ଚ୍ଚହୁଏ। ଲାଟିନ୍ ଆମେରିକାରେ ଖର୍ଚ୍ଚ ହୁଏ ୨.୫ଗୁଣା, ମଧ୍ୟପ୍ରାଚ୍ୟରେ ଖର୍ଚ୍ଚ ହୁଏ ୩.୪ଗୁଣା ଓ ଆଫ୍ରିକାରେ ଖର୍ଚ୍ଚ ହୁଏ ୫.୭ଗୁଣା। ଶୁଣିଲେ ଆଶ୍ଚର୍ଯ୍ୟ ହେବେ, ଭାରତରେ ମୋଟ ମୁଣ୍ଡ ପିଛା ଉତ୍ପାଦନର ୭.୨ଗୁଣା ଖର୍ଚ୍ଚହୁଏ ସରକାରୀ କର୍ମଚାରୀମାନଙ୍କ ପିଛା, ଯେଉଁମାନଙ୍କ ମଧ୍ୟରୁ ଅଧେ ଅର୍ଦ୍ଧ ଆବଶ୍ୟକ ଓ ଅଧେ ଅନାବଶ୍ୟକ କର୍ମଚାରୀ । ସହଜେତ ଏମିତିରେ ମୂଷାଗାତରେ ଗଳିପାରୁ ନ ଥିଲା, ତା'ପରେ ବି ଯଦି ତା' ପିଠିରେ ଦିଟା କୁଲା ବାନ୍ଧିଦିଆଯାଏ ସେ କୋଉ ଗାତ ଭିତରେ ପଶିପାରିବ? ସେଭଳି ପିଠିରେ କୁଲା ବନ୍ଧା ମୂଷା ନା ଗାତରେ ଗଳିପାରିବ ନା ଆକାଶରେ ଉଡ଼ିପାରିବ। ଆମ ଦେଶର ଅବସ୍ଥା ସେଇ ମୂଷା ଭଳି! ନା ଦୌଡ଼ିପାରୁଛି ନା ଉଡ଼ିପାରୁଛି ! କେବଳ ଗୋଟେ ପତଙ୍ଗ ପରି ପଡ଼ି ଉଡ଼ି ଗମନ କରୁଛି! କେବେ ଛୋଟେଇ ଛୋଟେଇ, କେବେ ଝୁଣ୍ଟି ଝୁଣ୍ଟି ଲହୁଲୁହାଣ ହୋଇ! ଏମିତି ପତଙ୍ଗ ଗତିରେ ଯାଉଯାଉ ଭାରତ କେବେ ଯାଇ ତା'ର ସହସ୍ରାବ୍ଦୀର ଲକ୍ଷ୍ୟ ଛୁଇଁପାରିବ କିଏ ଜାଣେ!

ମୋ: ୯୪୩୭୨୮୬୫୧୨

# ବାର୍ଦ୍ଧକ୍ୟର ଅନୁଚିନ୍ତା



ଭଗବାନ ଦାଶ

ମଣିଷର ବୟସ ବଢିଲେ ପରମାୟୁ କମି କମି ଚାଲେ। ଏଣୁ ବୟସକୁ ସମ୍ମାନ ଦେଇ ସର୍ବାଗ୍ରେ ନିଜ ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବା ବିଧେୟ। ଶରୀର ସୁସ୍ଥ ଥିଲେ ମନ ସୁଖୀ ରହେ। ନିଜର ବିଚାର ଶକ୍ତି ବଢ଼େ। ଚିଡାପଣ କମେ। ଏପରିକ୍ଷେତ୍ରେ ସୁସ୍ଥ ରହିବାର ଏକମାତ୍ର ଅର୍ଥ ବ୍ୟତିରେକେ ସ୍ୱାଗତଯୋଗ୍ୟ ବ୍ୟାୟାମ ହେଉଛି ପ୍ରାତଃଭ୍ରମଣ। ପ୍ରାଣାୟାମ, ଯୋଗ, ସ୍ୱଳ୍ପ ବ୍ୟାୟାମ ମଧ୍ୟ ଘରେ ବା ପାଖରେ ସୁବିଧା ଥିଲେ କରିବା ବିଧେୟ। ସମବୟସ୍କ ଲୋକଙ୍କ ମେଳରେ ହସାହସି ମଧ୍ୟ ମାନସିକ ତଥା ଶାରୀରିକ ସ୍ଫୂର୍ତ୍ତି ପ୍ରଦାନକାରୀ ବ୍ୟାୟାମରେ ଗଣାଯାଏ। ଏ ବୟସରେ ରୋଗ ଆସିଯିବା କିଛି ବଡ଼କଥା ନୁହେଁ । ଏଥିରେ ଭୟଭୀତ ହେବାର ନାହିଁ। କାରଣ ଏ ସବୁ ବୟସ ବୃଦ୍ଧିଜନିତ। ରୋଗକୁ ସମ୍ପୂର୍ଣ୍ଣ ଭଲ କରିବା ସହଜ ସାଧ୍ୟ ନୁହେଁ। କିନ୍ତୁ ଏସବୁ ସତ୍ତ୍ୱେ ସୁସ୍ଥ ରହିବାକୁ ହେଲେ ନିଜକୁ ବ୍ୟସ୍ତ ରହିବାକୁ ହେବ। ସାବଧାନତା, ସଚେତନତା ଏବଂ ସର୍ବୋପରି ଭୟାତୁର ନ ହେବା ରୋଗର ମହୌଷଧି ବୋଲି ମନେହୁଏ। ମଣିଷ ରହିବାକୁ ଆସିନି। ସେ ଯିବାକୁ ଆସିଛି। ତେଣୁ ସୁଖ ଦୁଃଖରେ ମନ ଦୃଢ ରଖିବା ଆବଶ୍ୟକ।

ଖାଦ୍ୟ ପ୍ରତି ଆସକ୍ତି ରହିତ ହେଲେ ଭଲ। ସମୟରେ କିନ୍ତୁ ଖାଦ୍ୟ ଗ୍ରହଣ କରିବା, ତାଜା ବା ତଟକା ଗରମ ଖାଦ୍ୟକୁ ଆପଣେଇବା ଅଧିକ ଜରୁରୀ। ଯାହା ମିଳୁଛି ସେତିକିରେ ସନ୍ତୁଷ୍ଟ ରହିବା ଭଲ। ଏ ବୟସ ତ ଆପେ ଆପେ ପ୍ରାୟ ଲୋକଙ୍କର ଭଲ ଭଲ ଖାଇବା ବନ୍ଦ କରିଦେଇଥାଏ। ଚିନି, ତେଲ, ଘିଅ, ମଇଦା, କ୍ଷୀରଜନିତ ସୁସ୍ୱାଦୁ ଖାଦ୍ୟଗୁଡିକରୁ ଦୂରେଇ ରହିବାକୁ ଡାକ୍ତର ପରାମର୍ଶ ଦିଅନ୍ତି । ଛଣାଛଣି ତେଲଭଜା ଆଦି ପାଟିସୁଆଦ ଜିନିଷ ସବୁରୁ ନିଜ ମନକୁ ଦୂରେଇ ଦେବା ଉଚିତ। ଅବଶ୍ୟ ନିଜର ଖାଦ୍ୟ ଏକାଥରକେ ଅଧିକ ଖାଇବା ଅପେକ୍ଷା ସାମୟିକ ଇଚ୍ଛାହେଲେ ଅଳ୍ପ ଅଳ୍ପ କରି ବାରମ୍ବାର ଖାଇବା ସ୍ୱାସ୍ଥ୍ୟ ପାଇଁ ହିତକର। ନ ଜଗିଲେ ନିଜକୁ ହିଁ ଭୋଗିବାକୁ ପଡିବ। ସାବଧାନତା ପ୍ରତିକ୍ଷଣେ ଜରୁରୀ।

ପାରିବାରିକ ସନ୍ତୁଳନ ଏକାନ୍ତ କାମ୍ୟ। ଆଗ ପରି ପ୍ରତି କଥାରେ ମୁଣ୍ଡ ପୂରାଇବା ଠିକ୍ ନୁହେଁ। ପ୍ରତି କଥା ତ ଦୂରର କଥା କୌଣସି କଥାରେ ମୁଣ୍ଡ ନ ପୂରାଇ ରହିପାରିଲେ ଖୁବ୍ ଭଲ। ବୟସ ଉପଦେଶ ଦେବାକୁ ମନକୁ ପ୍ରବର୍ତ୍ତାଇବ ସତ୍ୟ, ହେଲେ ସେଥିରୁ ବିରତ ରହିବା ଶ୍ରେୟସ୍କର। ପାଖରେ ଅର୍ଥ ଥିଲେ ବିଚାର ଅନ୍ୟପ୍ରକାର। ନାହିଁ ଯଦି ପିଲାଙ୍କ ଅର୍ଥରେ ପ୍ରତିପାଳିତ ହେବାକୁ ପଡୁଥାଏ, ତା' ହେଲେ ପରିସ୍ଥିତି ଦେଖି କଥା କହିବା ଭଲ। ଯାହା ମିଳୁଛି ସେଥିରେ ସନ୍ତୁଷ୍ଟ ରୁହ। ଚଳାଇନିଅ। ତୁଣ୍ଡ ଖୋଲିଲେ ଅଶାନ୍ତି। କେହି ସ୍ୱଳ୍ପ ରୋଜଗାରରେ ଆଜିକାଲି ଶାନ୍ତିରେ ଚଳିବା ସମ୍ଭବ ନୁହେଁ। ଦରଦାମ ଆକାଶଛୁଆଁ । ପିଲାମାନେ ଯେତେବେଳେ ନିଜେ ଚଳିବାକୁ ସମ୍ବଳ ଅକୁଳାଣ, ତେବେ ଘରେ ମା'ବାପାଙ୍କୁ ଚଳାଇବାରେ ଆର୍ଥିକ ଦୁଃସ୍ଥିତିର ସମ୍ମୁଖୀନ ହେବାଟା ଅନିବାର୍ଯ୍ୟ। ତଥାପି କେତେକ ନିଜକୁ ଅବହେଳା କରି ମାତାପିତାଙ୍କୁ ଯେତେଦୂର ପାରନ୍ତି ଜଗିରଖନ୍ତି। ଯତ୍ନ ନିଅନ୍ତି। ଅବଶ୍ୟ କେତେକଙ୍କ କ୍ଷେତ୍ରରେ ଏହାର ବ୍ୟତିକ୍ରମ ଦେଖାଯାଏ। ଏପରି କି ବାପର ସମ୍ପତ୍ତି ଥିଲେ ବା ପିଲେ ସେଥିରେ ଚଳୁଥିଲେ ମଧ୍ୟ ବୁଢାବୁଢ଼ୀଙ୍କୁ ଅକଥନୀୟ ନିର୍ଯାତନା ଦେଇଥାଆନ୍ତି। ଏହା ତାଙ୍କର କୁସଂସ୍କାର ବା ନୀଚ ମନୋବୃତ୍ତିର ପରିଚାୟକ।

ଧୀରେ ଧୀରେ ଜିନିଷରୁ ଲୋଭ କମାଅ। ମୋହ ଛାଡ଼। ବୟସ କିଛି କରିବାକୁ ଆଦେଶ ନ ଦେଇ କିଛି ଛାଡି ରହିବାକୁ ମନ କଢେଇଲେ ଶାନ୍ତି। ସଞ୍ଚୟ ଚିନ୍ତା ମନରୁ ହଟାଅ। ଯଦି ବୁଢାବୁଢ଼ୀ ଦୁହେଁ ଥାଆନ୍ତି, ତାହାହେଲେ ତ ସେମାନେ ଭାଗ୍ୟବାନ। ଜଣିକିଆ ହେଲେ ଦୁଶ୍ଚିନ୍ତା ଆସେ। ଦୁହେଁ ଥିଲେ ନିଜର ବୋଲି କିଛି ରଖି ଅନ୍ୟ ସବୁରୁ ମୋହ ଛାଡ଼। ହସ୍ତାନ୍ତର କର। ପିଲାଙ୍କୁ ବୁଝାଇ କିପରି ବୁଝୁଛନ୍ତି ଦେଖ। ଲାଭ କ୍ଷତିରେ କେବେ ସୁଖୀ ବା ଦୁଃଖୀ ହୁଅ ନାହିଁ। ଘର, ଜାଗା, ଜମିବାଡ଼ି, ଗାଡି, ଟଙ୍କା ପଇସା ଯାହା କିଛି ଅଛି ପିଲାଙ୍କୁ ଡାକି ବସାଇ ସବୁ ଅଡୁଆ ଛିଡାଇ ଦେବା ଭଲ। ନଚେତ୍ ପରେ ଘରେ ମହାଭାରତ ସୃଷ୍ଟିହେବ, ଯାହାର କାରଣ ନିଜକୁ ଦେବାକୁ ହେବ ।

ନାତି ନାତୁଣୀଙ୍କ ସଙ୍ଗେ ହସିଖୁସିରେ ସମୟ କାଟ। ପିଲାଙ୍କ କଥାରେ ମନକୁ ଘାଣ୍ଟନି। ଗୀତା, ଭାଗବତ, ରାମାୟଣ ଇତ୍ୟାଦି ଯଦି ପଢିପାର ତେବେ ସେଥିରେ ସମୟ ଦିଅ। ଅବଶ୍ୟ ଏ ବୟସରେ ସମୟ କାଟିବା ବଡ଼ କଷ୍ଟ । କଥା କାହାର ଦୁଃଖ ଦେବ ବୋଲି ସ୍ୱୟଂ ଭଗବାନ ପରା ଶ୍ରବଣ ଶକ୍ତି ହ୍ରାସ କରିଦିଅନ୍ତି। ସେମିତି ଆଖି ଥାଇ ବି କେତେଗୁଡିଏ ଜିନିଷରେ ଆଖି ନ ଥିବାର ଅଭିନୟ ଜରୁରୀ ମନେହୁଏ। ସବୁଠାରୁ ଭଲକଥା ଈଶ୍ୱର ଆପେ ଆପେ ଭୁଲିଯିବା ଶକ୍ତିଟି ଦେଇଦିଅନ୍ତି। ଏବ କଥା ଆଗକୁ ମନେ ରହେନି। ବୟସର ଫଳ ଈଶ୍ୱରଙ୍କ ଖେଳ ନିଆଯାଏ। କେହି ନ ବୁଝିଲେ ସ୍ୱୟଂ ପ୍ରଭୁ ବୁଝନ୍ତି। ଟିକେ ଧର୍ମ କର୍ମ ମୁହାଁ ହେଲେ ଭଲ। ଦାନ ତ ମହାପୁଣ୍ୟ। ଏ ସବୁ ମନ ନିର୍ମଳ ଏବଂ ନିର୍ଲୋଭର ପ୍ରତୀକ।

ପିଲାଙ୍କର ସାଥ ଦିଅ। ପିଲାଙ୍କୁ କାହିଁକି ଏପରି କଲ ତାଗିଦ ନ କରି, ଗାଳି ନ ଦେଇ ଯଦିପାର ବୁଝାଯାଇପାରେ। ଅବଶ୍ୟ ଏହାର ବିଚାର ତତ୍କାଳୀନ ପରିସ୍ଥିତି ଉପରେ ନିର୍ଭର କରେ। ଆଜିକାଲି ଉପଦେଶ ଶୁଣିବା ଲୋକର ଘୋର ଅଭାବ। ଉପଦେଶ ଦେବାକୁ ବା ଶୁଣାଇବାକୁ ସମସ୍ତେ ଆଗ୍ରହୀ। ନିଜର ଶରୀର ପ୍ରତି ଦୃଷ୍ଟି ଦିଅ। ଯଥା ସମୟରେ ଚିକିତ୍ସା କର। ଅର୍ଥ ଥିଲେ ଭଲ, ନ ଥିଲେ ସରକାରୀ ଡାକ୍ତରଖାନାର ସାହାଯ୍ୟ ନିଅ। ପଡିଗଲେ ସେବାଶୁଶ୍ରୂଷା କରିବା ଲୋକ ଏବେ ପରିବାରରେ ପ୍ରାୟତଃ ବିରଳ।



ଧନରୁ ମନ ଛାଡି ଧର୍ମରେ ଦିଅ। ବେଳେ ବେଳେ ପରିବାରରେ ଅସ୍ୱାଭାବିକ ଦୁର୍ଘଟଣା ମନକୁ ଆନ୍ଦୋଳିତ କରିପାରେ! ସେଥିରୁ ନିସ୍ତାର ଲଭିବାର ଏକମାତ୍ର ରାସ୍ତା ହେଉଛି ବିଭୁଙ୍କ ଶରଣ। ଏ ଦୁଃସମୟରେ କେବଳ ମନୋବଳ, ଅର୍ଥବଳ ଏବଂ ସର୍ବୋପରି ପାରିବାରିକ ସହଯୋଗିତା ହିଁ ଭାଙ୍ଗିପଡିବାରୁ ବର୍ତ୍ତାଇପାରେ। ଈଶ୍ୱରଙ୍କ ନାମ ଜପି ଏ ଜୀବନଟା ଅଚଳ ନ ହେଇ ସଚଳ ଅବସ୍ଥାରେ ଚାଲିଯାଇ ପାରିଲେ ଏ ବୃଦ୍ଧ ଟିକିଏ ଆଶ୍ୱସ୍ତ ଲଭନ୍ତା। ଦୁଃଖ ପାସୋରା ଓ ସୁଖ ଘୋଷରା ମନଟିଏ ସର୍ବଦା ବିଧେୟ।

ଗୁଣ୍ଡିଚାବିହାର, ପୁରୀ
ମୋ: ୮୨୪୯୦୮୨୪୦୦

## ଏଇ ଭାରତରେ

ମହାରାଷ୍ଟ୍ରର ମରୁଡ଼ିପ୍ରବଣ ବିଡ୍ ଜିଲାର କୃଷକମାନଙ୍କ ପାଇଁ ରୋଜଗାରର ନୂଆ ପଥ ଦେଖାଇଛନ୍ତି ପରମେଶ୍ୱର ଥୋରଟ। ସେ ଆଭାକୋଡା ଚାଷ କରି ବର୍ଷକୁ ୧ ଏକରରୁ ୧୦ ଲକ୍ଷ ଟଙ୍କା ରୋଜଗାର କରୁଛନ୍ତି। ସବୁଠୁ ବଡ଼ କଥା ହେଉଛି, ଜୈବିକ ପଦ୍ଧତିରେ କେବଳ ଗୋବର ଖତ ଓ ଜୈବିକ କୀଟନାଶକ ବ୍ୟବହାର କରାଯାଇ ଏହି ଚାଷ ହେଉଛି। ଏହା ବ୍ୟତୀତ ଜଳ ନଷ୍ଟ ରୋକିବା ପାଇଁ ପାରମ୍ପରିକ ପଦ୍ଧତି ପରିବର୍ତ୍ତେ ସିଞ୍ଚନ ଜଳସେଚନ ପ୍ରଣାଳୀର ବ୍ୟବହାର ହେଉଛି। ମରୁଡିପ୍ରବଣ ଅଞ୍ଚଳରେ ପରମେଶ୍ୱର ଆଭାକୋଡା ଚାଷରେ ସଫଳ ହେବା ପରେ ବିଡ ଅଞ୍ଚଳର ଚାଷୀମାନେ ଏବେ ଏହି ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି। ସେ ଚାଷ କରୁଥିବା ଆରକା ସୁପ୍ରିମ କିସମର ଆଭାକୋଡା ୪୫ ଡିଗ୍ରୀରୁ ଅଧିକରେ ମଧ୍ୟ ଭଲ ବଢୁଛି ଓ ଉତ୍ପାଦନ କ୍ଷମ ହୋଇପାରୁଛି। ପରମେଶ୍ୱର ୨୦୧୮ରେ ବାଙ୍ଗାଲୋରରୁ ଏହି କିସମ ଚାରା ସଂଗ୍ରହ କରି ଚାଷ ଆରମ୍ଭ କରିଥିଲେ। ୨୦୨୧ରେ ପ୍ରଥମେ ଅମଳ କରିବା ସହ ୨୦୨୩ରେ ୧,୨୦୦ କେଜି ଆଭାକୋଡା ବିକ୍ରି କରିଥିଲେ। ସେ ବିଡ ଅଞ୍ଚଳର କୃଷକମାନଙ୍କୁ ଆଭାକୋଡା ଚାଷ ସମ୍ପର୍କରେ ଶିକ୍ଷାଦେଇ ତାହା କରିବାକୁ ଉତ୍ସାହିତ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

୨୯ ମାର୍ଚ୍ଚ ୧୯୭୬

- ବାଂଲାଦେଶକୁ ଅଧିକ ଜଳ ପ୍ରବାହିତ ହେବା ଲାଗି ଫରକାଠାରେ ପ୍ରତ୍ୟାହୃତ ହୋଇଥିବା ଜଳର କରିମାଣ କମାଇଦେବାକୁ ଭାରତର ସ୍ୱତଃସ୍ଫୂର୍ତ୍ତ ନିଷ୍ପତ୍ତି।
- ଆମେରିକା ଓ ତୁର୍କୀ ମଧ୍ୟରେ ସାମରିକ ସାହାଯ୍ୟ ପାଇଁ ଏକ ଚାରିବର୍ଷିଆ ରାଜିନାମା ସମ୍ପାଦିତ।
- ଆର୍ଜେଣ୍ଟିନା ସାମରିକ ଜୁନ୍ତାର ମୁଖ୍ୟ ଲେଫ୍‌ଟନାଣ୍ଟ ଜେନେରାଲ ଜର୍ଜ ରାଫେଲଭିଡେଲ ଆର୍ଜେଣ୍ଟିନାର ନୂତନ ରାଷ୍ଟ୍ରପତି ନିଯୁକ୍ତ।

## ଚିରନ୍ତନୀ

ମଥାରେ ଝରେ ନିଦାଘ ତାପ
ପାଦରେ ଜଳେ ଧରଣୀ-ପାପ
ସକଳ କ୍ଳେଦ କାଳିମାରାଶି
ଯାଇଛି ଅପସରି,
ପଥିକ କେତେ ଚଳଇ ମୋହ ସରି।
-(କୁହୁ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 2 | | 5 | | | | | | |
| | 9 | | | | | | 7 | |
| | 6 | | 2 | | 5 | | 9 | |
| 3 | 1 | | | | | | 4 | |
| | | 2 | 3 | | 7 | 6 | | |
| | | | | | 9 | | | |
| | | 1 | | 3 | | 7 | | |
| 6 | | | | | | 9 | | |
| 4 | 3 | 9 | | | 1 | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 6 | 7 | 8 | 3 | 1 | 9 | 2 | 4 |
| 9 | 8 | 2 | 7 | 5 | 4 | 3 | 6 | 1 |
| 3 | 4 | 1 | 9 | 6 | 2 | 7 | 8 | 5 |
| 4 | 7 | 9 | 3 | 8 | 5 | 6 | 1 | 2 |
| 1 | 5 | 6 | 2 | 4 | 7 | 8 | 3 | 9 |
| 8 | 2 | 3 | 1 | 9 | 6 | 5 | 4 | 7 |
| 6 | 9 | 4 | 5 | 2 | 3 | 1 | 7 | 8 |
| 7 | 3 | 5 | 4 | 1 | 8 | 2 | 9 | 6 |
| 2 | 1 | 8 | 6 | 7 | 9 | 4 | 5 | 3 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ଜବରଦଖଲ ଉଚ୍ଛେଦ କେବେ

ମହାଶୟ,

ଖବରରେ ପ୍ରକାଶିତ ସରକାରୀ ତଥ୍ୟ ଅନୁଯାୟୀ ସରକାରଙ୍କ ୨୦,୪୩୫ ଏକର ଅନାବାଦୀ ଜମି ଲୋକେ ମାଡ଼ି ବସିଛନ୍ତି। ମନ୍ତ୍ରୀ ଏହି ବିଭାଗର ଦାୟିତ୍ୱ ନେବା ସମୟରେ ବିବୃତି ଦେଇଥିଲେ ଯେ, ଯେହେତୁ ସରକାରୀ ଜମି ଜବର ଦଖଲ ବା ବେଆଇନ ଦଖଲ ହୋଇଛି, ବିଶେଷକରି ରାଜଧାନୀରେ ସେ ସବୁ ହଟାଇବା ପାଇଁ ବୁଲ୍‌ଡୋଜର ଚାଲିବ। ପ୍ରଶାସନର ନାକତଳେ ରାଜଧାନୀରେ ବଡ଼ ବଡ଼ ରାଜନେତା ସରକାରଙ୍କ ଜମି ମାଡ଼ି ବସି ରାଜନୈତିକ ଛତ୍ରଛାୟା ତଳେ ସୁରକ୍ଷା ପାଇଁ ଅଟ୍ଟାଳିକା କରି ବହୁ ଅର୍ଥ ଉପାର୍ଜନ କରୁଛନ୍ତି। ଏବେ ଭାଜପା ସରକାର ଶାସନଭାର ଗ୍ରହଣ କରିବାର ୯ ମାସ ହୋଇସାରିଲାଣି କିନ୍ତୁ ରାଜସ୍ୱ ବିଭାଗ କେବଳ କେତେ ଜମି ବେଆଇନ ଦଖଲ ହୋଇଛି ତା'ର ସୂଚନା ଦେଇ ନିଜ କର୍ତ୍ତବ୍ୟ ସାରିଛନ୍ତି। ଏବେ ସରକାରୀ ଜମିରୁ ଜବରଦଖଲ କେତେ ପରିମାଣରେ ଉଚ୍ଛେଦ ହୋଇଛି ତାହା ସର୍ବସାଧାରଣରେ ଅଗୋଚର। ବିବୃତି ରଖିବାରେ ମନାନାହିଁ କିନ୍ତୁ କାର୍ଯ୍ୟରେ ପରିଣତ କିପରି ହେଉଛି ତାହା ରାଜ୍ୟବାସୀ ଜାଣିବା ନିମନ୍ତେ ଉତ୍କଣ୍ଠିତ ହେବା ସ୍ୱାଭାବିକ।

-ହରମୋହନ ମହାନ୍ତି, ଦଉତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶୁକ୍ରବାର ଲୋକସେବା ଭବନଠାରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବିସ୍ ଏବଂ ରାଜ୍ୟ ବିଧାନସଭାଠାରେ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି।

# ମହିଳା ପ୍ରସଙ୍ଗ ଉଠାଇ ଟାର୍ଗେଟ କଲା ବିଜେଡି

■ ଭାଜପାର ୨ ନୟନପିତୁଳା ଆଦାନୀ ଆଉ ଅମ୍ବାନୀ: ରଣେନ୍ଦ୍ର
■ ବିଜେଡି ସମୟରେ ଯୋଜନାର ନାଁ, ନୀତି କିଛି ନ ଥିଲା: ସିଦ୍ଧାନ୍ତ

ଭୁବନେଶ୍ୱର, ୨୮।୩(ସୁନିତ୍ ମିଶ୍ର)

ମହିଳାଙ୍କୁ କିପରି ଅସମ୍ମାନ କରାଯାଏ ଏବଂ ସେମାନଙ୍କ ବିକାଶକୁ ପଛକୁ ଠେଲିଦିଆଯାଏ, ତାହାର ଜୀବନ୍ତ ଉଦାହରଣ ହେଉଛି ଓଡ଼ିଶାର ଡବଲ ଇଞ୍ଜିନ ସରକାର। ଏହାର ପ୍ରଥମ ନିଦର୍ଶନ ହେଉଛି ସରକାରଙ୍କ ସୁଭଦ୍ରା ଯୋଜନା। ଏ ସରକାର କ୍ଷମତାକୁ ଆସିବା ପୂର୍ବରୁ ବର୍ଷକୁ ମହିଳାମାନଙ୍କୁ ୨୫ ହଜାର ଟଙ୍କା ଦେବ ବୋଲି ଘୋଷଣା କରିଥିଲେ। ହେଲେ କ୍ଷମତାକୁ ଆସିବା ପରେ ତାହା ଭୁଲିଗଲେ। ସେମାନଙ୍କ ପାଇଁ ଦେଇଥିବା ପ୍ରତିଶ୍ରୁତି ଭୁଲିଯିବା କିଛି ବଡ଼ କଥା ନୁହେଁ। ୨୦୧୪ ମସିହାରୁ ସେମାନେ ଏହି ପ୍ରଥା ପାଳନ କରିଆସୁଛନ୍ତି। ସାରା ଦେଶ ଜାଣିଛି ଡବଲ ଇଞ୍ଜିନ ସରକାର ଗରିବ ତଥା ସାଧାରଣ ଲୋକମାନଙ୍କ ପାଇଁ ଚିନ୍ତିତ ନୁହେଁ। ଭାଜପାର ୨ ନୟନ ପିତୁଳା ହେଉଛନ୍ତି ଆଦାନୀ ଏବଂ ଅମ୍ବାନୀ ବୋଲି ବିଜେଡି ସଦସ୍ୟ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି।

ଶୁକ୍ରବାର ବିଧାନସଭାରେ ମହିଳା ଓ ଶିଶୁ ବିକାଶ କଲ୍ୟାଣ, ପର୍ଯ୍ୟଟନ ଏବଂ ମିଶନ ଶକ୍ତି ବିଭାଗର ଖର୍ଚ୍ଚଦାବି ଆଲୋଚନାରେ ଭାଗନେଇ ବିରୋଧୀ ଦଳ ସଦସ୍ୟମାନେ ଶାସକ ଦଳ ଉପରେ ପ୍ରବଳ ବର୍ଷିଛନ୍ତି। ଏହି ଅବସରରେ ରଣେନ୍ଦ୍ର ଆହୁରି କହିଛନ୍ତି, ରାଜ୍ୟ ସରକାର ମିଶନ ଶକ୍ତିକୁ ଦୁର୍ବଳ କରିଦେବା ଲାଗି ମିଶନ ମୋଡ୍‌ରେ କାମ ଆରମ୍ଭ କରିଦେଇଛନ୍ତି। ଭାଜପା ସରକାର ଭାବୁଛି ମିଶନ ଶକ୍ତି ହେଉଛି ବିଜେଡିର। ତେଣୁ ଏହାକୁ ଭାଙ୍ଗି ଦେବେ। ବର୍ତ୍ତମାନ ଡବଲ ଇଞ୍ଜିନ ସରକାର ପାଇଁ କେବଳ ସୁଭଦ୍ରା ସର୍ବସ୍ୱ ହୋଇଯାଇଛି। ଏହାର ଅର୍ଥ ଅନ୍ୟ ଯୋଜନା କାର୍ଯ୍ୟକାରୀ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଯାଇଛନ୍ତି ବୋଲି ରଣେନ୍ଦ୍ର କହିଛନ୍ତି।

ବିଜେଡି ସଦସ୍ୟ ବର୍ଷା ସିଂ ବରିହା କହିଛନ୍ତି, ଭାଜପା ଏବଂ ବିଜେଡିର କେତେଜଣ ସଦସ୍ୟ କହୁଥିଲେ, ମହିଳାମାନେ ବହୁ ସରଳ ବିଶ୍ୱାସୀ। ଏହା ସତ ନ ହୋଇଥିଲେ ଭାଜପା କେବେହେଲେ ସରକାରକୁ ଆସି ନ ଥାଆନ୍ତା। ଆପଣମାନଙ୍କ ପାଇଁ ପୁରୀ ଯେମିତି ଆମ ପାଇଁ ହରିଶଙ୍କର-ନୃସିଂହନାଥ ମଧ୍ୟ ସେମିତି। ହେଲେ ଏ ସରକାର ପଶ୍ଚିମ ଓଡ଼ିଶାଠାରୁ ପୂର୍ବ ଓଡ଼ିଶାର ବିକାଶକୁ ଅଧିକ ବିକାଶ କରୁଛନ୍ତି। ଓଡ଼ିଶାର ବିକାଶ କେବେ ହେଲେ ଗୋଟିଏ ଅଞ୍ଚଳର ଉନ୍ନତିରେ ହେବ ନାହିଁ। ସବୁ ଜାଗାର ସମାନ ଭାବେ ବିକାଶ ହେଲେ ଓଡ଼ିଶାର ବିକାଶ ହୋଇପାରିବ। ଗନ୍ଧମାର୍ଦ୍ଦନ ପର୍ବତ ହେଉଛି ଆମମାନଙ୍କ ମା। ହେଲେ ଏ ସରକାର ଗନ୍ଧମାର୍ଦ୍ଦନକୁ ଆଦାନୀକୁ ଦେଇସାରିଲେଣି। ଏବେ ୨୧ଟି ଗାଁରେ ମାଇନିଂ ସର୍ଭେ ଆରମ୍ଭ ହୋଇଯାଇଛି। ଆମ ଭାଇମାନେ ଏହାକୁ ବିରୋଧ କରି ଆନ୍ଦୋଳନ ଜାରି ରଖିଛନ୍ତି। ଯଦି ଗନ୍ଧମାର୍ଦ୍ଦନ ପାହାଡ ଆମେ ମାଇନିଂ ପାଇଁ ଦେଇ ଦେବା ତେବେ ପର୍ଯ୍ୟଟନର ବିକାଶ କିପରି ହେଇପାରିବ ବୋଲି ବର୍ଷା କହିଛନ୍ତି। ବିଜେଡି ସଦସ୍ୟ ପ୍ରଦୀପ ସାହୁ କହିଛନ୍ତି, ମହିଳାମାନେ ଏବେ ରାଜ୍ୟରେ ସୁରକ୍ଷିତ ନୁହନ୍ତି। ମହିଳାମାନେ ନିର୍ଯାତନାର ଶିକାର ହେଉଛନ୍ତି। ହେଲେ ସେମାନଙ୍କୁ ଠିକ୍ ଭାବେ ନ୍ୟାୟ ମିଳିପାରୁନାହିଁ। ପର୍ଯ୍ୟଟନର ବିକାଶରେ ରାଜ୍ୟର ବିକାଶ ହୋଇପାରିବ। ବିଜେଡି ଶାସନରେ ପର୍ଯ୍ୟଟନ କ୍ଷେତ୍ରରେ ଅନେକ ବିକାଶ ହୋଇପାରିଛି ବୋଲି ସେ କହିଛନ୍ତି।

ବିଜେଡି ସଦସ୍ୟଙ୍କୁ ମଧ୍ୟ ଭାଜପା ପକ୍ଷରୁ ପାଲଟା ଟାର୍ଗେଟ କରାଯାଇଛି। ଭାଜପା ସଦସ୍ୟ ପ୍ରତାପ ଚନ୍ଦ୍ର ନାଏକ କହିଛନ୍ତି, ବିଜୁବାବୁ ଯେଉଁ ସ୍ୱପ୍ନ ଦେଖିଥିଲେ ସେକଥା ଆଉ ବିଜେଡିର ମନେପଡୁନାହିଁ। ବିଜୁବାବୁ ଗାଁ ଗାଁରେ ମଦ ବିକ୍ରିକୁ ବିରୋଧ କରିଥିଲେ। ହେଲେ ବିଜେଡି ସରକାର ସମୟରେ ପ୍ରତ୍ୟେକ ଗାଁରେ ମଦ ବିକ୍ରିକରି ମହିଳାମାନେ ନିର୍ଯାତିତ ହେବାର ରାସ୍ତା ତିଆରି କରାଗଲା। ଗତ ସରକାର ପିଠା ଯୋଜନା ଆଣିଥିଲେ। ରାତି ଅଧରୁ ଉଠି ମହିଳାମାନେ କେମିତି ଭଲ ପିଠା ହେବ ସେଥିଲାଗି ପ୍ରବଳ କାମ କଲେ। କେମିତି ପିଠା ଅଧିକ ଲୁଣିଆ କି ମିଠା ନ ହେବ ସେଥିପାଇଁ ବହୁ ପରିଶ୍ରମ କଲେ। ଯଦି ପିଠା ଖରାପ ହୋଇଯିବ ତେବେ ମହିଳାଙ୍କ ବିଭିନ୍ନ ଯୋଜନାରୁ ନାଁ କଟିଯିବ, ସେହି ଭୟରେ ସେମାନେ ମରି ପଡ଼ି ଭଲ ପିଠା କରି ନେଲେ। ହେଲେ କ'ଣ ହେଲା କୁଆଡ଼େ ସେ ପିଠା ଯୋଜନା ଗଲା ବୋଲି ପ୍ରତାପ ପ୍ରଶ୍ନ କରିଛନ୍ତି। ଭାଜପା ସଦସ୍ୟ ସିଦ୍ଧାନ୍ତ ମହାପାତ୍ର କହିଛନ୍ତି, କୌଣସି ବିଭାଗ ପାଇଁ ଗୁଡାଏ ଟଙ୍କା ବଜେଟରେ ବ୍ୟୟ ବରାଦ କରିଦେଲେ ତା'ର କିଛି ମୂଲ୍ୟ ନ ଥାଏ। ଯଦି ଯେତିକି ବଜେଟ ବରାଦ କରାଯାଉଛି ତାକୁ ଭଲ ଭାବେ ଉପଯୋଗ କରାଯାଇପାରିବ ତେବେ ତା'ର ସୁଦୂରପ୍ରସାରୀ ମୂଲ୍ୟ ରହିବ। ବିଜେଡି ସରକାର ସମୟରେ ନା ଯୋଜନାର ନାଁ ଥିଲା ନା ନୀତି ଥିଲା ନା ଯୋଜନା ଚାଲିଥିଲା। ଭାଜପା ସରକାର କରିଥିବା ଯୋଜନାର ନାଁ ଅଛି, ନୀତି ଅଛି ତା'ର ପାରଦର୍ଶିତା ମଧ୍ୟ ରହିଛି ବୋଲି ସିଦ୍ଧାନ୍ତ କହିଛନ୍ତି।

# ଖୁବ୍‌ଶୀଘ୍ର ନାରୀ ସତ୍ୟାଗ୍ରହ: ଭକ୍ତ

ଭାଜପା ମୁଖପାତ୍ର ସାଜିଛନ୍ତି ଡିଜିପି: ପଓ୍ୱନ ଖେରା

ଭୁବନେଶ୍ୱର,୨୮।୩ (ରବିନାରାୟଣ ଜେନା)

ଓଡ଼ିଶାରେ ମହିଳାଙ୍କ ସ୍ଥିତି ଅତ୍ୟନ୍ତ ଲଜ୍ଜାଜନକ ଓ ସଙ୍ଗିନ। ଖୁବ୍‌ଶୀଘ୍ର କଂଗ୍ରେସ ପକ୍ଷରୁ ଏହାକୁ ନେଇ ନାରୀ ସତ୍ୟାଗ୍ରହ କରାଯିବ। ଏହି ସତ୍ୟାଗ୍ରହକୁ ନେଇ ଘରେ ଘରେ କଂଗ୍ରେସ ପହଞ୍ଚାଇବ ବୋଲି ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି।

ଶୁକ୍ରବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଥିଲେ, ଗତ ୯ ମାସ ଭିତରେ ୬୦ ଜଣ ମହିଳାଙ୍କୁ ବଳାତ୍କାର କରାଯାଇଛି। ରାଜ୍ୟରେ ଏପରି କୌଣସି ଗୋଟିଏ ଜିଲା ନାହିଁ, ଯେଉଁଠାରେ ଏପରି ସଙ୍ଗିନ ଅପରାଧ ଘଟିନାହିଁ। ଅପ୍ରାପ୍ତ ବୟସ୍କା ଛାତ୍ରୀମାନଙ୍କ ପ୍ରତି ଯେଉଁ ପାଶବିକ ଅତ୍ୟାଚାର ହେଉଛି ତାହା ପ୍ରତ୍ୟେକ ସଭ୍ୟ ସମାଜକୁ ସ୍ତମ୍ଭୀଭୂତ କରିଛି। ମହିଳାମାନଙ୍କ ପ୍ରସଙ୍ଗକୁ ନେଇ ବିଧାନସଭା ଭିତରେ କଂଗ୍ରେସ ବିଧାୟକ ଦଳ ଗୃହ କମିଟି ଗଠନ ଦାବି କରିବା କ'ଣ ଭୁଲ୍ କି ? ହେଲେ ସରକାର ସମସ୍ତ ୧୪ଜଣଙ୍କୁ ନିଲମ୍ବନ କରି ତାଙ୍କର ମହିଳାଙ୍କ ପ୍ରତି କେତେ ଦରଦ ଅଛି ତାହା ଦେଖାଇଦେଲେ। ଏହି ଘଟଣାକୁ ନେଇ ରାଜ୍ୟ କଂଗ୍ରେସ ବିଧାନସଭା ଘେରାଉ କାର୍ଯ୍ୟକ୍ରମ ଗୁରୁବାର କରିଥିଲା । ଏହି ଘେରାଉ କାର୍ଯ୍ୟକ୍ରମ ସଂପୂର୍ଣ ରୂପେ ଶାନ୍ତିପୂର୍ଣ୍ଣଭାବେ ଚାଲିଥିଲା। ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ କର୍ମଚାରୀ ଲାଠି ଚାର୍ଜ ଆରମ୍ଭ କଲେ। ବ୍ୟାରିକେଡ୍ ସମ୍ମୁଖରେ ଛାତ୍ର କଂଗ୍ରେସ, ମହିଳା କଂଗ୍ରେସ ଓ ଯୁବ କଂଗ୍ରେସ କର୍ମୀ ପ୍ରଥମ ବ୍ୟାରିକେଡ୍ ଭାଙ୍ଗିଲା ପରେ ଦ୍ୱିତୀୟ ବ୍ୟାରିକେଡ୍‌କୁ ପହଞ୍ଚିବା ପୂର୍ବରୁ ପୋଲିସ ଲାଠି ଚାର୍ଜ କଲା। ଏହି ଲାଠି ଚାର୍ଜ ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରି କରାଯାଇଛି। କଂଗ୍ରେସ ଦଳର ନେତୃବର୍ଗ କୌଣସି ପ୍ରକାର ଟେକା ପୋଲିସଙ୍କ ଉପରକୁ ଫୋପାଡ଼ି ନାହାନ୍ତି। ଏହା ଭାଜପାର ଷଡ଼ଯନ୍ତ୍ର ବୋଲି ଭକ୍ତ କହିଥିଲେ।

ଅଖିଳ ଭାରତ କଂଗ୍ରେସ କମିଟିର ଗଣମାଧ୍ୟମ ବିଭାଗର ମୁଖ୍ୟ ପଓ୍ୱନ ଖେରା କହିଥିଲେ, ଓଡ଼ିଶାରେ ଭାଜପା ସରକାର ମହିଳା ସୁରକ୍ଷା ପ୍ରସଙ୍ଗ ଉପରେ ବିଧାନସଭାରେ ଆଲୋଚନା ନ କରିବା ଏବଂ ଗୃହ କମିଟି ଗଠନ କରିବା ଦାବିକୁ ଗ୍ରହଣ ନ କରିବା ଅତ୍ୟନ୍ତ ନିନ୍ଦନୀୟ। ରାଜ୍ୟର ପୋଲିସ ଡିଜି ଭାଜପାର ମୁଖପାତ୍ର ନ ସାଜନ୍ତୁ। ଆଉ କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କୁ ଧମକ ଦେବାରୁ ନିବୃତ୍ତ ରୁହନ୍ତୁ ।

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

ଆବଶ୍ୟକ
କଟକରେ ପ୍ରତିଷ୍ଠିତ ଲଣ୍ଡ୍ରିରେ କାମ କରିବା ପାଇଁ ଧୋବା କାରିଗର ତଥା ଆଇରନ୍ ଓ ଲୁଗା ସଫା କରିବା ଦରକାର, ରହିବା ସୁବିଧା ଦିଆଯିବ ।
ଯୋଗାଯୋଗ
9337171115

JOB OPENINGS
1. Welder/Fitter - 1 No. (Minimum 2 years experience required) to be employed in factory near Khordha.
2. Quality Control Engineer - 1 No. (Diploma/Engineer preferably Civil)
Contact No
9778363834 / 9861175019

WANTED
For Bhubaneswar Marketing Professionals - 10 Nos. (Male/Female), Delivery Executive - 05 Nos. (Male/Female)
BP TRADING & CO
Mob : 9439638972

VACANCY
OM Surgical and Chemicals needs Accountants having knowledge of Tally and Accounting Software, GST returns filling, compliances and minimum requirement of Income Tax, (Salary negotiable).
Send CV at omsurgical@yahoo.co.in
Mob. No.: 9437014935

See Career Appointment on every Wednesday & Saturday

REQUIRED URGENTLY
କଟକ ମହାନଗର ଅଞ୍ଚଳରେ ପେଟ୍ରୋଲ ପମ୍ପପାଇଁ Experience Salesman (M/F) ଆବଶ୍ୟକ ।
Contact: 9437167600, 8637206825

# ସର୍ବସାଧାରଣ ବିଜ୍ଞପ୍ତି
# ଜଷ୍ଟିସ୍ ବାଲକ୍ରିଷ୍ଣନ ତଦନ୍ତ ଆୟୋଗ

**ଯେହେତୁ,** ଐତିହାସିକ ଭାବେ ସାମାଜିକ ଅସମାନତା, ଅସ୍ପୃଶ୍ୟତା, ଭେଦଭାବ ଏବଂ ଏହାର ପରିଣାମ ସ୍ୱରୂପ ପଛୁଆପନତାର ଶିକାର ହୋଇଥିବା ବ୍ୟକ୍ତିମାନଙ୍କ ଗୋଷ୍ଠୀକୁ ଭାରତୀୟ ସମ୍ବିଧାନର ଧାରା ୩୪୧ ଅନୁଯାୟୀ ସମୟ ସମୟରେ ଜାରି କରାଯାଇଥିବା ରାଷ୍ଟ୍ରପତିଙ୍କ ଆଦେଶ ଦ୍ୱାରା ଅନୁସୂଚିତ ଜାତି ବୋଲି ଘୋଷଣା କରାଯାଇଛି;

**ଏବଂ ଯେହେତୁ,** କେତେକ ଗୋଷ୍ଠୀ ରାଷ୍ଟ୍ରପତିଙ୍କ ଆଦେଶ ମାଧ୍ୟମରେ ଅନୁମତିପ୍ରାପ୍ତ ବ୍ୟକ୍ତିମାନଙ୍କ ବ୍ୟତୀତ ଅନ୍ୟ ଧର୍ମର ନୂତନ ବ୍ୟକ୍ତିମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦେବା ପାଇଁ ପ୍ରଚଳିତ ସଂଜ୍ଞାକୁ ପୁନର୍ବିଚାର କରାଯିବା ଉପରେ ପ୍ରଶ୍ନ ଉଠାଇଛନ୍ତି ଏବଂ ଅପରପକ୍ଷରେ, ଅନ୍ୟ ଅନେକ ଗୋଷ୍ଠୀ ଏହାକୁ ବିରୋଧ ମଧ୍ୟ କରିଛନ୍ତି;

**ଏବଂ ଯେହେତୁ,** ବର୍ତ୍ତମାନ ବିଦ୍ୟମାନ ଅନୁସୂଚିତ ଜାତିର କେତେକ ପ୍ରତିନିଧି ନୂଆ ବ୍ୟକ୍ତିଙ୍କୁ ଅନୁସୂଚିତ ଜାତିମାନ୍ୟତା ପ୍ରଦାନକୁ ବିରୋଧ କରିଛନ୍ତି; ଏବଂ ଯେହେତୁ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଐତିହାସିକ ଭାବେ ଜଟିଳ, ସାମାଜିକ ଏବଂ ସାମ୍ବିଧାନିକ ପ୍ରଶ୍ନ ଏବଂ ନିଶ୍ଚିତ ଭାବରେ ଏକ ଜନଗୁରୁତ୍ୱର ବିଷୟ;

**ଏବଂ ଯେହେତୁ,** ଏହାର ଗୁରୁତ୍ୱ, ସମ୍ବେଦନଶୀଳତା ଏବଂ ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି, ଏ ସଂକ୍ରାନ୍ତରେ ସଂଜ୍ଞାରେ କୌଣସି ପରିବର୍ତ୍ତନ ଏକ ବିସ୍ତୃତ ଏବଂ ନିର୍ଦ୍ଦିଷ୍ଟ ଅଧ୍ୟୟନ ଏବଂ ସମସ୍ତ ଅଂଶୀଦାରଙ୍କ ସହ ବ୍ୟାପକ ପରାମର୍ଶ ଆଧାରରେ ହେବା ଉଚିତ ଏବଂ ତଦନ୍ତ ଆୟୋଗ ଅଧିନିୟମ, ୧୯୫୨ (୧୯୫୨ର ୬୦) ଅଧୀନରେ କୌଣସି ଆୟୋଗ ଏପର୍ଯ୍ୟନ୍ତ ଏହି ବିଷୟରେ ଅନୁସନ୍ଧାନ କରିନାହାନ୍ତି ।

ଏହାକୁ ଦୃଷ୍ଟିରେ ରଖି ଭାରତ ସରକାର, ସାମାଜିକ ନ୍ୟାୟ ଏବଂ ସଶକ୍ତୀକରଣ ମନ୍ତ୍ରଣାଳୟ ଦ୍ୱାରା ଭାରତର ଆନୁଷ୍ଠାନିକ ରାଜପତ୍ରରେ ପ୍ରକାଶିତ ହୋଇଥିବା ଅନୁଯାୟୀ ରାଜପତ୍ର ଅଧିସୂଚନା ସଂ. ଏସ୍.ଓ. ୪୭୪୨(ଇ) ତାରିଖ ୦୭।୧୦।୨୦୨୨ (ଯାହା https://socialjustice.gov.in ରେ ଉପଲବ୍ଧ) ମାଧ୍ୟମରେ ତଦନ୍ତ ଆୟୋଗ ଅଧିନିୟମ, ୧୯୫୨ର ଧାରା ୩ (୧୯୫୨ର ୬୦) ଅଧୀନରେ ନିମ୍ନଲିଖିତ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କୁ ନେଇ ଗଠିତ ଏକ ତଦନ୍ତ ଆୟୋଗ ନିଯୁକ୍ତ କରିଛନ୍ତି:

I. ଅଧ୍ୟକ୍ଷ – ଜଷ୍ଟିସ୍ କେ.ଜି. ବାଲକ୍ରିଷ୍ଣନ, (ଭାରତର ପୂର୍ବତନ ମୁଖ୍ୟ ବିଚାରପତି)
II. ସଦସ୍ୟ – ଶ୍ରୀ ରବୀନ୍ଦର କୁମାର ଜୈନ, ଆଇଏଏସ୍ (ଅବସରପ୍ରାପ୍ତ) (ଏଚ୍‌ପି – ୧୯୮୧)
III. ସଦସ୍ୟ – ପ୍ରଫେସର (ଡା.) ସୁଷମା ଯାଦବ, (ପୂର୍ବତନ ସଦସ୍ୟ, ୟୁଜିସି)

ଏହା ଏତଦ୍‌ପଶ୍ଚାତ୍ '**ଜଷ୍ଟିସ୍ ବାଲକ୍ରିଷ୍ଣନ୍ ତଦନ୍ତ ଆୟୋଗ**' ବା '**ଆୟୋଗ**' ଭାବେ ଉଲ୍ଲିଖିତ । ଯାହାର କାର୍ଯ୍ୟକାଳକୁ ତା୩୦।୧୦।୨୦୨୪ରିଖର ରାଜପତ୍ର ଅଧିସୂଚନା ସଂ. ଏସ୍.ଓ. ୪୬୮୦(ଇ) ମାଧ୍ୟମରେ ବୃଦ୍ଧି କରାଯାଇଛି ।

**୨. ଆୟୋଗର ବିଚାର୍ଯ୍ୟ ବିଷୟ:**

i. ଏପରି ନୂଆ ବ୍ୟକ୍ତିମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ପ୍ରଦାନ କରିବାର ମାମଲାକୁ ଯାଞ୍ଚ କରିବା, ଯେଉଁମାନେ ଐତିହାସିକ ଭାବେ ଅନୁସୂଚିତ ଜାତିର ଥିଲେ କିନ୍ତୁ ସମ୍ବିଧାନର ଧାରା ୩୪୧ ଅଧୀନରେ ସମୟ ସମୟରେ ଜାରି ହୋଇଥିବା ରାଷ୍ଟ୍ରପତିଙ୍କ ଆଦେଶରେ ଉଲ୍ଲିଖିତ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମକୁ ଧର୍ମାନ୍ତରଣ କରିଛନ୍ତି;
ii. ବିଦ୍ୟମାନ ଅନୁସୂଚିତ ଜାତି ତାଲିକାରେ ଏଭଳି ନୂତନ ବ୍ୟକ୍ତିଙ୍କୁ ସାମିଲ କରିବା ଯୋଗୁଁ ବିଦ୍ୟମାନ ଅନୁସୂଚିତ ଜାତି ତାଲିକା ଉପରେ ପଡୁଥିବା ପ୍ରଭାବକୁ ଯାଞ୍ଚ କରିବା;
iii. ଅନୁସୂଚିତ ଜାତିର ଲୋକମାନେ ସେମାନଙ୍କର ରୀତିନୀତି, ପରମ୍ପରା, ସାମାଜିକ ଏବଂ ଅନ୍ୟାନ୍ୟ ମାନ୍ୟତା ଭେଦଭାବ ଏବଂ ବଞ୍ଚିତତା ଦୃଷ୍ଟିରୁ ଅନ୍ୟ ଧର୍ମରେ ଧର୍ମାନ୍ତରଣ କରିବାରେ କ'ଣ ପରିବର୍ତ୍ତନ ଦେଇ ଗତି କରନ୍ତି ଏବଂ ସେମାନଙ୍କୁ ଅନୁସୂଚିତ ଜାତିର ମାନ୍ୟତା ଦେବା ପ୍ରଶ୍ନରେ ତାହାର ପ୍ରଭାବକୁ ଯାଞ୍ଚ କରିବା; ଏବଂ
iv. କେନ୍ଦ୍ର ସରକାରଙ୍କ ପରାମର୍ଶ କ୍ରମେ ଏବଂ ସମ୍ମତି କ୍ରମେ ଆୟୋଗ ଉପଯୁକ୍ତ ମନେ କରୁଥିବା ଅନ୍ୟ କୌଣସି ସମ୍ବନ୍ଧୀୟ ପ୍ରଶ୍ନର ଯାଞ୍ଚ କରିବା ।

୩. ଆୟୋଗର ବିଚାର୍ଯ୍ୟ ବିଷୟ ବା ଟର୍ମସ୍ ଅଫ୍ ରେଫରେନ୍ସ (ଟିଓଆର୍) ସମ୍ବନ୍ଧୀୟ ବିଷୟରେ ଜ୍ଞାନ ରଖୁଥିବା ଏବଂ ଆୟୋଗଙ୍କ କାର୍ଯ୍ୟ ପ୍ରକ୍ରିୟାକୁ ନେଇ ଆଗ୍ରହ ରଖୁଥିବା କିମ୍ବା ଆୟୋଗଙ୍କୁ ସହାୟତା କରିବାକୁ ଚାହୁଁଥିବା ବ୍ୟକ୍ତିମାନେ ସେମାନଙ୍କର ତଥ୍ୟର ବିବରଣୀ, ଦାଖଲ କିମ୍ବା ଆୟୋଗଙ୍କ ସହ ଜଡ଼ିତ ଅନ୍ୟ କୌଣସି ପ୍ରମାଣ/ବିବରଣୀ ଦାଖଲ କରିବା ଆବଶ୍ୟକ । ଆୟୋଗଙ୍କ ନିକଟରେ ତଥ୍ୟର ବିବରଣୀ, ଦାଖଲ ଆଦି ଉପସ୍ଥାପିତ କରିବାର ପ୍ରସ୍ତାବ ରଖୁଥିବା ପ୍ରତ୍ୟେକ ବ୍ୟକ୍ତି ତାହା ସପକ୍ଷରେ ଦସ୍ତାବିଜ ମଧ୍ୟ ଦାଖଲ କରିପାରିବେ । **ଯଦି କେରଳ, କର୍ଣ୍ଣାଟକ, ଗୁଜରାଟ ଏବଂ ବିହାରରେ ଜନଶୁଣାଣି ସମୟରେ କୌଣସି ବ୍ୟକ୍ତି କିମ୍ବା ଗୋଷ୍ଠୀ ଯୁକ୍ତି ଉପସ୍ଥାପନ କରିସାରିଛନ୍ତି, ତେବେ ଅତିରିକ୍ତ ସୂଚନା ଆଦାନ ପ୍ରଦାନ ମାମଲା ବ୍ୟତୀତ ସେମାନଙ୍କୁ ଯୁକ୍ତିର ପୁନରାବୃତ୍ତି କରିବାକୁ ପଡ଼ିବ ନାହିଁ ।** ଏହି ବିଜ୍ଞପ୍ତି ପ୍ରକାଶ ପାଇବାର ୩୦ ଦିନ ମଧ୍ୟରେ ବ୍ୟକ୍ତିଗତ ଭାବେ କିମ୍ବା ପଞ୍ଜୀକୃତ ପୋଷ୍ଟ/ସ୍ପିଡ୍ ପୋଷ୍ଟ କିମ୍ବା କୋରିୟର ସେବା ଜରିଆରେ ବିତରଣ ରସିଦ ବିକଳ୍ପ ସହିତ ତଥ୍ୟର ବିବରଣୀ, ଦାଖଲ, ଦସ୍ତାବିଜ ଏବଂ ଅନ୍ୟାନ୍ୟ ବିବରଣୀ ଆୟୋଗର ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ, ତୃତୀୟ ମହଲା, ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟର (ଡିଏଆଇସି), ୧୫ ଜନପଥ, ନୂଆଦିଲ୍ଲୀ-୧୧୦୦୦୧କୁ ପଠାଯାଇପାରିବ । ତଥ୍ୟର ବିବରଣୀ, ଦାଖଲ, ସପକ୍ଷ ଦସ୍ତାବିଜ କିମ୍ବା ଅନ୍ୟ କୌଣସି ପ୍ରାସଙ୍ଗିକ ସାମଗ୍ରୀ/ବିବରଣୀର ସ୍କାନ୍ ଏବଂ ସ୍ୱାକ୍ଷରିତ ବିବରଣୀ ମଧ୍ୟ ଇମେଲ୍ jbcommission-sje@gov.in ମାଧ୍ୟମରେ ପଠାଯାଇପାରିବ ।

**ତାରିଖ: ୨୯।୦୩।୨୦୨୫**
**ସ୍ଥାନ: ନୂଆଦିଲ୍ଲୀ**

**ଜଷ୍ଟିସ୍ ବାଲକ୍ରିଷ୍ଣନ ତଦନ୍ତ ଆୟୋଗ**
**ଡା. ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟର**
**୧୫ ଜନପଥ, ନୂଆଦିଲ୍ଲୀ- ୧୧୦୦୦୧**

CBC 38101/11/0027/2425

# କଂଗ୍ରେସ ପୁଣି ପିଟିଲା ଘଣ୍ଟି

ଭୁବନେଶ୍ୱର,୨୮।୩(ରବିନାରାୟଣ ଜେନା)

ବିଧାନସଭା ଗୃହ ଭିତରେ ଘଣ୍ଟି ମାଡ଼କରି କଂଗ୍ରେସର ୧୪ ସଦସ୍ୟ ନିଲମ୍ବିତ ହେବା ପରେ ଶୁକ୍ରବାର ପୁଣି ଘଣ୍ଟିମାଡ଼ କରିଛନ୍ତି। ମହିଳାଙ୍କ ସୁରକ୍ଷା ପ୍ରସଙ୍ଗରେ ଯେ ପର୍ଯ୍ୟନ୍ତ ସରକାରଙ୍କୁ ନିଦରୁ ନ ଉଠାଇଛୁ ସେପର୍ଯ୍ୟନ୍ତ ଘଣ୍ଟିମାଡ଼ ଜାରି ରହିବ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଅପରପକ୍ଷେ କଂଗ୍ରେସ ରାଜ୍ୟବାସୀଙ୍କ ବିଶ୍ୱାସଭାଜନ ହୋଇପାରିବ ନାହିଁ ବୋଲି ଭାଜପା କହିଛି।

ଶୁକ୍ରବାର କଂଗ୍ରେସର ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ନେତୃତ୍ୱରେ ବିଧାୟକମାନେ ଘଣ୍ଟି ବଜାଇ ପୂଜାର୍ଚ୍ଚନା କରିଥିଲେ। ଏହି ଅବସରରେ ସେ କହିଛନ୍ତି, ନାରୀ ନ୍ୟାୟ ପାଇଁ ଆମ କଂଗ୍ରେସ ବିଧାୟକମାନେ ବିଧାନସଭାରେ ଗୃହ କମିଟି ଦାବି କରିଥିଲୁ କିନ୍ତୁ ଭାଜପା ସରକାର ଷଡ଼ଯନ୍ତ୍ର କରି ଆମକୁ ନିଲମ୍ବନ କରିଛି। ଏହା କ'ଣ ନାରୀଙ୍କ ପାଇଁ ନ୍ୟାୟ ଓ ଓଡ଼ିଆ ଅସ୍ମିତା ? ରାଜ୍ୟ ବିଧାନସଭାରେ ବିରୋଧୀଙ୍କ ଦାବିକୁ ଗୁରୁତ୍ୱର ସହ ନେଇ ଗଣତାନ୍ତ୍ରିକ ପଦ୍ଧତିରେ ଆଇନ ପ୍ରଣୟନ ହୁଏ। କିନ୍ତୁ ଏକଛତ୍ରବାଦ ଶାସନ ଭଳି ଅହଙ୍କାରୀ ଭାଜପା ସରକାର ଆମକୁ ନିଲମ୍ବନ କରିଛି; ଯାହା ଗଣତନ୍ତ୍ର ବିରୋଧୀ। ସାଧାରଣ ଜନତାଙ୍କ ନ୍ୟାଯ୍ୟଦାବି ଫଳପ୍ରଦ କରିବା ଲାଗି ଆଇନ ପ୍ରଣୟନ କରିବାକୁ ସେମାନେ ଆମକୁ ବିଧାନସଭା ପଠେଇଛନ୍ତି। ମାତ୍ର ସେମାନଙ୍କ ଅଧିକାର ପାଇଁ ବିରୋଧୀ ଦଳ ଭାବେ ଗଣତାନ୍ତ୍ରିକ ପଦ୍ଧତିରେ ଦାବି ଉପସ୍ଥାପନା କରିବାରୁ ଆମକୁ ନିଲମ୍ବନ କରାଯାଇଛି। ଏହା ଅଗଣତାନ୍ତ୍ରିକ ଓ ଅସାମ୍ବିଧାନିକ ବୋଲି ତାରା କହିଛନ୍ତି।

ଅନ୍ୟପକ୍ଷରେ ଶାସକଦଳ ଏହାର ଦୃଢ଼ ଜବାବ ରଖିଛି। ଭାଜପା ସଦସ୍ୟ ଅଗସ୍ତି ବେହେରା କହିଛନ୍ତି, ଗୃହରେ ଅଶୋଭନୀୟ ଆଚରଣ ପାଇଁ କଂଗ୍ରେସ ବିଧାୟକ ନିଲମ୍ବନ ହୋଇଛନ୍ତି। ସେମାନେ ଘଣ୍ଟି ବାଡ଼େଇ ଗୃହ ବନ୍ଦ କଲେ, ଏବେ ଭାବୁଛନ୍ତି ଓଡ଼ିଶାର ଜନସାଧାରଣ ତାଙ୍କୁ ଭଲପାଇବେ। କିନ୍ତୁ ପୂର୍ବରୁ ଲୋକେ କଂଗ୍ରେସକୁ ଘୃଣା କରୁଥିଲେ, ଏବେ କଂଗ୍ରେସ ବିଧାୟକଙ୍କ ପ୍ରତି ଘୃଣା ଭାବ ବଢ଼ିଛି। ଗୁରୁବାର ଆନ୍ଦୋଳନ ସମୟରେ ପୋଲିସ ଉପରକୁ ଯେଉଁଭଳି ହାତ ଉଠେଇଲେ, ତାହା ସେମାନଙ୍କୁ ନିନ୍ଦିତ କରିଛି। ଏମାନେ ଓଡ଼ିଶାବାସୀଙ୍କ ବିଶ୍ୱାସଭାଜନ ହୋଇପାରିବେ ନାହିଁ ବୋଲି ଅଗସ୍ତି କହିଛନ୍ତି।

# ୫ରେ ମହାକାଳପଡ଼ା ବ୍ଲକ୍ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ

କେନ୍ଦ୍ରାପଡ଼ା,୨୮।୩(ଜଗନ୍ନାଥ ଧଳ)

ରାଜ୍ୟରେ ଭାଜପା ସରକାର ଆସିବା ପରେ କେନ୍ଦ୍ରାପଡ଼ା ବିଜେଡି ରାଜନୀତି ଉପରେ ପ୍ରଥମ ପ୍ରହାର ପଡ଼ିଛି। ଆସନ୍ତା ଏପ୍ରିଲ ୫ରେ ମହାକାଳପଡ଼ା ବ୍ଲକ ଅଧ୍ୟକ୍ଷା କଳ୍ପନା ରାଉତଙ୍କ ବିପକ୍ଷରେ ଅନାସ୍ଥା ଭୋଟ ହେବ ବୋଲି ଉପଜିଲାପାଳ ଅରୁଣ କୁମାର ନାୟକ କହିଛନ୍ତି। ଗତ ୨୧ ତାରିଖରେ ଅଧ୍ୟକ୍ଷା ରାଉତ ଉନ୍ନୟନ କାର୍ଯ୍ୟରେ ମନମାନି କରୁଥିବା ଅଭିଯୋଗ ଆଣି ସ୍ଥାନୀୟ ଲୋକପ୍ରତିନିଧିମାନେ ଉପଜିଲାପାଳଙ୍କୁ ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତପାଇଁ ସୁପାରିସ କରିଥିଲେ। ମୋଟ ୪୨ ଜଣ ଲୋକପ୍ରତିନିଧିଙ୍କ ଦସ୍ତଖତକୁ ଜିଲା ପ୍ରଶାସନ ପକ୍ଷରୁ ଶୁକ୍ରବାର ଯାଞ୍ଚ କରାଯାଇଛି। ଯାଞ୍ଚ ପରେ ଅନାସ୍ଥା ଭୋଟ ଆଗତ ହେବ ବୋଲି ସ୍ଥିର ହୋଇଛି।

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
No.CAD-2931

**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No- BBSR/ELECT/E-4551/23-24/827 Dt:24.03.2025

NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement

**Name of the Work:** Construction of 11KV OH and UG line for providing power supply to Worker's Hostel at Choudwar under electrical section Choudwar-1, Cuttack.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect), IDCO, IDCO Tower, Janpath, Bhubaneswar | Bid ID.No. BBSR/ELECT/ e-136/2024-25 | 02.04.2025 at 17.00 Hrs. | 10.04.2025 at 17.00 Hrs. |

Further details can be seen from the e-Procurement portal: **www.tendersorissa.gov.in.** Corrigendum or Addendum if any will not be published in newspapers and can be seen in **e-Procurement portal** as well as in **IDCO website.**

Sd./-Divisional Head (Elect), IDCO, Bhubaneswar
OIPR-14003/11/0124/2425

वरीय पुलिस अधीक्षक का कार्यालय पूर्वी सिंहभूम, जमशेदपुर

लापता: आवश्यक सूचना



गुमशुदा पुरूष चन्दन खण्डवाल, उम्र–25 वर्ष

सर्व साधारण को सूचित किया जाता है कि आवेदक रसानन्द खण्डवाल के द्वारा अपने गुमशुदा पुत्र चन्दन खण्डवाल, उम्र–25 वर्ष के गमशुदगी के संबंध में कोवाली थाना में लिखित आवेदन दिया गया है। जिसमें उनके द्वारा बताया गया है कि गुमशुदा पुत्र चन्दन खण्डवाल, उम्र–25 वर्ष, पिता–रसानन्द खण्डवाल, ग्राम+पो0–रसुनचोपा, थाना–कोवाली, जिला–पूर्वी सिंहभूम, जमशेदपुर दिनांक–24.02.2025 को सुबह 10:00 बजे अपने घर से बिना बताये कहीं चला गया है जो अभी तक वापस नहीं आया है। आवेदक एवं इनके परिवार वालों के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका। गुमशुदा पुरूष का हुलिया निम्न प्रकार है :–उम्र–25 वर्ष, कद–05 फीट, रंग–काला (सांवला), भाषा–हिन्दी एवं बंगला।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (ग्रामीण), पूर्वी सिंहभूम, जमशेदपुर : 9470199228
पुलिस उपाधीक्षक, मुसाबनी : 9431706492
थाना प्रभारी, कोवाली : 9430774639

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 349477 Police (24-25)_D

GOVT. OF ODISHA — No. O-1672

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, KEONJHAR**

eMail: se_nerwkjr@rediffmail.com

e-Procurement Notice for Road with Bridge Work under MMSY-TRIP

No. 1506 — Bid Identification No. - NCB-43/RWCKJR/2024-25 — Date: 27.03.2025

1. Name of the Work : Construction and Maintenance of road under MMSY-TRIP in the District of Keonjhar
2. No. of Work : 01 (One) No.
3. Estimated Cost : As per Annexure in NIT
4. Class of Contractor (Eligible) : As per Annexure in NIT
5. Period of Completion : As per Annexure in NIT
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E., .R.W. Circle, Keonjhar | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Keonjhar | NCB-43/ RWCKJR/ 2024-25 | Dt.02.04.25 at 11.00 A.M. | Dt.16.04.25 upto 5.00 P.M. | Dt.15.04.25 upto 5.00 P.M. | Dt.17.04.25 at 11.00 A.M. | Will be intimated later |

• Further details can be seen from the website: **www.tendersorissa.gov.in.**

OIPR-25177/11/0060/2425 — Sd./- Chief Construction Engineer, R.W. Circle, Keonjhar

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ.eT-M-JSPK-TSLJ-291-2025

**କାର୍ଯ୍ୟର ନାମ:** (i) ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ସାଇଡ଼ିଂ/କେରେଜାଙ୍ଗ (JSPK), (ii) ଟାଟା ଷ୍ଟିଲ୍ ସାଇଡ଼ିଂ/ଜଖପୁରା (TSLJ) ଠାରେ ଦୁଇ ବର୍ଷ ଅବଧି ନିମନ୍ତେ ରାଉଣ୍ଡ ଟ୍ରିପ୍ BPC ଜାରି ନିମନ୍ତେ ରେକ୍ ଗୁଡ଼ିକର ପରୀକ୍ଷଣ ସମୟରେ ୱାଗନଗୁଡ଼ିକର ମରାମତି ପ୍ରତି ଧ୍ୟାନ ଦେବା ।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 4,54,88,851.30, EMD (ଟଙ୍କାରେ): 3,77,500/-, ଶେଷ ହେବା ଅବଧି: 24 ମାସ ।

ବିଡ୍ ଆରମ୍ଭ ହେବା ତାରିଖ: ତା.31.03.2025ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.14.04.2025ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ଅଫରକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ସିନିୟର ଡିଭିଜନାଲ ମେକାନିକାଲ ଇଂଜିନିୟର(Frt.)/ ଖୋର୍ଦ୍ଧା ରୋଡ୍
PR-1134/P/24-25

ପୂର୍ବ ତଟ ରେଳପଥ

ଖାଦ୍ୟ ସରବରାହ ଏବଂ ତାଜା ଫଳ ଓ ଜୁସ୍ ଷ୍ଟଲ ନିମନ୍ତେ ଇ-ନିଲାମ

ସଂ.G.129/Catg/E-auction/1256, ତା.24.03.2025 ରିଖ

(1)ଲଟ୍ ନଂ./ବର୍ଗ: Catg-KUR-KUR-SMU-154-25-1

**ଷ୍ଟେସନ ଏବଂ ସ୍ଥାନ:** ଖୋର୍ଦ୍ଧା ରୋଡ୍ (KUR)-ସ୍ପେଶାଲ ମାଇନର ୟୁନିଟ୍-(ଅନୁସୂଚିତ ଜନଜାତି) ପ୍ଲାଟଫର୍ମ ନଂ.3 ଠାରେ(ତାଜା ଫଳ ଓ ଜୁସ୍ ଷ୍ଟଲ) ।

(2)ଲଟ୍ ନଂ./ବର୍ଗ: Catg-KUR-BAM-SMU-71-25-1

**ଷ୍ଟେସନ ଏବଂ ସ୍ଥାନ:** ବ୍ରହ୍ମପୁର (BAM)- ସ୍ପେଶାଲ ମାଇନର ୟୁନିଟ୍ (ଅନୁସୂଚିତ ଜାତି) ପ୍ଲାଟଫର୍ମ ନଂ.4 ଠାରେ (ପିଲର୍ ସଂ 11 ଏବଂ 12 ମଧ୍ୟରେ) (ଖାଦ୍ୟ ସରବରାହ ଷ୍ଟଲ) ।

ରେଟ୍ ୟୁନିଟ୍: ବାର୍ଷିକ ଲାଇସେନ୍ସ ଦେୟ, ନ୍ୟୁନତମ ବୃଦ୍ଧି: 0.2%, EMD (ଟଙ୍କାରେ): @10%

ନିଲାମ ତାରିଖ ଓ ସମୟ: ତା.07.04.2024ରିଖ 1200 ଘଟିକା ଠାରୁ (ଉଭୟ ଟେଣ୍ଡର ନିମନ୍ତେ) ।

**ବନ୍ଦ ହେବା ତାରିଖ ଓ ସମୟ:** ତା.07.04.2025ରିଖ 1230 ଘଟିକାରେ (କ୍ରମ. ସଂ 1 ପାଇଁ) ଏବଂ ତା.07.04.2025 ରିଖ 1240 ଘଟିକାରେ (କ୍ରମ. ସଂ 2 ପାଇଁ) ।

ଦ୍ରଷ୍ଟବ୍ୟ : ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ/ ଖୋର୍ଦ୍ଧା ରୋଡ୍
PR-1132/P/24-25

ଦ.ପୂ. ରେଳପଥ – ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନଂ.: ଇଏଲ୍-ସିଓଏନ୍-ଆର୍‌ଏନ୍‌ସି- ଏଟି-୨୫-୩, ତାରିଖ: ୨୭।୦୩।୨୦୨୫।

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (ନିର୍ମାଣ), ଦ.ପୂ. ରେଳପଥ, ରାଞ୍ଚି–୮୩୪୦୦୧ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ–ଟେଣ୍ଡର ଆହ୍ୱାନ କରୁଛନ୍ତି । ନିମ୍ନଲିଖିତ ଟେଣ୍ଡର ୱେବ୍‌ସାଇଟ୍ www.ireps.gov.inରେ ଅପ୍‌ଲୋଡ୍ ହୋଇଛି। ଟେଣ୍ଡର ଧାର୍ଯ୍ୟ ତାରିଖର ୧୨.୦୦ ଘଟିକାରେ ବନ୍ଦ କରିଦିଆଯିବ । **କାର୍ଯ୍ୟର ସଂକ୍ଷିପ୍ତ ବର୍ଣ୍ଣନା:** ଦକ୍ଷିଣ ପୂର୍ବ ରେଳପଥର ରାଞ୍ଚି ମଣ୍ଡଳରେ ରାଞ୍ଚି (ହଟିଆ) ଏବଂ ବଣ୍ଡମୁଣ୍ଡା ମଧ୍ୟରେ ଦୋହରୀକରଣ କାର୍ଯ୍ୟ ସଂକ୍ରାନ୍ତରେ ୨୫କେଭି ଓଏଚ୍‌ଇ କାର୍ଯ୍ୟ ଓ ସାଧାରଣ ସେବା କାର୍ଯ୍ୟର ଯୋଗାଣ, ଉତ୍ଥାନ, ପରୀକ୍ଷଣ ଏବଂ କମିଶନିଂ ସମେତ କେବୁଲ ବିଛାଇବା, ଏଟି ସଂଯୋଗୀକରଣ ସହ ହଟିଆ (ବହିର୍ଭୂତ) ଓ କନରୋଆଁ (ଅନ୍ତର୍ଭୁକ୍ତ) ମଧ୍ୟରେ ବିଭିନ୍ନ ଷ୍ଟେଶନ, ଗୁମ୍‌ଟି ଓ ଏଲ୍‌ସି ଫାଟକରେ ୨୫କେଭିଏ ଅକ୍ଜିଲାରୀ ଟ୍ରାନ୍ସଫର୍ମର୍‌ର ଉତ୍ଥାନ, ପରୀକ୍ଷଣ ଓ କମିଶନିଂ । **କାର୍ଯ୍ୟର ମୂଲ୍ୟ:** ₹୧,୫୧,୨୬,୩୭୪.୯୫ । **ବିଡ୍ ଅମାନତ:** ₹୨,୨୫,୬୦୦ । **ସମାପ୍ତି ଅବଧି:** ୧୨ ମାସ । **ବନ୍ଦ ହେବାର ତାରିଖ:** ତା୨୨।୦୪।୨୦୨୫ରିଖ । ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ/ବର୍ଣ୍ଣନା/ବିନିର୍ଦ୍ଦିଷ୍ଟତା ତଥା ନିଜର ବିଡ୍ ଅନ୍‌ଲାଇନ୍‌ରେ ଦାଖଲ କରିବା ପାଇଁ ଆଗ୍ରହୀ ଟେଣ୍ଡରଦାତାମାନେ ୱେବ୍‌ସାଇଟ୍ www.ireps.gov.in [ଇ–ଟେଣ୍ଡର → କାର୍ଯ୍ୟ (ଲଗ୍ ଇନ୍ ସହିତ ଫୋନ୍ ନଂ.) ଏବଂ ଉପରୋକ୍ତ ଟେଣ୍ଡର ନଂ. ସହିତ ସନ୍ଧାନ କରନ୍ତୁ] ପରିଦର୍ଶନ କରିପାରନ୍ତି । ଏହି ସାମଗ୍ରୀଗୁଡ଼ିକ ପାଇଁ କୌଣସି କ୍ଷେତ୍ରରେ ମଧ୍ୟ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । **ବିଦ୍ର:** ସମ୍ଭାବ୍ୟ ବିଡରମାନେ ଅନ୍ୟ ସମସ୍ତ ଟେଣ୍ଡରରେ ଅଂଶଗ୍ରହଣ କରିବା ପାଇଁ ନିୟମିତ ଭାବେ www.ireps.gov.in ପରିଦର୍ଶନ କରିପାରନ୍ତି ।
(PR-1286)

# ପୁନରୁଦ୍ଧାର ହୋଇପାରୁନି କୁମାରୀପାଟ

■ ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର

■ ପ୍ରଶାସନ ପଦକ୍ଷେପ ନେବାକୁ ଦାବି

**ଧର୍ମଶାଳା,୨୮।୩(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ବ୍ଲକ୍ ଅଞ୍ଚଳରେ ଥିବା କୁମାରୀପାଟ ପୁନରୁଦ୍ଧାର ହୋଇପାରୁନି। ଏଠାରେ ସୌନ୍ଦର୍ଯ୍ୟକରଣ ଏବଂ ବୋଟିଂ ବ୍ୟବସ୍ଥା କରିବାକୁ ରାଜନେତାମାନେ ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ ହେଉନାହିଁ। ଫଳରେ ନେତାଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ସାଧାରଣରେ ଆଲୋଚନା ହେଉଛି।

ଦୀର୍ଘ ୨ଦଶନ୍ଧି ଧରି ଏହାର ଉନ୍ନତୀକରଣ ହେବ ବୋଲି କୁହାଯାଉଛି। ମାତ୍ର ପୁନରୁଦ୍ଧାର ଅଭାବରୁ ଏଠାରେ ଏବେ ଦଳ ଭର୍ତ୍ତି ପୋଖରୀ ଦେଖିବାକୁ ମିଳିଛି। କେନ୍ଦ୍ର ଓ ରାଜ୍ୟ ସରକାର ବହୁ ପୁରାତନ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରିବା ପାଇଁ ବ୍ୟାପକ ଅର୍ଥ ମଞ୍ଜୁର କରୁଛନ୍ତି। ସେହି ଅର୍ଥରେ ଅନେକ ଇତିହାସ ପ୍ରସିଦ୍ଧ ଜଳାଶୟ ତଥା ପୁଷ୍କରିଣୀଗୁଡ଼ିକର ପୁନରୁଦ୍ଧାର କରାଯାଉଛି। ହେଲେ ବହୁ ପୁରାତନ କୁମାରୀ ପାଟ ଏଥିରୁ ବଞ୍ଚିତ ହୋଇଛି। ୧୬ନଂ. ଜାତୀୟ ରାଜପଥ ସନ୍ନିକଟ ପୂର୍ବ ଦିଗରେ ଅବସ୍ଥିତ ଏହିପାଟ ପୂର୍ବରୁ ପଥଚାରୀଙ୍କୁ ଆକର୍ଷିତ କରିବା ସହ ଅନେକ ଲୋକଙ୍କ ଜୀବନଜୀବିକା ପହଞ୍ଚାଇବାରେ ସହାୟକ ହେଉଥିଲା। ମାତ୍ର ସମୟକ୍ରମେ ପାଟରୁ ପଙ୍କ, ମାଟି ଓ ଦଳ କଢ଼ା ନ ଯିବାରୁ ପାଟ ଧୀରେଧୀରେ ପୋତି ହୋଇ ପଡ଼ିଲାଣି। ଏହି ପାଟ ୩୦ ଏକର ପରିମିତ ହୋଇଥିବାବେଳେ ସବୁବେଳେ ଜଳରାଶି ଜମି ରହିଥାଏ। ପାଟର ଗଭୀର ଅଧିକ ଥିବାରୁ ପ୍ରଚୁର ମାଛ ରହିଥାନ୍ତି। ଅନେକ ସମୟରେ ଲୋକେ ମାଛ ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ସେହିପରି ମାଳୀ ସମ୍ପ୍ରଦାୟର ଲୋକେ ପଦ୍ମ ଫୁଲ ଓ ପତ୍ରନେଇ ବଜାରରେ ବିକ୍ରି କରି ପରିବାର ପ୍ରତିପୋଷଣ କରିଥାନ୍ତି। ଶୀତ ଦିନେ ଏଠାକୁ ବିଦେଶୀପକ୍ଷୀଙ୍କ ଆଗମନ ହୋଇଥାଏ। ମାତ୍ର ଏବେ ଏଠାରେ କେବଳ ଦଳ ଓ ଅନାବନା ଘାସ ଭର୍ତ୍ତି ହୋଇଛି। ବିଦେଶୀ ପକ୍ଷୀଙ୍କୁ କାଁଭାଁ ଦେଖିବାକୁ ମିଳୁଛି। ପୂର୍ବ ସରକାରର ରାଜନେତାମାନେ କହିଥିଲେ, ଏଠାରେ ପଙ୍କ ଉଦ୍ଧାର କରାଯାଇ ସୁନ୍ଦର ବିଶାଳକାୟ ପୋଖରୀ କରାଯିବ। ଏହା ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବ। ହେଲେ ସେପରି କିଛି ହୋଇନାହିଁ।

ପୂର୍ବରୁ ଏହି ପୁରାତନ ପାଟ ଚୋରାମୁହାଁ ପଞ୍ଚାୟତ ଭାଲୁଖାଇ ଗ୍ରାମ ଅଧୀନରେ ରହିଥିଲା। ପଞ୍ଚାୟତ ବୃଦ୍ଧି ପରେ ପାଟ କୁମାରୀ ମୌଜା ଅଧୀନକୁ ଚାଲିଯାଇଛି। ସେହି ଦିନରୁ କୁମାରୀପାଟ ବୋଲି ନାମକରଣ ହୋଇଛି। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସମୟରେ ଉକ୍ତ ପାଟ ପୁନରୁଦ୍ଧାର କରାଯିବା ନେଇ ସରକାରୀ ଅନୁଦାନ ମଞ୍ଜୁର କରାଯାଇଥିଲା। ଜଣେ ଠିକାଦାର ଏହାର କାର୍ଯ୍ୟ ଆରମ୍ଭ କରିଥିଲେ। ମାତ୍ର କିଛି ମାସ ପରେ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ହେଲେ ସେଠାରେ କେତେ ଅର୍ଥ ମଞ୍ଜୁର ହୋଇଥିଲା ତାହା ଜଣା ପଡ଼ି ନ ଥିଲା। ପରେ ଯାଜପୁର ସଦର ମହକୁମାରେ ବୃହତ୍ କୁସୁମା ପୋଖରୀର ପୁନରୁଦ୍ଧାର କରାଯାଇଥିଲା। ମାତ୍ର ଧର୍ମଶାଳାରେ ପ୍ରଥମରୁ ଆରମ୍ଭ ହେଇଥିବା ପୁରାତନ କୁମାରୀ ପାଟ ପୁନରୁଦ୍ଧାର ହୋଇପାରିଲାନାହିଁ। ଏଠାରେ ସରକାରୀ ଯୋଜନା କେବଳ ଧୂଆଁବାଣ ସଦୃଶ ହୋଇଛି। ତେଣୁ କୁମାରୀ ପଞ୍ଚାୟତ ଅଧୀନରେ ଥିବା ଏହି ପାଟକୁ ବ୍ଲକ ପକ୍ଷରୁ ତୁରନ୍ତ ପୁନରୁଦ୍ଧାର କରିବାକୁ ଦାବି ହୋଇଛି। ଅନ୍ୟପକ୍ଷରେ ଜାରକା ବଜାର ଓ କୁମାରୀ ଗ୍ରାମ ଦେଉଳି ପାହାଡ଼ ପାଦଦେଶରେ ଅବସ୍ଥିତ। ଏବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ସରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ବୌଦ୍ଧମାଟି ଧର୍ମଶାଳା ସର୍ବଧର୍ମର ସମନ୍ୱୟ ପୀଠର ପରିଚୟ ବହନ କରେ। ତେଣୁ ଏଠାକୁ କିଭଳି ଅଧିକ ପର୍ଯ୍ୟଟକ ଆସିବେ ସେ ଦିଗରେ ସରକାରୀସ୍ତରରେ ବ୍ୟାପକ ଉଦ୍ୟମ ଆବଶ୍ୟକ ବୋଲି ବୁଦ୍ଧିଜୀବୀ ମହଲରେ ମତପ୍ରକାଶ ପାଇଛି।

## ଧର୍ମଶାଳା ମିଡିଆ କ୍ଲବର ନୂତନ କାର୍ଯ୍ୟକର୍ତ୍ତା



ମନୋନୀତ ହୋଇଥିବା ଧର୍ମଶାଳା ମିଡିଆ କ୍ଲବର ନୂତନ କାର୍ଯ୍ୟକର୍ତ୍ତା।

**କାଏମା,୨୮।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ମିଡିଆ କ୍ଲବର ନୂତନ କାର୍ଯ୍ୟକର୍ତ୍ତା ଚୟନ କରାଯାଇଛି। ଗୟାଧର ନାୟକଙ୍କ ପ୍ରସ୍ତାବ ଓ ବିମଳ ପତିଙ୍କ ସମର୍ଥନକ୍ରମେ ସୁଧାକର ରାଉତଙ୍କୁ ସଭପତି ଭାବରେ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ବସନ୍ତ କୁମାର ନାୟକଙ୍କୁ ବିମଳ ପତିଙ୍କ ପ୍ରସ୍ତାବ ଓ ଗଗନ ଦାସଙ୍କ ସମର୍ଥନ କ୍ରମେ ସାଧାରଣ ସମ୍ପାଦକ ଭାବେ ଚୟନ କରାଯାଇଛି। ବିମଳ ପତିଙ୍କୁ କାର୍ଯ୍ୟକାରୀ ସଭାପତି ଓ ସୁଶାନ୍ତ ଗୋଚ୍ଛାୟତଙ୍କୁ ଉପସଭାପତି, ସୁଶାନ୍ତ ସାହୁଙ୍କୁ ସହସମ୍ପାଦକ, ସେକ୍ ଆଲାଉଦ୍ଦିନଙ୍କୁ ପୁନର୍ବାର ସଂଘ କୋଷାଧକ୍ଷ, ଗୟାଧର ନାୟକଙ୍କୁ ସାମାଜିକ ଗଣମାଧ୍ୟମ ସଂଯୋଜକ ଭାବେ ଚୟନ କରାଯାଇଛି। ଆଗାମୀ ଦିନରେ କ୍ଲବ୍‌ର କାର୍ଯ୍ୟଧାରା ଯେପରି ଶୃଙ୍ଖଳିତ ଓ ସୁରୁଖୁରୁରେ ହୋଇପାରିବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଏଥିସହିତ କ୍ଲବ୍‌ର ସମସ୍ତ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

## ଜେଲ ଅନ୍ତେବାସୀଙ୍କୁ ଦକ୍ଷତା ବିକାଶ ତାଲିମ

**ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲା କାରାଗାରର ଅନ୍ତେବାସୀଙ୍କୁ ଗାଈ, ମଇଁଷି, ଛେଳି ଚାଷ ସହିତ ଜିଆ ଖତ ଉତ୍ପାଦନ ଓ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧୀୟ ଏକ ୧୦ ଦିନିଆ ଦକ୍ଷତା ବିକାଶ ତାଲିମ ଶୁକ୍ରବାର ଶିବିର ଉଦ୍‌ଘାଟିତ ହୋଇଯାଇଛି। ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ଆନୁକୂଲ୍ୟରେ ଜିଲା ପ୍ରଶାସନ ଦ୍ୱାରା ନୂତନ ଉନ୍ନତ ଅଭିଳାଷ ଓଡ଼ିଶା ଯୋଜନା ଅନ୍ତର୍ଭୁକ୍ତ ସ୍ୱତନ୍ତ୍ର ପ୍ରକଳ୍ପ ମାଧ୍ୟମରେ ଅନୁଷ୍ଠିତ ଏହି ଶିବିର ଏପ୍ରିଲ ୫ରେ ସମାପ୍ତ ହେବ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀ ଯୋଗ ଦେଇଥିଲେ। ଅନ୍ୟ ଅଧିକାରୀ ସୁଶାନ୍ତ ନାୟକ, ଜିଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁରେଶ ଚନ୍ଦ୍ର ନାୟକ, ନିର୍ଦ୍ଦେଶକ ଏସବିଆରସେଟି ପ୍ରଭାତ କୁମାର ବସ୍ତ୍ରୀ, ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁନୀଲ ପାତ୍ର ଓ କାରାପାଳ ତଥା ଅଧୀକ୍ଷକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାରାଗାର ଅନ୍ତେବାସୀଙ୍କୁ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ଦ୍ୱାରା ସ୍ୱତନ୍ତ୍ର ପ୍ରଶିକ୍ଷକଙ୍କ ମାଧ୍ୟମରେ ତାଲିମ୍ ପ୍ରଦାନ କରାଯିବ। ତାଲିମ୍ ବାବଦର ସମସ୍ତ ଖର୍ଚ୍ଚ ଓଡ଼ିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଦ୍ୱାରା ପ୍ରଦାନ କରାଯିବ। ତାଲିମ୍ ସମାପ୍ତ ପରେ ତାଲିମ୍‌ପ୍ରାପ୍ତ ସମସ୍ତ ଅନ୍ତେବାସୀମାନଙ୍କୁ ଷ୍ଟେଟ ବ୍ୟାଙ୍କ୍ ଗ୍ରାମୀଣ ଆତ୍ମ ନିଯୁକ୍ତି ପ୍ରଶିକ୍ଷଣ ଅନୁଷ୍ଠାନ ପ୍ରଦତ୍ତ ପ୍ରମାଣ ପତ୍ର ସହିତ ଭାରତ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରମାଣ ପତ୍ର ମଧ୍ୟ ପ୍ରଦାନ କରାଯିବ। ଏହି ପ୍ରମାଣ ପତ୍ର ମାଧ୍ୟମରେ କାରାଗାର ଅନ୍ତେବାସୀ ମୁକ୍ତ ହେବା ପରେ ଋଣ ପାଇଁ ଆବେଦନ କରିବାରିବେ ଓ ଉଦ୍ୟୋଗୀ ହୋଇ ଆତ୍ମନିର୍ଭରଶୀଳ ହୋଇପାରିବେ। କାର୍ଯ୍ୟକ୍ରମ ଶୁଭାରମ୍ଭ ଅବସରରେ ତାଲିମ ପାଇଁ ଚୟନ ହୋଇଥିବା ଅନ୍ତେବାସୀମାନଙ୍କୁ ୟୁନିଫର୍ମ ପୋଷାକ ସମେତ ପାଠ୍ୟ ଉପକରଣ ପ୍ରଦାନ କରାଯାଇଥିଲା।

## ଧର୍ମଶାଳା କଲେଜ ପକ୍ଷରୁ ଜଳସେବା




ଜଳସେବାରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

**କାଏମା,୨୮।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ମହାବିଦ୍ୟାଳୟ ରେଞ୍ଜର ଓ ରୋଭର ବିଭାଗ ତରଫରୁ ଜାରକା ବସ୍‌ଷ୍ଟାଣ୍ଡ ନିକଟରେ ଜଳସେବା ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧ୍ୟକ୍ଷା ସ୍ୱରୂପାନନ୍ଦ ପଣ୍ଡା, ଯୁକ୍ତ ୩ ରେଞ୍ଜର ଲିଡର ପ୍ରାଧାପିକା ଆରତୀ ଶତପଥୀ, ବସନ୍ତ ତରାଇ, ଯୁକ୍ତ ୨ ରୋଭର ଅଧାପିକା ସସ୍ମିତା ପଣ୍ଡା, ସତ୍ୟସାଗର ମହାନ୍ତି ଏବଂ ରେଞ୍ଜର ରୋଭର ବିଭାଗର ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଜାରକା ବସ୍‌ଷ୍ଟାଣ୍ଡ ନିକଟରେ ସବୁ ସମୟରେ ଭିଡ଼ ହେଉଥିବାରୁ ଅନେକ ଲୋକ ଏହି ସେବା ପାଇ ଛାତ୍ରୀଛାତ୍ର ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ସାଧୁବାଦ ଜଣାଇଥିଲେ। ସ୍ଥାନୀୟ ଅଞ୍ଚଳର ମନଗଣ୍ୟ ବ୍ୟକ୍ତି ବିଶେଷ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଜଳସେବା ୩ ଦିନ ଧରିଚାଲିବ ବୋଲି ମହାବିଦ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

## ପୂର୍ବ ଶତ୍ରୁତାରୁ ଆକ୍ରମଣ, ଜଣେ ଗୁରୁତର

**କାଏମା,୨୮।୩(ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ଥାନା ଅଧୀନ ସୁନ୍ଦୁରିଆ ଗ୍ରାମରେ ପୂର୍ବଶତ୍ରୁତାକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କୁ ମାରଣାନ୍ତକ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ବ୍ୟକ୍ତି ହେଲେ ଗ୍ରାମର ନାରାୟଣ ସେଠୀ। ଶୁକ୍ରବାର ସକାଳ ୮ଟା ସମୟରେ ସେ ବଜାର ଆଡ଼େ ଯାଉଥିଲେ। ଏହି ସମୟରେ ସୁନ୍ଦୁରିଆ ଗ୍ରାମର ଗୋପୀନାଥ ସେଠୀ, ଦେବାନନ୍ଦ ସେଠୀ ଓ ବାପି ବେହେରା ସଂଘବଦ୍ଧ ହୋଇ ବାଉଁଶ କିଳାରେ ଆକ୍ରମଣ କରି ନାରାୟଣଙ୍କ ମୁଣ୍ଡ ଫଟାଇ ଦେଇଥିଲେ। ଖବର ପାଇ ନାରାୟଣଙ୍କ ସ୍ତ୍ରୀ ସେଠାରେ ପହଞ୍ଚି ପାଟି କରିଥିଲେ। ସମ୍ପୃକ୍ତ ୩ ବ୍ୟକ୍ତି ନାରାୟଣଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିବା ସହ ତାଙ୍କ ଶାଢ଼ି ଚିରି ଦେଇଥିଲେ। ଏହାପରେ ନାରାୟଣଙ୍କୁ ତାଙ୍କ ପରିବାର ଲୋକେ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନରେ ଭର୍ତ୍ତି କରିଥିଲେ। ସେ ଚିକିତ୍ସିତ ହୋଇ ଫେରିବାର ପରେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଗୋ-ସଂରକ୍ଷଣ ବିଲ୍ ତୁରନ୍ତ ପାରିତ ଦାବି

**ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ନବଭାରତ ହିନ୍ଦୁ ସଂଗଠନ, ଓଡ଼ିଶା ପ୍ରଦେଶ ପକ୍ଷରୁ ଶୁକ୍ରବାର ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍ ୨୦୨୪କୁ ତୁରନ୍ତ ପାରିତ କରିବାକୁ ଦାବି ହୋଇଛି। ଏନେଇ ଜିଲାପାଳଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ 'ଓଡ଼ିଶା ଗୋ-ହତ୍ୟା ନିଷେଧ ଓ ଗୋ-ସଂରକ୍ଷଣ ବିଲ୍ ୨୦୨୪'କୁ ତୁରନ୍ତ ପାରିତ କରିବା, ମହାରାଷ୍ଟ୍ର ଭଳି ଓଡ଼ିଶାରେ ଗୋମାତାଙ୍କୁ ରାଜ୍ୟ ମାତାର ମାନ୍ୟତା ଦେବା, ଗୋଚର ଜମିଗୁଡ଼ିକୁ ଜବରଦଖଲ ମୁକ୍ତ କରି ଗୋ-ଅଭୟାରଣ୍ୟ ଗଠନ କରାଯିବା ପାଇଁ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ଏହି ଦାବିଗୁଡ଼ିକୁ ଗମ୍ଭୀରତାର ସହିତ ଗ୍ରହଣ କରି ପଦକ୍ଷେପ ନ ନେଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ନବ ଭାରତ ହିନ୍ଦୁ ସଂଗଠନ କର୍ମକର୍ତ୍ତା।

## ଓଡ଼ିଶା ଦିବସ ପାଇଁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

**ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଓଡ଼ିଶା ଦିବସ ପାଳନ ପରିପ୍ରେକ୍ଷୀରେ ଯାଜପୁର ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲାସ୍ତରୀୟ ଓଡ଼ିଶା ପ୍ରବନ୍ଧ, ଓଡ଼ିଶା ବକ୍ତୃତା ଏବଂ ଓଡ଼ିଶା ଦେଶାତ୍ମକ ସଂଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାର ଗୋଟିଏ ବ୍ଲକରୁ ୫୦ ପ୍ରାଥମିକ, ନିମ୍ନ ମାଧ୍ୟମିକ ଓ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ର ସେମାନଙ୍କ ସହାୟକ ଶିକ୍ଷକଙ୍କ ସହ ଯୋଗଦାନ କରିଥିଲେ। ବିଚାରକଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଷ୍ଣୁଚରଣ ଲେଙ୍କା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିରଞ୍ଚି ନାରାୟଣ ବଳ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆଶୁତୋଷ ବଳ, ଅବସରପ୍ରାପ୍ତ ଶିକ୍ଷକ ଅଜିତ ମିଶ୍ର, ସଂଗୀତ ଶିକ୍ଷୟିତ୍ରୀ ସ୍ନେହସୁଧା ଓଝା ଓ ସଙ୍ଗୀତ ଗୁରୁ ନଟବର ସାର କାର୍ଯ୍ୟ ନିର୍ବାହ କରିଥିଲେ। ପ୍ରତି ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଚୟନ କରାଯାଇ ଜିଲା କାର୍ଯ୍ୟାଳୟକୁ ପ୍ରେରଣ କରାଯାଇଥିଲା। ଜିଲା ଶିକ୍ଷା କାର୍ଯ୍ୟାଳୟର ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ କୁମାରସେନ ସେନାପତି ସମସ୍ତ କାର୍ଯ୍ୟକୁ ସୂଚାରୁରୂପେ ସମ୍ପାଦନ କରିଥିଲେ। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ, ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଉକ୍ତ କୃତୀ ପ୍ରତିଯୋଗୀଙ୍କୁ ଏପ୍ରିଲ ୧ରେ ସଂସ୍କୃତି ଭବନରେ ଅନୁଷ୍ଠିତ ହେବାକୁ ଥିବା ଜିଲାସ୍ତରୀୟ ଓଡ଼ିଶା ଦିବସରେ ପ୍ରମାଣ ପତ୍ର ଓ ପୁରସ୍କାର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯିବ ବୋଲି ସୂଚନା ଦିଆଯାଇଥିଲା।

## ନିର୍ମାଣ ଶ୍ରମିକଙ୍କୁ ୧ କୋଟି ୬୩ ଲକ୍ଷର ସହାୟତା



ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରାଯାଉଛି।

**ଯାଜପୁର ଟାଉନ,୨୮।୩ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ଯାଜପୁର ଜିଲାର ନିର୍ମାଣ ଏବଂ ଅଣସଂଗଠିତ ଶ୍ରମିକଙ୍କ ପାଇଁ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନିର୍ଦ୍ଦେଶରେ ଜିଲାସ୍ତରୀୟ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଅତିରିକ୍ତ ଜିଲାପାଳ(ସାଧାରଣ) ନବକୃଷ୍ଣ ଜେନା ଯୋଗଦେଇ ସହାୟତା ରାଶି ଶ୍ରମିକଙ୍କ ଆକାଉଣ୍ଟକୁ ପ୍ରଦାନ କରିଥିଲେ। ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ ଆୟୁକ୍ତ ଶିବ ଶଙ୍କର ମିଶ୍ର, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସତ୍ୟନାରାୟଣ ଆଚାର୍ଯ୍ୟ, ଜିଲା ଶ୍ରମ ଅଧିକାରୀ ସୁଧୀର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉକ୍ତ ଚେକ ପ୍ରଦାନ କଲାବେଳେ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ ଦେଓ ଉପସ୍ଥିତ ଥିଲେ। ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧୀନରେ ୪୫୦ ଆବେଦନକାରୀଙ୍କୁ ମୋଟ୍ ୧ କୋଟି ୬୩ ଲକ୍ଷ ୫ ହଜାର ୨୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯାଇଥିଲା। ବିବାହକାଳୀନ ସହାୟତା ବାବଦରେ ୧୯୧ଜଣଙ୍କୁ ୯୩,୦୦,୦୦୦ ଟଙ୍କା, ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ୨୩ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୪୮,୦୦,୦୦୦ ଟଙ୍କା, ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ୧୭ ଉତ୍ତରାଧିକାରୀଙ୍କୁ ଅନ୍ତେଷ୍ଟିକ୍ରିୟା ସହାୟତା ବାବଦରେ ୮୫,୦୦୦ ଟଙ୍କା, ପ୍ରସୂତିକାଳୀନ ସହାୟତା ବାବଦରେ ୭ଜଣଙ୍କୁ ୭୦,୦୦୦ ଟଙ୍କା ଏବଂ ୨୧୨ ଜଣ ହିତାଧିକାରୀଙ୍କ ପିଲା ପଢିବା ପାଇଁ ଶିକ୍ଷା ସହାୟତା ବାବଦରେ ୨୦,୫୦,୨୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଏତଦ୍ ଭିନ୍ନ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ୩ଜଣ ମୃତ୍ୟୁବରଣ କରିଥିବା ହିତାଧିକାରୀଙ୍କ ଉତ୍ତରାଧିକାରୀଙ୍କୁ ମୃତ୍ୟୁକାଳୀନ ସହାୟତା ବାବଦରେ ୫,୦୦,୦୦୦ ଟଙ୍କା ପ୍ରଦାନ କରାଯାଇଥିଲା।

## ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ, ପୁରାତନଙ୍କୁ ବିଦାୟ ସମ୍ବର୍ଦ୍ଧନା




ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ଓ ବିଦାୟୀ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି।

**ଧର୍ମଶାଳା,୨୮।୨(ବଟକୃଷ୍ଣ ପରିଡ଼ା)**

### ରେନେସା ଜୁନିୟର କଲେଜ୍

ଧର୍ମଶାଳା ବ୍ଲକ ଜାରକା ନିକଟ ରେନେସା ଜୁନିୟର କଲେଜ୍ ପରିସରରେ ଗୁରୁବାର ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯିବା ସହ ପୁରାତନଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏନେଇ ଅନୁଷ୍ଠିତ ଉତ୍ସବରେ ପରିଚାଳନା କମିଟି ସଭାପତି ପଞ୍ଚାନନ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମିନତି ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧାପକ ମନୋରଞ୍ଜନ ମହାନ୍ତି, ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା, ଅଧାପକ ପ୍ରଶାନ୍ତ କୁମାର ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ କଲେଜର ପରିଚାଳନା, ଶିକ୍ଷାଦାନ ପଦ୍ଧତିକୁ ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ସନ୍ଧ୍ୟାରାଣୀ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିଚାଳନା କମିଟ ଚ୍ୟାୟାରମ୍ୟାନ୍ ବିଭୂତି ଭୂଷଣ ରାଉତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅଧକ୍ଷ ଜ୍ଞାନରଞ୍ଜନ ଜେନା ସୂଚନା ପ୍ରଦାନ କରିଥିଲେ। ଅତିଥିମାନେ ବିଦାୟୀ ଛାତ୍ରୀଛାତ୍ରମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ବିଦାୟ ଜଣାଇଥିଲେ। ଲକ୍ଷ୍ମୀଧର ନାୟକ, ଚିନ୍ମୟ ସାହୁ ମଞ୍ଚ ପରିଚାଳନାରେ ସହାୟତା କରିଥଲେ। ଅଧାପକ ସୁନିଲ୍ କୁମାର ଦାଶ ଧନ୍ୟବାଦ ଦେଇଥିଲେ।

## ମତ୍ସ୍ୟଚାଷ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିବ

**ରସୁଲପୁର,୨୮।୩(ରଞ୍ଜିତ ରାଉତ):**

### ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ତାଲିମ ଶିବିର

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାକୁ ନେଇ ଏକ ଦିନିକିଆ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସନ୍ଦୀପ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶିବିରରେ ସ୍ୱୟଂସହାୟିକା ଗୋଷ୍ଠୀ ସଭାନେତ୍ରୀ ଓ ସମ୍ପାଦିକାମାନଙ୍କୁ ତାଲିମ ପ୍ରଦାନ କରାଯାଇଛି। ମତ୍ସ୍ୟଚାଷ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିପାରିବ ବୋଲି କୁହାଯାଇଛି। ପଞ୍ଚାୟତ ପୋଖରୀ ହେଉ ଅବା ନିଜସ୍ୱ ପୋଖରୀରେ ମହିଳା ମାଛ ଚାଷ କରିବାର ପ୍ରଣାଳୀ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇଛି। ମାଛ ଅଣ୍ଡାରୁ ଯାଁଆଳ ପ୍ରସ୍ତୁତ କରିବା, ମାଛକୁ ଅତି କମ୍ ସମୟରେ ଅଧିକ ଓଜନକୁ ବଢ଼ାଇବାର ବିଭିନ୍ନ ସୋପାନ ସମ୍ପର୍କରେ ସମ୍ବଳ ଅଧିକାରୀମାନେ ଅବଗତ କରାଇଛନ୍ତି। ପରେ ଶିବିରାର୍ଥୀଙ୍କୁ କୋରେଇ ବ୍ଲକର ଅମୃତିଆ ପଞ୍ଚାୟତରେ ଥିବା ମତ୍ସ୍ୟ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରାଯାଇଛି। ଏଠାରେ ମାଛ ବିହନରୁ ଯାଁଆଳ ପ୍ରସ୍ତୁତ ସହ ମାଛ ବଂଶ ବୃଦ୍ଧି କରିବାର ଉପାୟ ସମ୍ପର୍କରେ ଶିବିରାର୍ଥୀ ଜ୍ଞାନ ଆହରଣ କରିଛନ୍ତି। ଏଠାରେ ମାଛଚାଷରୁ ବାର୍ଷିକ କେତେ ଆୟ କରୁଛନ୍ତି ସେ ସଂପର୍କରେ ଚାଷୀମାନେ ଶିବିରାର୍ଥୀଙ୍କୁ ଜଣାଇଛନ୍ତି।

ଶିବିରରେ ଅତିଥି ଭାବେ ଯାଜପୁର ଜିଲା ମତ୍ସ୍ୟ ଅଧିକାରୀ ପ୍ରମୋଦ ରାଉତ, ସହକାରୀ ମତ୍ସ୍ୟ ଅଧିକାରୀ ମନୋସ୍ମିତା ନାୟକ, ରସୁଲପୁର ବିଡିଓ ସତ୍ୟାନନ୍ଦ ଦାଶ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସୌରଭ ପଲ, ବ୍ଲକ ପ୍ରକଳ୍ପ ସଂଯୋଜକ ସଞ୍ଜୟ ମଲିକ, ଓଡ଼ିଶା ଜିବୀକା ମିଶନର ପ୍ରକଳ୍ପ ମ୍ୟାନେଜର ମଧୁସ୍ମିତା ମହାନ୍ତି, ବ୍ଲକ ବରିଷ୍ଠ ମତ୍ସ୍ୟ ବୈଷୟିକ ଅଧିକାରୀ ନିରଞ୍ଜନ ବେହେରା ପ୍ରମୁଖ ଯୋଗଦେଇ ମାଛଚାଷ ପ୍ରଣାଳୀ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବାରବାଟୀ ସରପଞ୍ଚ ଆୟୁଷ୍ମତିଦାସ, ଭୋଟକା ସରପଞ୍ଚ ସ୍ମୃତିରେଖା ରାଉତ, ଜାବରା ସରପଞ୍ଚ ଝରଣା ତରେଇ, ଶ୍ରୀବନ୍ତପୁର ସରପଞ୍ଚ ପର୍ଶୁରାମ ଦାସ, ବଡ଼କଇଞ୍ଚ ସରପଞ୍ଚ ଅଶୋକ ମଲିକ, ରାହାମ୍ବା ସରପଞ୍ଚ ଚନ୍ଦନ କୁମାର ରାଉତ, ପ୍ରଥମାଖଣ୍ଡି ସମିତିସଭ୍ୟ ପୂର୍ଣ୍ଣାନନ୍ଦ ପଲେଇ ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଶିବିରାର୍ଥୀଙ୍କୁ ମାଛଚାଷ ଉପକରଣ ବଣ୍ଟନ କରାଯାଇଥିଲା। କନିଷ୍ଠ ମତ୍ସ୍ୟ ବୈଷୟିକ ସହାୟକ ଆକାଶ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।



ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନାର ତାଲିମ ଶିବିରରେ ଯୋଗଦେଇଥିବା ଅଧିକାରୀମାନେ।

# ତଟକ୍ଷୟ ସହ ହେନ୍ତାଳବଣ କମୁଛି

**କେନ୍ଦ୍ରାପଡ଼ା, ୨୮।୩ (ଜଗନ୍ନାଥ ଧଳ)**

- ସୁରକ୍ଷା ଖୋଜୁଛି ଭିତରକନିକା ଜୈବମଣ୍ଡଳ
- କଟକଣା ମାନୁନାହାନ୍ତି ଅନୁପ୍ରବେଶକାରୀ
- ମଧୁର ଜଳର ଅଭାବ ସହିତ ବଢୁଛି ଚିଙ୍ଗୁଡ଼ିଘେରି

ଆମେ ତ ଚିରକାଳ ପାଇଁ, ଜଙ୍ଗଲ ଜମି କର ଦେଇଥାଇ। ଏହେତୁ ଜଙ୍ଗଲ ଆମର, ନାହିଁ ଇଷ୍ଟେଟ ଅଧିକାର। କନିକା ରାଜବଂଶର କଠୋର ଜଙ୍ଗଲ ନୀତିକୁ ବିରୋଧ କରି ୧୯୨୨ ମସିହା କନିକା ପ୍ରଜା ଆନ୍ଦୋଳନ ସମୟରେ ବିପ୍ଳବୀ କବି ଆନନ୍ଦ ଜେନା ଏହି ପଂକ୍ତି ଦୁଃଖିନୀ କନିକା ପୁସ୍ତକରେ ଲେଖିଛନ୍ତି। ତତ୍କାଳୀନ ସମୟରେ ଭିତରକନିକାର ଜଙ୍ଗଲ ସୁରକ୍ଷା ପାଇଁ ହୋଇଥିବା କଟକଣା ଏବେ ଜାତୀୟ ଉଦ୍ୟାନରେ ପରିଣତ ହୋଇଛି। ବିଶ୍ୱରୁ ଏହାର ପ୍ରାକୃତିକ ବିଭବ ପାଇଁ କେବଳ ପର୍ଯ୍ୟଟକ ନୁହେଁ, ପକ୍ଷୀ, ବିରଳ ଅଲିଭ ରିଡ୍‌ଲେ କଇଁଛ ଓ ଅନ୍ୟାନ୍ୟ ଜୀବଜନ୍ତୁ ଆସୁଥିବାବେଳେ ଏଠାରେ ଥିବା ବଉଳା କୁମ୍ଭୀର, ଡଲଫିନ, ଔଷଧୀୟ ବୃକ୍ଷ, ହେନ୍ତାଳ ବଣ ପ୍ରତ୍ୟେକଙ୍କ ପାଇଁ ଆକର୍ଷଣ ହୋଇଛି। ତେବେ ସମୟ ଗଡ଼ିବା ସହିତ ଏହାର ଜୈବ ମଣ୍ଡଳ ବିଭିନ୍ନ କାରଣରୁ ଅସୁରକ୍ଷିତ ହୋଇପଡ଼ିଛି। ମଧୁର ଜଳର ଅଭାବ ଆର୍ଦ୍ରଭୂମିକୁ ପ୍ରଭାବ ପକାଉଛି। ସେହିପରି ବିଶ୍ୱତାପନ ଯୋଗୁ ତଟକ୍ଷୟ ଜାରି ରହିଛି। ଏଥିସହ ଜଙ୍ଗଲ ଜମି ଏବେ ଅନୁପ୍ରବେଶକାରୀଙ୍କ ପାଇଁ ଚରାଭୂଇଁ ପାଲଟିଛି। ଫଳରେ ହେନ୍ତାଳବଣ କମିବା ସହ ଏଠାରେ ଥିବା ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କ ଅବାଧ ଶିକାର ହେଉଛି। ଶିଳ୍ପ ଓ ଚିଙ୍ଗୁଡ଼ି ଘେରିରୁ ଉଦ୍‌ବୃତ୍ତ ରାସାୟନିକ ବର୍ଜ୍ୟବସ୍ତୁ ପରିବେଶକୁ ଧ୍ୱଂସ ପଥକୁ ନେଉଥିବା ନେଇ ପରିବେଶବିତ୍, ସାମାଜିକ କର୍ମୀ, ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ଗବେଷକ କର୍ମୀ ଡା. ପି. ଏନ. ଗୌରାଙ୍ଗ, ପରିବେଶବିତ୍ ହେମନ୍ତ କୁମାର ରାଉତ, ଜନ ଅଧିକାର ମଞ୍ଚ ସଭାପତି ଭୁବନ ମୋହନ ଜେନା, ସାମାଜିକ କର୍ମୀ ମନୋଜ ନାୟକ, ଉତ୍କଳମଣି ଯୁବକ ସଂଘ ସଭାପତି ଗୌତମ ବେହେରା ପ୍ରମୁଖ କହିଛନ୍ତି, ଜାତୀୟ ଉଦ୍ୟାନ ଭିତରକନିକା ପ୍ରକୃତିର ବରଦାନ। ବଙ୍ଗୋପସାଗରର ଲୁଣା ଜଳ ସହ ବ୍ରାହ୍ମଣୀ, ବୈତରଣୀ ଓ ବିଭିନ୍ନ ନାଳର ମଧୁର ଜଳ ସମ୍ମିଶ୍ରଣରେ ଗଢ଼ି ଉଠିଥିବା ଏହି ଆର୍ଦ୍ରଭୂମି ଅଞ୍ଚଳ ପର୍ଯ୍ୟଟକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ୬୭୨ବର୍ଗ କଲୋମିଟର ପରିବ୍ୟାପ୍ତ ଭିତରକନିକା ଜୈବ ବିବିଧତାରେ ପରିପୂର୍ଣ୍ଣ। ଏଠାରେ ୭୨ ପ୍ରକାର ହେନ୍ତାଳ ଜାତୀୟ ବିରଳ ବୃକ୍ଷ ଓ ୬୪ ପ୍ରକାର ଔଷଧୀୟ ବୃକ୍ଷ ଅଛି। ୨୧୫ରୁ ଉର୍ଦ୍ଧ୍ୱ ପ୍ରଜାତିର ଦେଶୀ ଓ ବିଦେଶୀ ପକ୍ଷୀଙ୍କ ଏହା କ୍ରୀଡ଼ାସ୍ଥଳ। ଲୁଣା କୁମ୍ଭୀରର ଆବାସସ୍ଥଳ ଭାବେ ପରିଚିତ ଏହି ସ୍ଥାନରେ ଥିବା ଗୋରୀ, ମଲ୍ଲୀଙ୍କ ସହିତ ଚଳିତ ବର୍ଷ ୨୦ରୁ ଉର୍ଦ୍ଧ୍ୱ ଧଳା କୁମ୍ଭୀର ଦେଖିବାକୁ ମିଳିଛନ୍ତି। ପୂର୍ବରୁ ଦେଶୀୟ ପକ୍ଷୀ ଭିତରକନିକାର ବଗଗହନରେ ବାସ କରୁଥିଲେ। ତେବେ ବଗଗହନ ସୁରକ୍ଷିତ ନ ହେବାରୁ ମଠଆଡିଆ, ଲକ୍ଷ୍ମୀପ୍ରସାଦଆଡିଆ ଏବେ ସେମାନଙ୍କ ବାସସ୍ଥାନ ହୋଇଛି। ପରିବେଶ ନଷ୍ଟ ହେଉଥିବାରୁ ପକ୍ଷୀଙ୍କୁ ସୁରକ୍ଷିତ ବସା ବାନ୍ଧିବା ସ୍ଥାନର ଘନଘନ ପରିବର୍ତ୍ତନ ହେଉଛି। ଜଳଚର ଜୀବ ଡଲଫିନଙ୍କ ସଂଖ୍ୟା ବଢ଼ିଛି। ମାତ୍ର ବିଭିନ୍ନ କାରଣରୁ ସେମାନେ ଏବେ ଅସୁରକ୍ଷିତ ଜୀବନ ବିତାଉଛନ୍ତି। ଅପରପକ୍ଷରେ ବିଶ୍ୱ ତାପନ (ଗ୍ଲୋବାଲ ୱାର୍ମିଂ) ଯୋଗୁ ସମୁଦ୍ରର ଜଳପତନ ବୃଦ୍ଧି ପାଉଛି। ସାମୁଦ୍ରିକ ପାଚେରି ଭାବେ ପରିଚିତ ହେନ୍ତାଳବଣ ଅନୁପ୍ରବେଶକାରୀଙ୍କ ପାଇଁ ନଷ୍ଟ ହେଉଥିବାରୁ ସମୁଦ୍ର ତଟକ୍ଷୟ ବହୁ ପରିମାଣରେ ବଢ଼ିଯାଇଛି। ବିରଳ ଅଲିଭ ରିଡଲେଙ୍କ ସାମୂହିକ ଅଣ୍ଡାଦନ ପାଇଁ ସ୍ଥାନର ଅଭାବ ପଡୁଛି। ଚିଙ୍ଗୁଡ଼ି ଘେରି ଓ ଶିଳ୍ପରୁ ବାହାରୁଥିବା ରାସାୟନିକ ବର୍ଜ୍ୟବସ୍ତୁକୁ ରୋକା ନ ଗଲେ ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବ। ସେହିପରି ଆବଶ୍ୟକ ପରିମାଣର ମଧୁର ଜଳ ଆର୍ଦ୍ରଭୂମିରେ ନ ପହଞ୍ଚିଲେ ସମୁଦ୍ରର ଲୁଣା ପାଣି ଏହି ଜୈବ ମଣ୍ଡଳକୁ ଧ୍ୱଂସ କରିବ ବୋଲି ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସିଏଫ୍ ମାନସ କୁମାର ଦାସଙ୍କୁ ପଚାରିବାରେ ହେନ୍ତାଳ ଜାତୀୟ ବୃକ୍ଷର ବନୀକରଣ, ଅନୁପ୍ରବେଶକୁ ରୋକାଯିବା ସହ ଚିଙ୍ଗୁଡ଼ି ଘେରିର ଉଚ୍ଛେଦ ହେଉଛି। ଏଥିସହିତ ବିଭିନ୍ନ ସମୟରେ ହେଉଥିବା କଟକଣା ଯୋଗୁ ବନ୍ୟ ଓ ସାମୁଦ୍ରିକ ପ୍ରାଣୀ ସୁରକ୍ଷିତ ରହୁଛନ୍ତି। ତଟକ୍ଷୟର ମୁକାବିଲା ପାଇଁ ସ୍ୱତନ୍ତ୍ର ଅନୁଧ୍ୟାନ ଆବଶ୍ୟକ ବୋଲି ସେ କହିଛନ୍ତି।

# ୪ ଛାତ୍ରୀଛାତ୍ରଙ୍କୁ ମିଳିଲା ଜାତୀୟ ମେଧାବୃତ୍ତି



ମେଧାବୃତ୍ତି ପାଇଥିବା ଜଣେ ଛାତ୍ରୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରୁଛନ୍ତି।

**ମହାକାଳପଡ଼ା, ୨୮।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ବାରଡ଼ାଙ୍ଗ ପଞ୍ଚାୟତ ନନ୍ତାରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୪ ଛାତ୍ରୀଛାତ୍ର ଚଳିତ ବର୍ଷ ଜାତୀୟ ଆୟଭିତ୍ତିକ ମେଧା ବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଇଛନ୍ତି। ସେମାନେ ହେଲେ ପ୍ରଭାସ ନାୟକ, ଅଚ୍ୟୁତାନନ୍ଦ ଦାସ, ଚିଣ୍ଟି ନାୟକ ଓ ପ୍ରିୟଙ୍କା ସ୍ୱାଇଁ। ଏ ନେଇ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁନ୍ଦର ମୋହନ ସିଂ ସୂଚନା ଦେଇଛନ୍ତି। ଗତ ଶୁକ୍ରବାର ବିଦ୍ୟାଳୟ ତରଫରୁ ଉପରୋକ୍ତ ୪ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚନ୍ଦ୍ର ଶେଖର ଉଚ୍ଚ ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଆଦିକନ୍ଦ ସାହୁ, ବାବାଜୀ ଚରଣ ବାରିକ, ପ୍ରିୟଦର୍ଶନୀ ପ୍ରଧାନ, ସିଆରସିସି ଅଶୋକ ମହାରାଜ, କବିର ମଲିକ, ବିପିନ କୁମାର ପ୍ରଧାନ ଙ୍କ ସମେତ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଜାତୀୟ ତମାଖୁ ନିୟନ୍ତ୍ରଣ ଦିବସ ପାଳିତ

**ରାଜନଗର, ୨୮।୩ (ଭାସ୍କର ରାଉତରାୟ)**

ରାଜନଗର ବ୍ଲକ କେରଡ଼ାଗଡ଼ସ୍ଥିତ ଶ୍ରୀ ଜଗନ୍ନାଥ ହାଇସ୍କୁଲ ପରିସରରେ ଜାତୀୟ ତମାଖୁ ସେବନ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ପଣ୍ଡାଙ୍କ ପୌରେହିତରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଗୋଷ୍ଠି ସୱାସ୍ଥ୍ୟକେନ୍ଦ୍ରର ବରିଷ୍ଟ ଚିକିତ୍ସକ ଡ. ଆଦିତ୍ୟ ନାରାୟଣ ପ୍ରଧାନ, ବ୍ଲକ ସ୍ୱାସ୍ଥ୍ୟ ଅଧିକାରୀ ତରୁଲତା ନାୟକ, ହିମାଂଶୁ ଶେଖର ଦାସ ପ୍ରମୁଖ ଯୋଗ ଦେଇ ଜାତୀୟ ତମାଖୁ ନିୟନ୍ତ୍ରିତ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଏବଂ ବାଳକ ବାଳିକା ମାନେ ତମାଖୁ ଭଳି ମାରାତ୍ମକ ପଦାର୍ଥ ଠାରୁ ଦୂରେଇ ରହିବା ସହିତ ସୁସ୍ଥ ନିରାମୟ ଜୀବନ ଧାରଣ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରତି ବର୍ଷ ତମାଖୁ ସେବନ କରି ଅମୂଲ୍ୟ ଜୀବନ କିପରି ବ୍ୟାଧିଗ୍ରସ୍ତ ହେଉଛି ଏହା ଠାରୁ ଛାତ୍ରୀଛାତ୍ରଙ୍କୁ ଦୂରେଇ ରଖିବା ପାଇଁ ପରାମର୍ଶ ଦେଇଥିଲେ। ବକ୍ତୃତା ପ୍ରତିଯୋଗିତାରେ କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

# ଚାଷୀର ମେରୁଦଣ୍ଡ ସମବାୟ ଆନ୍ଦୋଳନ


ଅନ୍ତର୍ଜାତୀୟ ସମବାୟ ବର୍ଷ ପାଳନ ଉତ୍ସବରେ ଯୋଗଦେଇଥିବା ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର ଓ ସଫଳ ଚାଷୀ।

**ମହାକାଳପଡ଼ା, ୨୮।୩(ପ୍ରତାପ ଚନ୍ଦ୍ର ସ୍ୱାଇଁ)**

**ଅନ୍ତର୍ଜାତୀୟ ସମବାୟ ବର୍ଷ-୨୦୨୫ ପାଳିତ**

- ଗ୍ରାମାଞ୍ଚଳରେ କୃଷି ଓ ଆର୍ଥିକ ଅଭିବୃଦ୍ଧି ହାର ବଢ଼ୁଛି
- ଛାତ୍ରୀଛାତ୍ର , ୧୦ ସଫଳ ଚାଷୀ ସମ୍ବର୍ଦ୍ଧିତ

ଦେଶରେ କୃଷି ଓ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ହାର ବଢୁଛି। ଏହାର ମୁଖ୍ୟ କାରଣ ସମବାୟ ଆନ୍ଦୋଳନ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି ଆସିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଗରିବ ଖଟିଖିଆ କୃଷକ ଓ ମୂଲିଆ ପରିବାର ସମବାୟ ସମିତି , ବ୍ୟାଙ୍କ ମାଧ୍ୟମରେ ଋଣ ନେଇ ବିଭିନ୍ନ ଚାଷ ପ୍ରଣାଳୀରେ ଚାଷ କରି ବେଶ ଦୁଇ ପଇସା ରୋଜଗାର କରୁଛନ୍ତି ବୋଲି ବରକନ୍ଧା ପ୍ରାଥମିକ କୃଷି ସମବାୟ ସମିତି ପକ୍ଷରୁ ଶୁକ୍ରବାର ଅନୁଷ୍ଠିତ ବାର୍ଷିକ ସାଧାରଣ ସଭା ଓ ଅନ୍ତର୍ଜାତୀୟ ସମବାୟ ବର୍ଷ – ୨୦୨୫ ସଭାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ବରକନ୍ଧା ସମବାୟ ସମିତି ସଭାପତି ବାଦଲ କୁମାର ସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଜିଲା ସହକାରୀ ସମବାୟ ନିବନ୍ଧକ ଯୋଗେନ୍ଦ୍ର କୁମାର ବିଶ୍ୱାଳ ଯୋଗ ଦେଇ ସମବାୟ ସହିତ କୃଷି ଓ କୃଷକମାନଙ୍କ କି ସମ୍ପର୍କ ରହିଛି ତାହା ଉପସ୍ଥିତ ଚାଷୀମାନଙ୍କୁ ବୁଝାଇଥିଲେ। ସମବାୟ ବିନା କୃଷି ଓ କୃଷକର ବିକାଶ ଅସମ୍ଭବ। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳରେ ସମବାୟ ଭିତ୍ତିଭୂମି ବିକାଶ ପାଇଁ ବିପୁଳ ଆର୍ଥିକ ବ୍ୟୟ ବରାଦ ରହିଛି। ଏହାର ଫାଇଦା ଉଠାଇବା ପାଇଁ ଚାଷୀମାନଙ୍କ ମଧ୍ୟରେ ପ୍ରତିଯୋଗୀତା ମୂଳକ ରହିବା ଆବଶ୍ୟକ ବୋଲି କହିଛନ୍ତି। କୃଷି ଋଣ , କୃଷି ଯନ୍ତ୍ରପାତି , ଚାଷୀମାନଙ୍କ ମଣ୍ଡିରେ ଇନପୁଟ ଆର୍ଥିକ ସହାୟତା ସରକାର ପ୍ରଦାନ କରିଛନ୍ତି। ଏହା ଦ୍ୱାରା କୃଷକମାନଙ୍କ ପରିବାର ଖୁସିରେ ଅଛନ୍ତି ବୋଲି ବିଶ୍ୱାଳ କହିଥିଲେ। ସମବାୟ ସମ୍ବନ୍ଧରେ ପ୍ରବନ୍ଧ ପ୍ରତିଯୋଗୀତାରେ ସ୍ଥାନୀୟ ଛାତ୍ରୀଛାତ୍ର ମାନେ ଅଂଶ ଗ୍ରହଣ କରିଥିଲେ। ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଅଧିକାର କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ଟ୍ରଫି ସହ ମାନପତ୍ର ପ୍ରଦାନ କରାଯାଇଥିଲା। ଅତିଥିମାନେ ହେଲେ ମହାକାଳପଡ଼ା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ପରିଚାଳକ ଅକ୍ଷୟ କୁମାର ଦାସ , ବ୍ଲକ ସମବାୟ ଅଧିକାରୀ ଅତିସ କୁମାର ଲେଙ୍କା, ସମବାୟ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି , ରାଜ କିଶୋର ପରିଡ଼ା , ଦୀପକ ବିଶ୍ୱାସ , ମାଧବ ସାମନ୍ତ , ଶଙ୍କର୍ଷଣ ରାଉତ , ଧରଣୀଧର ବେହେରା , ଅନିତା ସ୍ୱାଇଁ , ଶାନ୍ତିଲତା ଖଟୁଆ , ଦେବାଶିଷ ନନ୍ଦ , ଇନ୍ଦୁମତି ସ୍ୱାଇଁ , ସୁଧାଂଶୁ ନଳିନୀ ସେନାପତି ଙ୍କ ସମେତ ସ୍ଥାନୀୟ ଚାଷୀମାନେ ଉପସ୍ଥିତ ଥିଲେ। ଶେଷରେ ସମବାୟ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ୧୦ ଜଣ ସଫଳ ଚାଷୀଙ୍କୁ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ସମବାୟ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୧୨ତମ ସ୍ଥାନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

**ରାଜନଗର, ୨୮।୩ (ଭାସ୍କର ରାଉତରାୟ)**

**କାୟାକଳ୍ପ ମୂଲ୍ୟାୟନ**

ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ୱଚ୍ଛତା, ସ୍ୱାସ୍ଥ୍ୟସେବା, କର୍ମଚାରୀଙ୍କ ଦକ୍ଷତାକୁ ଅନୁଶୀଳନ କରି କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି । ଷ୍ଟେଟ ଲେବଲ ଆୱାର୍ଡ ନୋମିନେଶନ କମିଟି ରାଜ୍ୟର ସମସ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରିବା ପରେ ଏହି ପୁରସ୍କାର ଘୋଷଣା କରିଛନ୍ତି। ରାଜ୍ୟର ୨୨୪ ସବ୍‌ଡିଭିଜନାଲ ସ୍ୱାସ୍ଥ୍ୟକେନ୍ଦ୍ର ଓ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ କାୟାକଳ୍ପ ପୁରସ୍କାର ପ୍ରଦାନ କରାଯାଇଛି । ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ୧୨ ତମ ସ୍ଥାନରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରହିଛି । ଏହି ତାଲିକାରେ କେନ୍ଦ୍ରାପଡା ଜିଲାର ପାଟକୁରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୩୩ନମ୍ବର ସ୍ଥାନରେ ଥିବା ବେଳେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୪୧ ତମ ସ୍ଥାନରେ , ପଟ୍ଟାମୁଣ୍ଡାଇସ୍ଥିତ ସବ୍ ଡିଭିଜିନାଲ ସ୍ୱାସ୍ଥ୍ୟକେନ୍ଦ୍ର ୪୨ତମ ସ୍ଥାନରେ ରହିଛି । ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫୧ତମ ସ୍ଥାନରେ ଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୫୭ତମ ସ୍ଥାନରେ ଓ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ୬୨ତମ ସ୍ଥାନ ଓ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୯୯ତମ ସ୍ଥାନରେ ରହିଛି । ସେହିପରି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମୂଲ୍ୟାୟନରେ କେନ୍ଦ୍ରାପଡ଼ା ଜିଲାର ଅଣ୍ଡରା ଓ ତାଳଚୁଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଥମ ସ୍ଥାନରେ ରହିଛି ।

ଶୁକ୍ରବାର କାୟାକଳ୍ପ ପୁରସ୍କାର ଘୋଷଣାରେ ରାଜନଗର ରାଜ୍ୟର ୧୨ ତମ ସ୍ଥାନରେ ଓ ଜିଲାରେ ପ୍ରଥମ ସ୍ଥାନ ପାଇଛି । ଏହି ପୁରସ୍କାର ରାଶି ବାବଦକୁ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ପାଇଁ ୧ ଲକ୍ଷ ଟଙ୍କା ମିଳିବ । ରାଜନଗର ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ବିଧାୟକ ଧ୍ରୁବ ସାହୁ, କେନ୍ଦ୍ରାପଡା ଜିଲାପାଳ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀଙ୍କ ସମେତ ସମସ୍ତ ପ୍ରଶାସନିକ ଅଧିକାରୀ, ରୋଗୀ କଲ୍ୟାଣ କମିଟିର ସଦସ୍ୟଙ୍କ ପରାମର୍ଶ, ଉପଦେଶ ଓ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ଏହି ସଫଳତା ମିଳିଛି।

# ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ


ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

**ରାଜକନିକା, ୨୮।୩ (ରବୀନ୍ଦ୍ର କୁମାର ଦାସ)**

ରାଜକନିକା ଶିକ୍ଷା ମଣ୍ଡଳ ପକ୍ଷରୁ ଶୁକ୍ରାବର ଓଲାଶୁଣି ଗୁମ୍ଫାଠାରେ ବିଇଓ ନଳିନୀକାନ୍ତ ରାଉତରାୟଙ୍କ ଅଧ୍ୟକ୍ଷତାରେ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରାଜକନିକା ଶିକ୍ଷା ମଣ୍ଡଳ ଅଧୀନ ୧୪୯ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୨ ଜଣ ଲେଖାଏଁ ଛାତ୍ରୀଛାତ୍ର ତଥା ୧୭ କ୍ଲଷ୍ଟରରୁ ୧୭ ଜଣ ସିଆରସିସି ଓ ୨ ଜଣ ଲେଖାଏଁ ଗାଇଡ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଯୋଗଦେଇଥିଲେ। ଶୁକ୍ରବାର ପ୍ରଥମେ ଲଳିତ ଗିରି, ରତ୍ନଗିରି ଓ ଶେଷରେ ଓଲାଶୁଣି ଗୁମ୍ଫାରେ ବିଭିନ୍ନ ଐତିହ ରାଜି ଦେଖି ସନ୍ଧ୍ୟାରେ ଘରକୁ ଫେରିଥିଲେ। ଏହି କାର୍ଯ୍ୟକ୍ରମ ରାଜକନିକା ବିଇଓ ଅଫିସ ପକ୍ଷରୁ ଅନୁଷ୍ଠିତ ହୋଇଥିଲା।

# କନିକା ହାଇସ୍କୁଲର ବାର୍ଷିକୋତ୍ସବ

**ରାଜକନିକା, ୨୮।୩ (ରବୀନ୍ଦ୍ର କୁମାର ଦାସ)**

ଆୟତନ କନିକା ହାଇସ୍କୁଲର ୬୫ତମ ବାର୍ଷିକ ଉତ୍ସବ, ପୁରସ୍କାର ବିତରଣୀ ଏବଂ ଆମ ସଂସ୍କୃତି ଆମ ଖେଳନା କର୍ମଶାଳାର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପଦ୍ମିନୀ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ୨୯ନଂ.ଜୋନ୍ ଜିଲା ପରିଷଦ ସଭ୍ୟା ଅମିତା ସାହୁ, ମୁଖ୍ୟବକ୍ତା ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ସମ୍ମାନିତ ଅତିଥି ନବ କିଶୋର ସୁତାର, ବିଦ୍ୟାଧର ତ୍ରିପାଠୀ, ଚିଦାମ୍ବର ପତି, ପ୍ୟାରୀ ମୋହନ ସ୍ୱାଇଁ, ପଦ୍ମ ଲୋଚନ ରାଉତ, ଦେବବ୍ରତ ବେହେରା, ଯଶୋବନ୍ତ ଗିରି, ଶରତ ଚନ୍ଦ୍ର ପଣ୍ଡା ରାଜଲକ୍ଷ୍ମୀ ଧଳ, ମିନତୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଅରୁଣ କୁମାର ଜେନା ବାର୍ଷିକ ବିବରଣୀ ପାଠ ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ

**ଡେରାବିଶ, ୨୮।୩ (ବେବର୍ତ୍ତା ଅଜୟ ଦାଶ)**

**ଭାଜପା ପକ୍ଷରୁ ବନ୍ଧୁମିଳନ, ସମ୍ବର୍ଦ୍ଧନା ସଭା**

ଡେରାବିଶ ବ୍ଲକ ଖମୋଳ ପଞ୍ଚାୟତ ବଡକୋଶିଦା ଅଗସ୍ତି ମହାପୁରୁଷଙ୍କ ପୀଠରେ ପାଟକୁରା ଭାଜପା ୧୪ନଂ. ମଣ୍ଡଳ ପକ୍ଷରୁ ଏକ ବନ୍ଧୁମିଳନ ଓ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ବରିଷ୍ଠ ସଙ୍ଗଠକ ଅଜୟ କୁମାର ମଲ୍ଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଭାଜପା ଜିଲା ସମ୍ପାଦିକା ମନୀଷା ପଣ୍ଡା, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ୧୪ନଂ.ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକ, ଜିଲା ମହିଳା ମୋର୍ଚ୍ଚାର ମମତା ସେଠୀ, ୧୨ ନଂ. ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପରିଡ଼ା, ମଣ୍ଡଳ ସମ୍ପାଦକ ସରୋଜ କାନ୍ତ ପଣ୍ଡା, ପ୍ରାକ୍ତନ ମଣ୍ଡଳ ସଭାପତି କ୍ଷୀରୋଦ ଚନ୍ଦ୍ର ବରାଳ ଓ ପ୍ରିୟଦର୍ଶନ ସ୍ୱାଇଁ ଅତିଥି ଭାବେ ଯୋଗଦେଇ ଭାଜପାର ସାଙ୍ଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିବା ସହିତ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇ ଆସନ୍ତା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ଅଧୀନ ୯ ପଞ୍ଚାୟତରୁ ବହୁ ସଂଖ୍ୟାରେ ଭାଜପା ସଙ୍ଗଠକ ଓ କର୍ମୀମାନେ ଯୋଗଦେଇ ନିଜ ମତ ଉପସ୍ଥାପନ କରିଥିଲେ। ଏହି ଅବସରରେ ନବନିର୍ବାଚିତ ମଣ୍ଡଳ ସଭାପତି ତାପସ ରଞ୍ଜନ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ନାୟକ ଖମୋଳ ପଞ୍ଚାୟତ ପାଇଁ ଅଜୟ ମଲ୍ଲଙ୍କୁ ପଞ୍ଚାୟତ ପ୍ରମୁଖ ଓ କେଶବ ସାମଲଙ୍କୁ ସହ ପ୍ରମୁଖ ଭାବେ ଘୋଷଣା କରିଥିଲେ। ପ୍ରାରମ୍ଭରେ କେଶବ ଚନ୍ଦ୍ର ସାମଲ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଦୀପ୍ତ କୁମାର ବାରିକ, ଭ୍ରମରବର ବଡ଼ିଆ, ଶ୍ରୀକାନ୍ତ ସାମଲ, ବୈରାଗୀ ମହାପାତ୍ର, ଜୟକୃଷ୍ଣ ସ୍ୱାଇଁ ଓ ସମରେନ୍ଦ୍ର ଜେନା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଦୋଳଗୋବିନ୍ଦ ମଲ୍ଲ ଧନ୍ୟବାଦ ଅର୍ପଣ କରିଥିଲେ।



ଭାଜପାର ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଦଳୀୟ କର୍ମକର୍ତ୍ତା।

# ସ୍ମୃତିସନ୍ତକକୁ ନେଇ ସଂଗ୍ରହାଳୟ ପ୍ରତିଷ୍ଠା ହେଲାନି



ଚାନ୍ଦବାଲି ବନ୍ଦରର ପ୍ରତିଷ୍ଠା ଦିବସ ସଭାରେ ମଞ୍ଚାସୀନ ଅତିଥି।

**ରାଜକନିକା, ୨୮।୩ (ସଞ୍ଜୟ କୁମାର ଦାଶ)**

**ଚାନ୍ଦବାଲି ବନ୍ଦରର ପ୍ରତିଷ୍ଠା ଦିବସ ପାଳିତ**

ଶୁକ୍ରବାର ମତୋ କଲ୍ୟାଣ ମଣ୍ଡପଠାରେ ଚାନ୍ଦବାଲି ବନ୍ଦର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସେ ସମୟର ଚାନ୍ଦବାଲି ବନ୍ଦର ସ୍ଥାନୀୟ ଲୋକଙ୍କର ଅର୍ଥନୈତିକ ଓ ସାମାଜିକ ଜୀବନକୁ ଢେର ପ୍ରଭାବିତ କରିଥିଲା। ତେଣୁ ବନ୍ଦ ହେବାର ପ୍ରାୟ ୬୫ ବର୍ଷ ପରେ ଏବେ ମଧ୍ୟ ସ୍ଥାନୀୟ ଲୋକଙ୍କ ସ୍ମୃତିରେ ବଞ୍ଚିଛି ବନ୍ଦର ବୋଲି ଉପସ୍ଥିତ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ୧୮୬୬ର ନଅଙ୍କ ଦୁର୍ଭିକ୍ଷର ପରବର୍ତ୍ତୀ ସମୟରେ ଏହି ବନ୍ଦର ପ୍ରତିଷ୍ଠା ହୋଇଥିବା ବେଳେ ୧୮୮୧ ମାର୍ଚ୍ଚ ୨୮ରେ ଏହାକୁ ଇଂରେଜ ସରକାର ସ୍ୱୀକୃତି ଦେଇଥିଲେ। ବିଭିନ୍ନ ଆନୁଷଙ୍ଗିକ କାରଣ ପାଇଁ ଏହା ୧୯୬୦ ଦଶକରେ ବନ୍ଦ ହୋଇଯାଇଥିଲା। ଭିତ୍ତିଭୂମି ଥିବାରୁ ଏହାକୁ ପୁନଃ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଲୋକ ବିଭିନ୍ନ ସମୟରେ ଉଦ୍ୟମ କରିଥିଲେ ମଧ୍ୟ ସଫଳତା ମିଳି ନ ଥିଲା। ପରେ ଘରୋଇ ସଂସ୍ଥା ଉଦ୍ୟମରେ ୨୦୦୦ ମସିହାରେ ଧାମରା ସାମୁଦ୍ରିକ ବନ୍ଦର ପ୍ରତିଷ୍ଠା ହୋଇଥିଲା। ପ୍ରାଚୀନ ଚାନ୍ଦବାଲି ବନ୍ଦରର ସ୍ମୃତି ବହନ କରୁଥିବା କାର୍ଯ୍ୟାଳୟ, ବୟାଁ, ନଙ୍ଗର, ଶିକୁଳି, ମାରୱାଡି ଓ ତେଲଙ୍ଗା ବସ୍ତି, ରାଇସ ମିଲ୍‌ର ଭଗ୍ନାବଶେଷ ଏବେ ମଧ୍ୟ ମନେ ପକାଏ ସେଦିନର ବନ୍ଦର ସ୍ମୃତିକୁ। ବନ୍ଦରର ସ୍ମୃତି ସନ୍ତକକୁ ନେଇ ଏକ ସଂଗ୍ରହାଳୟ ପ୍ରତିଷ୍ଠାକୁ ୨୦୨୧ ମସିହାରେ ସରକାରୀ ମଞ୍ଜୁରୀ ମିଳିଥିଲେ ମଧ୍ୟ ଅଦ୍ୟାବଧି ଏହା କାର୍ଯ୍ୟକାରୀ ହୋଇନାହିଁ। ସରକାର ଏ ଦିଗରେ ଧ୍ୟାନ ଦେବାକୁ ଦାବି ହେଉଛି ।

ସଂସ୍କାର ପରିବାର ଚାନ୍ଦବାଲି ପକ୍ଷରୁ ଶିକ୍ଷାବିତ୍ ସାଧୁ ଚରଣ ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଆବାହକ ତାରାପଦ ମହାନ୍ତି ପ୍ରାରମ୍ଭିକ ସୂଚନା ଦେଇଥିଲେ। ମତୋ ଯୁକ୍ତ୩ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଭୂତି ଭୂଷଣ ଜୟଦେବ ବିଶାଳ, ସାମାଜିକ କର୍ମୀ ସୁକାନ୍ତ କୁମାର ଦାଶ, ଯୁବନେତା ମଙ୍ଗୁଳି ଚରଣ ବେହେରା, ରମେଶ ଚନ୍ଦ୍ର ସାମଲ, କବି ମନୋଜ କୁମାର ଭଳ, ଶିକ୍ଷାବିତ୍ ରବୀନ୍ଦ୍ର କୁମାର ରଣା, ଅବସରପ୍ରାପ୍ତ ସେନା ନିବୃତ୍ତ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାମପନ୍ଥୀ ନେତା ବେଣୁଧର ନାୟକ ଓ ବ୍ରହ୍ମାନନ୍ଦ ପରିଡା, ଅବସରପ୍ରାପ୍ତ ଏବିଇଓ ଜୟକୃଷ୍ଣ ନାୟକ, ଶିକ୍ଷକ ଅମୂଲ୍ୟ କୁମାର ରାଉତ, ଅଶୋକ କୁମାର ପଣ୍ଡା ପ୍ରମୁଖ ବନ୍ଦର ସମ୍ପର୍କିତ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ସ୍ଥାନୀୟ କଲେଜର ଛାତ୍ରୀଛାତ୍ର ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ। ଏହି ଅବସରରେ ସକାଳେ ଚାନ୍ଦବାଲି ଶାସ୍ତ୍ରୀଘାଟରେ ଦୀପକ କୁମାର ସାହୁ, ସ୍ମୃତିରଞ୍ଜନ ଯତି, ଭାଗିରଥୀ ଦାଶ ପ୍ରମୁଖଙ୍କ ନେତୃତ୍ୱରେ ବୈତରଣୀ ନଦୀ ବନ୍ଦାପନା ଓ ଆଳତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ପ୍ରାକୃତିକ ଓ ଭୌଗୋଳିକ ପରିବେଶ ସତ୍ତ୍ୱେ ହେଉନି ବିକାଶ

## ନୟାଗଡ଼ ଜିଲା ବିକାଶ ସମ୍ମିଳନୀ

### ଜିଲାର ଚେହେରା ବଦଳୁ ନ ଥିବାରୁ ଉଦ୍‌ବେଗ



ନୟାଗଡ଼ ଜିଲା ବିକାଶ ସମ୍ମିଳନୀରେ ଯୋଗଦେଇଥିବା ଅତିଥି।

ନୟାଗଡ଼,୨୮।୩(ଲୋକନାଥ ମିଶ୍ର)

ଓଡ଼ିଶାର ରାଜଧାନୀ ସହରରେ ସୁପ୍ରତିଷ୍ଠିତ ନୟାଗଡିଆଙ୍କୁ ନେଇ ଗଠିତ ହୋଇଥିବା ନୟାଗଡ଼ ଜିଲା ବିକାଶ ସମ୍ମିଳନୀର ଉଦ୍‌ଘାଟନୀ ଅଧିବେଶନ ନୟାଗଡ ସହରର କେସି କ୍ଲବଠାରେ ଶୁକ୍ରବାର ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ କରୁଣାକର ପଟ୍ଟନାୟକ ଅଧକ୍ଷତା କରିଥିଲେ। ନୟାଗଡ଼ ଜିଲାରେ ପ୍ରାକୃତିକ ଓ ଭୌଗୋଳିକ ପରିବେଶର ଅନୁକୂଳ ଅବସ୍ଥିତି ସତ୍ତ୍ୱେ ଜିଲାର ସର୍ବାଙ୍ଗୀନ ବିକାଶ ଆଶାନୁରୂପ ହୋଇପାରି ନ ଥିବାରୁ ଏହି ସଭାରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସମ୍ମିଳନୀର ଉଦ୍ୟୋକ୍ତା ତଥା ବରିଷ୍ଠ କର୍ମକର୍ତ୍ତା ଭାରତ ସରକାରଙ୍କ ପୂର୍ବତନ ଗଣମାଧ୍ୟମ ପରାମର୍ଶଦାତା ଉମାକାନ୍ତ ମିଶ୍ର, ଗବେଷକ ତଥା ପାଠାଗାର ଆନ୍ଦୋଳନର ପ୍ରମୁଖ ପ୍ରବୀର ପଟ୍ଟନାୟକ, ବ୍ରଜବନ୍ଧୁ ପଣ୍ଡା, ପୁସ୍ତକାର ଜାନକୀଶ ବଡ଼ପଣ୍ଡା ଅଧିବେଶନରେ ଯୋଗ ଦେଇ ଜିଲାର ବିକାଶ ପାଇଁ କାମ ଆରମ୍ଭ ହୋଇଛି। ନୟାଗଡ଼ ଜିଲାର ସର୍ବାଙ୍ଗୀନ ବିକାଶ ପାଇଁ ରାଜଧାନୀ ସହରରେ ପ୍ରତିଷ୍ଠିତ ଏହି ସଙ୍ଗଠନ ଜିଲାବାସୀଙ୍କ ସାର୍ଥସିଦ୍ଧି ପାଇଁ ଉଚ୍ଚ ପ୍ରଶାସନିକସ୍ତରରେ ଏକ ସେତୁର କାର୍ଯ୍ୟ କରିବ ବୋଲି ଅଧିବେଶନରେ ନିଷ୍ପତ୍ତି ହୋଇଛି। ଜିଲାର ୮ ବ୍ଲକରେ ଏହି ବିକାଶର ଧାରାରେ ସାମିଲ ହେବାକୁ ଥିବା ଉଦ୍ୟୋଗୀମାନଙ୍କୁ ନେଇ ବୈଠକ କରିବାକୁ ସ୍ଥିର ହୋଇଛି। ସମ୍ମିଳନୀର ନୟାଗଡ଼ ଜିଲା ଆବାହକ ପ୍ରମୋଦ ପଟ୍ଟନାୟକ ସ୍ୱାଗତ ଅଭିଭାଷଣ ପ୍ରଦାନ କରିବା ସହିତ ଜିଲାର ପ୍ରମୁଖ ସମସ୍ୟାଗୁଡ଼ିକଉପରେ ଆଲୋକପାତ କରିଥିଲେ। ପ୍ରତି ବ୍ଲକରୁ ପ୍ରତିନିଧି ରୂପେ ଯୋଗଦେଇଥିବା ବିଶିଷ୍ଟ ଶିକ୍ଷାବିତ୍ ଆଡଭୋକେଟ ଶରତଚନ୍ଦ୍ର ବେହେରା, ସୁଦାମ ଚରଣ ବେହେରା, ଅଧ୍ୟାପକ ଭିକାରି ଚରଣ ସ୍ୱାଇଁ, ଆଡଭୋକେଟ ପ୍ରସନ୍ନ କୁମାର ପଣ୍ଡା, ସାମାଜିକ କର୍ମୀ ଗୋଲକବିହାରୀ ମୁଦୁଲି, ନିତ୍ୟାନନ୍ଦ ପରିଡ଼ା, ସ୍ୱରାଜ କୁମାର ମହାନ୍ତି, ବିନାୟକ ମିଶ୍ର, ବାବି ସିଂ ସାମନ୍ତ, ଲକ୍ଷ୍ମୀଧର ସାହୁ, ଦୁର୍ଯ୍ୟୋଧନ ସାହୁ, ଗୋକୁଳ ଷଡ଼ଙ୍ଗୀ, ପ୍ରଦୀପ କୁମାର ରଥ ପ୍ରମୁଖ ଆଲୋଚନାରେ ଭାଗନେଇ ଜିଲାର ବିକାଶ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ନୟାଗଡ଼ରେ ଚିନିଶିଳ୍ପର ପୁନରୁଦ୍ଧାର କରି ଜିଲାର ଆଖୁଚାଷରେ ବିକାଶ ଘଟାଇବା, ବୃଓଙ୍ଗ ଜଳଭଣ୍ଡାର ନିର୍ମାଣ କରି କୃଷିର ବିକାଶ କରିବା, ମହାନଦୀରେ ବ୍ୟାରେଜ ନିର୍ମାଣ କରି ଜଳସେଚନର ବିକାଶ କରିବା, ଦଶପଲ୍ଲା ଅଞ୍ଚଳରେ ବାଉଁଶ ଜଙ୍ଗଲର ବିକାଶ କରି କାଗଜ କଳ ପ୍ରତିଷ୍ଠା କରିବା, ନୟାଗଡ଼ ଜିଲାରେ ମେଡିକାଲ କଲେଜ ସ୍ଥାପନ, ଶୀତଳ ଭଣ୍ଡାର ସ୍ଥାପନ ଇତ୍ୟାଦି ପ୍ରମୁଖ ଦାବି ଉପରେ ଗୁରୁତ୍ୱ ଦେଇ ଆଲୋଚନା ହୋଇଛି। ଅନ୍ୟତମ ଉଦ୍ୟୋକ୍ତା ବିଶ୍ୱନାଥ ମହାପାତ୍ର କାର୍ଯ୍ୟପନ୍ଥା ଉପରେ ମାର୍ଗଦର୍ଶନ କରିବା ପରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଷଷ୍ଠ ରାଜ୍ୟ ଅର୍ଥ କମିଶନଙ୍କ ନୟାଗଡ଼ ଗସ୍ତ

## ନୀଳମାଧବଙ୍କୁ ଦର୍ଶନ କଲେ


ନୟାଗଡ଼ରେ ଅର୍ଥ କମିଶନ।

ନୟାଗଡ଼/ଖଣ୍ଡପଡ଼ା,୨୮।୩ (ଲୋକନାଥ ମିଶ୍ର/ ଅଜୟ କୁମାର ମହାରଣା)

ଶୁକ୍ରବାର ଷଷ୍ଠ ରାଜ୍ୟ ଅର୍ଥ କମିଶନ ଅରୁଣ କୁମାର ପଣ୍ଡା ଏକ ଦିବସୀୟ ନୟାଗଡ଼ ଜିଲା ଗସ୍ତରେ ଆସି ଫେରି ଯାଇଛନ୍ତି। କମିଶନ ନୟାଗଡ଼ ଜିଲା ପରିଷଦର ସମ୍ମିଳନୀ ଗୃହ ସୃଜନରେ ଅର୍ଥ କମିଶନଙ୍କ ଅନୁଦାନ ଖର୍ଚ୍ଚକୁ ନେଇ ସମୀକ୍ଷା କରିଥିଲେ। ଅର୍ଥ କମିଶନଙ୍କ ପକ୍ଷରୁ ଜିଲାକୁ କେତେ ଅର୍ଥ ଆସିଛି, କେଉଁ ଦିଗରେ ଖର୍ଚ୍ଚ ହୋଇଛି ସେନେଇ ପଚାରି ସମୀକ୍ଷା କରିଥିଲେ। ଆଉ କ'ଣ କରାଯିବାର ଆବଶ୍ୟକତା ଅଛି। ପରେ ନୟାଗଡ ପୁରୁଣା ସହରରେ ଥିବା ଜିଲା ପାଠାଗାର ସୃଜନ ଓ ପଠାଣି ସମାନ୍ତ ଅଡିଟୋରିୟମକୁ ବୁଲି ଦେଖିଲେ। ନୟାଗଡ଼ ମ୍ୟୁନିସିପାଲିଟିରେ ଯାଇ ଅନୁରୂପ ଭାବେ ଅର୍ଥ କମିଶନଙ୍କ ଅନୁଦାନ ଖର୍ଚ୍ଚ ଉପରେ ଓ ଆଉ କ'ଣ ଦରକାର ପଚାରିଥିଲେ। ଅନ୍ୟପକ୍ଷେ ଖଣ୍ଡପଡ଼ା ବ୍ଲକର କଣ୍ଟିଲୋ ଗସ୍ତ କରି ନୀଳମାଧବଙ୍କୁ ଦର୍ଶନ କଲେ। କଣ୍ଟିଲୋ ପଞ୍ଚାୟତରେ ସିଂହଭାଗ ବିଦ୍ୟୁତ୍ ଦେୟରେ ଚାଲି ଯାଉଥିବାରୁ ଉନ୍ନୟନ କାର୍ଯ୍ୟ କରିବା ସମ୍ଭବ ହେଉ ନ ଥିବା ସରପଞ୍ଚ ଦର୍ଶାଇଥିଲେ। କଣ୍ଟିଲୋ ପରି ଜନବହୁଳ ପଞ୍ଚାୟତ ପାଇଁ ଅଧିକ ଅନୁଦାନ ଯୋଗଦେବାକୁ ଦାବି ଉଠିଥିଲା। କମିଶନଙ୍କ ସୂଚନା ଅନୁସାରେ ବିଦ୍ୟୁତ୍ ପରିବର୍ତ୍ତେ ସୋଲାର ଲାଇଟ୍ ଲଗାଇଲେ ବିଦ୍ୟୁତ୍ ବ୍ୟୟ ହ୍ରାସ ପାଇବ ବୋଲି କହିଥିଲେ। ସେହିପରି ଶିଖରପୁର ପଞ୍ଚାୟତକୁ ଯାଇ ସ୍ଥିତି ଅନୁଧ୍ୟାନ କରିଥିଲେ।

# କରଡା ଚୋରି ଘଟଣାର ମିଳୁନି ଟେର

## ବ୍ରାଉନସୁଗାର କାରବାର ବଢ଼ାଉଛି ଚୋରି

ନୟାଗଡ,୨୮।୩ (ଲୋକନାଥ ମିଶ୍ର)

ଶରଣକୁଳ ଥାନା କରଡା ରଘୁନାଥପୁର ବ୍ରାହ୍ମଣ ଶାସନରେ ଚୋରି ବଢ଼ିବାରେ ଲାଗିଛି। ଗତ ଜାନୁଆରୀ ୧୮ରେ ଚାଷୀ ଗୁରୁବାରୀ ରାଉତଙ୍କ ଘରୁ ୩ ନଉତି ମୁଗ ଓ ୪ହଜାର ଟଙ୍କା ଚୋରି ହୋଇଥିଲା। ଚୋର କାନ୍ଥ ଡେଇଁ ଘରେ ପଶି ଚୋରି କରିଥିଲା। ସେହିପରି କରଡାରେ ଭଡାରେ ରହୁଥିବା ଜଣେ ଶିକ୍ଷୟିତ୍ରୀଙ୍କ ଘରୁ ଜାଗର ସମୟରେ ଚୋରି ହୋଇଥିଲା। ବ୍ରାଉନସୁଗାର କାରବାର କରଡା ରଘୁନାଥପୁର ଅଞ୍ଚଳରେ ବଢୁଥିବାବେଳେ ଏହା ଉପରେ ଲଗାମ ନ ଥିବାରୁ ଚୋରି ବଢୁଥିବା ଅଭିଯୋଗ ରହିଛି। ଶରଣକୁଳ ଓଡ଼ଗାଁ ରାସ୍ତାର କରଡା ରଘୁନାଥପୁର ଶାସନ ପେଟ୍ରୋଲ ପମ୍ପ ନିକଟରେ, ରାସ୍ତା କଡରେ ନିଶାଖୋରମାନେ ସନ୍ଧ୍ୟା ଓ ରାତ୍ରରେ ଆଡ୍ଡା ଜମାଉଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନ ଥିବାରୁ ଚୋରି, ଲୁଟ୍ ବଢ଼ି ଚାଲିଥିବା ଅଭିଯୋଗ ହୋଇଛି।

# ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ୨ଦିନିଆ ତାଲିମ ଶିବିର


ତାଲିମ ଶିବିରରେ ବ୍ଲକ୍ ଶିକ୍ଷାଧିକାରୀ ଓ ଅନ୍ୟମାନେ।

ଦଶପଲ୍ଲା,୨୮।୩ (ପ୍ରକାଶ କୁମାର ପାଣି)

ଦଶପଲ୍ଲା ବ୍ଲକ ଶିକ୍ଷା ଅଧିକାରୀ ଭକ୍ତି ବିନୋଦ ସଲଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ରାଧାମୋହନଜୀଉ ହାଇସ୍କୁଲ ପରିସରରେ ଶିଶୁ ବାଟିକା ଶ୍ରେଣୀର ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ନେଇ ଚାଲିଥିବା ତାଲିମ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଏହି ତାଲିମ ଶିବିର ଚାଲିଥିଲା। ଜାତୀୟ ଶିକ୍ଷାନୀତିରେ ପ୍ରାକ୍ ବିଦ୍ୟାଳୟ ଶିକ୍ଷାକୁ ବିଶେଷଭାବେ ପ୍ରାଧାନ୍ୟ ଦିଆଯାଇଛି। ଓଡିଶା ସରକାର ୫ ବର୍ଷରୁ ଅଧିକ ଶିଶୁମାନଙ୍କ ନିମନ୍ତେ ଶିଶୁ ବାଟିକା ଶ୍ରେଣୀକୁ ପ୍ରାଥମିକ ବିଦ୍ୟାଳୟ ସହ ଅନ୍ତର୍ଭୁକ୍ତ କରିଛନ୍ତି। ଉକ୍ତ ହାଇସ୍କୁଲ ପରିସରରେ ୨ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଦଶପଲ୍ଲା ବ୍ଲକର ବିଭିନ୍ନ ବିଦ୍ୟାଳୟର ୮୬ ଜଣ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଅଂଶଗ୍ରହଣ କରିଥିଲେ। ୮ ଜଣ ସାଧନ କର୍ମୀ ଯୋଗଦାନ କରି ଶିକ୍ଷା ପ୍ରଦାନ କରିଥିଲେ। ପ୍ରଥମ ଶିବିରରେ ସିଆରସିସି କସ୍ତୁରୀ ସାହୁ, ଲକ୍ଷ୍ମୀଧର ସାହୁ, ଜିତେନ୍ଦ୍ର କୁମାର ପାତ୍ର, କେଦାର ଲାଲ ମାଝୀ ପ୍ରମୁଖ ଆବଶ୍ୟକ ଶିକ୍ଷା ପ୍ରଦାନ କରିଥିଲେ। ଦ୍ୱିତୀୟ ଶିବିରରେ ଦିଲୀପ କୁମାର ନାୟକ,ଅନୀତା ପ୍ରଧାନ, ସନ୍ତୋଷ କୁମାର ବେହେରା, ସର୍ଣ୍ଣଲତା ସାହୁ ପ୍ରମୁଖ ଯୋଗଦାନ କରି ତାଲିମ ପ୍ରଦାନ କରିଥିଲେ। ସିଆରସିସି କସ୍ତୁରୀ ସାହୁ ୨ ଶିବିରରେ ସଂଯୋଜନା କରିଥିଲେ। ଶିବିରରେ ଶିଶୁମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ବିଭିନ୍ନ ଖେଳ ସାମଗ୍ରୀ ଏବଂ ପୁସ୍ତିକା ପ୍ରଦର୍ଶିତ ହୋଇଥିଲା। ଉଦଯାପନୀ ଦିବସରେ ବ୍ଲକ ଶିକ୍ଷା ଅଧିକାରୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା,୨୮।୩ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ନୂଆସାହସପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କୃଷ୍ଣଚନ୍ଦ୍ର ନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଳିସାହି କ୍ଲଷ୍ଟରର ସିଆରସିସି ପ୍ରଭାତ କୁମାର ସେଠୀ, ସମ୍ମାନୀତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସ୍ନେହଲତା ରଥ, ମୋ ସ୍କୁଲ କମିଟି ସଭାପତି କିଶୋର ଚନ୍ଦ୍ର ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ପଟ୍ଟନାୟକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ବିତରଣ କରାଯାଇଥିଲା। ପ୍ରକାଶ ପଣ୍ଡା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।


ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି।

# ସ୍ୱାସ୍ଥ୍ୟ ସେବା ଶିବିର


ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

ଦଶପଲ୍ଲା,୨୮।୩ (ପ୍ରକାଶ କୁମାର ପାଣି)

ଶୁକ୍ରବାର ଦଶପଲ୍ଲା ବ୍ଲକର ଆଦିବାସୀ ବହୁଳ ଦୁଡା ପଞ୍ଚାୟତ କନଡି ଗ୍ରାମରେ ଏକ ମାଗଣା ସ୍ୱାସ୍ଥ୍ୟ ସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଓଡିଶା ଉନ୍ନୟନ ନିଗମ ଲି,ଭୁବନେଶ୍ୱର ବାଣିଜ୍ୟ ଖଣ୍ଡର ଦଶପଲ୍ଲା ଉପଖଣ୍ଡ ତରଫରୁ ଏହି ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୪୨ ଜଣ ରୋଗୀଙ୍କ ସ୍ୱାସ୍ଥ୍ୟପରୀକ୍ଷା କରାଯାଇ ଔଷଧ ପ୍ରଦାନ କରାଯାଇଥିଲା। ଏହି ଶିବିରରେ ଡାକ୍ତର ବିଶ୍ୱଜିତ ନାୟକ,ଡା ସସ୍ମିତା ବେହେରା, ନର୍ସିଂ ଅଫିସର ସ୍ନେହଞ୍ଜଳି ଭୋଇ ଏବଂ ସ୍ୱାସ୍ଥ୍ୟ କର୍ମଚାରୀ ସୁନୀଲ ମହାକୁଡ଼, ସୂର୍ଯ୍ୟକାନ୍ତ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ ସେବା ଶିବିରକୁ ଦଶପଲ୍ଲା ଉପଖଣ୍ଡ ଏସଡିଏମ୍ ଶିବାଶିଷ ଦାଶ ଏବଂ ସୌରେନ ମହାଲିକ ପ୍ରମୁଖ ପରିଚାଳନା କରିଥିଲେ।

# ମିଳିତ ନୃତ୍ୟ ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ କୃତିତ୍ୱ

ଖଣ୍ଡପଡ଼ା,୨୮।୩ (ଅଜୟ କୁମାର ମହାରଣା)

ଭାରତ ସ୍କାଉଟ ତରଫରୁ ଆୟୋଜିତ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଖଣ୍ଡପଡ଼ା ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ମିଳିତ ନୃତ୍ୟ ପ୍ରତିଯୋଗୀତାରେ ୨ୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି। ବିଦ୍ୟାଳୟର ଗାଇଡ ଶିକ୍ଷକ କବିତା ଜେନାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରିଥିଲେ। ସେହିପରି ଆୟୋଜିତ ବକ୍ତୃତା ପ୍ରତିଯୋଗୀତାରେ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ୯ମ ଶ୍ରେଣୀର ଛାତ୍ରୀ ଆଦ୍ୟାଶା ମହାରଥୀ ରୌପ୍ୟ ପଦକ ପାଇ ଅନୁଷ୍ଠାନ ପାଇଁ ଗୌରବ ଆଣିଛନ୍ତି। ଅନୁଷ୍ଠାନର ପ୍ରଧାନ ଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ସମେତ ଶିକ୍ଷୟିତ୍ରୀ, ଶିକ୍ଷକମାନେ ଏ ନେଇ ଆନନ୍ଦ ପ୍ରକାଶ କରିବା ସହ ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ୨୨ ସୋଲାର ପ୍ୟାନେଲ ଇନଷ୍ଟାଲେଶନ ଟେକ୍ନିସିଆନଙ୍କୁ ନିଯୁକ୍ତି ପତ୍ର

ନୟାଗଡ଼,୨୮।୩ (ଲୋକନାଥ ମିଶ୍ର)

ନୂଆ ଓଡିଶା ତାଲିମ କାର୍ଯ୍ୟକ୍ରମ ଅଧୀନ ସୋଲାର ପ୍ୟାନେଲ ଇନ୍‌ଷ୍ଟାଲେଶନ ଟେକନ୍‌ସିଆନ ପାଠ୍ୟକ୍ରମରେ ତାଲିମ ପାଇଥିବା ୨୨ ଜଣ ପ୍ରଶିକ୍ଷାର୍ଥୀଙ୍କୁ ନିଯୁକ୍ତି ପତ୍ର ଶୁକ୍ରବାର ବଣ୍ଟନ କରାଯାଇଛି। ଏଥିରେ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଯୋଗ ଦେଇ ନିଯୁକ୍ତିପତ୍ର ବାଣ୍ଟିଥିଲେ। ନିଯୁକ୍ତିପତ୍ର ବଣ୍ଟନ ବେଳେ ଜିଲା ଦକ୍ଷତା ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗାଚରଣ ଦାସଙ୍କ ସମେତ ଟାଟା ପ୍ରୋ ସଂସ୍ଥାର ଅଧିକାରୀ ଉପସ୍ଥିତ ଥିଲେ।



ଜିଲାପାଳଙ୍କ ସହ ନିଯୁକ୍ତିପତ୍ର ପାଇଥିବା ଟେକ୍ନିସିଆନ୍।

# ଚାରିଅଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ରଣପୁର,୨୮।୩ (ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଅନ୍ତର୍ଗତ କାକଲମାସ୍ଥିତ ଚାରିଅଟ ପବ୍ଲିକ ସ୍କୁଲର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ରଣପୁର ବ୍ଲକ ସହକାରୀ ବ୍ଲକ ଶିକ୍ଷା ଅଧିକାରୀ ରସାନନ୍ଦ ପ୍ରଧାନ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀ ଦେଇ, ସମ୍ମାନିତ ଅତିଥି ଭାବେ ଫାଣ୍ଡି ଅଧିକାରୀ ଦେବେନ୍ଦ୍ର ପାତ୍ର, ସାଧନ କେନ୍ଦ୍ରର ଅଧିକାରୀ ଅଶୋକ କୁମାର ସାମନ୍ତରାୟ, ଟ୍ରଷ୍ଟ ଅଧକ୍ଷା ସୁପ୍ରଭା ପ୍ରଧାନ, ବିଦ୍ୟାଳୟର ଅଧକ୍ଷା ସୁଜାତା ପ୍ରଧାନ, ବିଦ୍ୟାଳୟ ଅଧକ୍ଷ ପ୍ରଭାତ କୁମାର ପ୍ରଧାନ, ଏବଂ କାକଲମା ବିଦ୍ୟାଳୟର ଅଧକ୍ଷା ସରୋଜିନୀ ପରିଡା ଉପସ୍ଥିତ ଥିଲେ। ଏହି ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ନୃତ୍ୟ, ସଙ୍ଗୀତ, ଏବଂ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ।

# ଗାଁଗାଁରେ ପୁଷ୍ଟିସାର ଖାଦ୍ୟ ପାଇଁ ସଚେତନ କରାଯିବାକୁ ପ୍ରୟାସ

ଦାରିଙ୍ଗବାଡ଼ି,୨୮।୩ (ଅରୁଣ ସାହୁ)

ରାଜ୍ୟରେ ଅପପୁଷ୍ଟି ରୋକିବା ସହ ସାଧାରଣ ଲୋକ କିଭଳି ସୁସ୍ଥ ଜୀବନଯାପନ କରିପାରିବେ ସେ ନେଇ ରାଜ୍ୟସରକାର ପ୍ରୟାସ ଜୋରଦାର କରୁଛନ୍ତି। ସମସ୍ତେ ସୁସ୍ଥ ରହିଲେ ଲୋକଙ୍କ ଆର୍ଥିକ ପରିସ୍ଥିତିରେ ସୁଧାର ଆସିବ। ଏଥିପାଇଁ ସମସ୍ତେ ଗାଁ ଗାଁରେ କିଭଳି କ୍ଷୁଦ୍ରଦାନା ଶସ୍ୟ ତଥା ମାଣ୍ଡିଆ, କାଙ୍ଗୁ, କୁଏରୀ, ଜହ୍ନା ଆଦି ଶସ୍ୟରେ ଖାଦ୍ୟ ପ୍ରସ୍ତୁତି କରି ଖାଇଲେ ଲୋକ ରକ୍ତଚାପ, ରକ୍ତ ସର୍କରା ଭଳି ଦୋରାମ୍ୟ ରୋଗରୁ ମୁକ୍ତ ହୋଇପାରିବେ ଏଥିପାଇଁ ୨ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦାରିଙ୍ଗବାଡ଼ି ବ୍ଲକ୍‌ରେ କାର୍ଯ୍ୟରତ ଅଙ୍ଗନାୱାଡି କର୍ମୀ ଏବଂ ୱାର୍ଡ ସଭ୍ୟାସଭ୍ୟଙ୍କୁ ତାଲିମ ଦିଆଯାଉଛି। ପାହାଡ଼ି ପ୍ରଡ୍ୟୁସର ଗ୍ରୁପର ଅଧକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଆଞ୍ଚଳିକ ରିସର୍ସ ପର୍ସନ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସେହିପରି ଏହାର ବହୁଳ ଲୋକାଭିମୁଖୀ କରିବା ପାଇଁ ଶ୍ରୀଅର୍ଣ୍ଣ ଅଭିଯାନ ପକ୍ଷରୁ କ୍ଷୁଦ୍ରଦାନା ଶସ୍ୟରୁ ପ୍ରସ୍ତୁତି କରାଯାଇଥିବା କାଙ୍ଗୁ ଖିରି ମାଣ୍ଡିଆ ସୁପ, ଲଡ୍ଡୁ, ପିଆଜି, କାକେରା, ଗୁଲୁଗୁଲା, ପକୋ ଆଦି ଲୋକଙ୍କୁ ଖାଇବାକୁ ଦିଆଯାଇଥିଲା। ଏହି କ୍ଷୁଦ୍ରଦାନାରେ ଖାଦ୍ୟ ପ୍ରସ୍ତୁତି ମେଳାକୁ ଜାଗୃତି ସମ୍ପାଦକ କୈଳାଶ ଚନ୍ଦ୍ର ଦଣ୍ଡପାଟ ଓ ଅନ୍ୟ ଅତିଥିମାନେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ସଦାନନ୍ଦ ସିଂଙ୍କ ସମେତ ଶ୍ରୀଅର୍ଣ୍ଣ ଅଭିଯାନର ପ୍ରକଳ୍ପ ସଂଯୋଜକ ଦେବାନନ୍ଦ ଦାସ, ସହ ସଂଯୋଜକ ବିମଳ ନାୟକ, ଆଞ୍ଚଳିକ ସଂଯୋଜକ ପ୍ରଫୁଲ୍ଲ ମହାପାତ୍ର, ଜିଳେଶ୍ୱର ପ୍ରଧାନ, ଅଶୋକ ବେହେରା, ପ୍ରେମାନନ୍ଦ ସିଂ ପ୍ରମୁଖ ସହଯୋଗ କରିଥିଲେ।


କର୍ମଶାଳାରେ ପ୍ରଦର୍ଶିତ ପୁଷ୍ଟିସାର ଖାଦ୍ୟ।

# ନଡ଼ିଆ ଗଛରୁ ପଡ଼ି ଜଣେ ମୃତ

ନୟାଗଡ଼,୨୮।୩(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଫତେଗଡ ଥାନା ପଦ୍ମାବତୀ ଗାଁରେ ଶୁକ୍ରବାର ଅପରାହ୍ନରେ ନଡିଆ ଗଛରୁ ପଡି ଜଣେ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଦୁର୍ଗା ପ୍ରସାଦ ସାହୁ(୪୫)। ଘର ପଦ୍ମାବତୀରେ। ଦୁର୍ଗା ପ୍ରସାଦ ପଇଡ ତୋଳିବା ପାଇଁ ନଡିଆ ଗଛରେ ଚଢ଼ିଥିଲେ। ପଇଡ ତୋଳୁ ତୋଳୁ ୩୦ ଫୁଟ ତଳକୁ ଖସି ପଡି ପ୍ରାଣ ହରାଇଥିଲେ। ସେ କିଛି ଦିନ ହେଲା ଜେଲରୁ ଜାମିନରେ ଘରକୁ ଆସିଥିଲେ।

# ବାଇକ୍ ଦୁର୍ଘଟଣାରେ ଜଣେ ମୃତ

ତୁମୁଡ଼ିବନ୍ଧ,୨୮।୩ (ଦିପକ କୁମାର ପରାସେଠ)

କନ୍ଧମାଳ ଓ ରାୟଗଡ଼ା ଜିଲାକୁ ସଂଯୋଗ କରୁଥିବା ଝିରିପାଣି ଠାରୁ ଅମ୍ବାଦୋଲା ରାସ୍ତାର ବରଗାଁ ଘାଟି ତଳେ ଶୁକ୍ରବାର ଏକ ବାଇକ ଦୁର୍ଘଟଣାରେ ଜଣେ ମୃତ ଆଉ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ଖଇରମାଳ ଗ୍ରାମର ଫକୀର ଧାରୁଆ(୩୭)।

# ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ରାଇକିଆ,୨୮।୩(ପ୍ରଦୀପ ବେହେରା)

କନ୍ଧମାଳ ଜିଲ୍ଲା ରାଇକିଆ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର ରେ ଶୁକ୍ରବାର ପିଏମ୍ ଶ୍ରୀବାର୍ଷିକ ଉତ୍ସବ ଏବଂ ଆମେ ଜାଣିଲେ ଆମେ ଜିଣିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଉମା ଶଙ୍କର ସାମନ୍ତରାୟଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ ପ୍ରିତମ ପ୍ରଧାନ, ବିଡ଼ିଓ ସବ୍ୟସାଚୀ ସାହୁ, ତହସିଲଦାର ବରିୟାଲ ମୁର୍ମୁ ଅତିରିକ୍ତ ତହସିଲଦାର ଦିଲିପ ବେହେରା, ଜିଲା ପରିଷଦ ସଭ୍ୟ ସତ୍ୟବାନ ପାତ୍ର, ଦଢ଼ିଙ୍ଗିଆ ସମିତି ସଭ୍ୟ ପ୍ରଦୀପ ପ୍ରଧାନ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବାବୁଲା ପ୍ରଧାନ, ପୂର୍ବତନ କ୍ରୀଡ଼ା ଶିକ୍ଷୟିତ୍ରୀ ସେବତୀ ପ୍ରଧାନ ଯୋଗଦେଇ ଛାତ୍ରୀଙ୍କ ଉତ୍ତମ ଭବିଷ୍ୟତ ପାଇଁ କଠିନ ପରିଶ୍ରମ, ସମୟ ଓ ବୁଦ୍ଧିର ଉପଯୋଗ କରି ସଫଳତା ହାସଲ କରି ହେବ ବୋଲି କହିଥିଲେ। ଏହି ଅବସରରେ କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଅଭିଭାବକ ମାନେ ସାମିଲ ହୋଇ ଛାତ୍ରୀଙ୍କ ମାର୍ଗ ଦର୍ଶନରେ ସେମାନଙ୍କ ଭୂମିକା ଏବଂ ଦାୟିତ୍ୱ ସମ୍ପର୍କରେ ଅବଗତ ହୋଇଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ବଜାରରେ ରୟାଲ ଏନ୍‌ଫିଲ୍ଡର ଅଲ୍ ନ୍ୟୁ କ୍ଲାସିକ୍ ୬୫୦



ନୂଆଦିଲ୍ଲୀ,୨୮।୩ (ଅଭୟ ଦାଶ)

ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଅଲ୍ ନ୍ୟୁ କ୍ଲାସିକ୍ ୬୫୦ର ଅନାବରଣ ସର୍ବଭାରତୀୟ ସ୍ତରରେ ହୋଇଯାଇଛି। ଏପରିକି କ୍ଲାସିକ୍ ୬୫୦ରେ ସମସ୍ତ ପ୍ରକାର ସୁରକ୍ଷା ବ୍ୟବସ୍ଥା ଓ ଫିଚର ସାମିଲ ରହିଛି। ଏପରିକି ଏହାର ସୌନ୍ଦର୍ଯ୍ୟ, ଆଧୁନିକ ଡିଜାଇନ ଏବଂ ଅତ୍ୟାଧୁନିକ କାରିଗରିକୁ ମୋଟର ସାଇକେଲ ଚାଳନାର ସ୍ଥାୟୀ ଭାବନା ସହି ଏକତ୍ରିତ କରାଯାଇଛି। ବେସ୍ପୋକ୍ କାରିଗରି ଏବଂ ଡିଜାଇନ ସହିତ ଏହି ମୋଟରସାଇକେଲ କ୍ଲାସିକ୍ ଅଟୋମୋଟିଭ୍ ଡିଜାଇନ, ସୌନ୍ଦର୍ଯ୍ୟ ଏବଂ ଇଞ୍ଜିନିୟରିଂର ସଂସ୍କୃତିକୁ ପ୍ରତିନିଧିତ୍ୱ କରିଛି । ସେହିଭଳି ସାରା ଭାରତରେ ଏହାର ବୁକିଂ, ଟେଷ୍ଟ ରାଇଡ ଓ ସେଲ ନିକଟରେ ଆରମ୍ଭ ହୋଇଯାଇଛି। ରୟାଲ ଏନ୍‌ଫିଲ୍ଡ କ୍ଲାସିକ ୬୫୦ ୪ଟି ଆକର୍ଷଣୀୟ କଲରରେ ଉପଲବ୍ଧ ହେଉଛି। ଏହାର ଏକ୍ସ-ଶୋ ରୁମ୍ ମୂଲ୍ୟ ବା କ୍ଲାସିକ୍ ୬୫୦କୁ ୩,୩୭,୦୦୦ ଟଙ୍କାର ପ୍ରାରମ୍ଭିକ ମୂଲ୍ୟରେ ଶୁଭାରମ୍ଭ କରାଯାଇଛି।

ଅପରପକ୍ଷରେ ହଟରୋଡ ଭାରିଆଣ୍ଟ ଭାଲାମ ରେଡ୍ ଏବଂ ବ୍ରଣ୍ଟିଙ୍ଗଥ୍ରୋପ ବ୍ଲୁ କଲରର ମୂଲ୍ୟ ୩,୩୭,୦୦୦ ଟଙ୍କା, କ୍ଲାସିକ୍ ଭାରିଆଣ୍ଟ ଟିଏଲ କଲର ମୂଲ୍ୟ ୩,୪୧,୦୦୦ ଟଙ୍କା ଏବଂ କ୍ରୋମ ଭାରିଆଣ୍ଟ ବ୍ଲାକ୍ କ୍ରୋମ କଲରର ମୂଲ୍ୟ ୩,୫୦,୦୦୦ ଟଙ୍କାରେ ଉପଲବ୍ଧ ହେଉଛି।

ଏ ସମ୍ପର୍କରେ ଆଇସର ମୋଟର୍ସ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ରୟାଲ ଏନ୍‌ଫିଲ୍ଡର ସିଇଓ ବି ଗୋବିନ୍ଦରାଜନ କହିଛନ୍ତି, କ୍ଲାସିକ୍ ୬୫୦ କେବଳ ଏକ ମୋଟରସାଇକେଲ ନୁହେଁ-ଏହା ଆମର ସମୃଦ୍ଧ ପରମ୍ପରା ପ୍ରତି ଏକ ଅବଦାନ। ଯେଉଁଠାରେ କାଳଜୟୀ ଡିଜାଇନ ସହଜ ପ୍ରଦର୍ଶନ ସହିତ ଏକତ୍ର ହୋଇଛି। ଏହା ରୟାଲ ଏନ୍‌ଫିଲ୍ଡର ଭାବନାକୁ ଆଗକୁ ବଢ଼ାଉଛି, ଯେବେକି ରାଇଡର୍ ଏବଂ ମେଶିନ ମଧ୍ୟରେ ରହିଥିବା ଏକ ଅତୁଟ ବନ୍ଧନ ସହିତ କାରିଗରିକୁ ଏକତ୍ର କରୁଛି। ଆମର ପ୍ରମାଣିତ ୬୫୦ସିସି ସମାନ୍ତରାଳ ଟ୍ୱିନ୍ ପ୍ଲାଟଫର୍ମ ଉପରେ ନିର୍ମିତ ହୋଇଛି।

# ମେଡିକାଲ ଶିକ୍ଷା ତାଲିମରେ ନିବେଶ କରାଯିବା ଉଚିତ

**ମୟୂରଭଞ୍ଜ ଜିଲାର ଏକ ଛୋଟ ଗାଁ ଧର୍ଣ୍ଣୁଡ଼ିଶୋଳରେ ଜନ୍ମିତ ଡ. ଲୋକନାଥ ଦାଶ ବର୍ତ୍ତମାନ କେୟାର ହସ୍ପିଟାଲର ଆସୋସିଏଟ୍ ଭାଇସ୍ ପ୍ରେସିଡେଣ୍ଟ ଭଳି ଗୁରୁଦାୟିତ୍ୱ ତୁଲାଉଛନ୍ତି। ରାଜାଲୋକ ହାଇସ୍କୁଲ, ବାରିପଦାର ଏମ୍‌ପିସି କଲେଜରେ ପାଠପଢ଼ା ପରେ ଫାର୍ମାସିରେ ଡିପ୍ଲୋମା ଓ ପରେ ପରେ ହସ୍ପିଟାଲ ଆଣ୍ଡ ହେଲ୍‌ଥ କେୟାର ମ୍ୟାନେଜମେଣ୍ଟରେ ପିଜି ଓ ପିଏଚ୍‌.ଡି. କରିଛନ୍ତି। ସ୍ୱାସ୍ଥ୍ୟସେବା ପ୍ରତି ଡ. ଦାଶଙ୍କ ରୁଚି ରହୁଥିବାରୁ ବିଭିନ୍ନ ଅଗ୍ରଣୀ ହସ୍ପିଟାଲରେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିଛନ୍ତି। ତାଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ବାର୍ତ୍ତାଳାପ....**



ଡ. ଲୋକନାଥ ଦାଶ

**ପ୍ର- ସ୍ୱାସ୍ଥ୍ୟକ୍ଷେତ୍ରରେ ଆପଣଙ୍କ ଯାତ୍ରା କିପରି ରହିଛି?**

ଉ- ସ୍ୱାସ୍ଥ୍ୟସେବା ପ୍ରତି ଆଗ୍ରହ, ଗୁଣାତ୍ମକ ଚିକିତ୍ସା ସେବା ପ୍ରଦାନ ଓ ବିଶେଷ ଭାବରେ ଗ୍ରାମାଞ୍ଚଳରେ ମୁଁ ଯେଉଁ ସବୁ ଆହ୍ୱାନ ଦେଖିଥିଲି ତାହା ମୋତେ ଏହି କ୍ଷେତ୍ରରେ ପାଦ ରଖିବାକୁ ବାଧ୍ୟ କରିଥିଲା। ରାଜ୍ୟର ଅନେକ ଅଗ୍ରଣୀ ହସ୍ପିଟାଲରେ କାର୍ଯ୍ୟକାଳ ମଧ୍ୟରେ ସ୍ୱାସ୍ଥ୍ୟସେବା ସୁବିଧା, ରୋଗୀସେବା ଏବଂ ଉନ୍ନତ ଚିକିତ୍ସା ପ୍ରଣାଳୀ ଆଣିବା ଦିଗରେ ପ୍ରୟାସ କରିଛି। ସ୍ୱାସ୍ଥ୍ୟଶିଳ୍ପରେ ନୂଆ ନୂଆ ଜ୍ଞାନକୌଶଳ ପ୍ରୟୋଗକରି ଏହାକୁ ନୂତନ ରୂପ ଦେବାକୁ ସବୁବେଳେ ପ୍ରୟାସ କରୁଛି।

**ପ୍ର- କେୟାର ହସ୍ପିଟାଲ କିପରି ରୋଗୀଙ୍କ ବିଶ୍ୱାସଭାଜନ ହୋଇପାରିଛି?**

ଉ- କେୟାର ହସ୍ପିଟାଲରେ ସର୍ବଦା ରୋଗୀସେବାକୁ ପ୍ରାଧାନ୍ୟ ଦେଉଥିବାବେଳେ ଅତ୍ୟାଧୁନିକ ମେଡିକାଲ ଟେକ୍ନୋଲୋଜି ପ୍ରୟୋଗ କରାଯାଉଛି। ଦକ୍ଷ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ଦ୍ୱାରା ଚିକିତ୍ସା ପ୍ରଦାନ କରାଯାଉଛି। ସର୍ଜିକାଲ ଇନୋଭେଶନ ଏବଂ ମେଡିକାଲ ଟ୍ରେନିଂର ଭବିଷ୍ୟତକୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଆମେ ଏଆଇ ଏବଂ ଅଗ୍‌ମେଣ୍ଟେଡ୍ ରିଅଲିଟି ସହିତ ଇଣ୍ଟିଗ୍ରେଟେଡ୍ ରୋବୋଟିକ ଆଣ୍ଠୁ ପ୍ରତିରୋପଣ ହେଉକି ଲାପାରୋସ୍କୋପିକ ପ୍ରଣାଳୀ, ସବୁଥିରେ ଆମେ ଆଗୁଆ ଅଛୁ। ଅଙ୍ଗପ୍ରତିରୋପଣ ହେଉ କି ହୃଦବିଜ୍ଞାନ, ସବୁଥିରେ ଆମେ ଉନ୍ନତ ସେବା ପ୍ରଦାନ କରିଆସୁଛୁ। ଉନ୍ନତ ସେବା ହିଁ ଆମକୁ ରୋଗୀଙ୍କ ବିଶ୍ୱାସଭାଜନ କରାଇଛି।

**ପ୍ର- ସ୍ୱାସ୍ଥ୍ୟଶିଳ୍ପରେ କେଉଁ ସବୁ ସମସ୍ୟା ରହିଛି, ଏହାର କିପରି ସମାଧାନ କରାଯାଇପାରିବ?**




ଉ- ରାଜ୍ୟରେ ସ୍ୱାସ୍ଥ୍ୟଶିଳ୍ପ ଅଗ୍ରଗତି କରୁଥିଲେ ମଧ୍ୟ ଅନେକ ସମସ୍ୟା ରହିଛି। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ଭିତ୍ତିଭୂମିର ଅଭାବ ରହୁଛି। ଏବେ ମଧ୍ୟ ରୋଗୀଙ୍କ ସଂଖ୍ୟା ଅନୁପାତରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ ସ୍ୱାସ୍ଥ୍ୟକର୍ମୀଙ୍କ ସଂଖ୍ୟା ବହୁତ କମ୍ ରହିଛି। ଅନେକ ସରକାରୀ ଯୋଜନା ସତ୍ତ୍ୱେ ବହୁ ସମୟରେ ଚିକିତ୍ସା ପାଇଁ ଅର୍ଥ ବାଧକ ହେଉଛି। ସେହିପରି ମଧୁମେହ, ହୃଦ୍‌ରୋଗ, କର୍କଟ ଆଦି ଅଣସଂକ୍ରାମକ ରୋଗ ବଢ଼ିବାରେ ଲାଗିଛି। ଛୋଟ ସହରରେ ଏବେ ମଧ୍ୟ ମେଡିକାଲ ଟେକ୍ନୋଲୋଜିର ଦୃଷ୍ଟାନ୍ତମୂଳକ ବ୍ୟବହାର କରାଯାଇପାରୁନାହିଁ। ଏସବୁର ସମାଧାନ ପାଇଁ ସରକାର ଓ ଘରୋଇ ହସ୍ପିଟାଲ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ଦରକାର। ସ୍ୱାସ୍ଥ୍ୟବୀମା ପରିସରକୁ ବୃଦ୍ଧି କରାଯିବା ଦରକାର। ମେଡିକାଲ ଶିକ୍ଷା ତାଲିମରେ ନିବେଶ କରାଯିବା ଉଚିତ। ଏଆଇ ପରିଚାଳିତ ରୋଗୀପରୀକ୍ଷାକୁ ମଧ୍ୟ ଆପଣେଇବା ଉଚିତ। ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ ଦେବା ଉଚିତ।

**ପ୍ର- ବଦଳୁଥିବା ଜୀବନଶୈଳୀ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟରକ୍ଷା ଦିଗରେ ଆପଣଙ୍କର କ'ଣ ପରାମର୍ଶ ରହିବ?**

ଉ- ବାସ୍ତବରେ ବଦଳୁଥିବା ଜୀବନଶୈଳୀ ଦିନକୁ ଦିନ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରୁଛି। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ, ପ୍ରତିଷେଧମୂଳକ ଚିକିତ୍ସା ଦ୍ୱାରା ମଧୁମେହ, ହୃଦ୍‌ରୋଗ ଭଳି ସ୍ୱାସ୍ଥ୍ୟ ସମସ୍ୟା ଦୂର କରାଯାଇପାରିବ। ଛୋଟଛୋଟ ଅଭ୍ୟାସ ଅନେକ ବଡ଼ ପରିବର୍ତ୍ତନ ଆଣିପାରେ।

**ପ୍ର- ଆପଣଙ୍କ ଏପର୍ଯ୍ୟନ୍ତ ଯାତ୍ରା ଅନୁଭୂତିରୁ ଅନ୍ୟମାନଙ୍କୁ କ'ଣ ପରାମର୍ଶ ଦେବେ?**

ଉ- ଏ ପର୍ଯ୍ୟନ୍ତର ଯାତ୍ରା ମଧ୍ୟରେ ମୁଁ ଅନେକ ଆହ୍ୱାନ ଦେଇ ଗତିକରିଛି, ସେଥିରୁ ଶିଖିଛି ଏବଂ ଆଗକୁ ବଢ଼ିଛି। ଅନ୍ୟମାନଙ୍କୁ ମୋର ପରାମର୍ଶ ଯେ, ସମସ୍ତେ ଅଧ୍ୟୟନ ଜାରି ରଖନ୍ତୁ, ନୂଆ ନୂଆ ଜ୍ଞାନକୌଶଳକୁ ଆପଣେଇବା ସହ ରୋଗୀଙ୍କ ସେବାକୁ ପ୍ରାଥମିକତା ଦିଅନ୍ତୁ।

-ସାକ୍ଷାତ୍‌କାର: **ଅନୁରାଧା ମହାରଣା**, ଭୁବନେଶ୍ୱର

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୨୮।୩

ଦିନକ ପରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ହ୍ରାସ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍‌ସେକ୍ସ ୧୯୧ (୧୯୧.୫୧) ପଏଣ୍ଟ ହ୍ରାସ ଘଟି ୭୭,୪୧୫(୭୭,୪୧୪.୯୨) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ)ର ନିଫ୍ଟି-୫୦ ରେ ମଧ୍ୟ ୭୩ (୭୨.୬୦) ପଏଣ୍ଟ କମି ୨୩,୫୧୯ (୨୩,୫୧୯.୩୫) ଅଙ୍କରେ କାରବାର ଶେଷ ହୋଇଥିଲା।

# ଘରୋଇ ବଜାରରେ ପ୍ଲାଟ୍‌ଫର୍ମର ସମ୍ପ୍ରସାରଣ

ନୂଆଦିଲ୍ଲୀ,୨୮।୩

ଦେଶର ପ୍ରମୁଖ ଇ-କର୍ମସ ପ୍ଲାଟ୍‌ଫର୍ମ ତଥା ଆମାଜନ ଇଣ୍ଡିଆର ଗ୍ରୋସରି ୟୁନିଟ୍ 'ଆମାଜନ୍ ଫ୍ରେସ୍'କୁ ଘରୋଇ ବଜାରରେ ସମ୍ପ୍ରସାରଣ କରାଇଛି। ଏପରିକି ଭାରତର ୧୭୦ରୁ ଅଧିକ ସହରରେ ପ୍ଲାଟ୍‌ଫର୍ମର ଗ୍ରୋସରି ସେବାକୁ ସମ୍ପ୍ରସାରଣ କରିଛି। ଏହି ସମ୍ପ୍ରସାରଣ ସହ ଆମାଜନ୍ ଫ୍ରେସ୍ ୨୦୨୩ ଦ୍ୱିତୀୟାର୍ଦ୍ଧ ତୁଳନାରେ ୨୦୨୪ ଦ୍ୱିତୀୟାର୍ଦ୍ଧରେ ବାର୍ଷିକ ୫୦% ବୃଦ୍ଧି ହାସଲ କରିଛି। ସେହିପରି ଆମାଜନ ଫ୍ରେସ୍‌ରେ ଫଳ, ପନିପରିବା, ଦୁଗ୍ଧ ଏବଂ ବ୍ରେଡ୍ ସମେତ ଡେଏରି, ଫ୍ରୋଜେନ୍ ପ୍ରଡକ୍ଟସ, ସୌନ୍ଦର୍ଯ୍ୟ ସାମଗ୍ରୀ, ଶିଶୁ ଯତ୍ନ ଓ ଅତ୍ୟାବଶ୍ୟକ ସାମଗ୍ରୀ, ବ୍ୟକ୍ତିଗତ ଯତ୍ନ ଉତ୍ପାଦ ଏବଂ ଗୃହପାଳିତ ପଶୁ ଯୋଗାଣ ସାମଗ୍ରୀ ସମେତ ବିଭିନ୍ନ ଓଦା ଏବଂ ଶୁଖିଲା ଗ୍ରୋସରି ସାମଗ୍ରୀ ପ୍ରଦାନ କରିଥାଏ।

ଏ ସମ୍ପର୍କରେ ଆମାଜନ୍ ଫ୍ରେସ୍ ଇଣ୍ଡିଆର ନିର୍ଦ୍ଦେଶକ ଶ୍ରୀକାନ୍ତ ଶ୍ରୀରାମ କହିଛନ୍ତି, ଆମାଜନ ଫ୍ରେସ୍ ମାଧ୍ୟମରେ ଆମେ ଆମର ସେବାକୁ ୧୭୦ରୁ ଅଧିକ ସହରକୁ ସମ୍ପ୍ରସାରଣ କରିଛୁ। ଭାରତର ଟାୟାର-୨, ଟାୟାର-୩ ସିଟି ଏବଂ ଏହା ବାହାରେ ମଧ୍ୟ ପ୍ଲାଟ୍‌ଫର୍ମର ପହଞ୍ଚକୁ ବିସ୍ତାର କରିବା ସହ ଗ୍ରାହକମାନଙ୍କୁ ପ୍ରତିଯୋଗିତାମୂଳକ ମୂଲ୍ୟରେ ଉଚ୍ଚମାନର ଗ୍ରୋସରି ସାମଗ୍ରୀ ଉପଲବ୍ଧ କରାଇଛୁ। ଏହାସହ ଏହାକୁ ସୁବିଧାରେ ସେମାନଙ୍କ ଦ୍ୱାରରେ ପହଞ୍ଚାଇପାରୁଛି। ୨୦୨୪ ଦ୍ୱିତୀୟାର୍ଦ୍ଧରେ ୫୦% ଅଭିବୃଦ୍ଧି ସହ ଆମେ ଦେଖିଛୁ, ଗ୍ରାହକମାନେ ସଞ୍ଚୟ, ବିଶାଳ ଚୟନ ଏବଂ ଭରସାଯୋଗ୍ୟ ସ୍ଲଟେଡ୍ ଡେଲିଭରି ପାଇଁ ଆମାଜନ ଫ୍ରେସ୍‌କୁ ପ୍ରଶଂସା କରିଛନ୍ତି। ଏହି ସେବାର ଉଦ୍ଦେଶ୍ୟ ହେଉଛି ବଡ଼ ସଞ୍ଚୟ, ବ୍ୟାପକ ଚୟନ ଏବଂ ସ୍ଲଟ୍ ଡୋରଷ୍ଟେପ ଡେଲିଭରିର ସୁବିଧା ସହ ଏକ ନିରବଚ୍ଛିନ୍ନ ଶପିଂ ଅନୁଭୂତି ପ୍ରଦାନ କରିବା। ଏପରିକି ସତେଜତା ଏବଂ ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ଆମାଜନ ଫ୍ରେସ୍ ବିକ୍ରେତାମାନେ ୧୧,୦୦୦ ରୁ ଅଧିକ ଚାଷୀଙ୍କଠାରୁ ଫଳ ଏବଂ ପନିପରିବା ସଂଗ୍ରହ କରିଥାନ୍ତି।

# ବିଏମ୍‌ଏଫ୍‌ର ନୂତନ ପ୍ଲାନ୍




ନୂଆଦିଲ୍ଲୀ,୨୮।୩

ବନ୍ଧନ ମ୍ୟୁଚୁଆଲ ଫଣ୍ଡ (ବିଏମ୍‌ଏଫ୍)ର ନୂତନ ପ୍ଲାନ୍ 'ସାଲାରି ୱାଲା ପ୍ଲାନ୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ନୂତନ ପ୍ଲାନ ସହ ଏକ ନୂଆ ଅଭିଯାନ 'ଆଇଏପି କ୍ୟାମ୍ପେନ'ର ଉନ୍ମୋଚନ କରିଛି, ଯାହା 'ସିଷ୍ଟମାଟିକ ୱିଥ୍‌ଡ୍ରୟାଲ ପ୍ଲାନ୍' (ଏସ୍‌ଡବ୍ଲ୍ୟୁପି)କୁ ଏକ ନୂଆ ରୂପ ଦେଇଛି। ଏହା ଦ୍ୱାରା ନିବେଶକମାନେ ନିଜସ୍ୱ ମ୍ୟୁଚୁଆଲ ଫଣ୍ଡ ନିବେଶଗୁଡିକରୁ ଏକ ନିୟମିତ ନଗଦ ପ୍ରବାହ ସୃଷ୍ଟିକରିବା ସହ ବଳକା ପାଣ୍ଠିର ନିବେଶ ବଜାୟ ରଖିପାରିବେ। ସେହିଭଳି ଏହି କ୍ୟାମ୍ପେନ ଏସ୍‌ଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ରଖିଛି। ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ଏସ୍‌ଆଇପିଗୁଡିକ ନିବେଶ ପାଇଁ ଏକ ଶୃଙ୍ଖଳିତ ମାଧ୍ୟମ ଭାବେ ବ୍ୟାପକ ଲୋକପ୍ରିୟତା ହାସଲ କରିଥିବାବେଳେ ସ୍ଥାୟୀ ଆର୍ଥିକ ସ୍ୱାଧୀନତା ପାଇଁ ଏସ୍‌ଡବ୍ଲ୍ୟୁପିଗୁଡ଼ିକୁ ଏକ ରଣନୀତି ଭାବେ ଉପଯୋଗ କରାଯାଇନାହିଁ। ହାସ୍‌ଟ୍ୟାଗ୍ ସାଲାରିୱାଲାପ୍ଲାନ୍ କ୍ୟାମ୍ପେନ ମାଧ୍ୟମରେ ଆମେ ଏସ୍‌ଡବ୍ଲ୍ୟୁପିକୁ ନେଇ ସଚେତନତା ବୃଦ୍ଧିକରି ଏହି ବ୍ୟବଧାନକୁ ଦୂରକରିବାକୁ ଲକ୍ଷ୍ୟ ରଖିଛୁ, ଯାହା ପୂର୍ବନିର୍ଦ୍ଧାରିତ ଫ୍ରିକ୍ୱେନ୍ସିରେ ସ୍ଥାୟୀ ନଗଦ ପ୍ରବାହ ଚାହୁଁଥିବା ନିବେଶକଙ୍କ ପାଇଁ ଏହାକୁ ଅଧିକ ପ୍ରାସଙ୍ଗିକ କରିବ। ଏହାକୁ ଏକ ଢାଞ୍ଚାଗତ, ବେତନ-ଭଳି ଆୟ ଭାବେ ନୂଆ ରୂପ ପ୍ରଦାନକରି ଆମେ ଏହାର ଦ୍ୱୈତ ଲାଭ ସମ୍ପର୍କରେ ସଚେତନତା ବଢ଼ାଇବାକୁ ଚାହୁଁଛୁ, ଯାହା ସମ୍ଭାବ୍ୟ ଅଭିବୃଦ୍ଧି ପାଇଁ ବଳକା ପାଣ୍ଠିର ନିବେଶ ବଜାୟ ରଖିବା ସହ ତରଳତା ସୁନିଶ୍ଚିତ କରିବ।

ଏହି କ୍ୟାମ୍ପେନର ଅଂଶ ଭାବେ ବନ୍ଧନ ମ୍ୟୁଚୁଆଲ ଫଣ୍ଡ ଏକ ଫିଲ୍ମ ଉନ୍ମୋଚନ କରିଛି, ଯାହା ଏକ ଦମ୍ପତିଙ୍କୁ ଅନୁକରଣ କରୁଛ ; ଯିଏକି ନିଜର ଅବସର ପରବର୍ତ୍ତୀ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ଅଛି ବୋଲି ବିଶ୍ୱାସ କରୁଛନ୍ତି ଏବଂ ସହଯୋଗ ପାଇଁ ନିଜର ସୁସ୍ଥାପିତ ପିଲାମାନଙ୍କ ଉପରେ ନିର୍ଭର କରୁଛନ୍ତି। ହାସ୍ୟରସ ଓ ପ୍ରାସଙ୍ଗିକତା ମାଧ୍ୟମରେ ଏହି ଫିଲ୍ମ ଦର୍ଶକମାନଙ୍କୁ କେବଳ ସମ୍ପତ୍ତି ସଂଗ୍ରହ କରିବାଠାରୁ ଆଗକୁ ବଢ଼ିବା ଏବଂ ସେମାନେ କିଭଳି ଏକ ସଂରଚିତ, ନିବେଶଭିତ୍ତିକ ଆୟ ମାଧ୍ୟମରେ ଆର୍ଥିକ ସ୍ୱାଧୀନତା ହାସଲ କରିପାରିବେ ସେ ସମ୍ପର୍କରେ ବିଚାର କରିବାକୁ ଅନୁପ୍ରାଣିତ କରୁଛି। ୱାନ୍-ଟାଇମ ୱିଥ୍‌ଡ୍ରୟାଲର ବିପରୀତରେ ଏସ୍‌ଡବ୍ଲ୍ୟୁପି ନିବେଶକଙ୍କୁ ପୂର୍ବ-ନିର୍ଦ୍ଧାରିତ ବ୍ୟବଧାନରେ ଏକ ସ୍ଥାୟୀ ଆୟ ଉଠାଣ କରିବାକୁ ଏବଂ ବଳକା ଅର୍ଥର ନିବେଶ ବଜାୟ ରଖିବାକୁ ଅନୁମତି ଦେଇଥାଏ ।

# ଗ୍ରୀନ୍ ଶକ୍ତି କାର୍ଯ୍ୟକ୍ରମର ଶୁଭାରମ୍ଭ



ଗ୍ରୀନ୍ ଶକ୍ତିର ଶୁଭାରମ୍ଭ ଅବସରରେ ଅତିଥିଙ୍କ ସମେତ ବିଭିନ୍ନ ଜିଲାରୁ ଆସିଥିବା ମହିଳାମାନେ ଉପସ୍ଥିତ ଅଛନ୍ତି।

ଭୁବନେଶ୍ୱର,୨୮।୩

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗ ପକ୍ଷରୁ ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ପଲିସି, ଇଣ୍ଡିଆନ ସ୍କୁଲ ଅଫ୍ ବିଜ୍‌ନେସ୍ (ଆଇଏସ୍‌ବି)ର ମିଳିତ ସହଭାଗିତାରେ 'ଗ୍ରୀନ୍ ଶକ୍ତି ପ୍ରଡ୍ୟୁସର କମ୍ପାନୀ ବିଜ୍‌ନେସ୍ ଏଣ୍ଟରପ୍ରାଇଜ ଲିଡରଶିପ କୋହର୍ଟ'ର ଶୁଭାରମ୍ଭ କରାଯାଇଛି। ଏହି ମିଳିତ ପଦକ୍ଷେପ ଓଡ଼ିଶାର ମୟୂରଭଞ୍ଜ, କେଉଁଝର, ରାୟଗଡ଼ା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାରେ ମହିଳାମାନଙ୍କ ନେତୃତ୍ୱରେ ଥିବା ୩୦ଟି ଜଙ୍ଗଲଭିତ୍ତିକ ଉଦ୍ୟୋଗକୁ ସଶକ୍ତ କରିବା ପାଇଁ ଉତ୍ସର୍ଗୀକୃତ ରହିଛି। ଏହି ପଦକ୍ଷେପ ଅଧୀନରେ ୩୦ଟି ଜଙ୍ଗଲ ଉତ୍ପାଦକ କମ୍ପାନୀ ସ୍ଥାପନ କରାଯାଇଛି ଯାହା ୩୦୦ ମହିଳା ଲିଡରଙ୍କ ଏକ ମଜଭୁତ ନେଟ୍‌ୱର୍କ ଗଠନ କରିଛି। ଏହି ନେଟ୍‌ୱର୍କ ଅଗଷ୍ଟ ୨୦୨୫ ପର୍ଯ୍ୟନ୍ତ ଗଠନମୂଳକ କାର୍ଯ୍ୟକ୍ରମ ଅବଧି ମାଧ୍ୟମରେ ବିସ୍ତାର କରିବା ଜାରି ରଖିବ। ଏହି ମିଳିତ ପଦକ୍ଷେପର ଅଂଶ ଭାବେ ଭୁବନେଶ୍ୱରସ୍ଥିତ ମିଶନ ଶକ୍ତି ଭବନଠାରେ ନିକଟରେ ଏକ ତିନିଦିନିଆ ଯୋଜନା ଓ ଶିକ୍ଷଣୀୟ କର୍ମଶାଳାର ଆୟୋଜନ କରାଯାଇଥିଲା, ଯେଉଁଠାରେ ଏକ ଦାୟିତ୍ୱପୂର୍ଣ୍ଣ ଜଙ୍ଗଲ ଅର୍ଥନୀତି ବିକଶିତ କରିବା ଉପରେ ରଣନୀତି ପ୍ରସ୍ତୁତ କରିବା ପାଇଁ ୧୭୦ ରୁ ଅଧିକ ବୋର୍ଡ ମେମ୍ବର ଏକତ୍ରିତ ହୋଇଥିଲେ। ଏକ ଅଭିନବ ଶିକ୍ଷଣୀୟ ପଦ୍ଧତି ଉପରେ ଆଧାରକରି ଡିଜାଇନ ହୋଇଥିବା ଏହି ଲିଡରଶିପ ପ୍ରୋଗ୍ରାମ ଆର୍ଥିକ ସାକ୍ଷରତା, ନେତୃତ୍ୱ, ବ୍ୟବସାୟ ପରିଚାଳନା ଓ ସ୍ଥାୟୀ ସଂଶାଧନ ଉପଯୋଗ ପ୍ରସଙ୍ଗରେ ବିସ୍ତୃତ ତାଲିମ ପ୍ରଦାନ କରିଛି। ଉଦ୍‌ଘାଟନୀ କ୍ଷମତା ନିର୍ମାଣ ଅଧିବେଶନଗୁଡିକରେ ବୋର୍ଡର ନିର୍ଦ୍ଦେଶକ ଓ ପ୍ରମୋଟରଙ୍କ ସହ ଆଲୋଚନା ସାମିଲ ଥିଲା, ଯେଉଁଠାରେ ସମାନ ଲାଭ ବିତରଣକାରୀ ମଡେଲ ଓ ଅଂଶୀଦାରମାନଙ୍କୁ ଏକତ୍ରିତ କରିବା ପାଇଁ ସମାବେଶୀ ରଣନୀତିଗୁଡିକ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଲୋଚନାର ଫଳସ୍ୱରୂପ ପ୍ରତ୍ୟେକ ଉତ୍ପାଦକ କମ୍ପାନୀ ୧୦୦୦ରୁ ଅଧିକ ପ୍ରାଥମିକ ଉତ୍ପାଦନକାରୀଙ୍କୁ ନିଯୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି, ଯାହା ପ୍ରତ୍ୟକ୍ଷ ରୂପେ ଲକ୍ଷିତ ଜିଲାଗୁଡିକରେ ୩୦,୦୦୦ରୁ ଅଧିକ ମହିଳାଙ୍କୁ ଲାଭାନ୍ୱିତ କରିବ।

ଏ ସମ୍ପର୍କରେ ମିଶନ ଶକ୍ତି ବିଭାଗର ଆୟୁକ୍ତ ତଥା ସଚିବ ଶାଳିନୀ ପଣ୍ଡିତ କହିଛନ୍ତି, ଏହି କର୍ମଶାଳାରେ ଯୋଜନା ଅଧିବେଶନଗୁଡ଼ିକୁ ରଣନୈତିକ ବ୍ୟବସାୟିକ ଅଭିବୃଦ୍ଧି ସହ ମହିଳା ମୁଖ୍ୟଙ୍କୁ ସଶକ୍ତ କରିବା ପାଇଁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିଲା ସେହିଭଳି ଭାରତୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପବ୍ଲିକ ପଲିସିର କାର୍ଯ୍ୟକାରୀ ନିର୍ଦ୍ଦେଶକ ପ୍ରଫେସର ଅଶ୍ୱିନୀ ଛତ୍ରେ କହିଛନ୍ତି, ଭାରତର ଜଙ୍ଗଲଗୁଡିକରେ ଅପାର ସମ୍ଭାବନା ରହିଛି। ଆସନ୍ତା କିଛି ମାସ ମଧ୍ୟରେ ଓଡ଼ିଶାର ଅପରେଶନଗୁଡିକ ବହୁମାତ୍ରାରେ ବିସ୍ତାର ହେବ ବୋଲି ଆମେ ଆଶା କରୁଛୁ, ଯାହା ଜନତା, ଲାଭ ଓ ପୃଥିବୀ ପାଇଁ ସକାରାତ୍ମକ ଫଳାଫଳ ସୃଷ୍ଟି କରୁଥିବା ଏକ ସମୃଦ୍ଧ ଜଙ୍ଗଲ ଅର୍ଥନୀତି ଗଠନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପକୁ ଚିହ୍ନିତ କରୁଛି।

# ନୋଟ୍ ୫୦ଏକ୍ସ ୫ଜି+ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୮।୩

ସ୍ମାର୍ଟଫୋନ ବ୍ରାଣ୍ଡ ଇନ୍‌ଫିନିକ୍ସର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ନୋଟ ୫୦ଏକ୍ସ ୫ଜି+'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ମେଡଲ ବିଶ୍ୱର ପ୍ରଥମ ମିଡିଆଟେକ୍ ଡାଇମେନସିଟି ୭୩୦୦ ଅଲ୍ଟିମେଟ ପ୍ରୋସେସର ଦ୍ୱାରା ପରିଚାଳିତ ହେଉଛି। ଏହି ସ୍ମାର୍ଟଫୋନ ସ୍ପିଡ୍, ଗେମିଂ ଓ ଚତୁର ପ୍ରଦର୍ଶନ ପାଇଁ ଏକ ନୂଆ ବେଞ୍ଚମାର୍କ ସ୍ଥିର କରିଛି। ଅପରପକ୍ଷରେ ୪୫ ୱାଟ ଫାଷ୍ଟ ଚାର୍ଜିଂ ସହ ଏକ ୫୫୦୦ ଏମଏଏଚ ସେମି-ସଲିଡ ଷ୍ଟେଟ ବ୍ୟାଟେରି ବାଧାମୁକ୍ତ ପାୱାର ନିଶ୍ଚିତ କରିଥାଏ। ଏପରିକି ଅପଗ୍ରେଡେଡ୍ ଏକ୍ସଓଏସ୍ ୧୫ ଇଣ୍ଟରଫେସ୍, ଉନ୍ନତ ଫିଚର ଓ ୱାନ-ଟ୍ୟାପ ଇନ୍‌ଫିନିକ୍ସ ଏଆଇ ସହିତ ଏହି ଡିଭାଇସ୍ ଏକ ସୁଗମ, ଅନ୍ତର୍ନିହିତକାରୀ ଓ ଦକ୍ଷ ଅନୁଭୂତି ନିଶ୍ଚିତ କରି ବ୍ୟକ୍ତିଗତ ପସନ୍ଦଗୁଡିକ ସହ ସହଜରେ ମେଳ ଖାଇଥାଏ।

ଏ ସମ୍ପର୍କରେ ଇନ୍‌ଫିନିକ୍ସ ଇଣ୍ଡିଆର ସିଇଓ ଅନିଶ କପୁର କହିଛନ୍ତି, କାର୍ଯ୍ୟଦକ୍ଷତା ସବୁବେଳେ ଆମ ଯାତ୍ରାର କେନ୍ଦ୍ରରେ ରହିଛି। ୨୦୨୫ରେ ଆମେ ଏହାକୁ ଆହୁରି ଆଗକୁ ବଢାଇଛୁ। ଏଭଳି ଡିଭାଇସ୍ ପ୍ରଦାନ କରୁଛୁ, ଯାହା ଆଧୁନିକ ଟେକ୍ନୋଲୋଜିକୁ ଦୈନନ୍ଦିନ ଉପଯୋଗିତା ସହ ସହଜରେ ଏକୀକୃତ କରିଥାଏ। ଉପଭୋକ୍ତାଙ୍କ ତଥ୍ୟ ଉପରେ ଆଧାରକରି ଡିଜାଇନ କରିବା ସହ ଆମେ ଏକ ନିର୍ଭୀକ ସିଏମ୍‌ଏଫ୍ ଆଭିମୁଖ୍ୟ ଗ୍ରହଣ କରିଛୁ। ଯାହା ବ୍ୟକ୍ତିତ୍ୱକୁ ପ୍ରତିଫଳନ କରୁଥିବା ଷ୍ଟାଇଲିଶ ସ୍ମାର୍ଟଫୋନ ନିର୍ମାଣ କରି ପ୍ରିମିୟମ ଟେକ୍ସଚର, ଅଭିନବ ସାମଗ୍ରୀ ଓ ସମସାମୟିକ ରଙ୍ଗଗୁଡ଼ିକୁ ମିଶ୍ରଣ କରିଛି। ନୋଟ୍ ୫୦ଏକ୍ସ ୫ଜି+ର ଶୁଭାରମ୍ଭ ଏହି ଆଭିମୁଖ୍ୟ ପ୍ରତି ଏକ ପ୍ରମାଣ ବୋଲି କୁହାଯାଉଛି। ସେହିଭଳି ଏହି ସ୍ମାର୍ଟଫୋନ୍‌ରେ ଏକ ୬.୬୭ ଇଞ୍ଚ ଏଚ୍‌ଡି+ ୧୨୦ଏଚଜେଡ ପଞ୍ଚ-ହୋଲ ଡିସ୍‌ପ୍ଲେ ସହ ଡିଟିଏସ-ପରିଚାଳିତ ଡୁଆଲ ସ୍ପିକର ରହିଛି, ଯାହା ଏକ ନିମଜ୍ଜିତ ମନୋରନ ଅନୁଭୂତି ପ୍ରଦାନ କରୁଛି। ଫଟୋଗ୍ରାଫି ଉତ୍ସାହୀମାନେ ୧୨ରୁ ଅଧିକ ଫଟୋଗ୍ରାଫି ମୋଡ ସହ ଏହାର ୫୦ଏମପି ଡୁଆଲ ରିୟର କ୍ୟାମେରା ଏବଂ ଫ୍ରଣ୍ଟ ଓ ସ୍କ୍ରିନ ଫ୍ଲାଶ ସହ ୪କେ ଭିଡିଓ ରେକର୍ଡିଂ ପାଇଁ ସକ୍ଷମ ଥିବା ଏକ ୮ଏମପି ସେଲ୍‌ଫି କ୍ୟାମେରା ପାଇବେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-TELE-ZONAL-BBS-460, ତା.25.03.2025ରିଖ

**କାର୍ଯ୍ୟର ନାମ:** 01 ବର୍ଷ ନିମନ୍ତେ ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର ଦୂରସଂଚାର/ ଭୁବନେଶ୍ୱର ପରିସୀମା ଅଧୀନସ୍ଥ ସେକ୍ସନରେ ପ୍ରତ୍ୟେକ ଟ.5,00,000/- କିମ୍ବା ତା'ଠାରୁ କମ୍ ମୂଲ୍ୟର ଦୂରସଂଚାର ଜୋନାଲ (Zonal) କାର୍ଯ୍ୟ ।

**ଟେଣ୍ଡର ମୂଲ୍ୟ(₹):** 30,15,194.84, EMD (₹): 60,300/- ।

ବିଡ୍ ଆରମ୍ଭ ହେବା ତାରିଖ: ତା.02.04.2025ରିଖ,
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.16.04.2025 ରିଖ 1100 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏହିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପରେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।

ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍
PR-1142/P/24-25

# ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ ଆପ୍‌ର ଶୁଭାରମ୍ଭ

ନୂଆଦିଲ୍ଲୀ,୨୮।୩

ବ୍ୟାଙ୍କ ଅଫ୍ ବରୋଦା ପକ୍ଷରୁ ଏକ ନୂତନ ମୋବାଇଲ ଆପ୍ 'ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ୍'ର ଶୁଭାରମ୍ଭ କରାଯାଇଛି। ଏପରିକି ବରୋଦା କ୍ୟାଶ୍ ମ୍ୟାନେଜମେଣ୍ଟ ସର୍ଭିସେସ୍ (ବିସିଏମ୍‌ଏସ୍) ବ୍ୟବହାର କରୁଥିବା ବ୍ୟାଙ୍କର କର୍ପୋରେଟ୍ ଗ୍ରାହକଙ୍କ ପାଇଁ ଏହା ଏକ ଉତ୍ସର୍ଗୀକୃତ ନଗଦ ପରିଚାଳନା ସେବା ଭାବେ କାର୍ଯ୍ୟ କରିବ। ଏହା ବ୍ୟାଙ୍କ ଅଫ୍ ବରୋଦାକୁ ଭାରତର ଅଳ୍ପ କେତୋଟି ବ୍ୟାଙ୍କ ମଧ୍ୟରେ ସାମିଲ କରିଛି, ଯେଉଁମାନେ କେବଳ କର୍ପୋରେଟମାନଙ୍କ ନଗଦ ପରିଚାଳନା ଆବଶ୍ୟକତା ପୂରଣ କରିବା ପାଇଁ ଏକ ଆପ୍ ପ୍ରଚଳନ କରିଛନ୍ତି। ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ ଆପ୍‌ର ଉଦ୍ଦେଶ୍ୟ ହେଉଛି, ବ୍ୟବସାୟୀଙ୍କ କାର୍ଯ୍ୟକାରୀ ପୁଞ୍ଜି ଏବଂ ନଗଦ ପ୍ରବାହକୁ ପରିଚାଳନା କରିବାରେ ଅଧିକ ଦକ୍ଷତା ଆଣିବା ଏବଂ ଦ୍ରୁତ କାର୍ଯ୍ୟକାରିତା ଓ ପରିଚାଳନାକୁ ସହଜ କରିବାରେ ସହାୟକ ହେବା। ଅତ୍ୟାଧୁନିକ ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ କର୍ପୋରେଟ୍ ସଂସ୍ଥା ମାନଙ୍କ ପାଇଁ ନଗଦ ପରିଚାଳନା ଏବଂ କାର୍ଯ୍ୟ ପ୍ରବାହକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରସ୍ତୁତ କରାଯାଇଛି। ଏ ସମ୍ପର୍କରେ ବିଓବିର ଏମ୍‌ଡି ତଥା ସିଇଓ ଦେବଦତ୍ତ ଚାନ୍ଦ କହିଛନ୍ତି, କର୍ପୋରେଟ ଗ୍ରାହକଙ୍କ ପାଇଁ 'ବରୋଦା ଏମ୍ ଡିଜି ନେକ୍ସଟ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ହେବା ସହ ଆମେ କର୍ପୋରେଟ କ୍ଲାଏଣ୍ଟଙ୍କ ନଗଦ ପରିଚାଳନା ଏବଂ ବ୍ୟାଙ୍କିଙ୍ଗ୍ ସେବା ପାଇଁ ଏକ ନୂଆ ଅନୁଭୂତି ସୃଷ୍ଟି କରୁଛୁ। ଏହି ଆପ୍ ଗ୍ରାହକ ଅନୁକୂଳ ଇଣ୍ଟରଫେସ୍, ଉନ୍ନତ ବ୍ୟାଙ୍କିଙ୍ଗ୍ ଟୁଲ୍ସ ଏବଂ ସାମର୍ଥ୍ୟ ଏବଂ ନିରବଚ୍ଛିନ୍ନ କାର୍ଯ୍ୟକାରିତା ସହିତ ଗ୍ରାହକମାନଙ୍କୁ ସମୃଦ୍ଧ ସୂଚନା ପ୍ରଦାନ କରିବ ଯାହା ସେମାନଙ୍କୁ ଏକ ପ୍ରତିଯୋଗିତାମୂଳକ ବ୍ୟବସାୟ କ୍ଷେତ୍ରରେ ଆଗରେ ରହିବାରେ ସାହାଯ୍ୟ କରିବ। ବିଓବିର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଲଳିତ ତ୍ୟାଗୀ କହିଛନ୍ତି, ବରୋଦା ଏମ୍ ଡିଜି ନେକ୍ସଟ୍ ମୋବାଇଲ୍ ଆପ୍‌ର ଶୁଭାରମ୍ଭ ନଗଦ ପରିଚାଳନା ସେବାର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଏବଂ ଏହା ଅଭିନବ, ଭବିଷ୍ୟତ ପାଇଁ ପ୍ରସ୍ତୁତ ଡିଜିଟାଲ୍ ସମାଧାନ ପ୍ରଦାନ ପାଇଁ ଆମ ପ୍ରତିବଦ୍ଧତାକୁ ଦୋହରାଇଛି।

केनरा बैंक Canara Bank
सिंडिकेट Syndicate

**କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ**
ଶ୍ରୀଜୀ କମ୍ପ୍ଲେକ୍ସ, କଟକ ଟାଉନ୍, ୟୁନିଟ୍ ନଂ.୧୭, ମାଛୁଆ ବଜାର, ପାଣ୍ଟାଲୁନ୍ସ ପଛପାର୍ଶ୍ୱ, କଟକ - ୭୫୩୦୦୧

**ବ୍ୟାଙ୍କର ସମସ୍ତ ବକେୟା ଦେୟ ପରିଶୋଧ ଦ୍ୱାରା ସମ୍ପତ୍ତି ବନ୍ଧକମୁକ୍ତ ପାଇଁ ସର୍ବସାଧାରଣ ନୋଟିସ୍**

ପ୍ରାପ୍ତେଷୁ, (ନିମ୍ନଲିଖିତ ଆକାଉଣ୍ଟର ସମସ୍ତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/ଆଇନଗତ ଉତ୍ତରାଧିକାରୀମାନଙ୍କ ନିମନ୍ତେ ଏହା ଏକ ବିକଳ୍ପ ନୋଟିସ୍ ଅଟେ) ।

| ପାରାଦୀପ ଶାଖା<br>ସହ-ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀମାନଙ୍କ ନାମ ଓ ଠିକଣା | ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ / ବନ୍ଧକମୁକ୍ତ ତାରିଖ / ବକେୟା ରାଶି |
|---|---|---|
| **(୧) ଶ୍ରୀମତୀ ମମତା ମଲ୍ଲିକ (ସହ-ଋଣଗ୍ରହୀତା/ଆଇନଗତ ଉତ୍ତରାଧିକାରୀ)**, ସ୍ୱା: ୰ବ୍ରଜ ବିହାରୀ ମଲ୍ଲିକ, **(୨) ଶ୍ରୀ ବିଷ୍ଣୁ ପ୍ରସାଦ ମଲ୍ଲିକ (ଆଇନଗତ ଉତ୍ତରାଧିକାରୀ)**, ପିତା: ୰ବ୍ରଜ ବିହାରୀ ମଲ୍ଲିକ, **(୩)ମାଷ୍ଟର ବିବିଶ୍ ରଞ୍ଜନ ମଲ୍ଲିକ**, ପିତା: ୰ବ୍ରଜ ବିହାରୀ ମଲ୍ଲିକ, (ଯେହେତୁ ସେ ନାବାଳକ ତାଙ୍କର ମା ମମତା ମଲ୍ଲିକ ଅଭିଭାବକ ଭାବରେ ପ୍ରତିନିଧିତ୍ୱ କରୁଛନ୍ତି), ସମସ୍ତଙ୍କ ଠିକଣା: ସା- ବାଲିଆ, ପୋ.- ଲାଠଙ୍ଗ, ଥାନା: ତିର୍ତ୍ତୋଲ, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର-୭୫୪୧୪୦। | **ଶ୍ରୀ ବ୍ରଜ ବିହାରୀ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.୮୮୧/୪୪୮, ପ୍ଲଟ ନଂ.୧୫୨୩/୨୧୬୯, ଏରିଆ: ଏ.୦.୦୫ ଡିସିମିଲି, କିସମ: ଘରବାରୀ, ମୌଜା: ଉଦୟବାଟ, ଥାନା: ପାରାଦୀପ, ତହସିଲ: କୁଜଙ୍ଗ, ଜିଲ୍ଲା: ଜଗତସିଂହପୁର, ଚାରିପାର୍ଶ୍ୱରେ: ଉତ୍ତର- ପ୍ଲଟ ୨୭/୨୮ର ସ୍କେଚ୍, ଦକ୍ଷିଣ- ସଂଯୋଗ ଘରୋଇ ରାସ୍ତା (ଇନ୍‌ମାଲି ରାସ୍ତା), ପୂର୍ବ- ରମେଶ ଚନ୍ଦ୍ର ସାହୁଙ୍କ ପ୍ଲଟ ନଂ.୩୩ର ସ୍କେଚ୍, ପଶ୍ଚିମ- ନିରଞ୍ଜନ ବେହେରାଙ୍କ ପ୍ଲଟ ନଂ.୩୧ର ସ୍କେଚ୍। | ୨୫.୧୧.୨୦୨୪ / ୨୬.୦୩.୨୦୨୫ / ୨୭.୦୩.୨୦୨୫ / ଟ.୧୫,୩୬,୧୮୫.୮୫ |

**ବିଷୟ: ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କର ବକେୟା ଦେୟ ଆଦାୟ ନିମନ୍ତେ ଉପରଦର୍ଶିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ବନ୍ଧକଦାତା/ଜାମିନ୍‌ଦାର/ଆଇନଗତ ଉତ୍ତରାଧିକାରୀମାନଙ୍କ ସମ୍ପତ୍ତି ବିକ୍ରୟ ।**
ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୮(୧) ଅନୁସାରେ ଉପରଦର୍ଶିତ ତାରିଖରେ ଜାରି କରାଯାଇଥିବା ଦଖଲ ନୋଟିସ୍ ଅନୁଯାୟୀ କାନାରା ବ୍ୟାଙ୍କ (ବ୍ୟାଙ୍କ) ସୁରକ୍ଷିତ ଋଣଦାତା ଭାବେ ଏହାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ମାଧ୍ୟମରେ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ ଆସେଟ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ ଅନୁସାରେ ଉପରଦର୍ଶିତ ବକେୟା ରାଶି ସହିତ ସୁଧ ଏବଂ ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଆନୁସଙ୍ଗିକ ଖର୍ଚ୍ଚ ଆଦାୟ କରିବା ପାଇଁ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ଦଖଲକୁ ନେଇଛନ୍ତି । କାନାରା ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ ସୁରକ୍ଷିତ ସମ୍ପତ୍ତିର ବିକ୍ରୟ ପ୍ରକ୍ରିୟା ଏବଂ ଏହାର ଇ-ନିଲାମର ଖବରକାଗଜ ପ୍ରକାଶନ ଆରମ୍ଭ କରିବାକୁ ଯାଉଛି । ଏତଦ୍ୱାରା ଆପଣଙ୍କୁ **୩୦ଦିନିଆ** ନୋଟିସ୍ ଜାରି କରାଗଲା କି ଏହି ସମୟସୀମା ଅତିକ୍ରାନ୍ତ ପରେ, ଯଦି ପୂର୍ବଦର୍ଶିତ ବକେୟା ରାଶି ପୈଠ କରିନଥାନ୍ତି ତେବେ ବ୍ୟାଙ୍କ ସରଫେଶୀ ଆକ୍ଟ ଏବଂ ଏହାର ଅନ୍ତର୍ଗତ ନିୟମାବଳୀ ଅନୁସାରେ ସର୍ବସାଧାରଣ ନିଲାମ ମାଧ୍ୟମରେ ଉପରଦର୍ଶିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରୟ କରିବାପାଇଁ ପଦକ୍ଷେପମାନ ଗ୍ରହଣ କରିବେ । ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୮) ର ସଂଶୋଧନ ଅନୁସାରେ ଆପଣଙ୍କ ଦୃଷ୍ଟି ଆକର୍ଷଣ କରାଯାଇ ଆପଣଙ୍କୁ ପରାମର୍ଶ ଦିଆଯାଉଛିକି ବ୍ୟାଙ୍କକୁ ଏହି ନୋଟିସ୍ ପ୍ରାପ୍ତିର **୩୦ଦିନ** (ନିଲାମ ନୋଟିସ୍ ପ୍ରକାଶନ ପୂର୍ବରୁ) ମଧ୍ୟରେ ବକେୟା ରାଶି ପୈଠ କରନ୍ତୁ ଅନ୍ୟଥା ସୁରକ୍ଷିତ ସମ୍ପତ୍ତିର ନିଲାମ ବିକ୍ରୟ ନୋଟିସ୍ ଖବରକାଗଜ ପ୍ରକାଶନ ପରେ ଆପଣଙ୍କ ସମ୍ପତ୍ତି ବନ୍ଧକମୁକ୍ତ କରିବାର ଅଧିକାର ରହିବ ନାହିଁ ।

ତାରିଖ: ୨୮.୦୩.୨୦୨୫, ସ୍ଥାନ: କଟକ | କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

# ଜଙ୍ଗଲ ଜମିରେ ଗୋଦାମ ଘର

- ବେଆଇନ ଭାବେ ଦଖଲ କରିଛନ୍ତି ପୂର୍ବତନ ଆଡ୍‌ଭୋକେଟ ଜେନେରାଲ
- କାର୍ଯ୍ୟାନୁଷ୍ଠାନ ପାଇଁ ଡିଏଫ୍‌ଓଙ୍କୁ ପତ୍ର ଲେଖିଲେ ରେଞ୍ଜ ଅଫିସର

ଯାଜପୁର,୨୮।୩ (ହର୍ଷବର୍ଦ୍ଧନ ବେହେରା):


ଜଙ୍ଗଲ ଜମିରେ ନିର୍ମାଣ କରାଯାଇଥିବା ଗୋଦାମ ଘର ।

ଜଙ୍ଗଲ ସୃଷ୍ଟି ଓ ସୁରକ୍ଷା ନିମନ୍ତେ ସରକାରୀସ୍ତରରୁ ଆରମ୍ଭ କରି ବେସରକାରୀ ସ୍ତର ପର୍ଯ୍ୟନ୍ତ ଅନେକ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ମାତ୍ର ବାସ୍ତବପକ୍ଷେ ଦେଖିବାକୁ ଗଲେ ଯେତିକି ଜଙ୍ଗଲ ଅଛି, ତା'ର ସୁରକ୍ଷା ଦିଗରେ ବନ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବିଶେଷକରି କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଜଙ୍ଗଲ ଜମିକୁ ବେଆଇନ ଭାବେ ଦଖଲ କରି ଶିଳ୍ପ, ଖଣି ସମେତ ଅନ୍ୟାନ୍ୟ ବ୍ୟବସାୟିକ ପ୍ରତିଷ୍ଠାନ ପ୍ରତିଷ୍ଠା କରିଛନ୍ତି। ଏହାର ଏକ ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ। କଟକ ବନଖଣ୍ଡ ଅଧିକାରୀ(ଡିଏଫ୍‌ଓ) ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟରୁ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ, ସୁକିନ୍ଦା ତହସିଲ ଅଧୀନ ସରାଂଶ ମୌଜାର ଖାତା ନମ୍ବର ୨୨ର ପ୍ଲଟ ନମ୍ବର ୦୧ରେ ପ୍ରାୟ ଅଧ ଏକର ଜଙ୍ଗଲ ଜମି ଜଣେ ପୂର୍ବତନ ଆଡ୍‌ଭୋକେଟ୍ ଜେନେରାଲ ଜବରଦଖଲ କରିଛନ୍ତି। ଏଠାରେ ବେଆଇନ ଭାବେ ୱେର ହାଉସ୍(ଗୋଦାମ ଘର) ନିର୍ମାଣ କରି ଏକ ଶିଳ୍ପାନୁଷ୍ଠାନକୁ ଭଡ଼ାରେ ଦେଇଥିବା ଜଣାପଡ଼ିଛି। କଟକ ଡିଏଫ୍‌ଓଙ୍କ ନିର୍ଦ୍ଦେଶକ୍ରମେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ଟମକା ରେଞ୍ଜ୍ ଅଫିସର ଅଜିତ କୁମାର ଦଳେଇ, ଡୁବୁରୀ ସେକ୍ସନର ଫରେଷ୍ଟର ଲକ୍ଷ୍ମୀଧର ନାୟକ ଓ ଡୁବୁରୀ ରାଜସ୍ୱ ନିରୀକ୍ଷକ ଇତିଶ୍ରୀ ଦେହୁରୀ ୨୫।୨।୨୦୨୫ରେ ମିଳିତ ଭାବେ କରିଥିବା ତଦନ୍ତ ରିପୋର୍ଟରୁ ଏହା ସ୍ପଷ୍ଟ ହୋଇଛି। ଉକ୍ତ ତଦନ୍ତ ରିପୋର୍ଟକୁ ଟମକା ରେଞ୍ଜ ଅଫିସର ଦଳେଇ ତାଙ୍କ ପତ୍ରସଂଖ୍ୟା ୨୭୩/୨୧।୩।୨୦୨୫ରେ କଟକ ଡିଏଫ୍‌ଓଙ୍କୁ ସୂଚିତ କରିବା ସହ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳରେ ଡାଉନ୍‌ଷ୍ଟ୍ରିମ୍ ଶିଳ୍ପ ପ୍ରତିଷ୍ଠା କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ଶିଳ୍ପ ପ୍ରତିନିଧି ଏନେଇ ଆଗେଇ ଆସିଛନ୍ତି। ଇଡ୍‌କୋ ପକ୍ଷରୁ ଏଥିପାଇଁ ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ଆବେଦନ କରିବା ସହ ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ବିସ୍ଥାପନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ପୂର୍ବରୁ ୧୨ଟି ଶିଳ୍ପକୁ ୮୪୭୩.୫୭ ଏକର ସରକାରୀ ଓ ବେସରକାରୀ ଜମି ଯୋଗାଇ ଦିଆଯାଇଛି। କିନ୍ତୁ ଜଙ୍ଗଲ ନଷ୍ଟ ବଦଳରେ ସେହି ଅନୁପାତରେ ନୂତନ ଜଙ୍ଗଲ ସୃଷ୍ଟି କରାଯାଇ ପାରିନାହିଁ ବୋଲି ଅଭିଯୋଗ ହୋଇଛି। ଏହିକ୍ରମରେ କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ବିନା କିସମ ପରିବର୍ତ୍ତନରେ ଜଙ୍ଗଲ ଜମି ମାଡ଼ିବସି ନିଜର ସ୍ୱାର୍ଥ ସାଧନ କରୁଥିବା ଅଭିଯୋଗ ହେବା ପରେ ବନ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ତେବେ ଉକ୍ତ ପୂର୍ବତନ ଆଡଭୋକେଟ୍ ଜେନେରାଲଙ୍କଠାରୁ ଜଙ୍ଗଲ ଜମିକୁ କେବେ ମୁକ୍ତ କରାଯାଉଛି ତାହା ଅପେକ୍ଷା ରହିଛି ବୋଲି ଅଭିଯୋଗକାରୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଟମକା ରେଞ୍ଜ ଅଫିସର ଅଜିତ କୁମାର ଦଳେଇଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବରକୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ କଲ୍ ଗ୍ରହଣ କରି ନ ଥିଲେ।

## ସୟଦପୁର ପଞ୍ଚାୟତ ପକ୍ଷରୁ ଇଫ୍‌ତାର ପାର୍ଟି

ବିଞ୍ଝାରପୁର,୨୮।୩(ରାମକୃଷ୍ଣ ଦାସ):

ଇଦ ପର୍ବ ପାଳନ ପୂର୍ବରୁ ବିଞ୍ଝାରପୁର ବ୍ଲକ ଅଧୀନ ସୟଦପୁର ପଞ୍ଚାୟତ ପକ୍ଷରୁ ପଠାନ ମହଲ୍ଲା କଲ୍ୟାଣ ମଣ୍ଡପରେ ଶୁକ୍ରବାର ସନ୍ଧ୍ୟାରେ ଏକ ଇଫତାର ପାର୍ଟି ଅନୁଷ୍ଠିତ ହୋଇଯାଇଛି। ସୟଦପୁର ସରପଞ୍ଚ ସେକ୍ ମହମ୍ମଦ ସବିରଙ୍କ ଆୟୋଜନରେ ଅନୁଷ୍ଠିତ ଏହି ପାର୍ଟିରେ ଇଂ. ଲାୟକ ଅଲି ଖାନ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଳିକ ଯୋଗଦେଇ ଇଫତାର ପାର୍ଟି ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ବିଡିଓ ହିତାଂଶୁ ଶେଖର ସାମଲ, ବ୍ଲକ୍ ଉପାଧ୍ୟକ୍ଷ ସେକ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ପ୍ରଦୀପ ମହାନ୍ତି, ଚନ୍ଦ୍ରଶେଖର ବେହେରା, ହବିବୁର ରେହମାନ ଖାନ, ଜାୱେଦ ଇକବାଲ ଖାନ, ଯାହିଦ ଅଲି ଖାନ, ସଲାମତ ଅଲି ଖାନ, ଅସଫର ଅଲି ଖାନ, ଅସଲମ ପରୱେଜ, ଯାବିର ହୋସେନ ଖାନ, ସୁଖରଂଜନ ପରିଡ଼ା, ମୋଜାହିଦ ଅଲି ଖାଁ, ଯାହାନୱାଜ ଅଖତର, ଗୁଫରାନ ଅଲି ଖାନ ଓ ସାମାଜିକ କର୍ମୀ କୈଳାଶ ଚନ୍ଦ୍ର ସେଠୀଙ୍କ ସମେତ ଅନ୍ୟ ପଞ୍ଚାୟତର ସରପଞ୍ଚ ଏବଂ ସମିତିସଭ୍ୟ ପ୍ରମୁଖ ଉପସ୍ଥିତ ଥିଲେ।



ଇଫତାର ପାର୍ଟିରେ ବିଧାୟିକା ପ୍ରମିଳା ମଲିକ ଉଦ୍‌ବୋଧନ ଦେଉଛନ୍ତି।

## ଆକ୍ରମଣକାରୀଙ୍କୁ ୭ବର୍ଷ ଜେଲ

ଯାଜପୁର ଟାଉନ,୨୮।୩ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ମହିଳାଙ୍କୁ ମରଣାନ୍ତକ ଆକ୍ରମଣ ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ତଥା ସହାୟକ ଦୌରାଜଜ୍ ସର୍ବେଶ୍ୱର ଦାସ ମାମଲାର ବିଚାର କରି ଦୋଷୀଙ୍କୁ ୭ବର୍ଷ ଜେଲ ଦଣ୍ଡାଦେଶ କରିବା ସହ ୨୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅର୍ଥକୁ ଆକ୍ରମଣରେ ଗୁରୁତର ହୋଇଥିବା କୁମୁଦିନୀ ଦାସଙ୍କୁ ପ୍ରଦାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ମାସ ଜେଲ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଯାଜପୁର ଥାନା ଅନ୍ତର୍ଗତ ଛବାଟି ଗ୍ରାମର ବାବାଜୀ ଚନ୍ଦ୍ର ଦାସଙ୍କ ସ୍ତ୍ରୀ କୁମୁଦିନୀ ଦାସ ନଭେମ୍ବର ୧୦, ୨୦୨୨ରେ ସେହି ଗ୍ରାମର କେନାଲ ପୋଲ ଉପରେ ବସିଥିଲେ। ଏହି ସମୟରେ ଗ୍ରାମର ଆଦିକନ୍ଦ ଭଦ୍ର(୫୦) ଏକ ଭୁଜାଲି ଧରି ଆସି କୁମୁଦିନୀଙ୍କ ବେକ ଓ କାନ୍ଧକୁ ହାଣି ତାଙ୍କୁ କେନାଲ ଭିତରକୁ ଫିଙ୍ଗିଦେଇଥିଲେ। କୁମୁଦିନୀଙ୍କ ମେରୁଦଣ୍ଡ ଭାଙ୍ଗିଯାଇଥିଲା। ଆଦିକନ୍ଦଙ୍କ ଭାଇ ଏହା ଦେଖି ଚିତ୍କାର କରିବାରୁ କୁମୁଦିନୀଙ୍କ ପୁଅ ଆସି ତାଙ୍କୁ କେନାଲରୁ ଉଦ୍ଧାର କରି ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କୁମୁଦିନୀଙ୍କ ସ୍ୱାମୀ ଯାଜପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦୭/୨୨ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୪ଜଣଙ୍କ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସରକାରୀ ଓକିଲ ବିରଜା ପ୍ରସାଦ ପରିଡ଼ା ପରିଚାଳନା କରୁଥିଲେ।

## ଦୋଷୀଙ୍କୁ ୨୦ ବର୍ଷ ଜେଲ

### ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲା

ଯାଜପୁର ଟାଉନ,୨୮।୩ (ପ୍ରଜ୍ଞା ପ୍ରିୟଦର୍ଶିନୀ ମହାନ୍ତି):

ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ଶୁକ୍ରବାର ରାୟ ପ୍ରକାଶ ପାଇଛି। ଯାଜପୁର ଅତିରିକ୍ତ ଜିଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ଅଭିଜିତ୍ ପଲାଇ ମାମଲାର ବିଚାର କରି ଦୋଷୀଙ୍କୁ ୨୦ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିବା ସହ ୨୦ ହଜାର ଜରିମାନା କରିଛନ୍ତି। ଜରିମାନା ଅନାଦେୟରେ ଅଧିକ ୬ ମାସ ଜେଲ ଦଣ୍ଡାଦେଶ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ଏଥିସହିତ ପୀଡ଼ିତାଙ୍କୁ ୨ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି।


ଦୋସୀଙ୍କୁ ଜେଲ୍‌କୁ ନିଆଯାଉଛି।

ମାମଲାର ବିବରଣୀ ଅନୁଯାୟୀ, ଜେନାପୁର ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ କରାଯାଇଥିବା ୨୦୨୨ ଡିସେମ୍ବର ୨୯ରେ ଥାନାରେ ଅଭିଯୋଗ ହୋଇଥିଲା। ନାବାଳିକାଙ୍କ ମା' କାମ କରିବାକୁ ଯାଇ ସନ୍ଧ୍ୟାରେ ଘରକୁ ଫେରିଲା ବେଳକୁ ଝିଅ ଘରେ ନ ଥିବା ଦେଖିଥିଲେ। ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। ଏହି ସମୟରେ କେନ୍ଦୁଝର ଜିଲା ସେଶୋ ଥାନା ହଦଗଡ଼ ଗ୍ରାମର ମିଥୁନ୍ ମହାକୁଡ଼(୨୧) ତାଙ୍କ ଝିଅଙ୍କୁ ଅପହରଣ କରି ନେଇଥିବା ଜାଣିବାକୁ ପାଇଥିଲେ। ତେଣୁ ସେ ମିଥୁନଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୪୦୨/୨୨ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ନାବାଳିକାଙ୍କୁ ଅଭିଯୁକ୍ତଙ୍କ ଗ୍ରାମରୁ ଉଦ୍ଧାର କରିଥିଲା। ଉଦ୍ଧାର ପରେ ନାବାଳିକା ପୋଲିସ ଏବଂ ତାଙ୍କ ପରିବାର ସମ୍ମୁଖରେ ଅଭିଯୁକ୍ତ ମିଥୁନ୍ ତାଙ୍କୁ ନେଇ ବଳାତ୍କାର କରିଥିବା କହିଥିଲେ। ଏଥିସହିତ ନାବାଳିକା ଜାଣିବାକୁ ପାଇଥିଲେ ଯେ, ଅଭିଯୁକ୍ତ ଜଣକ ବିବାହିତ ଓ ତାଙ୍କର ୨ ପୁଅ ମଧ୍ୟ ଅଛନ୍ତି। ମାମଲାର ଚୂଡ଼ାନ୍ତ ଶୁଣାଣି କରି ୧୩ଜଣ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର ରାଜୀବ ମହାନ୍ତି ପରିଚାଳନା କରୁଥିଲେ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ଇତିଶ୍ରୀ


@ ଜୟଶ୍ରୀ


@ ମହେଶ


@ ପ୍ରସାଦ


@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜନତା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୨୮।୩(ପ୍ରଦୀପ୍ତ କୁମାର ପୃଷ୍ଟି):

ବଡ଼ଚଣା ବ୍ଲକ ଅନ୍ତର୍ଗତ ବନ୍ତଳାସ୍ଥିତ ଜନତା ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ନୃସିଂହ ଚରଣ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବନ୍ତଳା ସରପଞ୍ଚ ସମୀର ରାଉତ ଯୋଗଦେଇ ଛାତ୍ରୀଛାତ୍ର ଗୁଣାତ୍ମକ ଶିକ୍ଷା ପ୍ରତି ଅଧିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାଶଖା ଶିକ୍ଷା ସେତୁ ସଭାପତି ନିରଞ୍ଜନ ବେହେରା, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସୌମ୍ୟ ରଞ୍ଜନ ବିଶ୍ୱାଳ, ଖବରଦାତା ପ୍ରତାପ ରାଉତରାୟ, ସିଆରସିସି ପ୍ରଦ୍ୟୁମ୍ନ କୁମାର ସାହୁ, ଶିକ୍ଷା କମିଟି ସଭାପତି ଚିତ୍ତରଞ୍ଜନ ବେହେରା, ବିଷ୍ଣୁ ଚରଣ କବି ପ୍ରମୁଖ ଯୋଗଦେଇଥିଲେ। କ୍ରୀଡ଼ାକ୍ଷେତ୍ରରେ ଯୋଗ୍ୟ ବିବେଚିତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଚାମ୍ପିୟନଭାବେ କନିଷ୍ଠ ବାଳକ ବିଭାଗରେ ସଂଗ୍ରାମ ମଲ୍ଲିକ ଓ ବାଳିକାରେ ଅହଲ୍ୟା ମଲ୍ଲିକ ଯୋଗ୍ୟ ବିବେଚିତ ହୋଇଥିବାବେଳେ ବରିଷ୍ଠ ବାଳକ ବିଭାଗରେ ରୁଦ୍ରପ୍ରସାଦ ବେହେରା ଓ ବାଳିକା ବିଭାଗରେ ସ୍ୱର୍ଣ୍ଣପ୍ରଭା ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଅତିଥିଙ୍କଠାରୁ ସମସ୍ତ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରିଥିଲେ। ସହକାରୀ ଶିକ୍ଷକ ହିମାଂଶୁ ରାଉତ ଅତିଥି ପରିଚୟ ପ୍ରଦାନ କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ସହଯୋଗ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ଅଭୟ କୁମାର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## ନାଟ୍ୟ ପ୍ରତିଯୋଗିତା ଦ୍ୱାରା ଭାଇଚାରା ସୃଷ୍ଟି ହୁଏ

### ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପିତ

ବାଲିଚନ୍ଦ୍ରପୁର,୨୮।୩(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ ଅଧୀନ ବାଲିପଡ଼ିଆ ପଞ୍ଚାୟତରେ ୩୯ତମ ଜିଲାସ୍ତରୀୟ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବାଲିପଡ଼ିଆ ଯୁବକ ସଂଘର ୫୨ତମ ବାର୍ଷିକ ଉତ୍ସବ ଅବସରରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ୬ ନାଟ୍ୟ ସଂସଦ ଭାଗନେଇଥିଲେ। ଧର୍ମଶାଳା ବ୍ଲକ କଣ୍ଟିଗଡ଼ିଆର ମଧୁକେଶ୍ୱର ନାଟ୍ୟ ପରିଷଦ ମଞ୍ଚସ୍ଥ କରିଥିବା ନାଟକ (କାନ୍ଦେନା ଲୁହ ସରିଯିବ) ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତର ମା'ଡ୍ରାମାଟିକ୍ କ୍ଲବ ତିଗିରିଆ ଦେକୁଡ଼ି(ହାଃ କୃଷ୍ଣ ବୋଲି ଯାଉ ଜୀବ) ନାଟକ ମଞ୍ଚସ୍ଥ କରି ଦ୍ୱିତୀୟ ସ୍ଥାନ ଓ ମା'ବାୟାଣୀ ଡ୍ରାମାଟିକ୍ କ୍ଲବ ଶକୁନ୍ତଳାପୁର (ଆଖି ଅବୁଝା କୁ ଲୁହ ଅବୁଝା) ନାଟକ ମଞ୍ଚସ୍ଥ କରି ତୃତୀୟ ସ୍ଥାନ ଅଧିକାର କରିଥିଲା।


ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ଯୋଗଦେଇଥିବା କଳାକାର ଏବଂ ଅନ୍ୟମାନେ।

ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବଡ଼ଚଣା ବିଡିଓ ରବୀନ୍ଦ୍ର କୁମାର ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ବାଲିଚନ୍ଦ୍ରପୁରର ଥାନାଧିକାରୀ ସମରଜିତ୍ ନାୟକ ଯୋଗଦେଇଥିଲେ। ପ୍ରାରମ୍ଭରେ ଅତିଥିମାନେ ଯୁବକ ସଂଘ ନିକଟ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ସେଠାରେ ଥିବା ଦିବଂଗତ ସ୍ୱାଧୀନତା ସଂଗ୍ରାମୀ ବଡ଼ଚଣା ଗାନ୍ଧୀ ବୃନ୍ଦାବନ ତ୍ରିପାଠୀ, ହରି ବାରିକ ଓ ନିଳ ମଳିକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଯୁବକ ସଂଘ ସମ୍ପାଦକ ସୁବାସ ଚନ୍ଦ୍ର ତ୍ରିପାଠୀଙ୍କ ସଂଚାଳନାରେ ଆୟୋଜିତ ଉତ୍ସବରେ ସଭାପତି ଦିଲୀପ କୁମାର ସାମଲ, ସାଂସ୍କୃତିକ ସମ୍ପାଦକ ଅନିରୁଦ୍ଧ ପ୍ରଧାନ, ସରପଞ୍ଚ କିଶୋର ଚନ୍ଦ୍ର ବେହୁରା, ଶିକ୍ଷାବିତ୍ ଉମାକାନ୍ତ ବଳ, ପୂର୍ବତନ ସରପଞ୍ଚ ଅନିରୁଦ୍ଧ ସାମଲ, ଚନ୍ଦ୍ରକାନ୍ତ ପ୍ରଧାନ, ସୁମନ୍ତ ଜେନା ପ୍ରମୁଖ ଯୋଗଦେଇ ନାଟ୍ୟ ପ୍ରତିଯୋଗିତା ଦ୍ୱାରା ବିଭିନ୍ନ ଅଞ୍ଚଳ ସହ ଭାଇଚାରା ସୃଷ୍ଟି ହୁଏ ବୋଲି କହିଥିଲେ। ଏଥିସହିତ କଳା ଓ ସଂସ୍କୃତିକୁ କିପରି ଜୀବିତ ରଖାଯାଇପାରିବ ସେ ନେଇ ନିଜ ମତପୋଷଣ କରିଥିଲେ।

ପ୍ରତିଯୋଗିତାରେ କଣ୍ଟିଗଡ଼ିଆର ଅରୂପାନନ୍ଦ ଜେନା ଶ୍ରେଷ୍ଠ ନାୟକ, ଶ୍ରେଷ୍ଠ ନାୟିକା ସନ୍ତୋଷୀ ପଣ୍ଡା(ସତିଆ), ଶ୍ରେଷ୍ଠ ପାର୍ଶ୍ୱ ନାୟିକା ସଂଜିତା ଦାସ (ଶ୍ରାବଣୀ), ସହପାର୍ଶ୍ୱ ନାୟିକା ଭାବେ ଗୀତା, ଶ୍ରେଷ୍ଠ ପାର୍ଶ୍ୱ ଖଳନାୟକ ଭାବେ ଉଦୟଭାନୁ ଦାସ(ବାଦଲ), ଶ୍ରେଷ୍ଠ ଖଳନାୟିକା ଲକ୍ଷ୍ମୀପ୍ରିୟା ଶତପଥୀ(ରୂପଶ୍ରୀ), ଶ୍ରେଷ୍ଠ ହାସ୍ୟ ଅଭିନେତା ସୁଶାନ୍ତ ବାରିକ (ଚୁଟୁମା), ଶ୍ରେଷ୍ଠ ହାସ୍ୟ ଅଭିନେତ୍ରୀ ମାନା ସାହୁ (ଚୁଟୁମି), ଶ୍ରେଷ୍ଠ ନିର୍ଦ୍ଦେଶକ ଉଦୟଭାନୁ ଦାସ (କାନ୍ଦନା ଲୁହ ସରିଯିବ), ଶ୍ରେଷ୍ଠ ଗାୟକ ପୁରୁଷ (ରାଜା ବାବୁ) ଓ ଶ୍ରେଷ୍ଠ ସଙ୍ଗୀତ ନିର୍ଦ୍ଦେଶକ ଭାବେ ପ୍ରତାପ ରୁଦ୍ର ବିଶ୍ୱାଳ ପ୍ରମୁଖ ବିବେଚିତ ହୋଇ ଅତିଥିଙ୍କଠାରୁ ଟ୍ରଫି ସହ ଅର୍ଥରାଶି ପୁରସ୍କାର ଭାବେ ଗ୍ରହଣ କରିଥିଲେ। ଅଜିତ୍ କୁମାର ପ୍ରଧାନ, ଗଗନ ବିହାରୀ ସ୍ୱାଇଁ, ରମେଶ କୁମାର, ଆଲୋକ ପ୍ରଧାନ, ସତ୍ୟବ୍ରତ ପ୍ରଧାନ, ପ୍ରମୋଦ ପ୍ରଧାନ, ମନୋଜ ସାମଲ, ପବିତ୍ର ବେହୁରା, ଚନ୍ଦ୍ରଶେଖର ବେହୁରା, ଦେବେନ୍ଦ୍ର ବେହୁରା, ମହେନ୍ଦ୍ର କୁମାର ସିଂହ, ସୂର୍ଯ୍ୟନାରାୟଣ ତ୍ରିପାଠୀ, ହରପ୍ରସାଦ ସାମଲ, ବିଜୟ କୁମାର ସାମଲ ଓ ସୁନୀଲ କୁମାର ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

**ନାଉଗାଁ ବ୍ଲକ ଏମ୍‌ପିଙ୍କ ପ୍ରତିନିଧି ହେଲେ ଲଲାଟେନ୍ଦୁ ପରିଡ଼ା**

ନାଉଗାଁ,(ସୁଧା ବେହୁରା): ନାଉଗାଁ ବ୍ଲକରେ ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇଙ୍କ ପ୍ରତିନିଧି ଭାବେ ଜାମୁଗାଁ ପଞ୍ଚାୟତର ପୂର୍ବତନ ସରପଞ୍ଚ ଲଲାଟେନ୍ଦୁ ପରିଡ଼ାଙ୍କୁ ମନୋନୀତ କରାଯାଇଛି। ଏନେଇ ପତ୍ର ସଂଖ୍ୟା ନଂ.୭୫ /୨୮।୦୩।୨୦୨୫ରେ ଜିଲାପାଳ ଜେ. ସୋନାଲଙ୍କୁ ଅବଗତ କରାଯାଇଛି। ଏମ୍‌ପିଙ୍କ ଅନୁପସ୍ଥିତିରେ ପରିଡ଼ା ଉକ୍ତ ବ୍ଲକର ସମସ୍ତ କାର୍ଯ୍ୟାଳୟରେ କାର୍ଯ୍ୟ କରିପାରିବେ।



# ୪ ଗୋରୁ ଜୀବନ୍ତଦଗ୍ଧ ହେବା ଦେଖି ଗୃହକର୍ତ୍ତା ମୃତ

## ଅଗ୍ନିକାଣ୍ଡରେ ୩ ବଖରା ଜଳିଗଲା

ଏରସମା, ୨୮।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ ଲୁଣିପୋଖରୀ ଗ୍ରାମରେ ଗୁରୁବାର ରାତିରେ ଅଗ୍ନିକାଣ୍ଡ ଘଟି ୩ ବଖରା ଜଳିଗଲା। ଏହି ଅବସରରେ ୪ ଗୋରୁ ଜୀବନ୍ତଦଗ୍ଧ ହେବା ଦେଖି ଗୃହକର୍ତ୍ତାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ରମେଶ ସ୍ୱାଇଁ ( ୬୪ )। ଘଟଣାରୁ ପ୍ରକାଶ, ଗୁରୁବାର ରାତିରେ ଗୃହରେ ନିଆଁ ଲାଗିଯାଇଥିଲା। ଏହା ଦେଖି ପରିବାର ଲୋକେ ଉଠି ପଡ଼ିବା ସହ ଡାକ ପକାଇଥିଲେ। ପାଟିଶୁଣି ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଉଦ୍ୟମ କରିଥିଲେ। ଖବରପାଇ ଏରସମା ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ମାତ୍ର ସେତେବେଳକୁ ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଥିଲା। ନିଆଁରେ ଘରେ ବନ୍ଧା ହୋଇଥିବା ଦୁଇଟି ଗୋରୁ ଓ ଦୁଇଟି ବାଛୁରୀ ପୋଡିଯାଇଥିଲେ। ସେମାନଙ୍କ ରଡି ଶୁଣି ଗୃହକର୍ତ୍ତା ରମେଶ କାନ୍ଦିକାନ୍ଦି ଅଚେତ ହୋଇଯାଇଥିଲେ। ଚିକିତ୍ସା ନିମନ୍ତେ ତାଙ୍କୁ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ରମେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଏନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ମଶା ଦୂର କରିବା ପାଇଁ ଗୋରୁଙ୍କ ପାଖରେ ଦିଆଯାଇଥିବା ଧୂଆଁରୁ ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି।

# ଅବଧି ପରେ ବି କାମ ନ ସରିବାରୁ ଗ୍ରାମବାସୀଙ୍କ ରାସ୍ତାରୋକୋ



ଗୋଠଦା ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

## ନାଉଗାଁ-ଡାବର ରାସ୍ତା ପୁନଃ ନିର୍ମାଣ

- ତୁରନ୍ତ ନିର୍ମାଣ ନ ହେଲେ ପୁନର୍ବାର ଆନ୍ଦୋଳନ ଚେତାବନୀ
- ୧ ବର୍ଷରୁ ଊର୍ଦ୍ଧ୍ୱ ହେବ ଅବଧି ସରିଲାଣି

ନାଉଗାଁ,୨୮।୩ (ସୁଧା ବେହୁରା)

ମନମୁଖି ଭାବେ ରାସ୍ତା କାମ ଚାଲିଥିବାରୁ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ନିର୍ମାଣ ଅବଧି ସରିବା ସତ୍ତ୍ୱେ ରାସ୍ତା କାମ ସରୁ ନ ଥିବାରୁ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନାଉଗାଁ ବ୍ଲକ ଅନ୍ତର୍ଗତ ନାଉଗାଁ–ଡାବର ରାସ୍ତାର ନିର୍ମାଣ ଅବଧି ସରିଥିଲେ ମଧ୍ୟ ଏପର୍ଯ୍ୟନ୍ତ କାର୍ଯ୍ୟ ସରୁନାହିଁ। ଫଳରେ ଉକ୍ତ ରାସ୍ତା ଦେଇ ଯାତାୟାତ କରିବା କଷ୍ଟସାଧ ହୋଇପଡ଼ିଛି। ଏହାର ପ୍ରତିବାଦରେ ଶୁକ୍ରବାର ଗୋଠଦାଠାରେ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ତୁରନ୍ତ ରାସ୍ତା କାର୍ଯ୍ୟ ଶେଷ କରିବାକୁ ସେମାନେ ଦାବି କରିଛନ୍ତି।

ପ୍ରାୟ ୧ ଘଣ୍ଟା ଧରି ରାସ୍ତାରୋକୋ ହେବା ଯୋଗୁ ଯାତାୟାତରେ ସମସ୍ୟା ଉପୁଜିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବାପରେ ରାସ୍ତା ଅବରୋଧ ପ୍ରତ୍ୟାହୃତ ହୋଇଥିଲା। ଯଥାଶୀଘ୍ର ଉକ୍ତ ରାସ୍ତା କାର୍ଯ୍ୟ କରା ନ ଗଲେ ପୁନର୍ବାର ରାସ୍ତା ଅବରୋଧ କରାଯିବ ବୋଲି ଆନ୍ଦୋଳନକାରୀ ଚେତାବନୀ ଦେଇଛନ୍ତି। ସେମାନଙ୍କ ଅଭିଯୋଗ ମୁତାବକ, ଏହି ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ୧୭। ୧୦। ୨୦୨୨ରେ ଆରମ୍ଭ ହୋଇଥିଲା। ୧୭। ୧୦।୨୦୨୩ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବଧି ଶେଷହେବାର ଗୋଟିଏ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ଶେଷ ହେଉନାହିଁ। ରାସ୍ତା ନିର୍ମାଣ କରୁଥିବା ଠିକାସଂସ୍ଥା ମନଇଚ୍ଛା କାର୍ଯ୍ୟ କରୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ହେବ ରାସ୍ତା ଉପରେ ମେଟାଲ ବିଛାଇବା ସହ ଡଷ୍ଟ ପକାଇଛି। ଅନେକ ସ୍ଥାନରେ ଡଷ୍ଟ ତଳୁ ମେଟାଲ ଉଠି ରାସ୍ତା ଉପରେ ବିଛାଡ଼ି ହୋଇପଡ଼ିଛି। ଫଳରେ ଯାନବାହନ ତ ଦୂରର କଥା ଖାଲିପାଦରେ ଗାଁରେ ଚାଲି ହେଉନାହିଁ। ସେହିପରି ଯାନବାହାନ ଯିବା ସମୟରେ ଡଷ୍ଟ ଉଡି ଧୂଳିମୟ ହୋଇଯାଉଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟାତ କରିବାରେ ଅସୁବିଧା ହେବା ସହ ରାସ୍ତା ପାର୍ଶ୍ୱରେ ଥିବା ଘରେ ରହିବା କଷ୍ଟ ହୋଇଯାଉଛି। ରାସ୍ତାରୁ ମେଟାଲ ଉଠିବା ଦ୍ୱାରା ଛୋଟପିଲାମାନେ ବିଦ୍ୟାଳୟକୁ ସାଇକେଲରେ ଯିବା ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏନେଇ ତୁରନ୍ତ ରାସ୍ତା କାର୍ଯ୍ୟ ସାରିବା ପାଇଁ ଗୋଠଦା ଗ୍ରାମବାସୀଙ୍କ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ଏହି ରାସ୍ତା ଅବରୋଧରେ ଗ୍ରାମର ଅମିତା ଦାସ, ଗୋଲେଖ ଗୋଛାୟତ, ଭାନୁମତି ବାରିକ, ଲିନାରାଣୀ ଲେଙ୍କା, ସ୍ୱର୍ଣ୍ଣଲତା ପାଢୀ ପ୍ରମୁଖ ଯୋଗ ଦେଇଥିଲେ। ଏସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀ ରମାକାନ୍ତ ମିଶ୍ରଙ୍କୁ ପଚାରିବାରେ, ଯଥାଶୀଘ୍ର ରାସ୍ତା କାର୍ଯ୍ୟ ଶେଷ କରାଯିବ ବୋଲି କହିଛନ୍ତି।

# ମରଣାନ୍ତକ ଆକ୍ରମଣ ଅଭିଯୋଗ: ଜଣେ ଗିରଫ

ଏରସମା, ୨୮।୩ (ଦୀପ୍ତି ଖଣ୍ଡୁଆଳ)

ଏରସମା ଥାନା ଅନ୍ତର୍ଗତ ନାରଦିଆ ପଞ୍ଚାୟତସ୍ଥିତ ବଳରାମପୁର ଗ୍ରାମରେ ମରଣାନ୍ତକ ଆକ୍ରମଣରେ ଜଣେ ଗୁରୁତର ହୋଇଛନ୍ତି। ସେ ହେଲେ ଏହି ଗ୍ରାମର ଅଭିମନ୍ୟୁ ନାୟକ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଜଣଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ପ୍ରଫୁଲ୍ଲ ବିଶ୍ୱାଳ ( ୪୮ )। କୌଣସି ଘଟଣାକୁ ନେଇ ପ୍ରଫୁଲ୍ଲଙ୍କ ସହ ଅଭିମନ୍ୟୁ ଓ ତାଙ୍କ ସ୍ତ୍ରୀ ଝୁନାଙ୍କ ମତାନ୍ତର ଥିଲା। ପ୍ରଫୁଲ୍ଲ ଉକ୍ତ ଘଟଣାକୁ ନେଇ ଗୁରୁବାର ରାତିରେ ଝୁନାଙ୍କୁ ଗାଳିଗୁଲଜ କରିଥିଲେ। ଏହାଦେଖି ସ୍ୱାମୀ ଅଭିମନ୍ୟୁ ପ୍ରତିବାଦ କରିବାକୁ ପ୍ରଫୁଲ୍ଲ ଏକ ଠେଙ୍ଗାରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ଗ୍ରାମବାସୀ ଆସିଯିବାରୁ ପ୍ରଫୁଲ୍ଲ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଅଭିମନ୍ୟୁଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ଏରସମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଝୁନାଙ୍କ ଅଭିଯୋଗ ଅନୁସାରେ, ଏରସମା ଥାନାରେ ମାମଲା (ନଂ. ୧୦୮/ ୨୫) ରୁଜୁ କରାଯାଇଛି ବୋଲି ଥାନା ଅଧିକାରୀ ପ୍ରେମଜିତ ଦାସ କହିଛନ୍ତି।

# ମାସିକ ୩ ହଜାର ଟଙ୍କା ଭତ୍ତା ଦାବି




ଭତ୍ତା ବୃଦ୍ଧି ଦାବିରେ ଶୋଭାଯାତ୍ରାରେ ଯାଉଥିବା ବରିଷ୍ଠ ନାଗରିକ ଓ ଅନ୍ୟମାନେ।

ପାରାଦୀପ,୨୮।୩ (ଶରତ ରାଉତ)

ଭତ୍ତାବୃଦ୍ଧି ଆନ୍ଦୋଳନ ସଙ୍ଗଠନ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ଅତିରିକ୍ତ ଜିଲାପାଳ ନିରଞ୍ଜନ ବେହେରାଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଭାଜପା ସରକାର ନିର୍ବାଚନ ପୂର୍ବରୁ ଘୋଷଣା କରିଥିଲେ ଯେ, ସମସ୍ତ ଭତ୍ତା ହିତାଧିକାରୀଙ୍କୁ ମାସିକ ୩ ହଜାର ଟଙ୍କା ଲେଖାଏଁ ଭତ୍ତା ଦିଆଯିବ। ସରକାର ଗଠନ ହେବାର ୧୦ ମାସ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା କାର୍ଯ୍ୟକାରୀ ହୋଇନାହିଁ। ସରକାରଙ୍କ ପକ୍ଷରୁ କେବଳ ୮୦ ବର୍ଷରୁ ଅଧିକ ହିତାଧିକାରୀଙ୍କ ପାଇଁ ୩୫୦୦ ଟଙ୍କା ଲେଖାଏଁ ଦିଆଯାଉଛି। ଅନ୍ୟମାନେ ପୂର୍ବ ପରି ମାସିକ ହଜାରେ ଟଙ୍କା ପାଉଛନ୍ତି। ତୁରନ୍ତ ଏହି ଭତ୍ତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଛି ବୋଲି ସଙ୍ଗଠନ ରାଜ୍ୟ ସଭାପତି ବୃନ୍ଦାବନ ଦାସ ଆଜାଦ ସୂଚନା ଦେଇଛନ୍ତି। ଏହି ଅବସରରେ ପାରାଦୀପ ଷଣ୍ଢକୁଦ ବସ୍ତିର ଶତାଧିକ ବୃଦ୍ଧାବୃଦ୍ଧ ଏକ ରାଲି କରି ମଧୁବନ ଏଡିଏମ ଅଫିସ ପର୍ଯ୍ୟନ୍ତ ଯାଇଥିଲେ।

# ୨୬,୬୦୦ ଟଙ୍କା ଜରିମାନା ଆଦାୟ

## ବ୍ୟବସାୟ ପ୍ରତିଷ୍ଠାନ ଉପରେ ମିଳିତ ଚଢ଼ାଉ

ଜଗତ୍‌ସିଂହପୁର, ୨୮।୩ (ପ୍ରମୋଦ ନାୟକ)

ଜଗତ୍‌ସିଂହପୁରର ଅତିରିକ୍ତ ଜିଲାପାଳ ଜ୍ୟୋତିଶଙ୍କର ରାୟଙ୍କ ନିର୍ଦ୍ଦେଶରେ ଶୁକ୍ରବାର ପୂର୍ବାହ୍ନରେ ସ୍ଥାନୀୟ ବଜାରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଉପରେ ମିଳିତ ଚଢ଼ାଉ ହୋଇଥିଲା। ଏଥିରେ ମାପ ଓଜନ ସଂସ୍ଥା, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଏବଂ ପୋଲିସ ଅଧିକାରୀମାନେ ସାମିଲ ହୋଇଥିଲେ। ମାପ ଓଜନ ବିଭାଗର ଯୁଗ୍ମ ନିୟନ୍ତ୍ରକଙ୍କ ଅଧକ୍ଷତାରେ ଜଗତ୍‌ସିଂହପୁର ବଜାରରେ ପେଟ୍ରୋଲ ପମ୍ପ, ଗ୍ୟାସ୍ ଡିଲର ଓ ମାଛ ଦୋକାନରେ ଯାଞ୍ଚ କରାଯାଇଥିଲା। ଏହି ଅବସରରେ ମାପ ଓଜନ ନିୟମ ଉଲ୍ଲଂଘନ କରିଥିବା ୫ ବ୍ୟବସାୟୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ଜରିମାନା ବାବଦରେ ୨୬,୬୦୦ ଟଙ୍କା ଆଦାୟ କରାଯାଇଥିଲା।

# ୧୦ ମାସ ହେଲା ଅଙ୍ଗନୱାଡି କର୍ମୀ ଅନୁପସ୍ଥିତ

ଏରସମା,୨୮ ।୩ ( ଦୀପ୍ତି ଖଣ୍ଡୁଆଳ)

ଏରସମା ବ୍ଲକ ଅନ୍ତର୍ଗତ କୁଞ୍ଜକୋଠି ପଞ୍ଚାୟତସ୍ଥିତ କାଳିକୁଦ ଅଙ୍ଗନୱାଡି କର୍ମୀ ୧୦ ମାସ ହେଲା କାର୍ଯ୍ୟରେ ଅନୁପସ୍ଥିତ ଅଛନ୍ତି। ସେ ହେଲେ ଚନ୍ଦନା ବେହେରା। ଫଳରେ ସମ୍ପୃକ୍ତ କେନ୍ଦ୍ରରେ କୋମଳମତି ଶିଶୁଙ୍କ ପାଇଁ ଧାର୍ଯ୍ୟ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। ତାଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବା ପାଇଁ ଉପଜିଲାପାଳଙ୍କ ଚିଠି ସଂଖ୍ୟା ନଂ.୫୧ ୪୬ /୧୨ ।୩।୨୦୨୫ ଅନୁସାରେ ସମନ୍ୱିତ ଶିଶୁ ବିକାଶ ଯୋଜନା ବିଭାଗ ପକ୍ଷରୁ ନୋଟିସ ଜାରି କରାଯାଇଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ସିଡିପିଓ କ୍ରିଷ୍ଣା କୁମାରୀ ରାଉତଙ୍କୁ ପଚାରିବାରେ, ଚନ୍ଦନା ଛୁଟି ନ ନେଇ ୧ ।୬।୨୦୨୪ରୁ ଏପର୍ଯ୍ୟନ୍ତ ଅଙ୍ଗନୱାଡି କେନ୍ଦ୍ରକୁ ଆସିନାହାନ୍ତି। ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତାଙ୍କୁ କାର୍ଯ୍ୟରେ ଯୋଗଦେବା ପାଇଁ ସୂଚନା ଦିଆଯାଇଛି। ଏହାସତ୍ତ୍ୱେ ଯଦି ଚନ୍ଦନା କାର୍ଯ୍ୟରେ ଯୋଗ ନ ଦିଅନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏନେଇ ଚନ୍ଦନାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଇତିଶ୍ରୀ



@ ଜୟଶ୍ରୀ



@ ମହେଶ



@ ପ୍ରସାଦ



@ ସତ୍ୟ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଓମ୍ପା କର୍ମକର୍ତ୍ତା ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ



ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କରିଥିବା ପ୍ରାର୍ଥୀମାନେ।

## ୨ ପ୍ୟାନେଲରେ ୧୮ ପ୍ରାର୍ଥୀ

ପାରାଦୀପ, ୨୮।୩ (ଶରତ ରାଉତ)

ପାରାଦୀପର ପୁରାତନ ସଙ୍ଗଠନ ଓଡ଼ିଶା ସାମୁଦ୍ରିକ ମତ୍ସ୍ୟ ଉତ୍ପାଦକ ସଂଘ (ଓମ୍ପା)ର କର୍ମକର୍ତ୍ତା ନିର୍ବାଚନ ପାଇଁ ଶୁକ୍ରବାର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। ଏପ୍ରିଲ ୯ରେ ଗୁପ୍ତ ବାଲଟ ପେପର ଜରିଆରେ ନିର୍ବାଚନ ହେବ। ଏଥିପାଇଁ ୨ଟି ୯ଜଣିଆ ପ୍ୟାନେଲ ଗଠନ କରାଯାଇଛି। ଶୁକ୍ରବାର ଏହି ଦୁଇ ପ୍ୟାନେଲରେ ୧୮ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଗୋଟିଏ ପ୍ୟାନେଲରେ ବର୍ତ୍ତମାନ ସଭାପତି ଶ୍ରୀକାନ୍ତ ପରିଡ଼ା, ସମ୍ପାଦକ ଅରବିନ୍ଦ ସ୍ୱାଇଁ ଥିଲାବେଳେ ଅନ୍ୟଥିରେ ସଭାପତି ପ୍ରାର୍ଥୀ ଅମରଜିତ୍ ଜେନା ଓ ସମ୍ପାଦକ ପ୍ରାର୍ଥୀ ଭାବେ ରଶ୍ମିରଞ୍ଜନ ପରିଡ଼ା ରହିଛନ୍ତି। ନାମାଙ୍କନ ପତ୍ର ଦାଖଲ ପାଇଁ ପ୍ରାର୍ଥୀମାନେ ମଧୁବନ ଜଗନ୍ନାଥ ମନ୍ଦିର ପାଖରୁ ବାହାରି ଶୋଭାଯାତ୍ରାରେ ଯାଇଥିଲେ। ଅଠରବାଙ୍କୀ ଲକ୍‌ପଡାଠାରେ ଥିବା ଓମ୍ପା ବୈଠକ ହଲ୍ ପାଖରେ ସେମାନେ ନାମାଙ୍କନ ପତ୍ର ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାଖଲ କରିଥିଲେ।

# ୩୦ରେ ମହାବୀର ବିଦ୍ୟାପୀଠର ହୀରକ ଜୟନ୍ତୀ

ଜଗତ୍‌ସିଂହପୁର, ୨୮।୩ (ପ୍ରମୋଦ ନାୟକ)

ବିରିଡି ବ୍ଲକ ମଧଶାସନସ୍ଥିତ ମହାବୀର ବିଦ୍ୟାପୀଠର ହୀରକ ଜୟନ୍ତୀ ଉତ୍ସବ ମାର୍ଚ୍ଚ ୩୦ରୁ ୩ ଦିନ ବ୍ୟାପି ଅନୁଷ୍ଠିତ ହେବ। ମହାବୀର ବିଦ୍ୟାପୀଠ ପୁରାତନ ଛାତ୍ରସଂସଦ ପକ୍ଷରୁ ଆୟୋଜିତ ଏହି ହୀରକ ଜୟନ୍ତୀ ଉତ୍ସବରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଜଗତ୍‌ସିଂହପୁର ଏମ୍‌ପି ଡ. ବିଭୁପ୍ରସାଦ ତରାଇ, ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜିଲାପାଳ ଜେ.ସୋନାଲ, ନିର୍ଦ୍ଦେଶକ ମାଧମିକ ଶିକ୍ଷା ପରିଷଦ ସଂଗ୍ରାମ କେଶରୀ ମହାପାତ୍ର, ପଞ୍ଚାୟତ ସମିତି ଅଧକ୍ଷା ମମତା ପାତ୍ର, ଉପାଧକ୍ଷା ପିନାକୀ ପ୍ରିୟଦର୍ଶିନୀ, ଜିଲା ପରିଷଦ ସଭ୍ୟା ଦୀପ୍ତିମୟୀ ବିଶ୍ୱାଳ ଓ ଅନ୍ୟାନ୍ୟ ପଦାଧିକାରୀଙ୍କ ସମେତ ବହୁ ଅତିଥି ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଗୋଟିଏ ଦିନ କାର୍ଯ୍ୟରେ ୬ ଦିନର ଉପସ୍ଥାନ

## ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଚଞ୍ଚକତା ଅଭିଯୋଗ

ନାଉଗାଁ,୨୮।୩ (ସୁଧା ବେହୁରା)

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍) ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା। ଏହି ଯୋଜନାରେ ଜବ୍‌କାର୍ଡଧାରୀ ଶ୍ରମିକମାନେ ନିଜ ଅଞ୍ଚଳରେ କାର୍ଯ୍ୟ କରିପାରିବେ। ଏହାଦ୍ୱାରା ରାଜ୍ୟରେ ଦାଦନ ଶ୍ରମିକଙ୍କୁ ରୋକାଯାଇ ପାରିବ। କିନ୍ତୁ ଉକ୍ତ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବାରୁ ପ୍ରକୃତ ଜବ୍‌କାର୍ଡଧାରୀମାନେ ଏହାର ଲାଭ ପାଇପାରୁନାହାନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି ଜଗତସିଂହପୁର ଜିଲାର ନାଉଗାଁ ବ୍ଲକରେ। ବ୍ଲକର ଡାବର, ତିରୁଣା, ଓଷକଣା, ଗଜରାଜପୁର, ଅଲଣା ଆଦି ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସରେ କାର୍ଯ୍ୟ କରାଯାଉଛି। କିନ୍ତୁ ଉକ୍ତ କାର୍ଯ୍ୟରେ ଚଞ୍ଚକତା ହେଉଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନଆର୍‌ଇଜିଏସ ପୋର୍ଟାଲର ତଥ୍ୟ ଅନୁସାରେ କେତେକ ପଞ୍ଚାୟତରେ ଥରେମାତ୍ର କାମ କରାଯାଇ ଏନଏମ୍‌ଏମ୍‌ଏସ ଆପ୍‌ରେ ଶ୍ରମିକଙ୍କ ଏକାଧିକ ଦିନର ଉପସ୍ଥାନ ଦର୍ଶାଯାଉଛି।

ସରକାରଙ୍କ ନିୟମାନୁସାରେ ଯେଉଁସବୁ ଜବ୍‌କାର୍ଡଧାରୀ କାର୍ଯ୍ୟ କରିବା ପାଇଁ ଆବେଦନ କରିଥିବେ, ସେମାନଙ୍କର ପ୍ରଥମେ ମଷ୍ଟର ରୋଲ ବାହାର କରାଯିବ। ମଷ୍ଟର ରୋଲ ବାହାରିବା ପରେ କାର୍ଯ୍ୟ ଆରମ୍ଭ ଅର୍ଥାତ୍ ସକାଳ ସମୟର ଶ୍ରମିକମାନଙ୍କର ଫଟୋ ଉତ୍ତୋଳନ କରାଯାଇ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଅପ୍‌ଲୋଡ କରାଯିବ। ପୁନର୍ବାର ଅପରାହ୍ନ ସମୟରେ ଆଉ ଏକ ଫଟୋ ଉତ୍ତୋଳନ କରାଯାଇ ଏହି ଆପ୍‌ରେ ଅପ୍‌ଲୋଡ କରାଯିବ। ଏହି ଯୋଜନାରେ କାର୍ଯ୍ୟରେ ସ୍ୱଚ୍ଛତା ଆଣିବା ପାଇଁ ଏନ୍‌ଏମ୍‌ଏମ୍‌ଏସ ଆପ୍ ବାଧ୍ୟତାମୂଳକ କରାଯାଇଥିବାବେଳେ ଅନେକ ସମୟରେ ଉକ୍ତ ଆପ୍‌ରେ ଫଟୋ ଅପ୍‌ଲୋଡ କରାଯାଉନାହିଁ। କାର୍ଯ୍ୟ ଠିକ୍ ଭାବେ କରାଯାଉଛି କି ନାହିଁ ତଦାରଖ କରିବା ପାଇଁ ସମ୍ପୃକ୍ତ ପଞ୍ଚାୟତର ଯନ୍ତ୍ରୀ ଓ ଏଡିଇଓଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ମାତ୍ର ଏବେ ସେମାନଙ୍କ ତଦାରଖ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଡାବର ପଞ୍ଚାୟତରେ ମେଶିନ ମାଧ୍ୟମରେ କାର୍ଯ୍ୟ କରାଯାଇଥିବାବେଳେ ତିରୁଣା ପଞ୍ଚାୟତରେ ଅମୃତ ସରୋବର ଖନନ ପ୍ରକଳ୍ପ ବିନା କାର୍ଯ୍ୟରେ ଗୋଟିଏ ଦିନ ଏନ୍‌ଏମଏମଏସ କରାଯାଇ ୬ ଦିନର ଶ୍ରମିକଙ୍କ ଉପସ୍ଥାନରେ ଦର୍ଶାଯାଇଛି। ସେହିପରି ଓଷକଣା ପଞ୍ଚାୟତର ଉପସ୍ୱାସ୍ଥ୍ୟକେନ୍ଦ୍ର ଚତୁଃପାର୍ଶ୍ୱ ମାଟି ପୋତେଇ ପାଇଁ ପୂର୍ବରୁ ମାଟି ପକାଯାଇ ନାମକୁମାତ୍ର ଜବ୍‌କାର୍ଡଧାରୀଙ୍କୁ ଠିଆ କରାଯାଇ ଫଟୋ ଉତ୍ତୋଳନ କରାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ଉକ୍ତ ମାଟିକୁ ସମତୁଲ କରିବା ପାଇଁ ଦାଦନ ଶ୍ରମିକଙ୍କୁ କାର୍ଯ୍ୟରେ ନିୟୋଜିତ କରାଯାଇଥିବା ଅଭିଯୋଗ ହୋଇଛି। ଏ ବିଷୟରେ ବ୍ଲକ ସହକାରୀ ଯନ୍ତ୍ରୀ ଅଙ୍କିତା ଜାଲିଙ୍କୁ ପଚାରିବାରେ, ବିଡିଓଙ୍କ ସହ ଆଲୋଚନା କରାଯିବା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।




ଏନଏମ୍‌ଏମ୍‌ଏସ ଆପ୍‌ରେ ଦିଆଯାଇଥିବା ଶ୍ରମିକଙ୍କ ଫଟୋ।

# ଆଜି ଜିଲା ଓକିଲ ସଂଘ ନିର୍ବାଚନ

**ନୟାଗଡ଼,୨୮।୩(ଲୋକନାଥ ମିଶ୍ର)**

■ନିର୍ବାଚନ ମଇଦାନରେ ୧୫ ପ୍ରାର୍ଥୀ
■ସଭାପତି ଓ ସମ୍ପାଦକ ପଦବୀ ପାଇଁ କଡ଼ା ମୁକାବିଲା
■ଉପସଭାପତି ନିଦ୍ୱର୍ନ୍ଦ୍ୱରେ ନିର୍ବାଚିତ

ନୟାଗଡ଼ ଜିଲା ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ଶନିବାର ହେବ। ମଇଦାନରେ ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପ୍ରମୁଖ ୪ ପଦବୀ ପାଇଁ ୮ ଜଣ ପ୍ରାର୍ଥୀ ଓ ପରିଚାଳନା ପରିଷଦ ସଭ୍ୟ ପାଇଁ ୭ଜଣ ଏପରି ମୋଟ୍ ୧୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନରେ ଅଛନ୍ତି। ସଭାପତି, ସମ୍ପାଦକ, ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦରେ ଦ୍ୱିମୁଖି ପ୍ରତିଦ୍ୱନ୍ଦ୍ୱିତା ହେଉଛି। ତେବେ ୨ ପୁରାତନ ସଭାପତିଙ୍କ ମଧ୍ୟରେ ଲଢ଼େଇ ଜୋରଦାର ହେବ ବୋଲି ସୂଚନା ମିଳିଛି। ରଣଜିତ ଦାଶ ଓକିଲ ସଂଘର ୭ଥର ସମ୍ପାଦକ ଓ ପ୍ରଥମ ଥର ସଭାପତି ଭାବେ ନିର୍ବାଚିତ ହୋଇଥିବାବେଳେ ପୁଣିଥରେ ସଭାପତି ପାଇଁ ପ୍ରାର୍ଥୀ ହୋଇଛନ୍ତି। ସେ ପୁଣି ଜିଲା କଂଗ୍ରେସର ସଭାପତି ଭାବେ କାମ କରୁଛନ୍ତି। ଏଭଳିସ୍ଥଳେ ଚଳିତ ନିର୍ବାଚନରେ ସେ ପୁଣିଥରେ ପ୍ରାର୍ଥୀ ହୋଇ ରେକର୍ଡ ସୃଷ୍ଟି କରିବାକୁ ଉଦ୍ୟମ ଜାରି ରଖିଛନ୍ତି। ଅନ୍ୟପକ୍ଷେ ବଂଶୀଧର ରାଉତରାୟ ବିଭିନ୍ନ ସମୟରେ ନିର୍ବାଚନ ଲଢ଼ିଥିଲେ ମଧ୍ୟ ସଫଳ ହୋଇ ନାହାନ୍ତି। ବଂଶୀଧର ନୂଆ ମୁହଁ ହୋଇଥିଲେ ହେଁ ପୁରୁଣା ଖେଳାଳୀ। ତେବେ ରଣଜିତକୁ ଚେକ୍ ଦେଇ ବିଜୟୀ ହେବାକୁ ଗୋଟି ଚାଳନା ଜାରି ରଖିଛନ୍ତି। ଅପରପକ୍ଷେ ସନ୍ତୋଷ କୁମାର ରାଉତରାୟ ଉପସଭାପତି ଭାବେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଉପସଭାପତି ପଦ ପାଇଁ ଅନ୍ୟ କେହି ପ୍ରାର୍ଥୀପତ୍ର ଦାଖଲ କରି ନାହାନ୍ତି । ସେହିପରି ସମ୍ପାଦକ ପଦବୀ ପାଇଁ ସ୍ୱଦେଶ ମିଶ୍ର ଓ ଶିବ ଶଙ୍କର ବିଶ୍ୱାଳଙ୍କ ମଧ୍ୟରେ ଲଢ଼େଇ ହେଉଛି। ସ୍ୱଦେଶ ସମ୍ପାଦକ ଭାବେ ୨ ଥର ନିର୍ବାଚନ ଲଢ଼ି ବିଜୟୀ ହୋଇଛନ୍ତି। ଏବେ ସେ ସମ୍ପାଦକ ଅଛନ୍ତି। ଯୁଗ୍ମ ସମ୍ପାଦକ ପଦବୀରେ ଆଶୁତୋଷ ସାମନ୍ତରାୟ ଓ ପ୍ରମୋଦ କୁମାର ମହାପାତ୍ରଙ୍କ ମଧ୍ୟରେ ଲଢ଼େଇ ହେଉଥିବାବେଳେ କୋଷାଧ୍ୟକ୍ଷ ପାଇଁ ବିଶ୍ୱେସ ରଞ୍ଜନ ମହାପାତ୍ର ଓ ପ୍ରଣବ କିଶୋର ବିଶୋଇ ମଧ୍ୟରେ ଲଢ଼େଇ ହେଉଛି। ପରିଚାଳନା ପରିଷଦ ସଭ୍ୟ ପାଇଁ ୬ଟି ପଦବୀ ଅଛି। ବିଭୂଦତ୍ତ ସାହୁ, ଚିତ୍ତ ରଞ୍ଜନ ପ୍ରଧାନ, ହରେକୃଷ୍ଣ ପ୍ରଧାନ, ନିରାକାର ମହଲ, ଶୈଳେନ୍ଦ୍ର ନାରାୟଣ ପଟ୍ଟନାୟକ, ସୁନିଲ କୁମାର ମହାପାତ୍ର, ତ୍ରିନାଥ ନାୟକ ପ୍ରମୁଖ ୭ ପ୍ରାର୍ଥୀ ହୋଇଛନ୍ତି। ପ୍ରାର୍ଥୀମାନେ ଯେନତେନ ପ୍ରକାରେଣ ବିଜୟୀ ହେବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ ଜାରି ରଖିଛନ୍ତି। ଏପରିକି ପ୍ରାର୍ଥୀଙ୍କ କଥାବାର୍ତ୍ତା, ଚାଲି ଚଳଣିରେ ପରିବର୍ତ୍ତନର ଝଲକ ଦେଖା ଦେଇଛି। ଭୋଟରମାନଙ୍କୁ ଆକର୍ଷିତ କରିବା ପାଇଁ ନୂଆ ନୂଆ ତରିକା ପ୍ରାର୍ଥୀମାନେ ଆପଣେଇଛନ୍ତି। ବିଜୟୀ ହେଲେ କ'ଣ କରିବେ ସେନେଇ ନୂଆ ନୂଆ ପ୍ରତିଶ୍ରୁତି ଦେଉଛନ୍ତି। ନୂଆମୁହଁଙ୍କୁ ଗୁରୁତ୍ୱ ଦିଅ ବୋଲି ପ୍ରଚାର ଚାଲିଛି।

# ପାଣି ପଞ୍ଚାୟତ କର୍ମକର୍ତ୍ତା ନିର୍ବାଚିତ

**ଖଣ୍ଡପଡ଼ା,୨୮।୩**
**(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳାର ୨ ଉଠାଜଳ ସେଚନ ପ୍ରକଳ୍ପ ନିମନ୍ତେ ପାଣି ପଞ୍ଚାୟତ କମିଟି ବିନା ପ୍ରତିଦ୍ୱନ୍ଦ୍ୱିତାରେ ଗଠନ କରାଯାଇଛି । ବିଭାଗୀୟ ନିର୍ଦ୍ଦେଶନାମା କ୍ରମେ ସିଧାମୂଳା-ଏ(ମା ମଙ୍ଗଳାପାଣି ପଞ୍ଚାୟତ) ପାଣି ପଞ୍ଚାୟତ ସଭାପତି ଭାବେ ନିରଞ୍ଜନ ପଣ୍ଡା, ସମ୍ପାଦକ ଜୟକୃଷ୍ଣ ମହାଳିକ ଏବଂ ନିର୍ବାହୀ କମିଟିର ସଦସ୍ୟ ଦିଲୀପ କୁମାର ମନ୍ତ୍ରୀ, ଗୁଣ ପ୍ରଧାନ, ନେତ୍ରାନନ୍ଦ ସ୍ୱାଇଁ, କାର୍ତ୍ତିକ ମଲିକ, ଦିବାକର ମନ୍ତ୍ରୀ ଓ ନୀଳମଣି ମନ୍ତ୍ରୀ ପ୍ରମୁଖ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ସେହିପରି ସିଧାମୂଳା-ବି ର ସଭାପତି ଭାବେ ସନ୍ତୋଷ ସ୍ୱାଇଁ, ସମ୍ପାଦକ ପ୍ରସନ୍ନ ରାଉତ ଏବଂ ନିର୍ବାହୀ କମିଟିର ସଦସ୍ୟ ଚନ୍ଦ୍ର ଶେଖର ସ୍ୱାଇଁ, ପୀତବାସ ମନ୍ତ୍ରୀ, ମାଟିଆ ସ୍ୱାଇଁ,ତାରେଶ୍ୱର ରାଉତ,ଦାଶରଥୀ ରାଉତ ଓ ବିଶ୍ୱନାଥ ରାଉତ ପ୍ରମୁଖ ମଧ୍ୟ ବିନା ପ୍ରତିଦ୍ୱନ୍ଦ୍ୱିତାରେ ନିର୍ବାଚିତ ହୋଇଛନ୍ତି । ଉଭୟ ପାଣି ପଞ୍ଚାୟତ କମିଟିର ସଭାପତି ଓ ସମ୍ପାଦକମାନଙ୍କୁ ସମସ୍ତ ଦାୟିତ୍ୱ ହସ୍ତାନ୍ତର କରିବାକୁ ପାଣି ପଞ୍ଚାୟତର ପୁରାତନ(ସିଧାମୂଳା-ଏ) ସଭାପତି, ସମ୍ପାଦକ ଯଥାକ୍ରମେ ଦୟାନିଧି ନାୟକ ଓ ବ୍ରଜବନ୍ଧୁ ମନ୍ତ୍ରୀ ଓ ସିଧାମୂଳା-ବି ସଭାପତି ଓ ସମ୍ପାଦକ ଯଥାକ୍ରମେ ବ୍ରଜବନ୍ଧୁ ମନ୍ତ୍ରୀ ଓ ବାଉରୀବନ୍ଧୁ ରାଉତଙ୍କୁ ଖଣ୍ଡପଡା ଉଠାଜଳ ସେଚନ ବିଭାଗ କାର୍ଯ୍ୟାଳୟ ପତ୍ର ସଂଖ୍ୟା ଯଥାକ୍ରମେ ୮ଓ ୧୧/ ୧୭।୩।୨୦୨୫ କ୍ରମେ ନିର୍ଦ୍ଦେଶ ଦିଆଯାଇଛି ।

# ନୟାଗଡ଼ରେ ବିଶ୍ୱ ନାଟ୍ୟ ଦିବସ ପାଳିତ



ବିଶ୍ୱ ନାଟ୍ୟ ଦିବସ ଉତ୍ସବରେ ମଞ୍ଚାସୀନ ଅତିଥି ଓ କଳାକାର ।

**ନୟାଗଡ଼,୨୮।୩(ଲୋକନାଥ ମିଶ୍ର)**

ନୟାଗଡ଼ର ୨ ପ୍ରମୁଖ ନାଟ୍ୟ ଅନୁଷ୍ଠାନ ମଞ୍ଚାୟନ ଏବଂ ନାଟ୍ୟଧାରାର ମିଳିତ ଆନୁକୂଲ୍ୟରେ ନୟାଗଡ଼ର ନିଉ ଜନତା କମ୍ପ୍ଲେକ୍ସ ପରିସରରେ ଗୁରୁବାର ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି । ନାଟ୍ୟଧାରାର ସଭାପତି ପ୍ରମୋଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ନୟାଗଡ଼ ଜିଲା ପରିଷଦ ସଭାପତି ଇଞ୍ଜିନିୟର ଦେବାଶିଷ ପଟ୍ଟନାୟକ, ବିଶିଷ୍ଟ ଅତିଥି ନୟାଗଡ଼ ପୌର ପରିଷଦର ଅଧ୍ୟକ୍ଷା ନିରୁପମା ଖଟେଇ, ସମ୍ମାନିତ ଅତିଥି ବରିଷ୍ଠ ନାଟ୍ୟକାର ବିଶ୍ୱନାଥ ମହାପାତ୍ର, ଅଭିନେତା ତଥା ନାଟ୍ୟଧାରା ସମ୍ପାଦକ ମି.କାଳିଆ ଯୋଗଦେଇ ବିଶ୍ୱନାଟ୍ୟ ଦିବସ ପରିପ୍ରେକ୍ଷୀରେ ନୟାଗଡ଼ ନାଟକର ବିକାଶ, ପ୍ରଗତି ସହ ସମୃଦ୍ଧ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ମଞ୍ଚାୟନର ଉପସଭାପତି ସୁରେନ୍ଦ୍ର କୁମାର ସାହୁ ଏବଂ ସହସମ୍ପାଦକ ଜ୍ଞାନ ପ୍ରକାଶ ବାରିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିବା ବେଳେ ମଞ୍ଚାୟନର ସଭାପତି ନିରଞ୍ଜନ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।ଏହି ଅବସରରେ ଦୂରଦର୍ଶନର ଗାୟକ ବିଶ୍ୱନାଥ ପ୍ରଧାନ ଓ ସାଥୀ ଦାସକାଠିଆ ପରିବେଷଣ କରିଥିଲେ। ଇଣ୍ଡିଆନ ଡ୍ୟାନ୍ସ ଏକାଡେମୀର କଳାକାରମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିବେଳେ ଯୁବ କଳାକାର ବିଦ୍ୟାବିଜିତା ମହାନ୍ତି ଏବଂ ଅଭିଲିପ୍ସା ସାହୁଙ୍କ ଏକକ ଅଭିନୟ ଦର୍ଶକଙ୍କୁ ବିଭୋର କରିଥିଲା। ମଞ୍ଚାୟନର ସମ୍ପାଦକ ଶରତ ଚନ୍ଦ୍ର ଆଚାର୍ଯ୍ୟ ନୟାଗଡ଼ ନାଟକରେ ଯୁବ ପ୍ରତିଭାଙ୍କ ଯୋଗଦାନ ଉପରେ ଗୁରୁତ୍ୱାରୋପ କରିବା ସହ ନାଟକ କର୍ମଶାଳା ଆୟୋଜନ ବିଷୟରେ ସୂଚନା ଦେଇଥିଲେ । ଅଭିନେତା ଓ ନିର୍ଦ୍ଦେଶକ ପ୍ରଶାନ୍ତ ସାମନ୍ତରାୟ ଧନ୍ୟବାଦ ପ୍ରଦାନ କରିଥିଲେ ।

# ୧୯ ବର୍ଷରୁ କମ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ଅତିଥିମାନେ ଖେଳାଳିମାନଙ୍କୁ ପୁରସ୍କାର ପ୍ରଦାନ କରୁଛନ୍ତି।

**ଓଡଗାଁ,୨୮।୩**
**(ଆଦର୍ଶ କୁମାର ପଟ୍ଟନାୟକ )**

ସ୍ଥାନୀୟ ରଘୁନାଥ ଆଥଲେଟିକ ଆସୋସିଏଶନ ଆନୁକୂଲ୍ୟରେ ୧୯ ବର୍ଷରୁ କମ ବୟସର ଖେଳାଳୀଙ୍କ ବ୍ୟାଡ଼ମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ଉଦଯାପିତ ହୋଇଯାଇଛି । ବ୍ଲକ ରୋଡ଼ ସରକାରୀ କଲ୍ୟାଣ ମଣ୍ଡପସ୍ଥିତି ବ୍ୟାଡ଼ମିଣ୍ଟନ କୋର୍ଟରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ୨୦ ଯୋଡି ଖେଳାଳୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଓମିଶାଭ ପ୍ରଧାନ ଓ ଅଂଶୁମାନ ନାୟକ ଚାମ୍ପିଆନ, ସୌମ୍ୟରଞ୍ଜନ ଦାସ ଓ କୁମାର ଅଂଶୁମାନ ରନର୍ସ ଅପ୍ ହୋଇଥିବା ବେଳେ ୨ୟ ରନର୍ସ ଅପ ରାମେଶ୍ୱର ସାହୁ ଓ ଆୟୁଷ ରଜତ ରାଉତ ହୋଇଥିଲେ। ସନ୍ଧ୍ୟାରେ ଆୟୋଜିତ ଉତ୍ସବରେ ଅଧ୍ୟାପକ ନାରାୟଣ ପ୍ରଧାନ ମୁଖ୍ୟ ଅତିଥି, ସୁଶାନ୍ତ ପାତ୍ର, ପାଣ୍ଡୁ ଚରଣ ସେଠୀ, ବୀର କିଶୋର ବଳାନ୍ତରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କୃତୀଖେଳାଳିଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କୃତ କରିଥିଲେ। ଅନୁଷ୍ଠାନ ସମ୍ପାଦକ ଦିବାକର ନାୟକ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ ।

# ବଦଳିଲେ ୬ ଥାନାର ଆଇଆଇସି

**ନୟାଗଡ,୨୮।୩(ଲୋକନାଥ ମିଶ୍ର)**

## ୧୨ ଏସ୍ଆଇ ଓ ଏଏସ୍ଆଇଙ୍କ ବଦଳି

ନୟାଗଡ଼ ପୋଲିସ ଜିଲାରେ ଆଇଆଇସି, ଏସ୍ଆଇ, ଏଏସ୍ଆଇସ୍ତରରେ ଅଦଳ ବଦଳ ହୋଇଛି। ୬ ଜଣ ଆଇଆଇସି, ୯ ଜଣ ଏସଆଇ, ୩ ଏଏସ୍ଆଇଙ୍କର ବଦଳି କରାଯାଇଛି। ଇଟାମାଟି ଥାନା ଆଇଆଇସି ଦିଲ୍ଲୀପ କୁମାର ଧଳଙ୍କର ଜିଲା ହେଡକ୍ୱାଟରକୁ ବଦଳି ହୋଇଥିବାବେଳେ ଜିଲା ହେଡକ୍ୱାଟରର ପ୍ରିୟବ୍ରତ ରାଉତଙ୍କୁ ଇଟାମାଟି ଥାନାରେ ଅବସ୍ଥାପିତ କରାଯାଇଛି। ନୂଆଗାଁ ଥାନାର ଶରତ ଚନ୍ଦ୍ର ସେଠୀଙ୍କୁ ସଦର ଥାନାକୁ ବଦଳି କରାଯାଇଥିବାବେଳେ ଓଡଗାଁ ଥାନାର ରଶ୍ମି ରଞ୍ଜନ ସାହୁଙ୍କୁ ନୂଆଗାଁ ଥାନାକୁ ବଦଳି କରାଯାଇଛି। ଜିଲା ପୋଲିସ ହେଡକ୍ୱାଟରର ଅଭୟ ବେହେରାଙ୍କୁ ଓଡ଼ଗାଁ ଆଦର୍ଶ ଥାନାକୁ ବଦଳି କରାଯାଇଥିବାବେଳେ ନୟାଗଡ଼ ସଦର ଥାନାର ଆଇଆଇସି ବିଜୟା ସାହୁଙ୍କୁ ଜିଲା ହେଡକ୍ୱାଟରକୁ ବଦଳି ହୋଇଛି। ସେହିପରି ୯ଜଣ ଏସ୍ଆଇଙ୍କର ବଦଳି ହୋଇଛି। ଦଶପଲ୍ଲା ଥାନାର ରମେଶ ଚନ୍ଦ୍ର ଜେନାଙ୍କର ନୟାଗଡ଼ ସଦର ଥାନାକୁ, ଚାନ୍ଦପୁର ଥାନାର ଶ୍ୟାମ ସୁନ୍ଦର ପ୍ରଧାନଙ୍କୁ ଗଣିଆ ଥାନାକୁ, ଖଣ୍ଡପଡା ଥାନାର ଉପେନ୍ଦ୍ର ଦିଗଲଙ୍କୁ ଦଶପଲ୍ଲା ଥାନାକୁ, ଭାପୁର ବିଟ୍ ହାଉସ୍‌ର ସଞ୍ଜୟ କୁମାର ପରିଡାଙ୍କୁ ଇଟାମାଟି ଥାନାକୁ, ନୟାଗଡ ରିଜର୍ଭ ଅଫିସର ସୁଶାନ୍ତ ବେହେରାଙ୍କୁ ଭାପୁର ବିଟ୍ ହାଉସ୍‌କୁ ବଦଳି ହୋଇଛି। ସେହିପରି ଇଟାମାଟି ଥାନାର ଗୋପବନ୍ଧୁ ମଲ୍ଲିକଙ୍କୁ ଖଣ୍ଡପଡା ଥାନାକୁ, ନୟାଗଡ଼ ସଦର ଥାନାର ଧର୍ମେନ୍ଦ୍ର ସିଆଳଙ୍କୁ ଚାନ୍ଦପୁର ଥାନାକୁ, ନୟାଗଡ଼ ରିଜର୍ଭ ଅଫିସର ସଙ୍ଗୀତା ବେଶ୍ରାଙ୍କୁ ନୟାଗଡ଼ ରିଜର୍ଭ ଅଫିସକୁ, ନୟାଗଡ଼ ଟାଉନ ଥାନାର ରଇବାରି ତିରିଆଙ୍କୁ ଫତେଗଡ ଥାନାକୁ ଅନୁରୂପ ଭାବେ ବଦଳି କରାଯାଇଛି। ସେହିଭଳି ଖଣ୍ଡପଡା ଥାନାର ଏଏସଆଇ ପ୍ରବସ ଶବରଙ୍କୁ ରଣପୁର ଥାନାକୁ, ଖଣ୍ଡପଡା ଥାନାର ଶଙ୍କର ପାଢ଼ିଙ୍କୁ ନୂଆଗଡିଆସାହି ଫାଣ୍ଡିକୁ, ନୂଆଗଡିଆସାହି ଫାଣ୍ଡିର ମନୋଜ କୁମାର ନାୟକଙ୍କୁ ଖଣ୍ଡପଡା ଥାନାକୁ ବଦଳି କରାଯାଇଛି।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଇତିଶ୍ରୀ


@ ଜୟଶ୍ରୀ


@ ମହେଶ


@ ପ୍ରସାଦ


@ ସତ୍ୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# କୁସୁମୀ,ଦୁଆଣ୍ଟ ନଦୀ ଶୁଖିଲା ପଡ଼ିଛି

## ଚାଷୀଙ୍କୁ ପାଣି ପାଇଁ ଚିନ୍ତିତ

**ଶରଣକୂଳ,୨୮।୩(ଦୀପକ କର)**


ଜଳସଙ୍କଟ ଯୋଗୁଁ ଶୁଖିଲା ପଡିଥିବା ନଦୀ।

ଗ୍ରୀଷ୍ମଋତୁ ପ୍ରାରମ୍ଭରେ ଶରଣକୂଳ ଓ ତା'ର ଆଖପାଖ ଅଞ୍ଚଳରେ ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏଥିଯୋଗୁ ଜଳସଙ୍କଟ ଲାଗି ରହିଛି । ଶରଣକୂଳ ଦେଇ ବହିଯାଇଥିବା କୁସୁମୀ ନଦୀ ଓ ବରସାହି ନିକଟ ଦେଇ ଯାଇଥିବା ଦୁଆଣ୍ଟ ନଦୀପଠା ଶୁଖିଲା ପଡ଼ିଛି । ବର୍ଷକୁ ୮ମାସ ନଦୀ ଶୁଖିଲା ପଡୁଥିବାରୁ ଚାଷୀମାନଙ୍କ ଚିନ୍ତା ବଢିଛି। କୁସୁମୀ ନଦୀ ନୟାଗଡ଼ ଜିଲାର ଓଡ଼ଗାଁ, ଶରଣକୂଳ ଦେଇ ପ୍ରବାହିତ ହେଉଛି । କୁସୁମୀ ନଦୀରେ ବର୍ଷର ୪ ମାସ ପାଣି ରହୁଥିବା ବେଳେ ବାକି ୮ମାସ ଶୁଖିଲା ପଡ଼ିଛି । ଏହି ନଦୀ ଉପରେ ଗଞ୍ଜାମ ଓ ନୟାଗଡ଼ ଜିଲାର ଚାଷୀମାନେ ନିର୍ଭୀଶୀଳ ଥିଲେ ମଧ୍ୟ ପାଣି ସମସ୍ୟା ଚାଷୀଙ୍କ ପାଇଁ କାଳ ହୋଇଛି। ସେହିପରି ଦୁଆଣ୍ଟ ନଦୀ ବୁଢ଼ାବୁଢ଼ିଆଣିରୁ ବାହାରି ଥିବା ବେଳେ ନାଗାଝର ନଦୀ ଗୋଛା ଜଙ୍ଗଲରୁ ବାହାରି ପାଟୁଳିସାହିଠାରେ ଦୁହେଁ ମିଶିଛନ୍ତି। କୁସୁମୀ ଓ ଦୁଆଣ୍ଟ ନଦୀ ଶରଣକୂଳ ଅଞ୍ଚଳର ଲୋକଙ୍କ ଜୀବନରେଖା ପାଲଟିଥିବା ବେଳେ ସରକାରୀ ଉଦାସୀନତା ପାଇଁ ନଦୀ ପୋତି ହେବାକୁ ବସିଛି। ସ୍ୱଳ୍ପ ବର୍ଷା ଏହାର ଏକମାତ୍ର କାରଣ ବୋଲି କହିଛନ୍ତି ପରିବେଶବିତ । ଜଙ୍ଗଲକୁ ଆମେ ଜାତୀୟ ସମ୍ପଦ ଭାବେ ଚିନ୍ତା କରି ସୁରକ୍ଷା ଦେବା କଥା, କିନ୍ତୁ ଅନେକ କ୍ଷେତ୍ରରେ ଜଙ୍ଗଲକୁ ଅଣଦେଖା କରି ଲୁଟ କରିବା ଦ୍ୱାରା ପରିବେଶ ନଷ୍ଟ ହେଉଛି। ନଦୀ ଏବେ ନିଜର ଅସ୍ତିତ୍ୱ ହରାଇ ବସିଥିବା ବେଳେ ନଦୀ କୂଳିଆ ଗାଁରେ ପାଣି ସଙ୍କଟ ଦେଖାଦେଇଛି । ଲୋକମାନେ ଏବେ ଚୁଆ ଖୋଳିଲେ ବି ପାଣି ବାହାରୁ ନ ଥିବା କେତେକ ଗ୍ରାମର ଲୋକେ ପ୍ରକାଶ କରିଛନ୍ତି। ନଦୀଶଯ୍ୟାର ପୁନରୁଦ୍ଧାର କରିବା ଓ ଗଛ ଲଗାଇ ଜଙ୍ଗଲ ସୃଷ୍ଟି କଲେ ପରିବେଶ ସନ୍ତୁଳନ ହୋଇପାରିବ ବୋଲି ବୁଦ୍ଧିଜୀବୀମାନେ କହିଛନ୍ତି।

# ହତ୍ୟାକାରୀଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରିବା ଦାବି ତେଜିଲା

**ନୟାଗଡ଼,୨୮।୩(ଲୋକନାଥ ମିଶ୍ର)**

## ବାପାଙ୍କ ଦ୍ୱିତୀୟ ବିବାହକୁ ବିରୋଧ,୨ ନାବାଳକ ପୁଅ ହତ୍ୟା ଘଟଣା

ବହୁ ଚର୍ଚ୍ଚିତ ନୟାଗଡ଼ ଜିଲା ଫତେଗଡ଼ ଥାନା ଧାନଚାଙ୍ଗଡା ଗାଁର ୨ ନାବାଳକ ଭାଇ ଆକାଶ (୧୪) ଓ ସାନ ଭାଇ ବିକାଶ ମହାନ୍ତି (୯)ହତ୍ୟା ଘଟଣାର ତଦନ୍ତ କ୍ରାଇମବ୍ରାଞ୍ଚ କରୁଛି। ୨ ନାବାଳକଙ୍କ ମାମୁ ଲକ୍ଷ୍ମଣ ନାୟକଙ୍କ ଅଭିଯୋଗ ପରେ ପୋଲିସ ଏକ ମାମଲା(ନଂ.୬୧/୨୫) ରୁଜୁ କରି ହତ୍ୟାର ଗୁମର ଖୋଲିଥିଲା। ଏହି ଘଟଣାରେ ଫତେଗଡ଼ ଥାନା ପୋଲିସ ମୃତକଙ୍କ ବାପା ପ୍ରକାଶ ମହାନ୍ତି (୪୦) ଓ ଜେଜେମା' ସଉରୀ ମହାନ୍ତି(୬୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ପରେ ଉଭୟଙ୍କୁ ଖଣ୍ଡପଡ଼ା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣା ପରେ ଅଭିଯୁକ୍ତଦ୍ୱୟଙ୍କୁ କୋଠର ଦଣ୍ଡରେ ଦଣ୍ଡିତ କରିବାକୁ ଗ୍ରାମବାସୀ ଓ ସମ୍ପର୍କୀୟମାନେ ଦାବି କରିଛନ୍ତି । ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟମାନଙ୍କୁ ଗିରଫ କରିବାକୁ ବି ସେମାନେ ଅଡ଼ି ବସିଛନ୍ତି । ଏନେଇ ଧାନଚାଙ୍ଗଡା ଗାଁର ଲତା ପ୍ରଧାନ କୁହନ୍ତି, ପ୍ରକାଶ ସ୍ତ୍ରୀକୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେଇଥିଲେ। ନିଜ ସ୍ତ୍ରୀକୁ ପୁଅ ଆଗରେ ମାରିଥିଲେ। ମା'ମୃତ୍ୟୁ ଦେଖି ନାବାଳକ ପୁଅଦ୍ୱୟ ଚିନ୍ତାରେ ଥିଲେ। ମାମୁ ଘରେ ରହୁଥିବା ୨ନାବାଳକ ଭାଇଙ୍କୁ କିଛି ମାସ ତଳେ ଗାଁକୁ ଆଣି ପ୍ରକାଶ ମାରିବାକୁ ଉଦ୍ୟମ କରିଥିଲେ । ସେମାନଙ୍କୁ ଘରେ ଠିକରେ ଖାଇବାକୁ ଦିଆଯାଉ ନ ଥିଲା। ପୁଣି ପ୍ରତିଦିନ ନିର୍ଯାତନା ଦିଆଯାଉଥିଲା। ପ୍ରଥମେ ଗାଡ଼ି ମଡାଇ ମାରିବାକୁ ଉଦ୍ୟମ ବିଫଳ ହୋଇଥିଲା। ପରେ ଦୁଇ ଭାଇଙ୍କୁ ହତ୍ୟାକରି ଆତ୍ମହତ୍ୟାର ରୂପ ଦେବାକୁ ସେ ଉଦ୍ୟମ କରିଥିଲେ। ହେଲେ ଏଥର ଧରାପଡି ଜେଲରେ ଅଛନ୍ତି। ଏଭଳିଆ ଲୋକ ଗାଁ ପାଇଁ କଳଙ୍କ। ଏଭଳିଆ ଲୋକଙ୍କୁ ଫାଶି ଦଣ୍ଡରେ ଦଣ୍ଡିତ କରାଯାଉ ବୋଲି ସେ କହିଛନ୍ତି । ଏହି ଘଟଣାରେ ଅନ୍ୟମାନେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ମଧ୍ୟ ଗିରଫ କରାଯାଉ । ଯଦି ସେହି ମା'ପୁଅ ଜେଲରୁ ଫେରନ୍ତି ତେବେ ଆମେ ସେମାନଙ୍କୁ ଆଉ ଗାଁରେ ରଖାଇ ଦେବୁନାହିଁ ବୋଲି ଗାଁ ଲୋକେ କହିଛନ୍ତି।

ମୃତ ୨ ନାବାଳକଙ୍କ ଆଈ ତଥା ଖଣ୍ଡପଡ଼ା ଥାନା କୁଞ୍ଜବେଲି ଗାଁର ମାଗୁଣି ନାୟକ କୁହନ୍ତି, ମୋ ଝିଅ ଭଲ ନୁହେଁ କହି ଶାଶୁ ଘର ଲୋକେ ତାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ଝିଅକୁ ନ୍ୟାୟ ଦେବା ପାଇଁ ମୁଁ ବାରମ୍ବାର ପୋଲିସକୁ ଅବଗତ କରିଥିଲି। ଶାଶୁ ଘର ପକ୍ଷରୁ ମୋ ଝିଅକୁ ପାଗଳ କରାଇ ମାରିଥିଲେ। ସେତେବେଳେ ମୋ ଝିଅ ଆତ୍ମହତ୍ୟା କରିଥିବା କହିଥିଲେ। ୨ ନାତିଙ୍କ ଭବିଷ୍ୟତକୁ ଦେଖି ମୁଁ ଚୁପ୍ ରହିଥିଲି। ମୋ ନାତିମାନେ ଆମ ଘରେ ଖୁସିରେ ଥିଲେ। ହେଲେ ତାଙ୍କ ବାପା ଓ ଅନ୍ୟକେତେଜଣ ସମ୍ପର୍କୀୟ ସେମାନଙ୍କୁ ଘରକୁ ନେଇ ହତ୍ୟା କଲେ । ଏହି ଘଟଣାରେ ଅନ୍ୟ ୪ଜଣ ସମ୍ପୃକ୍ତ ଅଛନ୍ତି। ସେମାନଙ୍କୁ ଗିରଫ ନ କଲେ ମୋ ୨ନାତିର ଆତ୍ମା ଶାନ୍ତି ପାଇବନି। ମୋ ନାତିର ହତ୍ୟାକାରୀଙ୍କୁ ଫାଶି ଦିଆଯାଉ ବୋଲି ସେ କାନ୍ଦି କାନ୍ଦି କହିଛନ୍ତି। ମାମୁ ଲକ୍ଷ୍ମଣ ନାୟକ କୁହନ୍ତି, ହତ୍ୟାକାରୀଙ୍କୁ ଫାଶି ନିହାତି ଦେବା ଦରକାର। ଦଣ୍ଡ କଠୋର ନ ହେଲେ ଆଗକୁ ଅନେକ ଏଭଳି ପ୍ରାଣ ହରାଇବେ। କ୍ରାଇମବ୍ରାଞ୍ଚ ଅନ୍ୟ ଦୋଷୀଙ୍କୁ ତୁରନ୍ତ ଗିରଫ କରୁ। ଏହି ଡବଲ ମର୍ଡର ଘଟଣାରେ ଆଉ ୪ଜଣ ଲୋକ ସାମିଲ ଅଛନ୍ତି। ଆମେ ପୋଲିସକୁ ଓ ଏସପିଙ୍କୁ ସେମାନଙ୍କ ନାମ କହିଛୁ । ଏତଲାରେ ମଧ୍ୟ ସେମାନଙ୍କ ନାମ ଉଲ୍ଲେଖ କରିଛୁ ବୋଲି ସେ କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................

ବୟସ:....................................

ଜନ୍ମ ତାରିଖ: ...............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୂର୍ଯ୍ୟାଂଶଙ୍କୁ ୧୨ ବର୍ଷରୁ କମ୍ ଟାଇଟଲ




ଅତିଥିଙ୍କ ଗହଣରେ ଟ୍ରଫି ସହ କୃତୀ ପ୍ରତିଯୋଗୀମାନେ।

ଭୁବନେଶ୍ୱର,୨୮।୩ (ଅନାଦି କର)

ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ସମର୍ଥନରେ କଳିଙ୍ଗ ଷ୍ଟାଡିୟମ ଟେନିସ କମ୍ପ୍ଲେକ୍ସଠାରେ ଚାଲିଥିବା ଏଆଇଟିଏ-ଓଟିଏ ଟ୍ୟାଲେଣ୍ଟ ସିରିଜ ୧୨ ଓ ୧୪ ବର୍ଷରୁ କମ ବାଳକ ଓ ବାଳିକା ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଆୟୋଜକ ଓଡ଼ିଶା ସହିତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ଆନ୍ଧ୍ର ପ୍ରଦେଶ, ତେଲେଙ୍ଗାନା ଆଦି ୫ ରାଜ୍ୟର ୫୪ ଖେଳାଳି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ।

୧୨ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସ ବର୍ଗରେ ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇ ଚାମ୍ପିୟନ ହୋଇଛନ୍ତି। ସେ ଫାଇନାଲରେ ୬-୧, ୬-୨ ସେଟରେ ଓଡ଼ିଶାର ଦିବ୍ୟେଶ ବାରିକଙ୍କୁ ପରାସ୍ତ କରିଛନ୍ତି। ୧୪ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ପଶ୍ଚିମବଙ୍ଗର ସାଇରାଂଶ ଝା ଓଡ଼ିଶାର ସୂର୍ଯ୍ୟାଂଶ ଥାଟୋଇଙ୍କୁ ୬-୧ ସେଟ୍‌ରେ ପରାସ୍ତ କରି ଚାମ୍ପିୟନ ହୋଇଛନ୍ତି। ୧୪ ବର୍ଷରୁ କମ୍ ବାଳକ ଡବଲ୍ସରେ ପଶ୍ଚିମବଙ୍ଗର ସାଇରାଂଶ ଝା ଓ ଭିଭାନ ଗୁପ୍ତାଙ୍କ ଯୋଡ଼ି ୬-୨, ୬-୨ ସେଟରେ ଝାଡ଼ଖଣ୍ଡର ସମୟ ଆଗମନ ଓ ଓଡ଼ିଶାର ଶେଖ ସରିମ ନୱାଜଙ୍କୁ ପରାସ୍ତ କରି ଚାମ୍ପିୟନ ହୋଇଛି।

ଓଟିଏ ସଭାପତି ତଥା ଅବସରପ୍ରାପ୍ତ ଆଇଏଏସ୍ ଅସିତ ତ୍ରିପାଠୀ ଓ ଯୁଗ୍ମ ସମ୍ପାଦକ ତଥା ଆଇପିଏସ୍ ସଞ୍ଜୀବ ପଣ୍ଡା ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଓଟିଏର ପ୍ରଶାସନିକ ଅଧିକାରୀ ସମ୍ବିତ ପଟ୍ଟନାୟକ ଓ ଟୁର୍ନାମେଣ୍ଟ ରେଫରୀ ଇତୀ ପ୍ରଧାନ ଯୋଗ ଦେଇଥିଲେ। ଟୁର୍ନାମେଣ୍ଟର ଚାମ୍ପିୟନ ଓ ରନରଅପଙ୍କୁ ଯଥାକ୍ରମେ ୨୫ ଓ ୨୦ ଏଆଇଟିଏ ରେଟିଂ ପଏଣ୍ଟ ପ୍ରଦାନ କରାଯାଇଛି।

# ଭୁବନେଶ୍ୱର 'ଏ', ଅନୁଗୋଳ, ରାଉରକେଲା, କେନ୍ଦ୍ରାପଡ଼ା ବିଜୟୀ

ଭୁବନେଶ୍ୱର, ୨୮।୩ (ବିଜୟ ରଣା)

ସିନିୟର ପୁରୁଷ ଆନ୍ତଃଜିଲା କ୍ରିକେଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ବିଭିନ୍ନ ଗ୍ରାଉଣ୍ଡରେ ଖେଳାଯାଉଛି। ଶୁକ୍ରବାର ଖେଳାଯାଇଥିବା ମ୍ୟାଚ୍‌ଗୁଡ଼ିକରେ ଭୁବନେଶ୍ୱର 'ଏ', ଅନୁଗୋଳ, ରାଉରକେଲା, କେନ୍ଦ୍ରାପଡ଼ା, ସୋନପୁର, ସମ୍ବଲପୁର 'ଏ', କିଟ୍, ଗଞ୍ଜାମ ଓ ଢେଙ୍କାନାଳ ପ୍ରମୁଖ ସେମାନଙ୍କ ମ୍ୟାଚରେ ବିଜୟ ଲାଭ କରିଛନ୍ତି। ଏମ୍‌ଜିଏମ୍ ଗ୍ରାଉଣ୍ଡରେ ଭୁବନେଶ୍ୱର 'ଏ' ୭୬ ରନ୍‌ରେ ପୁରୀକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର 'ଏ' ନିର୍ଦ୍ଧାରିତ ୫୦ ଓଭରରେ ସୌରଭ ଗୌଡ଼ଙ୍କ ଅପରାଜିତ ୧୬୪ (୧୧୬ ବଲ୍) ଓ କରଣ ମହାପାତ୍ରଙ୍କ ଅର୍ଦ୍ଧଶତକ ୫୧ ବଲ୍‌ରୁ ୫୦ରନ) ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୩୧୬ ରନ କରିଥିଲା। ବିପକ୍ଷ ଦଳର ପଦ୍ମଲୋଚନ ପଣ୍ଡା ୪ଉଇକେଟ ନେଇଥିଲେ। ପୁରୀ ନିର୍ଦ୍ଧାରିତ ଓଭରରେ ୨୪୦ ରନ କରିବାରେ ସମର୍ଥ ହୋଇଥିଲା। ରଜେଶ ବେହେରା ୭୯* ଓ ବିନୟ ପାଇକରାୟ ୭୬ ରନ କରିଥିଲେ। ସୌରଭ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ।

ଅଡଶପୁର ଗ୍ରାଉଣ୍ଡରେ ଅନୁଗୁଳ ୨୧୪ ରନରେ ଦେଓଗଡ଼କୁ ହରାଇ ଦେଇଛି। ଏଥିରେ ଅନୁଗୋଳ ପାନାକାଲା ମୋକ୍ସିତଙ୍କ ଅପରାଜିତ ୧୨୭ ଓ ଶ୍ରେୟାଂଶ ଭରଦ୍ୱାଜଙ୍କ ୮୫ ରନ ସହାତାରେ ୪ ଉଇକେଟ ବିନିମୟରେ ୩୧୮ରନ କରିଥିଲା। ଜବାବରେ ଦେଓଗଡ଼ ୧୦୪ ରନ କରି ଅଲଆଉଟ ହୋଇଯାଇଥିଲା। ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ଅନଗୁଳର ସୋହମରାଜ ମହାପାତ୍ର ୨୪ ରନ ଦେଇ ୫ ଉଇକେଟ ଅକ୍ତିଆର କରିଥିଲେ।



ରାଜକିଶୋର ଦଳାଇ



ସୌରଭ ଗୌଡ଼

## କଳାହାଣ୍ଡି କପ୍ କ୍ରିକେଟ

ଡ୍ରିମ୍ସ କ୍ରିକେଟ ଗ୍ରାଉଣ୍ଡରେ କେନ୍ଦ୍ରାପଡ଼ା ବରଗଡ଼କୁ ୯ଉଇକେଟରେ ହରାଇ ଦେଇଛି। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ବରଗଡ଼ ୭.୫ ଓଭରରେ ମାତ୍ର ୨୧ ରନରେ ଅଲଆଉଟ ହୋଇଯାଇଥିଲା। ବିପକ୍ଷ ଦଳର ରାଜକିଶୋର ଦଳାଇ ମାତ୍ର ୯ରନ ବିନିମୟରେ ୭ ଉଇକେଟ ହାସଲ କରିଥିଲେ। କେନ୍ଦ୍ରାପଡ଼ା ୬.୧ ଓଭରରେ ୧ ଉଇକେଟ ବିନିମୟରେ ୨୪ ରନ କରି ମ୍ୟାଚ ଜିତିଥିଲା। ଖୋର୍ଦ୍ଧା ଗ୍ରାଉଣ୍ଡରେ କିଟ୍ ୧୧ ରନରେ ସମ୍ବଲପୁର 'ବି'କୁ ପରାସ୍ତ କରିଛି। ଏଥିରେ ବିଜୟୀ ଦଳର ମାରୋଜୁ ପ୍ରଶାନ୍ତ ପ୍ଲେର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେ ୭୨ ରନ କରିବା ସହ ୧୫ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରିଥିଲେ। ରେଲୱେ ଷ୍ଟାଡିୟମ ଗ୍ରାଉଣ୍ଡରେ ରାଉରକେଲା ୫ଉଇକେଟରେ ବଲାଙ୍ଗୀରକୁ ହରାଇ ଦେଇଛି। ଏଥିରେ ବିଜୟୀ ଦଳର ମହମଦ ଇକ୍ରାମ ୧୯ ରନ ଦେଇ ୫ଉଇକେଟ ହାସଲ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୨ରେ ସୋନପୁର ୮ଉଇକେଟରେ ମାଲକାନଗିରିକୁ ପରାସ୍ତ କରିଛି। ସେହିପରି ରେଭେନ୍ସା ଗ୍ରାଉଣ୍ଡ-୧ରେ ଝାରସୁଗୁଡ଼ା ବିପକ୍ଷରେ ସମ୍ବଲପୁର 'ଏ' ୩ ରନରେ ବିଜୟୀ ହୋଇଛି। ଶୁକ୍ରବାର ଜଟଣୀ ରେଲୱେ ଗ୍ରାଉଣ୍ଡରେ ଗଞ୍ଜାମ ୮ ଉଇକେଟରେ ରାୟଗଡ଼ାକୁ ହରାଇ ଦେଇଛି। ସେହିପରି ସନ୍‌ସାଇନ ଗ୍ରାଉଣ୍ଡରେ ଢେଙ୍କାନାଳ ୮୧ ରନରେ କଟକ 'ବି'କୁ ପରାସ୍ତ କରିଛି।

# ଜାତୀୟ ରେକର୍ଡ ଭାଙ୍ଗିଲେ ଗୁରିନ୍ଦରବୀର

ବେଙ୍ଗାଲୁରୁ, ୨୮।୩ (ପି.ଟି.)



ଗୁରିନ୍ଦରବୀର ସିଂ

ଗୁରିନ୍ଦରବୀର ସିଂ ରେକର୍ଡ ବୁକ୍‌ରେ ସ୍ଥାନ ପାଇଛନ୍ତି। ଏଠାରେ ଚାଲିଥିବା ଇଣ୍ଡିଆନ ଗ୍ରାଁ ପ୍ରି-୧ରେ ସେ ୧୦.୨୦ ସେକେଣ୍ଡ ଟାଇମିଂରେ ପୁରୁଷ ୧୦୦ ମିଟର ନୂଆ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ପଞ୍ଜାବର ଏହି ୨୪ ବର୍ଷୀୟ ସ୍ପ୍ରିଣ୍ଟର ମଣିକାନ୍ତ ହୋବ୍‌ଲିଧରଙ୍କ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ମଣିକାନ୍ତ ୨୦୨୩ ଅକ୍ଟୋବରରେ ୧୦.୨୩ ଟାଇମିଂରେ ରେକର୍ଡର ଅଧିକାରୀ ହୋଇଥିଲେ। ସିଂଙ୍କ ପୂର୍ବ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୨୦୨୧ରେ ୧୦.୨୭ ସେକେଣ୍ଡ ରହିଥିଲା। ହୋବ୍‌ଲିଧର ମଧ୍ୟ ରିଲାଏନ୍ସର। ସେ ୧୦.୨୨ ଟାଇମିଂରେ ସ୍ୱଳ୍ପ ବ୍ୟବଧାନରେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ୧୦୦ମିଟର ରେସ୍‌ର ପ୍ରଥମ ୩ଟି ସ୍ଥାନ ରିଲାଏନ୍ସ ନେଇଯାଇଥିଲା। ଏହାର ଅନ୍ୟ ଜଣେ ସ୍ପ୍ରିଣ୍ଟର ଅମ୍ଲାନ ବର୍ଗୋହେନ୍ ୧୦.୪୩ ସେକେଣ୍ଡ ଟାଇମିଂରେ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି ୩ଜଣ ଓ ଅନିମେଶ କୁଜୁର ପ୍ରତ୍ୟେକ କିଛି ସମୟ ପାଇଁ ଭାରତର ଟପ୍ ୧୦୦ମିଟର ରନର ରହିଛନ୍ତି। କୁଜୁର ଏହି ଇଭେଣ୍ଟରେ ଭାଗ ନେଇ ନ ଥିଲେ। ସିଂ ପୂର୍ବରୁ ୨୦୨୧ ଓ ୨୦୨୪ ଜାତୀୟ ଆନ୍ତଃରାଜ୍ୟ ଚାମ୍ପିୟନଶିପ୍ ସମେତ ୨୦୨୪ ଫେଡେରେଶନ କପ୍‌ରେ ୧୦୦ ମିଟରରେ ସ୍ୱର୍ଣ୍ଣ ଜିତିଛନ୍ତି।

# ଚେନ୍ନାଇ, ମଦୁରାଇରେ ଜୁନିୟର ପୁରୁଷ ହକି ବିଶ୍ୱକପ୍

ଚେନ୍ନାଇ, ୨୮।୩ (ପି.ଟି.)

ଚେନ୍ନାଇ ଓ ମଦୁରାଇରେ ଏଫ୍‌ଆଇଏଚ୍ ଜୁନିୟର ପୁରୁଷ ହକି ବିଶ୍ୱକପ୍ ନଭେମ୍ବର ୨୮ରୁ ଡିସେମ୍ବର ୧୦ ପର୍ଯ୍ୟନ୍ତ ଖେଳାଯିବ। ହକି ଇଣ୍ଡିଆ ସଭାପତି ଦିଲିପ ତିର୍କୀ ଶୁକ୍ରବାର ଏ ବିଷୟ ଘୋଷଣା କରିଛନ୍ତି। ଟାଇଟଲ ଲଢ଼େଇରେ ପ୍ରଥମ ଥର ୨୪ଟି ଦଳ ଭାଗ ନେଉଛନ୍ତି। ଭାରତରେ ତୃତୀୟ ଥର ପାଇଁ ଏହି ଟୁର୍ନାମେଣ୍ଟ ଆୟୋଜନ ହେବାକୁ ଯାଉଛି। ପୂର୍ବରୁ ୨୦୧୬ ଓ ୨୦୨୧ରେ ଭୁବନେଶ୍ୱର ଓ ଲକ୍ଷ୍ନୌରେ ଆୟୋଜିତ ହୋଇଥିଲା। ଭୁବନେଶ୍ୱରରେ ଭାରତ ଚାମ୍ପିୟନ ହୋଇଥିଲା। ୨୦୨୧ରେ ଆର୍ଜେଣ୍ଟିନା ଟାଇଟଲ ଜିତିଥିଲା। ୨୦୨୩ରେ ଗତ ସଂସ୍କରଣ କୁଆଲାଲମ୍ପୁରରେ ଖେଳାଯାଇଥିଲା। ଏଥିରେ ଭାରତ ସେମିଫାଇନାଲ ଓ ବ୍ରୋଞ୍ଜ ପଦକ ପ୍ଲେଅଫ୍ ହାରି ଚତୁର୍ଥ ସ୍ଥାନରେ ରହିଥିଲା।


# Classified Everyday 0674-2580101, 9692975378



REAL ESTATE
SALE

ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft., 5,55,000/-ରେ ପ୍ଲଟ୍ ବିକ୍ରିହେବ। (Outright). 9348232008. D-76250

**1792sqft. plot inside a gated community near Physiotherapy Hospital at Olatapur, side of Phulanakhara-Niali Highway for sale. 7008071631.** D-3416

**Duplex sale with gated Society near AIIMS Hospital, Bhubaneswar. 9777433701.** D-76253



FOR RENT

Newly constructed commercial area 2000sqft. at BHARATPUR, BHUBANESWAR main road from Studio Chhak to Chandaka for Banks Malls Showroom. Contact: 7978609834, 7978578341. D-71599

LEASE

Warehouse for LEASE 43000sqft. at Hanspal, Bhubaneswar. Contact: 7205809501, 9861096613. D-3400




All types hair cutting, body massage by smart lady room services available. Contact: 7077240328. D-71396

**Relax, Refresh your body, mind at Saikrupa Spa with best therapies. 7848011468.** D-3288

LOST

ମୁଁ, ଅଖାରୀ ବେହେରା, ସ୍ୱାମୀ- ନାରାୟଣ ବେହେରା, ଗ୍ରାମ- ଚାରିବାଟିଆ, ପୋ- ଘଣପଣ, ଥାନା- ପୁରୀ ସଦର, ଜିଲ୍ଲା- ପୁରୀ, ବିଜ୍ଞାପନ ଦ୍ୱାରା ସୂଚନା ଦେଉଛୁ ଆମର କବଲା ନଂ.- ୭୪୮ ଘରୁ ବ୍ରହ୍ମଗିରିକୁ ବାଟରେ ଆସୁଥିବା ସମୟରେ ଅରିଜିନାଲ କବଲା ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଉକ୍ତ କବଲା ପାଇବେ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ବିନୀତ ଅନୁରୋଧ କରୁଅଛି। ଓକିଲ ନୃସିଂହ ଚରଣ ପଟନାୟକ, Mob- 9853311189. D-3451

AFFIDAVIT

By virtue of an affidavit sworn before the Notary, Public, Puri, No.- 71AA361821, dated 27.03.2025, I have changed my name from Bhabani Sankar Tripathy to Bhobani Sankar Tripathy and my father's name from Bansidhar Tripathy to Banshidhar Tripathy, Vill- Gundicha Bihar, Saw Mill lane, Sarbodaya Nagar, P.S.- Talabania, P.O./ Dist.- Puri, PIN-752002 for all purposes. D-3452

By virtue of an affidavit sworn before the Executive Magistrate, Dharmasala, dated 27.03.2025, I, Sarojini Rout, Address: At- Alarpur, P.O.- Kotapur, P.S.- Dharmasala, Dist.- Jajpur, odisha- 755008, declare that I have changed my daughter's name from Barasaperdasini Rout to Barsapriyadarshini Rout. Henceforth, she shall be known as Barsapriyadarshini rout for all purposes. D-3445

By virtue of an affidavit sworn before the Executive Magistrate, Dharmasala, dated 01.02.2025, I, Tejeram Rout, Address: At- Alarpur, P.O.- Kotapur, P.S.- Dharmasala, Dist.- Jajpur, Odisha- 755008, declare that I have changed my name from Jejeram Rout to Tejeram Rout. Henceforth, I shall be known as Tejeram Rout for all purposes. D-3444

By virtue of an affidavit sworn before the Executive Mgistrate, DARPAN, dated 24.03.2025 I, Amiya Kumar Nayak, Address: Vill- Anaka, P.O.- Krushnapur Sasan, P.S.- Balichandrapur, Dist.- Jajpur, Odisha-755049 declare that I have changed my Son's name from Abhisekh Nayak to Avisek Nayak. Henceforth, he shall be known as Avisek Nayak for all purposes. D-3448

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

I, NIRANJAN SAMANTRAY, S/o- Gagan Chandra Samantray, resident of At- Flat No. 303, Block-A, Nageswar Residency, Kalarahanga, Bhubaneswar, Urban, Odisha, India, PIN- 751024 declare by this affidavit No.- 632 dtd. 27.03.2025 that now onwards I shall be known as NIRANJAN SAMANTRAY for all future purposes. D-3446

I, Manasa Ranjan Nayak, S/o- Chaitanya Nayak, Resident Of Jabini Pur, P.S.- Nandipada, Dist.- Keonjhar, PIN-756121 Odisha, declare by this affidavit No.- 3815 date- 22.05.2024 that now onwards I shall be known as Manas Nayak for all future purposes. D-3453

I, Parbin Tarmun Raheman, W/o- Karunakar Behera, Village- Kunjakanta, P.O./ P.S.- Dhenkanal Town, Dist.- Dhenkanal, PIN- 759001, Odisha, declare by this affidavit No.- 2416, dtd- 27.03.2025 that now onwards myself I shall be known as PADMINI BEHERA for all future purposes. D-75100

## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit date 11.03.2025 sworn before the Notary Public, Deogarh, I, Katrina Lakra, W/o- Late Josef Lakra, R/o- Village- Dimrikuda, P.S.- Laimura, Dist.- Deogarh, declare that my daughter's name has been wrongly mentioned as Krishkina Lakra instead of Khristina Lakra in her Aadhaar card bearing No.- xxxx xxxx 0894. Now I have changed her name from Krishkina Lakra to Khristina Lakra for all future purposes. D-3455

By virtue of an affidavit sworn before the Executive Magistrate, Sonepur, I, Ambika Kalta, W/o- Ajambila Mahakur, At- Kirtipur, P.O.- Khalipali, P.S.- Sonepur, Dist.- Subarnapur, declare that has my daughter's name has been wrongly mentioned as Pritimayee Mahakur instead of Priti Sulagna Mahakur in her Aadhaar card bearing No.- xxxx xxxx 7071. Now I have change her name as Priti Sulagna Mahakur for all future purposes. D-3454

By virtue of an affidavit sworn before the Executive Magistrate, Dharmasala, Dated 27.02.2025, I, Keshari Prava Behera, Address: At-Naupal, P.O.-Kaima, P.S.- Dharmasala, Dist.- Jajpur, Odisha-755008 declare that I have changed my name from Keshori Prabha Behera to Keshari Prava Behera. Henceforth, I shall be known as Keshari Prava Behera for all purposes. D-3447

By virtue of an affidavit sworn before the Executive Magistrate, Muniguda, on dated 27.03.2025 (Sl. No.- 404/25) I, Makar Guludika, father of Prahalad Guludika of Village- Tebhapadar, P.O.- Kumudabali. P.S.- Ambadola, Dist.- Rayagada, declare that I have changed my son's name who is minor (13 years) name Prahallad Guludika to Prahalad Guludika and Date Of Birth is 13.02.2012. Henceforth, he shall be known as Prahalad Guludika for all purpose. D-3450

By virtue of an affidavit sworn before the Executive Magistrate, Dharmasala, Dated 28.03.2025 I, Samir Kumar Singh Samanta, Address: At/ P.O.- Madhupurgarh, P.S.- Jenapur, Dist.-Jajpur, Odisha-755023 declare that I have changed my name from Samir Kumar Singh to Samir Kumar Singh Samanta. Henceforth, I shall be known as Samir Kumar Singh Samanta for all purposes. D-3449

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

## ମନେ ପଡ଼ନ୍ତି

ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ



ସ୍ୱର୍ଗତ ରଘୁନାଥ ସାହୁ
ଗୋପାଳପୁର ପାଟଣା, ସାକ୍ଷୀଗୋପାଳ

ଆପଣଙ୍କ ଅମରାତ୍ମାର ଚିରଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀ ସାକ୍ଷୀଗୋପାଳ ଓ ଶ୍ରୀରାଧାଙ୍କ ନିକଟରେ ପ୍ରାର୍ଥନା କରୁଛୁ ଏବଂ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ଶୋକସନ୍ତପ୍ତ: ପତ୍ନୀ, ପରିବାର ଓ ବନ୍ଧୁବର୍ଗ।

ଧ-୭୭୬୮୯

୧୧ତମ ଶ୍ରାଦ୍ଧବାର୍ଷିକୀ



✓କେଦାରନାଥ ବିଶୋଇ
ଧର୍ମପତ୍ନୀ: ✓ ସୁମିତ୍ରା ବିଶୋଇ

ବଡ଼ଦାଣ୍ଡସାହି, ପୁରୁଣା ଭୁବନେଶ୍ୱର
ଆବିର୍ଭାବ: ୧୮.୦୫.୧୯୩୩
ତିରୋଧାନ: ୨୯.୦୩.୨୦୧୪

ଆଜି ପବିତ୍ର ୧୧ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଶ୍ରୀ ଲିଙ୍ଗରାଜଙ୍କ ପାଖରେ ଭକ୍ତିପୂତ ପ୍ରାର୍ଥନା ଉଣାଉଛି।

ଶୁଭେଚ୍ଛା ସହ:
ପୁତ୍ର: ସନ୍ତୋଷ, ସନତ, ବୋହୂ: କୁନି, ଶାନ୍ତି, ସ୍ନେହଲତା, ନାତି, ନାତୁଣୀ: ସୋନୁ, ଚିନୁ, ରୁମୁଲି, ପ୍ରିତି, ନାତୁଣୀ, ଜ୍ୱାଇଁ: ପିକୁନ୍, ନାତୁଣୀ ବୋହୂ: ସୁକନ୍ୟା ଏବଂ ବନ୍ଧୁ ଓ ପରିବାରବର୍ଗ

ଧ-୭୬୪୩୨

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

# ଜୀବନ-ଗୁରୁ

## ଅନୁବାଦ ଗଳ୍ପ

**ମୂଳଲେଖା: ଶ୍ରୀମତୀ ସୁଧାମୂର୍ତ୍ତିଜୀ**
**ଅନୁସୃଜନ: ସୁଜାତା ମହାନ୍ତି**



ମୀନା ମୋର ଜଣେ ଉତ୍ତମ ସାଙ୍ଗ। ସେ ଏଲ୍ଆଇସି ଅଫିସର ଭାବରେ କାର୍ଯ୍ୟରତ ଏବଂ ଦରମା ବି ଅଧିକ ପାଏ। ଆଶ୍ଚର୍ଯ୍ୟର କଥା, ତା'ର ବ୍ୟବହାରରେ ଅନେକ ବ୍ୟତିକ୍ରମ ପରିଲକ୍ଷିତ ହୁଏ। ସେ ସର୍ବଦା ଦୁଃଖୀ ଅନୁଭବ କରେ। ଯେତେବେଳେ ମୀନା ସହ ଭେଟ ହୁଏ, ମୋ ମନ ମଧ୍ୟ ଉଦାସ ହୋଇଯାଏ। ତା'ର ଉଦାସୀନତା ଯେପରି ମୋତେ ସଂକ୍ରମିତ ହୋଇଯାଏ। କୌଣସି ବ୍ୟକ୍ତି ଅଥବା କୌଣସି ବସ୍ତୁ ସମ୍ପର୍କରେ କଦାପି ସକାରାତ୍ମକ ମନ୍ତବ୍ୟ ଦିଏ ନାହିଁ।

କଥା ପ୍ରସଙ୍ଗରେ କହିଲି- ମୀନା ଜାଣିଛୁ, ରାକେଶ ତା' ଶ୍ରେଣୀରେ ପ୍ରଥମ ହେଲା। ମୀନା ତତ୍‌କ୍ଷଣାତ୍ ଉତ୍ତରଦେଲା- 'ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି? ତା' ବାପା ସେଠାରେ ଶିକ୍ଷକ ଯେ!' ମୁଁ କହିଲି- 'ଶ୍ୱେତା ବହୁତ ସୁନ୍ଦରୀ। ଏହା ନୁହେଁ କି?' ମୀନା କହିଲା- 'ଯୌବନେ ମର୍କଟୀ ରମ୍ୟା। ବୟସ ଗଡ଼ିଗଲେ ଅସୁନ୍ଦରୀ ହୋଇଯିବ।'

ଦିନେ କହିଲି- ମୀନା, ଆଜି ପାଗ ଭଲ। ଚାଲ, ପ୍ରାତଃଭ୍ରମଣରେ ଯିବା। ମୀନା ପ୍ରତିବାଦ କରି କହିଲା- ''ଆଉ ଟିକିଏ ପରେ ସୂର୍ଯ୍ୟଙ୍କର ଉତ୍ତାପ ବଢ଼ିଯିବ। ମୁଁ ହାଲିଆ ହୋଇଯିବି। ପ୍ରମାଣ ଅଛି କି, ଚାଲିବା ସ୍ୱାସ୍ଥ୍ୟ ପକ୍ଷେ ହିତକର ବୋଲି?''

ଏପରି ଚରିତ୍ରର ଝିଅ ମୀନା। ତା'ର ଆପାର୍ଟମେଣ୍ଟରେ ସେ ଏକାକୀ ରହେ। ମା'ବାପା ଦିଲ୍ଲୀରେ ରହନ୍ତି। ମା'ବାପାଙ୍କର ସେ ଏକମାତ୍ର ଅଲିଅଳ ସନ୍ତାନ। ଯେ କୌଣସି ବିଷୟରେ ଅଭିଯୋଗ କରିବା ତା'ର ଅଭ୍ୟାସଗତ। ମୀନାର ବେଶୀ ସାଙ୍ଗ ନାହାନ୍ତି। କେହି ବି ତା' ଘରକୁ ଆସନ୍ତି ନାହିଁ। ଏହା ମଧ୍ୟରେ ମୀନାର ମୁମ୍ବାଇ ସହରକୁ ବଦଳି ହେଲା। ତେଣୁ ଆମ ସମ୍ପର୍କର ବ୍ୟବଧାନ ବି ବଢ଼ିଗଲା। କ୍ରମଶଃ ମୁଁ ଏକପ୍ରକାର ମୀନାକୁ ଭୁଲିଗଲି।

ଅନେକ ବର୍ଷ ପରେ ମୁମ୍ବାଇ ଫ୍ଲୋରା-ଫାଉଣ୍ଟେନ୍‌ରେ ବୁଲିବା ଅବସ୍ଥାରେ ଅକସ୍ମାତ୍ ବର୍ଷାରେ ଭିଜିଗଲି। ଛତାଟିଏ ବି ନ ଥାଏ। ବର୍ଷାଦାଉରୁ ରକ୍ଷା ପାଇବା ପାଇଁ ପାଖରେ ଥିବା ଆକବରେଲି ଡିପାର୍ଟମେଣ୍ଟ ଷ୍ଟୋର ପାଖକୁ ଦଉଡ଼ିଗଲି। ସେଠାରେ ମୀନାକୁ ଦେଖିଲି। ବର୍ଷା, ପାଣି, ପବନ ନ ମାନି ସେଠାରୁ ଫେରି ଆସିବାର ଉପକ୍ରମ କଲି। କାରଣ ପୁଣିଥରେ ମୀନାଠାରୁ ଅସରନ୍ତି ଅଭିଯୋଗ ଶୁଣିବା ଇଚ୍ଛାରେ ନ ଥିଲି। ସେ କିନ୍ତୁ ମୋତେ ଦେଖି ଦୌଡ଼ି ଆସି ମୋ' ହାତକୁ ଧରିନେଲା।

ପୂର୍ବ ତୁଳନାରେ ସେ ବହୁତ ଖୁସି ମିଜାଜର ଥିଲା। ଆନନ୍ଦରେ ଗଦ୍ ଗଦ୍ ହୋଇ କହିଲା- ଏତେ ବର୍ଷ ପରେ ତୋ' ସହ ଦେଖାହେବାରୁ ମୁଁ ଖୁସି। ମୋର ମୁମ୍ବାଇ ଆସିବା କାରଣ ପଚାରିବାରୁ କହିଲି- ମୁଁ ଅଫିସ କାମରେ ମୁମ୍ବାଇ ଆସିଛି।

ମୀନା କହିଲା- ''ଆଜି ମୋ' ଘରେ ରାତ୍ରିଯାପନ କଲେ ଭଲହୁଅନ୍ତା। ଦୁଇ ସାଙ୍ଗ ଢେର୍ ଗପ କରନ୍ତେ। ମଜା ହୁଅନ୍ତା। କଥାରେ ଅଛି, ''ପୁରୁଣା ମଦ, ପୁରୁଣା ସାଙ୍ଗ, ପୁରୁଣା ସ୍ମୃତି ବହୁତ ମୂଲ୍ୟବାନ୍ ଏବଂ ଦୁଷ୍ପ୍ରାପ୍ୟ।''

ମୁଁ ନିଜକୁ ବିଶ୍ୱାସ କରି ପାରୁ ନ ଥିଲି। ଇଏ କ'ଣ ସେଇ ମୀନା! ମୁଁ ନିଜକୁ ଚିମୁଟିଲି। ମୁଁ କ'ଣ ସ୍ୱପ୍ନ ରାଇଜରେ ନା ବାସ୍ତବ ଜଗତରେ!

ବର୍ତ୍ତମାନ ମୀନା ମୋ' ସାମ୍ନାରେ। ହସକୁରୀ। ଆଖି ଦୁଇଟିରେ ଚଞ୍ଚଳତାର ଚମକ। ଯଦିଓ ତା' କେଶର କିଞ୍ଚିତ୍ ଶୁଭ୍ରତା ବିତି ଯାଉଥିବା ସମୟର ସୂଚନା ଦେଉଥିଲା। ମୁହଁରେ ବୟସର ଦାଗ ବାରି ହେଉଥିଲା। ଏ ମଧ୍ୟରେ ତିନିବର୍ଷ ବିତିଗଲାଣି। କିନ୍ତୁ ପୂର୍ବ ଅପେକ୍ଷା ସେ ଅଧିକ ସୁନ୍ଦର ଏବଂ ସତେଜ ଦିଶୁଥିଲା। ଚେହେରାରେ ଆକର୍ଷଣ ବି ଥିଲା।

ମୀନା ଘରେ ରାତ୍ରିଯାପନ ଅନୁରୋଧକୁ ମୁଁ ଗ୍ରହଣ କରି ପାରି ନ ଥିଲି। ତା'ର ଠିକଣା ରଖି ଅନ୍ୟ ଦିନ ଭେଟିବାର ପ୍ରତିଶ୍ରୁତି ଦେଲି।

ମୀନା କହିଲା- ''ତା' ହେଲେ ଗ୍ରାଣ୍ଡ ହୋଟେଲ ଯାଇ ଚା' ପିଇବା।''

ମୁଁ ଉତ୍ତର ଦେଲି- ଆରେ, ବର୍ଷା ଯେ!

ମୀନା - ''ଛତା କିଣିଦେବା। ନଚେତ୍ ହୋଟେଲ ପର୍ଯ୍ୟନ୍ତ ଟାକ୍ସି ନେଇଯିବା।'' ସବୁ କଥାରେ ମୀନାର ଏପରି ଚଳେଇନେବା ସ୍ୱଭାବକୁ ମୁଁ ଲକ୍ଷ୍ୟ କଲି। ମୀନା ତ ଆଗରୁ ଏପରି ନ ଥିଲା। ମୀନାର ଏ ପରିବର୍ତ୍ତନର ହେତୁ କ'ଣ? ମୋର ଉତ୍ସୁକତା ଲକ୍ଷ୍ୟ କରି ମୀନା କହିଲା- ''ଜଣେ ବୃଦ୍ଧ ଭିକ୍ଷୁକ ମୋ' ଜୀବନରେ ପରିବର୍ତ୍ତନର ହେତୁ।''

ଘଟଣାଟି ଏହିପରି। ଜଣେ ବୃଦ୍ଧ ଭିକାରି ତାଙ୍କ ପାଞ୍ଚ ବର୍ଷୀୟା ନାତୁଣୀ ସହ ମୋ' ଘର ଆଗରେ ରହୁଥିଲେ। ମୁଁ ପ୍ରାୟ ସବୁଦିନ ମୋର ବଳି ପଡୁଥିବା ଖାଦ୍ୟ ସେମାନଙ୍କୁ ଦିଏ। ଆମ୍ଭମାନଙ୍କ ଭିତରେ କ୍ୱଚିତ୍ ବାର୍ତ୍ତାଳାପ ହୁଏ। ଦିନେ ସକାଳେ ବର୍ଷା, ଝଡ଼ ଲାଗି ରହିଲା। ମୁଁ ମୋ ଝରକା ଦେଇ ସେମାନଙ୍କୁ ଲକ୍ଷ୍ୟ କଲି। ଅଜା, ନାତୁଣୀ ଉଭୟ ଖୁସିରେ ବର୍ଷାରେ ଭିଜିଭିଜି ନାଚୁଥିଲେ। ସେଦିନ ବର୍ଷା ଯୋଗୁ ମୁଁ ସେମାନଙ୍କୁ ଖାଦ୍ୟ ବି ପହଞ୍ଚାଇ ପାରି ନ ଥିଲି। ବୃଦ୍ଧ ଭିକାରି ଏବଂ ତା' ନାତୁଣୀ ଉଭୟ ତାଳିମାରି ହସୁଥିଲେ। ଉଚ୍ଚ ସ୍ୱରରେ ଗୀତ ଗାଉଥିଲେ। ଜଣାଯାଉଥିଲା, ବର୍ଷା-ଭିଜା ରାଜରାସ୍ତାରେ ସେମାନେ ସ୍ୱର୍ଗ-ସୁଖ ଅନୁଭବ କରୁଛନ୍ତି। ଭୋକର ଜ୍ୱାଳା ଏବଂ ବର୍ଷା ତାଙ୍କ ପାଇଁ ବାଧକ ନ ଥିଲା। ଜୀବନ ପ୍ରତି ତାଙ୍କର ମୋହ ଏବଂ ଆକର୍ଷଣ ମୁଁ ବେଶ୍ ଅନୁଭବ କଲି। ତାଙ୍କର ଏହି ବ୍ୟବହାର ମୋତେ ଅନୁପ୍ରାଣିତ କଲା। ମୁଁ ଜୀବନରେ ସବୁ କିଛି ପାଇଛି। ଟଙ୍କା ପଇସା, ପୋଜିସନ୍! ମୋର ସମସ୍ତ ସୁବିଧା ଥିବା ସତ୍ତ୍ୱେ ମୁଁ ଯେ ଦୁଃଖୀ। ଏହା ଚିନ୍ତା କରି ଲଜ୍ଜାବୋଧ କଲି। ସେହି ମୁହୂର୍ତ୍ତରେ ମୋ' ଭିତରେ ପରିବର୍ତ୍ତନ ଆସିଲା। ସେହି ବୃଦ୍ଧ ଭିକାରି ମୋତେ ଜୀବନ ଅତିବାହିତ କରିବାର କୌଶଳ ଶିଖାଇଦେଲେ। ଜୀବନଶୈଳୀରେ ପରିବର୍ତ୍ତନ ଆଣିବାରେ ସେ ହିଁ ମୋର ପଥପ୍ରଦର୍ଶକ ଗୁରୁ ଥିଲେ। ଏଥିପାଇଁ ଅବଶ୍ୟ କିଛି ସମୟ ଲାଗିଗଲା। ବର୍ତ୍ତମାନ ମୁଁ ସବୁ ପରିସ୍ଥିତିରେ ଖୁସୀ।

ଏ ସବୁ ଶୁଣିବା ପରେ କହିଲି- ମୀନା! ତୁମ ଗୁରୁଙ୍କୁ 'ଦକ୍ଷିଣା' ସ୍ୱରୂପ କ'ଣ ଦେଲ? ମୀନା କହିଲା- ''ଇତ୍ୟବସରରେ ସେ ବୃଦ୍ଧ ଭିକ୍ଷୁକଙ୍କର ମୃତ୍ୟୁ ହୋଇ ସାରିଥିଲା। ମୁଁ ତାଙ୍କୁ ଦକ୍ଷିଣା ଦେବାରୁ ବଞ୍ଚିତ ହେଲି। ତାଙ୍କର ସେହି ଏକମାତ୍ର ନାତୁଣୀର ଦାୟିତ୍ୱ ବହନ କଲି ଏବଂ ନିଜ ଖର୍ଚ୍ଚରେ ବୋର୍ଡିଂ ସ୍କୁଲରେ ନାଁ ଲେଖାଇ ଦେଇଛି। ଏହା ହିଁ ମୋର ସ୍ୱର୍ଗବାସୀ ଗୁରୁଙ୍କ ନିମନ୍ତେ ଗୁରୁଦକ୍ଷିଣା।''

ମୁଁ ଅବାକ୍ ହୋଇ ମୀନାକୁ ଚାହିଁ ରହିଥିଲି। ମୀନା ହସୁଥିଲା ଆତ୍ମସନ୍ତୋଷର ହସ।

ମୋ: ୬୩୭୦୯୧୦୧୪୧

## ପୁସ୍ତକ ପରିଚୟ

### ନିର୍ବାଚିତ କବିତା




**କବି:** କନିଷ୍କ
**ପ୍ରକାଶକ:** ପାଇନ୍ ବୁକ୍ସ, ମଧୁସୂଦନ ନଗର, ତୁଳସୀପୁର, କଟକ-୮
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ସଂକଳନରେ ସ୍ଥାନିତ ୧୦୨ଟି କବିତା। କନିଷ୍କ ଘଟଣାକୁ କାହାଣୀ କରିବାରେ ଯେତିକି ଦକ୍ଷ, କାହାଣୀକୁ କବିତା କରିବାରେ ମଧ୍ୟ ସେତିକି ପାରଙ୍ଗମ। ଗୋଟିଏ ଗୋଟିଏ କବିତା ପୃଷ୍ଠାକରୁ ଅଧିକ ନୁହେଁ, ଅଥଚ ଚେକା ଭିଡ଼ି ତହିଁରେ ଜାଗ୍ରତ ଥାଏ ଅକଳ୍ପନୀୟ ଅନୁଭୂତି। ଫୁଲ, କାନ୍ଥ, ଗୋରୁ, ଡିଙ୍ଗି, କାରଖାନା, ଟିକା, ଧୂଆଁ, ନିଆଁ, ଅନ୍ଧାର, ପାଣି, ଗ୍ଲାସ୍, ବଳଦ, ମାଙ୍କଡ଼, ଖାଦ୍ୟ, ଗଛ, କୋର୍ଟ, ନାଗ ଓ ଛାଟ- ସବୁଥିରେ କବିତା ଅଙ୍କୁରେଇ ଦେବାର ଶକ୍ତି ଥାଏ ଏହି କବିଙ୍କର। ହେଉ ନୂଆବୋଉର ହଜିଲା ଗୀତ କି ପିଲାଦିନ, ହେଉ ବଡ଼ମା' କି ବୋଉର ପଣତ, ହେଉ ନକ୍ସଲ କି ରାମ ମନ୍ଦିର-ସବୁକୁ କବିତା କରିଦିଅନ୍ତି ଏହି କବି। ଗଣଧର୍ଷଣ ମାମଲାରେ ଅପରାଧୀ ଦୋଷୀ ସାବ୍ୟସ୍ତ ହୁଏ, ଦଣ୍ଡ ପାଏ ; କିନ୍ତୁ ବିଡ଼ମ୍ବନା ଯେ ଉପର କୋର୍ଟରେ ଖଲାସ ହୋଇଯାଏ। କବି ତାଚ୍ଛଲ୍ୟ କରି କହନ୍ତି: ''ଆମେ ପରା ଓପରବାଲା/ ପୂରା ପୋଖତ/ ଆମେ ଆମ କାମ କଲୁ/ ଗେଞ୍ଜି, ଗେଞ୍ଜି, ଗେଞ୍ଜି କଲମ/ ଠିକ୍ ଜାଗାରେ/ ଫାଶୀ ଆସାମୀଙ୍କୁ ବଞ୍ଚେଇଦେଲୁ।'' ସେଇ ଠିକ୍ ଜାଗାଟି କ'ଣ, ଯେଉଁଠି ଉପର ହାକିମ କଲମ ଗେଞ୍ଜିଲେ- ଏଇଠି ଥାଏ କବିତାର ଗଣ୍ଠି। ଫିଟେଇ ଜାଣିଲେ କବିତା ହୃଦୟ ଭେଦି ମଗଜକୁ ଘାରେ। ଆଲୁଅ ବାହାର ଅନ୍ଧାରକୁ ହଟାଇଦିଏ, କିନ୍ତୁ ଭିତର ଅନ୍ଧାର ପ୍ରତି କାହାର ନିଘା ନ ଥାଏ (ଅନ୍ଧାର, ପୃଷ୍ଠା: ୭୧)। ସୂଚନା ଓ ଇଙ୍ଗିତରେ ତିଆରି ହୁଏ କନିଷ୍କଙ୍କ କବିତା। ପାଠକେ ତାଙ୍କ କବିତାକୁ ଖୋଜନ୍ତି ଓ ଖୋଜିବେ ବି।

### ତାର ଜାଲି ଓ ଅନ୍ୟାନ୍ୟ ଗଳ୍ପ




**ଗାଳ୍ପିକା:** ଶକ୍ତିପ୍ରଭା ମିଶ୍ର
**ପ୍ରକାଶକ:** ପଶ୍ଚିମା ପବ୍ଲିକେଶନ୍ସ, ନୟାପଲ୍ଲୀ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୨୪, **ମୂଲ୍ୟ:** ଟ.୧୭୯/-

ଜେଜେଙ୍କୁ ସମର୍ପିତ ଏ ବହିଟି, ଯେଉଁ ଜେଜେ ନାତୁଣୀ ଚାକିରି କଲାଯାଏ ଜିଇ ରହିବାର ଆଶା ବାନ୍ଧି ବି ସଅଳ ଚାଲିଯା'ନ୍ତି ଯେତେବେଳେ ନାତୁଣୀ ପିଜି ଶ୍ରେଣୀରେ। ଜୀବନର ଏଇ ଆଶା-ନିରାଶା, ଆଗତପଞ୍ଚା ଓ ଆକସ୍ମିକତା ଶକ୍ତିପ୍ରଭାଙ୍କ ଗଳ୍ପଗୁଡ଼ିକରେ ବି ଲୁହ ଓ ଦୀର୍ଘଶ୍ୱାସ ସଜାଡ଼ି ରଖନ୍ତି ସମର୍ପିତ ପାଠିକାପାଠକଙ୍କ ପାଇଁ। ମୋଟ ୧୯ଟି ଗଳ୍ପ ନିବେଦିତ ଆଲୋଚ୍ୟ ସଂକଳନରେ। ଜହ୍ନରାତି, ପୀହୁ, ଝିଅ ପାଇଁ, ଧୂଳିଖେଳ, ଏକାକୀ ମଣିଷ, ରାତିର ଆୟୁଷ, ସେଇ ଝିଅଟି, ରାଧୁବାପା ଓ ମିଶା ମିଶ୍ର ଭଳି ଗଳ୍ପର ବିକଳ୍ପ କ୍ୱଚିତ୍ ଥାଏ ଓଡ଼ିଆ କଥା ସାହିତ୍ୟରେ। ବହିର ପ୍ରଥମ ଗଳ୍ପ 'ଜହ୍ନରାତି'। ଜଣେ ସ୍ତ୍ରୀ ଲୋକ, ନାଁ ସରଗୁ। ତା' ଉକରା (ସ୍ୱାମୀ) ମଦ ପିଇ ମରିଯାଇଛି। ପୁଅ ଭାଲୁ କାମୁଡ଼ାର ଶିକାର ହୋଇ ଦେହସାରା ଘା' ହୋଇଯାଇଛି। ଗୋଟିଏ ବୋଲି ଝିଅକୁ ବାହା ଦେଇଥିଲା ସ୍ତ୍ରୀ ଲୋକଟି ଯେ ତା' ସ୍ୱାମୀ ଆଉ ଜଣକୁ ରକ୍ଷିତା କରି ସ୍ତ୍ରୀକୁ ବାହାର କରିଦେଇଛି। ପ୍ରତାରିତା ସ୍ତ୍ରୀ ପାଗଳୀ ହୋଇଯାଇଛି। ତା' ମାଆ ପରଘରୁ ମାଗିଯାଚି ତାକୁ ଖାଇବାକୁ ଦେଇ ସମ୍ଭାଳିଛି। ଜହ୍ନକୁ ଦେଖିଲେ ସ୍ୱାମୀଛଡ଼ା ଝିଅର ପାଗଳାମି ବଢ଼େ। ଏହାର କାରଣ ରକ୍ଷିତା ସ୍ତ୍ରୀଲୋକଟିର ନାଁ ଜହ୍ନ। ଜୀବନର ଛୋଟଛୋଟ ଘଟଣାକୁ ଚମତ୍କାର ଗପ କରି ଗଢ଼ିବା ପ୍ରତିଭା ଲୋଡ଼େ, ସେ ପ୍ରତିଭାର ପ୍ରତୀକ ହୋଇଉଠନ୍ତି ଶକ୍ତିପ୍ରଭା ତାଙ୍କର ପ୍ରାୟ ଗପରେ। କାଳ୍ପନିକ ମେଘଖଣ୍ଡରେ ବସି ସାରା ପୃଥିବୀରୁ ଗଳ୍ପ ଖୋଜୁଥିବା ଗାଳ୍ପିକାଙ୍କର ଏ ବହି ପାଠକୀୟ ଆଦୃତି ପାଇବ ବୋଲି ଆଶା।

## କବିତା

### ନାରୀ

**ମୈତ୍ରେୟୀ କମିଳା**

ମାଟିର 'ମ'ଟିଏ ସେ
ସୃଷ୍ଟିର ଆଦ୍ୟ ସ୍ୱର ସିଏ
ସନାତନୀ, ଶାଶ୍ୱତ ବେଦମନ୍ତ୍ର ସିଏ
ନାରୀ ସାକ୍ଷର, ନାରୀ ନିରକ୍ଷର
କେବେ ମୁଣ୍ଡରୁ ଓଢ଼ଣା ଖସୁ ନ ଥିବା
କେବେ ମୁଣ୍ଡଟେକି ଚାଲୁଥିବା ମାଆଟିଏ
ସବୁକିଛି ସଅଁପିଦିଏ
ନିଜ ଭାଗ୍ୟ, ଭବିଷ୍ୟତ
ଅଞ୍ଜଳି ଟେକିଲା ପରି
ତୁଳସୀ ମୂଳରେ ସଂଜବତି ଦେଇ
ମାଗିନିଏ ସାରା ପରିବାରର ଶୁଭ
ଚୁଲି ଧାସରେ ସେକୁଥାଏ
ନିଜ ନିଅଣ୍ଟିଆ ଆୟୁଷ
ଭାତହାଣ୍ଡିର ଟକ୍‌ଟାକ୍ ଶବ୍ଦରେ
ଫୁଟୁଥାଏ ତା' ଧାପେ ନିଃଶ୍ୱାସ।

ପିନ୍ଧିଥାଏ ସଂସ୍କାରର ପାଟ
ସଣ୍ଢଣାର ପାଉଁଜି
ବେଢ଼େଇ ଥାଏ
ଆଚାର ବେଭାରର ଗହଣା
ମୁଣ୍ଡରେ ଖୋଷିଥାଏ ପରମ୍ପରାର ଗଣ୍ଡିଲି
ସମୟ ଅସମୟରେ ପଣତ କାନିକୁ ସିଲଟ କରି
ପୋଛୁଥାଏ ଇଚ୍ଛା, ଅନିଚ୍ଛା, ରାଗ, ଅନୁରାଗ।

ସବୁକିଛି ଚାଳରେ ଗୁଞ୍ଜିଦିଏ
ହସ କାନ୍ଦ ଲୁହର ଆବେଗ
ଖାତିର ନ ଥାଏ
ହାର୍, ଜିତ୍, ମିଶାଣ, ଫେଡ଼ାଣକୁ।

ପଥରଟିଏ ଦେବୀମୂର୍ତ୍ତି ପାଲଟିବା ପରି
ସେ ପାଲଟେ ନିଜେ ହିଁ ଜହ୍ନରାତି
ଫଗୁଣ ହୋଇ ଫୁଲଟିଏ ସାଜେ
ବହିଯାଏ ଝରଣା ହୋଇ କୁଳୁକୁଳୁ ଶବ୍ଦରେ।

ମୋ: ୯୦୨୯୧୯୯୬୫୦

### ବ୍ୟଙ୍ଗ କବିତା

#### ଶେଷ ଆଶରା ମୋ ବୃଦ୍ଧାଶ୍ରମ

**ଜଗଦୀଶ ସାହୁ**

ପୁଅକୁ ପଢ଼େଇ ଚାକିରିଆ କଲି
ଖଟି ଖଟି କ୍ଷେତ ମାଳରେ
ପୁଅ ବହୁତଳ କୋଠାରେ ରହୁଛି
ବାସ ମୋର ଗାଆଁ ଚାଳରେ।

ତା' ପାଖରେ ମୋତେ ରଖିବାକୁ
ତା'ର ଇଚ୍ଛା ନାହିଁ ଯାହା ଜାଣିଲି
ଏ ହୀନିମାନ ବାପାପଣ ମୋର
ନିଜକୁ ଅଯୋଗ୍ୟ ମଣିଲି।

ଛୋଟ ଥିଲାବେଳେ ମାଆ ମରିଗଲା
କୋଳେଇ କାଖେଇ ପାଳିଲି
ମଙ୍ଗଳ ମନାସି ଦିଅଁଙ୍କ ପାଖରେ
ଭୋଗ ଦେଇ ଦୀପ ଜାଳିଲି।

ପୂରୁବ ଜନମ କେଉଁ ଦୋଷ ପାଇଁ
ବୃଦ୍ଧ କାଳେ ଦଣ୍ଡ ପାଉଛି
ପୁଅ ସମ୍ମାନରେ କଳଙ୍କ ନ ଲାଗୁ
ମିଛରେ ତା' ଗୁଣ ଗାଉଛି।

ପୁଅର ଶ୍ୱଶୁର ବଡ଼ ଅଫିସର
ମୂରୁଖ ମୁଁ ମଳିମୁଣ୍ଡିଆ
ସେଥିଲାଗି ପୁଅ ଆଡ଼କରି ମୋତେ
ଶ୍ୱଶୁରକୁ ମାରେ ମୁଣ୍ଡିଆ।

ଗାଆଁ ବିଲବାଡ଼ି ବିକିବାକୁ ପୁଅ
ବାରମ୍ବାର ମୋତେ କହୁଛି
ନାହିଁ କଲେ ମୁହିଁ କଟୁ କଥା କହି
ମରମକୁ ମୋର ଦହୁଛି।

ଦୁଃଖ ଦେଖି ମୋର ଦାରୁଣ ଦଇବ
ଖିଲିଖିଲି ହୋଇ ହସୁଛି
ଶେଷ ଆଶରା ମୋ' ବୃଦ୍ଧାଶ୍ରମ ସିନା
ଜଳଜଳ ହୋଇ ଦିଶୁଛି।

ମୋ: ୯୦୭୮୧୮୫୬୧୬

### ଗୀତି-କବିତା

#### ଶାମୁକା କେମିତି କହିବି ମୁଁ ତାକୁ

**ଭ୍ରମରବର ସାହୁ**

ଶାମୁକା କେମିତି କହିବି ମୁଁ ତାକୁ
ମନ ସାଗରରୁ ପାଇଥିଲି,
ସେ ଥିଲା ମୁକୁତା ଜୀବନରେ ମୋର
ହୃଦୟେ ସାଇତି ରଖିଥିଲି॥

ପରଶମଣି ସେ ପାଇ ତା' ପରଶ
ଜୀବନ ହେଲା ମୋ' ସୁନା,
ଭରି ଦେଇଥିଲା ମୋ' ମନରେ ସେ ତ
ବଞ୍ଚିବାର ଉଦ୍ଦୀପନା॥

ତା' ଚାଲିରେ ଥିଲା ଚାଲିବାର ନିଶା
ସେ ନିଶା ମନରୁ ଯାଇନି,
ତା' ଛୁଆଁରେ ଥିଲା ଏମିତି କୁହୁକ
ସେ ଛୁଆଁ ସ୍ମୃତିରୁ ଲିଭିନି॥

ହସରେ ସିଏ ତ ଭରି ଦେଉଥିଲା
ଯୌବନର ମାଦକତା,
ଆଖିରେ ତାହାର ଭରି ରହିଥିଲା
କେତେ ଆଶା, କେତେ ବ୍ୟଥା॥

ଏମିତି ମୋ' ପ୍ରିୟା ମୋ' ଅଙ୍ଗର ଛାୟା
କେମିତି ମୁଁ ତାକୁ ଯିବି ଭୁଲି,
ଶାମୁକା କେମିତି କହିବି ମୁଁ ତାକୁ
ମନ ସାଗରରୁ ପାଇଥିଲି॥

- ବାଜପୁର, କାକଟପୁର, ପୁରୀ

## କାଳକାଳକୁ



**''ସଂଘର୍ଷରୁ ଆରମ୍ଭ ପୁରୁଷର ଜୀବନ, ସ୍ତ୍ରୀର ସମର୍ପଣରୁ।''**
**- ମହାଦେବୀ ବର୍ମା**

**ମହାଦେବୀ ବର୍ମାଙ୍କ** ଜନ୍ମ ୨୬ ମାର୍ଚ୍ଚ ୧୯୦୭ରେ ଆଗ୍ରାର ଫାରୁଖାବାଦରେ ଓ ପରଲୋକ ଆହ୍ଲାବାଦରେ ୧୧ ସେପ୍ଟେମ୍ବର ୧୯୮୭ରେ। ହିନ୍ଦୀ ଛାୟାବାଦୀ ଯୁଗର ଚାରି ସ୍ତମ୍ଭରୁ ସେ ଗୋଟିଏ ଓ ଏକାଧାରରେ କବିତା, ଗଳ୍ପ ଓ ପ୍ରବନ୍ଧର ଶିଖର ଲେଖିକା। ଆଧୁନିକ ମୀରା ଭାବେ ସମ୍ମାନିତା ଏହି ଲେଖିକାଙ୍କୁ ଥରେ କବି ନିରାଲା ''ବିପୁଳାୟତନ ହିନ୍ଦୀ-ସାହିତ୍ୟ-ମନ୍ଦିରର ସରସ୍ୱତୀ'' ବୋଲି ଅଭିହିତ କରିଥିଲେ। ନାରୀସମାଜର ଉନ୍ନତି ପାଇଁ ତାଙ୍କ ନିରନ୍ତର ପ୍ରୟାସ ଆଜି କିମ୍ବଦନ୍ତୀ। ନିହାର (୧୯୩୦), ରଶ୍ମି (୧୯୩୨), ନୀରଜା (୧୯୩୩), ସନ୍ଧ୍ୟାଗୀତ (୧୯୩୫), ଦୀପଶିଖା (୧୯୪୨), ପ୍ରଥମ ଆୟାମ (୧୯୪୯), ସପ୍ତପର୍ଣ୍ଣା (୧୯୫୯) ଓ ଅଗ୍ନିରେଖା (୧୯୮୮) କବିତା ଗ୍ରନ୍ଥର ସେ କାଳଜୟୀ ସ୍ରଷ୍ଟା। ହିନ୍ଦୀ ସାହିତ୍ୟକୁ ଅପାର ଅବଦାନ ପାଇଁ 'ପଦ୍ମଭୂଷଣ' (୧୯୫୬), ଜ୍ଞାନପୀଠ (୧୯୮୨) ଓ 'ପଦ୍ମ ବିଭୂଷଣ' (୧୯୮୮)ରେ ସେ ସମ୍ମାନିତା।

# ବାଟୋଇ

## ଗଳ୍ପ

**ପ୍ରତାପ ବିଶ୍ୱାଳ**

ବାଟ ନ ଥିଲା, କିନ୍ତୁ ବାଟୋଇଟେ ଥିଲା। କାହାଣୀ ଶୁଣିବାକୁ କେହି ନ ଥିଲେ, କିନ୍ତୁ କାହାଣୀଟିଏ ଥିଲା। ଏକଦା ସେଠି ବାଟଟିଏ ଥିଲା। କାହାଣୀ ଶୁଣିବାକୁ ଲୋକ ବି ଥିଲେ। ବାଟ ସବୁବେଳେ ଗୋଟିଏ ଆତ୍ମୀୟତାର ଆତ୍ମକଥନୀ।

କିଛି ଅସମାପ୍ତ ଆଶା, ବିଶ୍ୱାସକୁ ଛୁଇଁଯିବାର ପ୍ରଲମ୍ବିତ ଆନ୍ତରିକତା। ବାଟ ଲମ୍ବିଥାଏ ଅଙ୍କାବଙ୍କା ହୋଇ ସମୟ ଘାଟରୁ ଦେବାଳୟଠୁ ମଶାଣିଯାଏ।

କେତେ ପାଦ ଏହି ବାଟରେ ଚାଲିଛନ୍ତି, କେତେ ପାଦ ଏହି ବାଟରେ ଚାଲୁଚାଲୁ ଲହୁଲୁହାଣ ହୋଇଛନ୍ତି। ଏମିତି ଅନେକ ଅବୁଝା ଅନୁଭବରେ ଚିରକାଳ ସେ।

ଅନେକ ଦିନ ପରେ ପହଞ୍ଚି ଯାଇଥିଲା ସେ ସେଠି। ସେଇ ଘାଟରେ, ଯେଉଁଠୁ ଦିନେ ବାଟ ଲମ୍ବିଥିଲା ଆଗକୁ। କେତେ ପ୍ରତିଶ୍ରୁତି ସହ ଚାଲିବାକୁ ଆଗକୁ।

ସେ ବାଟକୁ ଖୋଜିଲା। କାହାଣୀକୁ ବି ଖୋଜିଲା। ସମୟ କହିଲା: ତୁ ଯେଉଁ ବାଟକୁ ଖୋଜୁଛୁ ସେ ବାଟ ଆଉ ନାହିଁ। ସେ କାହାଣୀ ବି କେବେଠାରୁ ସରିଗଲାଣି।

ଫେରିଯା ତୁ ତୋ' ବାଟରେ।

ମନ ବୁଝୁ ନ ଥିଲା। ତଥାପି ସେ ଖୋଜିଲା ଏକଦା ବାଟରେ ଥିବା ବରଗଛକୁ। ଯିଏ ପୁଳାପୁଳା କାହାଣୀରେ ଶାଖାପ୍ରଶାଖା ମେଲାଇଥିଲା। ଅନେକ ସ୍ୱପ୍ନର ପତ୍ରଗୁଡ଼ିକୁ କଅଁଳାଇ ଦୃଢ଼ ଭାବେ ମାଟିରେ ଛିଡ଼ା ହେବାର ପ୍ରତିଶ୍ରୁତି ଦେଇଥିଲା।

ଜଣା ନ ଥିଲା ସ୍ୱପ୍ନମାନେ ସବୁ ଅନ୍ଧାର ଘରର ପାରା। ରାତିପାହିଲେ ଉଡ଼ିଯାଆନ୍ତି କାହିଁ କେତେଦୂରକୁ। ଅନେକ ଥର ସେ କିନ୍ତୁ ସେମାନଙ୍କୁ ଡାକିଛି। ଆସ ଆସ ପାରା ତୁମେ ମୋ' ପିଣ୍ଡାକୁ ଆସ। ଖାଇବାକୁ ଦେବି ତୁମକୁ ନଡ଼ିଆର ରସ।

ଥରେ ବି କେବେ ପାରା ଆସି ଧରାଦେଇନି ହାତରେ। ଦୀର୍ଘଶ୍ୱାସରେ ଭରିଯାଇଛି ହୃଦୟ।

ସେଇଠୁ ଆରମ୍ଭ ହୁଏ ବାଟ। ମିତା ଦାସ କହେ ଆଗ ନିଜ ପାଇଁ ଗୋଟାଏ ବାଟ ତିଆରି କରି ଶିଖ। ଯେଉଁ ବାଟ କଂକ୍ରିଟର ବାଟ ହୋଇଥିବ। ତୁମେ ଆସିବ, ଆମେ ଚାଲିଯିବା ସେଇ ବାଟରେ। ସେଇଠୁ ବି ଆରମ୍ଭ ହୁଏ କାହାଣୀ। ଜୀବନ ଆବେଗର କାହାଣୀ। ଧୈର୍ଯ୍ୟ ଧରିବାର କାହାଣୀ। ସମୟ ସହିତ ଲଢ଼ିବାର କାହାଣୀ। ସେ କହେ ସବୁ ସମ୍ଭବ। ରାଜାଝିଅ ପାଇଁ ମନ୍ତ୍ରୀ ପୁଅକୁ କ'ଣ କମ୍ କଷ୍ଟ ସହିବାକୁ ପଡ଼ିଛି। ଅଗନା ଅଗନି ବନସ୍ତରେ ବୁଢ଼ୀ ଅସୁରୁଣୀ ପହଞ୍ଚିବାକୁ ଭୋକ ଶୋଷ ଭୁଲିଛି। ପାଦ ରକ୍ତାକ୍ତ ହୋଇଛି। ଅସୁରମାନେ ମାରି ଦେବାକୁ ଭୟ ଦେଖାଇଛନ୍ତି। ତଥାପି ବାଟ ଛାଡ଼ିନାହିଁ ମନ୍ତ୍ରୀ ପୁଅ।

ସେ ଆଜି ଏମିତି ଏକ କାହାଣୀର ଶେଷ ଛକରେ ଛିଡ଼ା ହୋଇ ସେଇ ବାଟକୁ ଖୋଜୁଛି। ତା' କାହାଣୀକୁ ଖୋଜୁଛି। ଖୋଜୁଛି ରାଜା ଝିଅକୁ। କିନ୍ତୁ ଯେଉଁ ଛକରୁ ବାଟ ଲମ୍ବିଥିଲା ଏବେ ସେଠି ଶୂନ୍‌ଶାନ୍। ବନ୍ଦିନୀ ରାଜା ଝିଅକୁ କେହି କ'ଣ ମୁକ୍ତ କରି ନେଇଗଲାଣି! ରାସ୍ତା ନାହିଁ। ଏବେ ସେଠି ସ୍ତୂପ ସ୍ତୂପ ବାଲି। ଏଠି କେଉଁଠି ଗୋଟାଏ ଗଛ ଥିଲା ଜଣାପଡୁନି।

ସମ୍ପର୍କକୁ ଖୋଜିଲେ ମିଳିବ କେଉଁଠୁ?

ତଥାପି ସେ ଛିଡ଼ା ହୋଇ ଚାରିଆଡ଼େ ଚାହିଁଲା। ମନେପକାଇଲା କେତେବର୍ଷ ପରେ ସେ ଫେରୁଛି। ମନକୁ ବୁଝାଇବାକୁ ଚେଷ୍ଟା କଲା ସମୟର ଗତି ଆଗକୁ। ସେ କେବେ ପଛକୁ ଫେରେନି। ତା'ହେଲେ ମିତା ଦାସ କ'ଣ ଅଫେରା ସମୟ ନଦୀରେ ଲୁହର ବୋଇତଟିଏ ମାତ୍ର! ନୂଆ ନୂଆ ପହଁରା ଶିଖୁଥିଲା। ଝଡ଼ରେ ବୁଡ଼ିଗଲା ନା ଯାଇ କେଉଁଠି କୂଳରେ ଲାଗିଲା?

ମନ ବୁଝୁ ନ ଥିଲା। ଲୁହ ଦିଶୁ ନ ଥିବା ଆଖିପତା, କିନ୍ତୁ ଆର୍ଦ୍ର ଆର୍ଦ୍ର ଜଣାପଡୁଥିଲା।

ସେତେବେଳର କଥା। ମନ କହୁଥିଲା କିଛି ଗୋଟାଏ ଘଟିପାରେ। ଘଟିଲା ଆଉ କେଉଁଠି? ଘଟୁ ଘଟୁ ଘାଟ ଛାଡ଼ିଦେଲା ନାଆ। ନଈର ଗୋଟିଏ ପାଖ ଘାଟରେ ଚକ୍ରବାକ ଅନ୍ୟ ଘାଟରେ ଚକ୍ରବାକୀର କାନ୍ଦ। ଲୁହ ମିଶିଗଲା ନଈରେ। ନଈ ପାଣି ଆଗକୁ ଗଲା।



ସେ ଦୀର୍ଘଶ୍ୱାସ ନେଇ ଶୂନ୍ୟ ଆକାଶକୁ ଚାହିଁ ଦେଖୁଥିଲା ନୀଳ ବାଦଲ ସହ ଧଳା ବାଦଲଙ୍କ ଦୌଡ଼। ଭାବୁଥିଲା ଏ ବାଦଲମାନେ ଯାଆନ୍ତି କୁଆଡ଼େ। କ'ଣ ତାଙ୍କର ଠିକଣା। ସେ ବି ଦୌଡ଼ିବାକୁ ଆରମ୍ଭ କଲା। ଭାବିଲା ଖୋଜିବ ସାତ ସମୁଦ୍ର, ତେର ନଈ। ଡେଇଁଯିବ ପାହାଡ଼ ପର୍ବତ। ବାଟ ଅବାଟ ମାନିବନି।

ଅବାଟରେ ସେ ବାଟ ଖୋଜିବ। ମନ କହୁଥିଲା ଛାଡ଼ି ଆସିଲା ସେ କିଛି। ବାରମ୍ବାର ପଛକୁ ଫେରି ଚାହୁଁଥିଲା। କିନ୍ତୁ ଅତୀତ କେବେ ଫେରେ କି? ଫେରନ୍ତି କି ସେ ବର୍ଷ, ମାସ, ଦିନ, ଦଣ୍ଡ, ଲିତା, ବିଲିତା? ସେ କାହାଣୀ। ସେ ରାସ୍ତା।

ଫୁଲଗଛ ମରିଗଲା ପରେ ତା' ବାସ୍ନାକୁ ମନେପକାଇ ଚାଲିବା, ଖୋଜିବା - ପାଇବା ଯେ କେତେଦୂର ସମୀଚୀନ ତାକୁ ନିଜକୁ ବି ଜଣା ନ ଥିଲା। ଥକିଯାଇ ବସି ଭାବିଲା ଭୁଲିଯାଇ ହୁଅନ୍ତାନି ସେ ବାଟକୁ। ଲୁହ ଆଖିକୁ ଆହୁରି ଝାପ୍ସା କରିଦେଲା। ଭାବିଲା ସେ କ'ଣ ଏ ପର୍ଯ୍ୟନ୍ତ ଯାହାକୁ ବାଟ ବୋଲି ଭାବି ଚାଲିଥିଲା ସେ ବାଟ ନ ଥିଲା, ଥିଲା ଅବାଟ। ଭଲ ପାଇବାର ବାଟ କ'ଣ ସବୁବେଳେ ଅନ୍ଧାର। ଜହ୍ନର ଛାଇ ଥାଏ ସେଠି ଜହ୍ନ ନ ଥାଏ?

ମନେପଡ଼ିଯାଉଥିଲା ମିତା ଦାସ। ସମୟ ପରିସ୍ଥିତି ସହ ଲଢ଼ିବାକୁ କୁହେ। ସେ କ'ଣ ଆଜି ପରାଜିତ ସୈନିକଟିଏ ହୋଇ ରହିଗଲା ତା' ପାଖରେ।

ସେ ହଠାତ୍ ଛିଡ଼ାହୋଇ ଚିତ୍କାର କଲା: ମିତା-ମିତା ତୁମେ ଏବେ କେଉଁ ବାଟରେ? ମୁଁ ତୁମକୁ ଖୋଜୁଛି, କିନ୍ତୁ ତୁମ ପାଖରେ ପହଞ୍ଚିବାକୁ ବାଟ ପାଉନି।

ପ୍ରତିଧ୍ୱନି ସେମିତି ବିଳପି କହିଲା: ବାଟ ପାଉନି...।

ଖାଁ ଖାଁ ନଦୀକୂଳେ ତା' ଚିତ୍କାରରେ ପକ୍ଷୀ କେତେଟା ଉଡ଼ିଯିବାର ଶବ୍ଦ ଶୁଭିଲା। ସେ ଚାହିଁଲା। ନଈ ଏବେ ଶୁଖିଲା। ଭଙ୍ଗା ଡଙ୍ଗାଟିଏ ଘାଟରେ ବାଲି ଉପରେ ବର୍ଷାର ଅପେକ୍ଷାରେ ଆଣ୍ଠେଇ ପଡ଼ିଲା ପରି ପଡ଼ିଛି। ନାଉରୀର କେଉଁଠି କାହିଁ ଦେଖାନାହିଁ। ଲୁହଭିଜା ଆଖି ଦେଖୁଥିଲା ନଈ ପାଖରେ ଥିବା ନାଉରୀର ସେ ଭଙ୍ଗା ଚାଳିଆ। ନଈବନ୍ଧ ତାଳଗଛରେ ଝୁଲୁଥିଲା ବାୟାଚଢ଼େଇଙ୍କ ବସା।

ସେ ଚାହିଁ ରହିଥିଲା ଏକା ଲୟରେ ସେ ଭଙ୍ଗା ଚାଳିଆ ଆଡ଼େ। ଅନ୍ୟପଟେ ତାଳଗଛ ବାହୁଙ୍ଗାରେ ଦୋଳି ଖେଳୁଥିଲା ବାୟାଚଢ଼େଇ ବସା।

ମୋ: ୯୪୩୭୭୪୫୯୮୩

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୨୯/୨୦୨୫ Bhubaneswar, Saturday, March 29/ 2025

# ଆରସିବିର ଦ୍ୱିତୀୟ ବିଜୟ

**ଚେନ୍ନାଇ,୨୮।୩**

ଏମଏ ଚିଦାମ୍ବରମ ଷ୍ଟାଡିୟମରେ ଶୁକ୍ରବାର ଖେଳାଯାଇଥିବା ଆଇପିଏଲ୍ ମ୍ୟାଚରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ୫୦ ରନରେ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ)କୁ ପରାସ୍ତ କରିଛି। ଚଳିତ ସିଜନରେ ଏହା ଆର୍‌ସିବିର ଲଗାତର ଦ୍ୱିତୀୟ ବିଜୟ। ଆର୍‌ସିବି ପ୍ରଦତ୍ତ ୧୯୭ ରନର ଟାର୍ଗେଟ ଆଗରେ ସିଏକେ ୮ ଉଇକେଟ ହରାଇ ୧୪୬ ରନ କରିବାକୁ ସକ୍ଷମ ହୋଇଥିଲା। ଟସ୍ ଜିତି ସିଏସ୍‌କେ ଅଧିନାୟକ ରତୁରାଜ ଗାଏକ୍ୱାଡ ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ୧୯୬ ରନ କରିଥିଲା। ଦଳ ପକ୍ଷରୁ ଅଧିନାୟକ ରଜତ ପଟିଦାର ୩୨ ବଲରେ ୪ ଚୌକା ଓ ୩ ଛକା ସହାୟତାରେ ସର୍ବାଧିକ ୫୧ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫିଲ ସଲ୍ଟ ୩୨ (୫ ଚୌକା ଓ ୧ ଛକା), ବିରାଟ କୋହଲି ୩୧ (୨ ଚୌକା ଓ ୧ ଛକା), ଦେବଦତ୍ତ ପଡିକଲ ୨୭ (୨ ଲେଖାଏ ଚୌକା ଓ ଛକା), ଟିମ ଡେଭିଡ ୨୨ (୧ ଚୌକା ଓ ୩ ଛକା) ରନ କରିଥିଲେ। ସିଏସ୍‌କେ ପକ୍ଷରୁ ନୁର ଅହମ୍ମଦ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ମାଥିଶା ପାଥିରାନା ଦୁଇଟି ଉଇକେଟ ହାତେଇଥିଲେ। ଜବାବରେ ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ସିଏସ୍‌କେ ୨୦ ଓଭରରେ ୮ ଉଇକେଟ ହରାଇ ୧୪୬ ରନ କରିପାରିଥିଲା। ରାଚିନ ରବୀନ୍ଦ୍ର ୪୧(୫ଚୌକା), ମହେନ୍ଦ୍ର ସିଂ ଧୋନୀ ୩୦ (୩ ଚୌକା ଓ ୨ ଛକା) ଓ ରବୀନ୍ଦ୍ର ଜାଡେଜା ୨୫ (୨ ଚୌକା ଓ ୧ ଛକା) ରନ କରିଥିଲେ। ଆର୍‌ସିବି ପକ୍ଷରୁ ଜୋଶ ହାଜେଲଉଡ ସର୍ବାଧିକ ୩ ଉଇକେଟ ନେଇଥିଲେ।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)

**ଗୁଜରାଟ ବନାମ ମୁମ୍ବାଇ**

ସ୍ଥାନ: ଅହମ୍ମଦାବାଦ

ସମୟ: ସନ୍ଧ୍ୟା ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ



ଶଟ୍ ଖେଳିବା ଅବସରରେ ରଜତ ପଟିଦାର।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୨୦ ଓଭରରେ ୧୯୬/୭ (ରଜତ ପଟିଦାର-୫୧, ଫିଲ ସଲ୍ଟ-୩୨, ବିରାଟ କୋହଲି-୩୧, ଦେବଦତ୍ତ ପଡିକଲ-୨୭, ଟିମ ଡେଭିଡ-୨୨*, ନୁର ଅହମ୍ମଦ-୩/୩୬, ମାଥିଶା ପାଥିରାନା-୨/୩୬)। ଚେନ୍ନାଇ ସୁପର କିଙ୍ଗ୍ସ: ୨୦ ଓଭରରେ ୧୪୬/୮ (ରାଚିନ ରବୀନ୍ଦ୍ର-୪୧, ମହେନ୍ଦ୍ର ସିଂ ଧୋନୀ-୩୦*, ରବୀନ୍ଦ୍ର ଜାଡେଜା-୨୫, ଜୋଶ ହାଜେଲଉଡ-୩/୨୧, ଯଶ ଦୟାଲ ୨/୧୮, ଲିଆମ ଲିଭିଂଷ୍ଟୋନ-୨/୨୮)।

## ସେମିଫାଇନାଲ ଲକ୍ଷ୍ୟରେ ବେଙ୍ଗାଲୁରୁ ଏଫ୍‌ସି

**ବେଙ୍ଗାଲୁରୁ, ୨୮।୩ (ପି.ଟି.):** ଏଭରଗ୍ରିନ୍ ସୁନୀଲ ଛେତ୍ରୀଙ୍କୁ ନେଇ ବଳିୟାନ ପୂର୍ବତନ କପ୍ ବିଜେତା ବେଙ୍ଗାଲୁରୁ ଏଫ୍‌ସି ଶନିବାର ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍‌ଏଲ୍)ର ଏକ ଗୁରୁତ୍ୱପୂର୍ଣ୍ଣ ନକ୍ ଆଉଟ ମ୍ୟାଚରେ ଆୟୋଜକ ମୁମ୍ବାଇ ସିଟି ଏଫ୍‌ସିକୁ ଭେଟିବ। ମ୍ୟାଚ ଜିତି ସେମିଫାଇନାଲରେ ପ୍ରବେଶ କରିବା ଲାଗି ଦଳର ଲକ୍ଷ୍ୟ ରହିଛି। ଭେଟେରାନ ଫରୱାର୍ଡ ଛେତ୍ରୀ ନିକଟରେ ଅବସରରୁ ଅନ୍ତର୍ଜାତୀୟ ପଦାର୍ପଣ କରିଛନ୍ତି। ଚଳିତ ସିଜନରେ ସେ ଇତିମଧ୍ୟରେ ୪ ପେନାଲ୍ଟିକୁ ଗୋଲ୍‌ରେ ପରିଣତ କରିଛନ୍ତି। ଆଇଏସ୍‌ଏଲ୍ ଇତିହାସରେ ମୁମ୍ବାଇ ସିଟି ଦଳ ବିପକ୍ଷରେ ସେ ପ୍ରଥମ ଖେଳାଳି ଭାବେ ୧୦ ଗୋଲ୍ ସ୍କୋର କରିପାରିଛନ୍ତି। ଆଇଏସ୍‌ଏଲ୍ ପ୍ଲେଅଫ୍‌ରେ ଛେତ୍ରୀ ୧୦ ଗୋଲ୍ ସ୍କୋର କରିଛନ୍ତି। ପ୍ରତିଯୋଗିତାରେ ଅନ୍ୟ ଯେକୌଣସି ଖେଳାଳିଙ୍କ ତୁଳନାରେ ଏହା ସର୍ବାଧିକ। ସେ ପୁଣି ଥରେ ଫରକ ଆଣିବା ଲକ୍ଷ୍ୟରେ ରହିବେ। ଗତ ୪ ପ୍ଲେଅଫ୍‌ରେ ଖେଳି ସେ ତିନୋଟିରେ ଗୋଲ ସ୍କୋର କରିବାରେ ସଫଳ ରହିଛନ୍ତି। ଭାରତୀୟ କିମ୍ବଦନ୍ତୀ ମୁମ୍ବାଇ ଦଳର ବ୍ୟାକ୍‌ଲାଇନ୍ ପାଇଁ ବଡ଼ ବିପଜ୍ଜନକ ସାବ୍ୟସ୍ତ ହୋଇ ପାରନ୍ତି। ବେଙ୍ଗାଲୁରୁ ଦଳ ୨୪ଟି ମ୍ୟାଚ ଖେଳି ୧୧ ବିଜୟ ଓ ୫ ଡ୍ର ସହିତ ୩୮ ପଏଣ୍ଟ ସହ ପଏଣ୍ଟ ଟେବୁଲର ତୃତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମୁମ୍ବାଇ ସିଟି ଏଫ୍‌ସି ଲିଗ୍ ପର୍ଯ୍ୟାୟରେ ଏହାର ଅନ୍ତିମ ମ୍ୟାଚରେ ବେଙ୍ଗାଲୁରୁ ଏଫ୍‌ସିକୁ ୨-୦ ଗୋଲରେ ପରାସ୍ତ କରି ୬ଷ୍ଠ ସ୍ଥାନ ସହ ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଲିଗ୍ ପର୍ଯ୍ୟାୟ ଶେଷରେ ଟେବୁଲର ଟପ୍ ୨ ଦଳ ମୋହନ ବାଗାନ ସୁପର ଜାଏଣ୍ଟ ଓ ଏଫ୍‌ସି ଗୋଆ ଆପେ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ତୃତୀୟରୁ ୬ଷ୍ଠ ସ୍ଥାନ ମଧ୍ୟରେ ରହିଥିବା ଦଳ ଏକ ସିଙ୍ଗଲ -ଲେଗ୍ ନକ୍‌ଆଉଟ ଖେଳିବେ।

# କିଟ୍ ମହିଳା ରୋଇଂ ଟିମ୍‌ର ସଫଳତା



ଟ୍ରଫି ସହ କିଟ୍ ମହିଳା ରୋଇଂ ଦଳ।

**ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ**

**ଭୁବନେଶ୍ୱର, ୨୮।୩ (ବିଜୟ ରଣା)**

ଆସୋସିଏଶନ ଅଫ୍ ଇଣ୍ଡିଆନ ୟୁନିଭର୍ସିଟିଜ ଅଧୀନରେ ଚଣ୍ଡିଗଡ଼ସ୍ଥିତ ସୁଖନା ଲେକ୍‌ଠାରେ ଚଳିତ ମାସ ୨୧ରୁ ୨୭ ପର୍ଯ୍ୟନ୍ତ ସର୍ବଭାରତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ରୋଇଂ (ପୁରୁଷ ଓ ମହିଳା) ଚାମ୍ପିୟନଶିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ପଦକ (୨ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୩ ବ୍ରୋଞ୍ଜ) ସହ କିଟ୍ ମହିଳା ରୋଇଂ ଦଳ ଦ୍ୱିତୀୟ ରନରଅପ୍ ହୋଇଛି। ଉଭୟ ୨ କିମି ଓ ୫୦୦ମିଟର କାଟେଗୋରୀରେ ଦଳ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିଲା।

୨ କିମି ଇଭେଣ୍ଟରେ ଅରୁନପ୍ରୀତ କୌର ଓ ଅବିନାଶ କୌର (ଡବ୍ଲ୍ୟୁ୨-) ବ୍ରୋଞ୍ଜ, ଅନିଷ୍କା ଭାରତୀ ଓ ଗୁରଶରନପ୍ରୀତ୍‌କୌର (ଏଲ୍‌ଡବ୍ଲ୍ୟୁ୨ଏକ୍ସ) ରୌପ୍ୟ, ଅନିଷ୍କା ଭାରତୀ (ଡବ୍ଲ୍ୟୁ୧ଏକ୍ସ) ସ୍ୱର୍ଣ୍ଣ ଏବଂ ଗୁରଶରନପ୍ରୀତ୍ କୌର (ଏଲ୍‌ଡବ୍ଲ୍ୟୁ୧ଏକ୍ସ) ବ୍ରୋଞ୍ଜ ପଦକ ଲାଭ କରିଛନ୍ତି। ସେହିପରି ୫୦୦ ମିଟର ଇଭେଣ୍ଟରେ ଅରୁନପ୍ରୀତ କୌର ଓ ଅବିନାଶ କୌର (ଡବ୍ଲ୍ୟୁ୨-) ସ୍ୱର୍ଣ୍ଣ, ଅନିଷ୍କା ଭାରତୀ ଓ ଗୁରଶରନପ୍ରୀତ କୌର (ଏଲ୍‌ଡବ୍ଲ୍ୟୁ୨ଏକ୍ସ) ରୌପ୍ୟ, ଅନିଷ୍କା ଭାରତୀ (ଡବ୍ଲ୍ୟୁ୧ଏକ୍ସ) ବ୍ରୋଞ୍ଜ ଏବଂ ଗୁରଶରନପ୍ରୀତ କୌର (ଏଲ୍‌ଡବ୍ଲ୍ୟୁ୧ଏକ୍ସ) ରୌପ୍ୟ ପଦକ ଲାଭ କରିଛନ୍ତି। ସଫଳତା ହାସଲ କରିଥିବା ଏହି ଦଳ ଅଲିମ୍ପିଆନ ତଥା ରୋଇଂରେ ଅର୍ଜୁନ ପୁରସ୍କାର ବିଜେତା କୋଚ୍ ଇନ୍ଦରପାଲ ସିଂଙ୍କଠାରୁ କୋଚିଂ ନେଉଥିଲେ।

# ସିନିୟର ମହିଳା ହ୍ୟାଣ୍ଡବଲରେ ଭାଗ ନେବ ଓଡ଼ିଶା

**ଭୁବନେଶ୍ୱର,୨୮।୩ (ଅନାଦି କର)**

ଚଳିତ ୩୧ରୁ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଉତ୍ତରପ୍ରଦେଶର ହାତରସଠାରେ ୫୩ତମ ବରିଷ୍ଠ ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ୧୮ ଜଣିଆ ଓଡ଼ିଶା ଦଳ ହାତରସ ଯାତ୍ରା କରିଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ଅଧିନାୟିକା ଜି ଜ୍ୟୋତି ପାତ୍ର, ସନ୍ଧ୍ୟାରାଣୀ ଦାସ, ସ୍ମୃତିରେଖା ବିଶ୍ୱାଳ, ବର୍ଷାରାଣୀ ବେହେରା, ସ୍ମୃତିରେଖା ରାଉତରାୟ, ବର୍ଷା ବେହେରା, ବର୍ଷା ସେଠି, ଶୁଭଶ୍ରୀ ସେଠି, ତେଯେସ୍ୱିନୀ ସେଠି, ସ୍ୱପ୍ନେଶ୍ୱରି ଦାସ, ଅଦ୍ୟଷା ଦାସ, ମାନସୀ ପ୍ରଧାନ, ସମୀକ୍ଷା ମଣ୍ଡଳ, ବର୍ଷା ପ୍ରିୟଦର୍ଶନୀ ବାରିକ, ଅର୍ଚ୍ଚନା ବାରିକା, ସାଇନା ବେଗମ, ପୂଜା ସ୍ୱାଇଁ। ଦଳ ସହିତ କୋଚ ଭାବେ ରାମଶିଷ ପ୍ରସାଦ ଜେନା ଓ ମ୍ୟାନେଜର ଗୀତାଞ୍ଜଳି ଦାସ ଯାତ୍ରା କରିଛନ୍ତି। କଳିଙ୍ଗ ଷ୍ଟାଡିୟମଠାରେ ଗୁରୁବାର ବିଦାୟୀ ଉତ୍ସବରେ ଓଡ଼ିଶା ସ୍ପୋର୍ଟ୍ସ ବିଭାଗର ଓଏସ୍‌ଡି ଧୀରଜ କୁମାର ପଟ୍ଟନାୟକ, ପ୍ରୋଗ୍ରାମ ଅଫିସର ହରେଶ ମିଶ୍ର, ଓଡ଼ିଶା ହ୍ୟାଣ୍ଡବଲ ସଂଘ ସମ୍ପାଦକ ଇଂ ମାନସ କୁମାର ସିଂ, ସଭାପତି ବିପ୍ଲବ ଚୌଧୁରୀ, କୋଷାଧ୍ୟକ୍ଷ ଶୀତେନ୍ଦ୍ରନାଥ ଦାସ, କୋଚ ଗୌରୀ ଶଙ୍କର ମିଶ୍ର ଯୋଗ ଦେଇଥିଲେ।






1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ